# ଲୋକହିତ ବିଧିବିଧାନ ଓ ଯୋଜନା ସମୂହ :
# ଏକ ସଂକ୍ଷିପ୍ତ ମାର୍ଗଦର୍ଶିକା



WOMEN ORGANISATION FOR RURAL DEVELOPMENT

ୱାର୍ଡ (WORD)

କେନ୍ଦୁଝର

# ଲୋକହିତ ବିଧିବିଧାନ ଓ ଯୋଜନା ସମୂହ : ଏକ ସଂକ୍ଷିପ୍ତ ମାର୍ଗଦର୍ଶିକା

*ପ୍ରକାଶକ :*

**ୱାର୍ଡ (WORD)**

କେନ୍ଦୁଝର

*ସହାୟତା :*

ANDHERI HILFFE BONN

**ଲୋକହିତ ବିଧିବିଧାନ ଓ ଯୋଜନା ସମୂହ :**
**ଏକ ସଂକ୍ଷିପ୍ତ ମାର୍ଗଦର୍ଶିକା**


*ପ୍ରକାଶକ :*
**ପ୍ରମିଳା ପଣ୍ଡା**
ସଂପାଦିକା, ୱାର୍ଡ
ଖଜୁରିଆ, ପୋ.ଅ. - ଆକୁଳ
ଭାୟା - ଶିରିଗିଡ଼ା, ଜି. - କେନ୍ଦୁଝର

*ସଂକଳକ :*
**ଚିତ୍ତ ବେହେରା**
୪ଏ ଜୁବୁଲି ଟାୱାର
ଚୌଧୁରୀ ବଜାର,
କଟକ - ୭୫୩୦୦୯

*ମୁଦ୍ରଣ ତାରିଖ :*
**ନଭେମ୍ବର, ୨୦୧୩**

*ସହାୟତା :*
**ଅନ୍ଧେରୀ ହିଲ୍‌ଫ ବନ୍**

*ମୁଦ୍ରଣ :*
**ସତ୍ୟବ୍ରତ ଅଫ୍‌ସେଟ୍**
ଟାଉନ ହଲ୍ ରୋଡ୍,
କଟକ - ୭୫୩୦୦୯

*ମୂଲ୍ୟ :* **୧୦୦ ଟଙ୍କା**


**Lokahita Bidhibidhan O Yojana Samuha :**
**Eka Sankhipta Margadarsika**


*Publisher :*
**Pramila Panda**
WORD
Khajuria, P.O. - Akul
Via. - Sirigida, Dist. Keonjhar

*Compiler :*
**Chitta Behera**
4A - Jubilee Tower
Choudhury Bazar
Cuttack - 9
E-mail - chittabehera1@yahoo.co.in
Mob. - 9437577546
Date of Publication :
November, 2014

*Help :*
**ANDHERI HILFFE BONN**
Andheri-Hilfe Bonn e.V.
Mackestrasse 53
D-53119 Bonn
Germany

Printed at :
**Satyabrata Offset**
Town Hall Road,
Cuttack - 753009

Price : Rs.100.00

# ଲୋକହିତ ବିଧିବିଧାନ ଓ ଯୋଜନା ସମୂହ :
# ଏକ ସଂକ୍ଷିପ୍ତ ମାର୍ଗଦର୍ଶିକା

## ମୁଖବନ୍ଧ

ସ୍ୱାଧୀନତା ମିଳିବାର ୬୬ ବର୍ଷ ଓ ସମ୍ବିଧାନ ଘୋଷିତ ହେବାର ୬୩ ବର୍ଷ ବିତିଯାଇଥିଲେ ବି ଦେଶବାସୀଙ୍କ ଆଗରେ ବିଶେଷ କରି ଆଦିବାସୀ, ଦଳିତ, ସଂଖ୍ୟାଲଘୁ ମହିଳା ଓ ଅନଗ୍ରସର ଶ୍ରେଣୀମାନଙ୍କ ଆଗରେ ଏବେ ବି ଅନାହାର, ଦାରିଦ୍ର୍ୟ, ବେକାରୀ, ନିରକ୍ଷରତା, ବେମାରି, ମାତୃ ଶିଶୁ ମୃତ୍ୟୁ, ଯୌନହିଂସା, ଜଳକଷ୍ଟ ଓ ପରିବେଶ ପ୍ରଦୁଷଣ ଭଳି ଜୀବନ ଜୀବିକା ସମ୍ପର୍କିତ ମୌଳିକ ସମସ୍ୟାମାନ ଜୀବନ୍ତ ହୋଇ ରହିଛି ଏକଥା ସତ । ଏହିସବୁ ସମସ୍ୟାର ନିରାକରଣ ପାଇଁ ସଂସଦ ଓ ବିଧାନସଭା ଦ୍ୱାରା ଅନେକ ଆଇନ ଏବଂ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଅନେକ ଯୋଜନା ଓ କାର୍ଯ୍ୟକ୍ରମ ବିପୁଳ ଅର୍ଥବ୍ୟୟରେ ଚାଲୁ କରାଯାଇଛି । ଯଥା– ଅଙ୍ଗନୱାଡ଼ି ଓ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ, ବିପିଏଲଙ୍କ ପାଇଁ ଟଙ୍କିକିଆ ଚାଉଳ ବାସହୀନ ଓ ଭୂମିହୀନଙ୍କ ପାଇଁ ବସୁନ୍ଧରା ଓ ମୋ ଜମି ମୋ ଡିହ । ଏନ୍‌ଆଇଇଜିଏ ଅଧୀନରେ ପ୍ରତି ଜବ୍ କାର୍ଡ଼ଧାରୀଙ୍କୁ ମଜୁରି ଶ୍ରମ ଇତ୍ୟାଦି କାର୍ଯ୍ୟକ୍ରମ ଏବଂ ବିଶେଷ କରି ୨୦୦୫ ମସିହାରୁ ଲାଗୁ ହୋଇଥିବା କେତେକ ଲୋକାଭିମୁଖୀ ଆଇନ, ଯଥା– ସୂଚନା ଅଧିକାର ଆଇନ୍ ୨୦୦୫, ହିନ୍ଦୁ ଉତ୍ତରାଧିକାର ସଂଶୋଧନ ଆଇନ୍ ୨୦୦୫, ଘରୋଇ ହିଂସାରୁ ମହିଳା ସୁରକ୍ଷା ଆଇନ୍ ୨୦୦୫, ଏନ୍‌ଆରଇଜି ଆଇନ୍ ୨୦୦୫, ଜଙ୍ଗଲ ଅଧିକାର ଆଇନ୍ ୨୦୦୬, ଓଡ଼ିଶା ଲୋକସେବା ଅଧିକାର ଆଇନ୍ ୨୦୧୨, ଯୌନ ହିଂସାରୁ ବାଳୁତଙ୍କୁ ସୁରକ୍ଷା ଆଇନ୍ ୨୦୧୨, ଫୌଜଦାରୀ ବିଧି ସଂଶୋଧନ ଆଇନ୍ ୨୦୧୩ ଓ ନୂତନ ଜମି ଅଧିଗ୍ରହଣ ଆଇନ୍ ୨୦୧୩ ଏବଂ ସର୍ବୋପରି ଆଦିବାସୀ ବହୁଳ ଅନୁସୂଚିତ ଅଞ୍ଚଳ ପାଇଁ ପୂର୍ବରୁ ପ୍ରଚଳିତ ଥିବା ପେସା ଆଇନ୍ ୧୯୯୬ ।

କିନ୍ତୁ ଏକଥା ମଧ୍ୟ ସତ୍ୟ, ଏହିସବୁ ଲୋକାଭିମୁଖୀ ଆଇନ ଓ କାର୍ଯ୍ୟକ୍ରମର **ସୁଫଳ** ସମ୍ପୃକ୍ତ ହିତାଧିକାରୀ ବା ଜନସାଧାରଣଙ୍କ ନିକଟରେ ପହଞ୍ଚି ପାରିନାହିଁ ଏବଂ ଅନ୍ୟପକ୍ଷରେ ଏସବୁର କାର୍ଯ୍ୟକାରିତା ପାଇଁ ରାଜକୋଷରୁ ବ୍ୟୟ ହୋଇଥିବା ଅସୁମାରୀ ଅର୍ଥରାଶି ମୁଷ୍ଟିମେୟ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଓ ଗୋଷ୍ଠୀ ବିଶେଷଙ୍କ ଦ୍ୱାରା ବାଟମାରଣା ହୋଇଯାଇଅଛି । ଏହାର ମୂଳ କାରଣ ହେଉଛି ଯେଉଁ ଲୋକମାନଙ୍କ ପାଇଁ ଏହିସବୁ ଆଇନ ଓ ଯୋଜନା ଉଦ୍ଦିଷ୍ଟ, ସେମାନେ ନିଜେ ଏହାର ପ୍ରଣୟନ କିମ୍ବା କାର୍ଯ୍ୟକାରିତା ପ୍ରକ୍ରିୟାରେ ଭାଗ ନେଇ ନାହାନ୍ତି ଯଦିଓ ୭୩ତମ ସମ୍ବିଧାନ ସଂଶୋଧନ ୧୯୯୨ ଏବଂ ପେସା ଆଇନ ୧୯୯୬ ଅନୁଯାୟୀ ପ୍ରତି ଯୋଜନା ବା କାର୍ଯ୍ୟକ୍ରମ ତୃଣମୂଳ ସ୍ତରରେ ଥିବା ଗ୍ରାମସଭା ଓ ପଞ୍ଚାୟତଦ୍ୱାରା ପ୍ରସ୍ତୁତ ଓ କାର୍ଯ୍ୟକାରୀ କରାଯିବାର ସାମ୍ବିଧାନିକ ଓ କାନୁନିତାଗିଦ ରହିଛି; କିନ୍ତୁ ପ୍ରକୃତ ବାସ୍ତବତା ହେଉଛି ସମ୍ପୂର୍ଣ୍ଣ ନିଆରା ଓ ବିପରୀତ । ଏବେ ବି ଔପନିବେଶିକ ଇଂରେଜ ଶାସନ ଅମଳର ମୂଳ ଶାସନନୀତି – ସରକାର ଦାତା ଓ ଜନତା ହେଉଛନ୍ତି ଗ୍ରହୀତା ବା ଅନ୍ୟକଥାରେ ସରକାର ଶାସକ ଓ ଜନତା ଶାସିତ– ପୁରାପୁରି ବଜାୟ ରହିଛି । କେବଳ ୫ ବର୍ଷରେ ଥରେ ଭୋଟଦେବାର ଅଧିକାରକୁ ଛାଡ଼ିଦେଲେ ଦୈନନ୍ଦିନ ଶାସନ ପ୍ରକ୍ରିୟାରେ ଜନସାଧାରଣଙ୍କର କୌଣସି ଭାଗିଦାରିତା ନାହିଁ । ଏହା ହିଁ ଆମ ଗଣତାନ୍ତ୍ରିକ ବ୍ୟବସ୍ଥାର ସବୁଠାରୁ ବଡ଼ ଗଳାବାଟ ।

ଏହି ଦୟନୀୟ ସ୍ଥିତିକୁ ବଦଳାଇବା କ୍ଷେତ୍ରରେ ରାଜନୈତିକ ଦଳମାନଙ୍କର ଯେମିତି ଏକ ମୌଳିକ ଭୂମିକା ରହିଛି ଅନ୍ୟପକ୍ଷରେ ସାମାଜିକ ଓ ସ୍ୱେଚ୍ଛାସେବୀ ସଙ୍ଗଠନମାନଙ୍କର ମଧ୍ୟ ତତ୍ତୁଲ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଦେଶର ଆମ୍ ଆଦମି ପାଖରେ କେବଳ ଉପରୋକ୍ତ ଆଇନ ଓ ଯୋଜନା ସମୂହ ଉପରେ ସଚେତନତା ପହଞ୍ଚାଇବା ଯଥେଷ୍ଟ ନୁହେଁ; ବରଂ ସେହି ତଳିତଳାନ୍ତ ଲୋକେ କିପରି ନିଜେ ସେମାନଙ୍କର ମନ୍ତ୍ରୀ, ଅଫିସର, କର୍ମଚାରୀମାନଙ୍କ ସମ୍ମୁଖରେ ନିର୍ଭୀକ ଭାବେ ନିଜର ସମସ୍ୟା ଓ ଦାବିଗୁଡ଼ିକ ଜଣାଇପାରିବେ ଓ ସେଥିପାଇଁ ଆନ୍ଦୋଳନ କରିପାରିବେ, ସେ ଦିଗରେ ସେମାନଙ୍କୁ ସଶକ୍ତିକରଣ କରିବା ହେଉଛି ମୌଳିକ ଓ ଐତିହାସିକ କର୍ତ୍ତବ୍ୟ ।

ଉପରୋକ୍ତ ଦୃଷ୍ଟିଭଙ୍ଗୀକୁ ସାମନାରେ ରଖି ବିଭିନ୍ନ ଲୋକାଭିମୁଖୀ ଆଇନ ଓ ଯୋଜନାର ସାରାଂଶକୁ ନେଇ ଏହି ପୁସ୍ତିକାଟି ସଙ୍କଳନ କରାଯାଇଛି । ତୃଣମୂଳ ଜନଗଣଙ୍କ ଭିତରେ କାର୍ଯ୍ୟରତ ସ୍ୱେଚ୍ଛାସେବୀ ସଙ୍ଗଠକ ଓ ବିଶେଷ କରି ମହିଳା ସ୍ୱୟଂସହାୟକ ସଙ୍ଗଠନଗୁଡ଼ିକର କାର୍ଯ୍ୟକର୍ତ୍ତାଙ୍କର ଏକ ସହାୟକ ହସ୍ତପୁସ୍ତିକା ଭାବେ ଏହା କାର୍ଯ୍ୟ କରିବ ବୋଲି ଆଶା କରାଯାଏ ।

***

# ସୂଚିପତ୍ର


ଅଧ୍ୟାୟ-୧

ସାମାଜିକ ନିରାପତ୍ତା କାର୍ଯ୍ୟକ୍ରମ ସମୂହ ୫

ଅଧ୍ୟାୟ-୨

ଖାଦ୍ୟ ସୁରକ୍ଷା ଯୋଜନାସମୂହ (ଶିଶୁ ଓ ମହିଳାଙ୍କ ପାଇଁ) ୭

ଅଧ୍ୟାୟ-୩

ଭୂମି ଅଧିକାର ଓ ଯୋଜନା ସମୂହ ୧୬

ଜମି ପାସ୍ ବହି ପାଇଁ ଦରଖାସ୍ତ ୨୬

ଅଧ୍ୟାୟ-୪

ଅନୁସୂଚୀତ ଅଞ୍ଚଳ ଓ ଜନଜାତିଙ୍କ ପାଇଁ
ସରକାରୀ ଯୋଜନା ସମୂହ ୨୮

ଅଧ୍ୟାୟ-୫

ବାଳକ ଅଧିକାର ପାଇଁ ବ୍ୟବସ୍ଥାବଳୀ ୪୪

ଅଧ୍ୟାୟ-୬

ମହିଳା ଓ ବାଳକଙ୍କ ବିରୁଦ୍ଧରେ ଯୌନ ଅପରାଧ ରୋକିବା ପାଇଁ
ଓଡିଶା ସରକାରଙ୍କ ପଦକ୍ଷେପ ୫୦

ଅଧ୍ୟାୟ-୭

ସୂଚନା ଅଧିକାର ଆଇନ୍ ୨୦୦୫, କେନ୍ଦ୍ରୀୟ ନିୟମାବଳୀ ଏବଂ
ଓଡିଶା ନିୟମାବଳୀ – ଏକ ପୁନର୍ପୌନିକ ଜିଜ୍ଞାସା ୬୮

ଅଧ୍ୟାୟ-୮

ଓଡିଶା ଲୋକସେବା ଅଧିକାର ଆଇନ୍ ୨୦୧୨ ୭୯

ନୋଟିଫିକେଶନ - ୧, ୨, ୩ ୮୦-୮୭


•••

## ଅଧ୍ୟାୟ-୧
# ସାମାଜିକ ନିରାପତ୍ତା କାର୍ଯ୍ୟକ୍ରମ ସମୂହ

### ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ

୧୫ ଅଗଷ୍ଟ ୧୯୯୫ରୁ କେନ୍ଦ୍ର ସରକାରଙ୍କ ଶତକଡା ଶହେ ସହାୟତାରେ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ନାମକ ଏକ ସମ୍ମିଳିତ କାର୍ଯ୍ୟକ୍ରମ ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ଘୋଷଣା କରାଯାଇଥିଲା । ଏହି ସମ୍ମିଳିତ କାର୍ଯ୍ୟକ୍ରମ ଅଧୀନରେ ୩ଟି ଭିନ୍ନଭିନ୍ନ କାର୍ଯ୍ୟକ୍ରମ ପରିଚାଳିତ ହେଉଛି, ଯଥା (୧) ଜାତୀୟ ବାର୍ଦ୍ଧକ୍ୟ ପେନସନ୍ ଯୋଜନା ଯାହାକି ପରବର୍ତ୍ତୀ ଅବସ୍ଥାରେ ଇନ୍ଦିରା ଗାନ୍ଧି ଜାତୀୟ ବାର୍ଦ୍ଧକ୍ୟ ପେନସନ୍ ଯୋଜନା ଭାବେ ନାମିତ ହୋଇଛି, (୨) ଜାତୀୟ ପରିବାର ମଙ୍ଗଳ ଯୋଜନା ଏବଂ (୩) ଜାତୀୟ ମାତୃମଙ୍ଗଳ ଯୋଜନା । ପରବର୍ତ୍ତୀ ପର୍ଯ୍ୟାୟରେ ଆଉ ଦୁଇଟି ଯୋଜନା ଉକ୍ତ କାର୍ଯ୍ୟକ୍ରମ ଅଧୀନରେ ଅନ୍ତର୍ଭୁକ୍ତ କରାଯାଇଥିଲା, ଯଥା (୪) ଇନ୍ଦିରା ଗାନ୍ଧି ଜାତୀୟ ବିଧବା ପେନସନ୍ ଯୋଜନା ଏବଂ (୫) ଇନ୍ଦିରା ଗାନ୍ଧି ଜାତୀୟ ବିକଳାଙ୍ଗ ପେନସନ୍ ଯୋଜନା । କିନ୍ତୁ ୧ ଏପ୍ରିଲ୍ ୨୦୦୧ରୁ ଜାତୀୟ ମାତୃମଙ୍ଗଳ ଯୋଜନା ଗ୍ରାମାଞ୍ଚଳ ବିକାଶ ମନ୍ତ୍ରଣାଳୟରୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅଧୀନକୁ ଚାଲିଯାଇଛି । ଅନ୍ୟପକ୍ଷରେ ୧ ଏପ୍ରିଲ୍ ୨୦୦୦ରୁ ଅନ୍ନପୂର୍ଣ୍ଣା ଯୋଜନା ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଅଧୀନରେ ଅନ୍ତର୍ଭୁକ୍ତ କରଯାଇଛି, ଯାହାର ଉଦ୍ଦେଶ୍ୟ ହେଲା, ଯେଉଁ ବରିଷ୍ଠ ନାଗରିକମାନେ ଜାତୀୟ ବାର୍ଦ୍ଧକ୍ୟ ପେନସନ୍ ଯୋଜନାରେ ଭର୍ତ୍ତି ହୋଇପାରିନାହାନ୍ତି, ସେମାନଙ୍କର ଖାଦ୍ୟ ନିରାପତ୍ତାକୁ ସୁନିଶ୍ଚିତ କରିବା । ସୁତରାଂ, ମୋଟ ଉପରେ କହିଲେ, ବର୍ତ୍ତମାନ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଅଧୀନରେ ୫ଟି ଯୋଜନା କାର୍ଯ୍ୟକାରୀ ହେଉଛି ।

**ଇନ୍ଦିରା ଗାନ୍ଧି ଜାତୀୟ ବାର୍ଦ୍ଧକ୍ୟ ପେନସନ୍ ଯୋଜନା –** ଏହାକୁ ପ୍ରଥମେ ଜାତୀୟ ବାର୍ଦ୍ଧକ୍ୟ ପେନସନ୍ ଯୋଜନା ବୋଲି କୁହାଯାଉଥିଲା ଏବଂ ଏହା ୧୫ ଅଗଷ୍ଟ ୧୯୯୫ଠାରୁ ଦେଶର ଅନ୍ୟ ଅଞ୍ଚଳ ସମେତ ଓଡିଶାରେ କାର୍ଯ୍ୟକାରୀ ହୋଇଆସୁଛି । ୧୧ ନଭେମ୍ବର ୨୦୦୭ ଠାରୁ ଏହାକୁ ଇନ୍ଦିରା ଗାନ୍ଧି ଜାତୀୟ ବାର୍ଦ୍ଧକ୍ୟ ପେନସନ୍ ଯୋଜନା ଭାବେ ପୁନର୍ନାମିତ କରାଯାଇଛି । ଏହି ଯୋଜନା ଅଧୀନରେ ୬୦ବର୍ଷ ବା ତଦୁର୍ଦ୍ଧ୍ୱ ବୟସର ଜଣେ ବ୍ୟକ୍ତି (ପୂର୍ବରୁ ଥିଲା ୬୫ବର୍ଷ ବା ତଦୁର୍ଦ୍ଧ୍ୱ), ଯେ କି ଭାରତ ସରକାରଙ୍କ ୨୦୦୨ ବିପିଏଲ୍ ସର୍ଭେ ମାର୍ଗଦର୍ଶୀକା ଅନୁଯାୟୀ ଜଣେ ବିପିଏଲ୍ ବ୍ୟକ୍ତି ହୋଇଥିବେ, ସେ ମାସିକ ଭତ୍ତା ପାଇବାକୁ ହକ୍‌ଦାର ହେବେ । ୭୯ବର୍ଷ ପର୍ଯ୍ୟନ୍ତ ବୟସର ବ୍ୟକ୍ତିଙ୍କୁ ମାସିକ ୨୦୦(ଦୁଇଶତ) ଟଙ୍କା, ଏବଂ ୮୦ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ବ୍ୟକ୍ତିଙ୍କୁ ମାସିକ ୫୦୦ (ପାଞ୍ଚଶତ) ଟଙ୍କା ମିଳିବ । କେନ୍ଦ୍ର ସରକାରଙ୍କ ପ୍ରଦତ୍ତ ଏହି ଅର୍ଥରାଶି ଉପରେ କୌଣସି ରାଜ୍ୟ ସରକାର ମଧ୍ୟ ନିଜର ଅର୍ଥରାଶି ଯୋଗ କରିପାରନ୍ତି । ଏହି ଯୋଜନା ଅଧୀନରେ ସମସ୍ତ ଅର୍ଥରାଶି କେନ୍ଦ୍ର ସରକାର ଅତିରିକ୍ତ କେନ୍ଦ୍ରୀୟ ସହାୟତା ରୂପେ ରାଜ୍ୟର ଯୋଜନା ବଜେଟ୍‌କୁ ପଇଠ କରିଥାନ୍ତି ଏବଂ ରାଜ୍ୟ ସରକାର ସେହି ଅର୍ଥରାଶିକୁ ଜିଲ୍ଲାମାନଙ୍କୁ ଆବଣ୍ଟନ କରିଥାନ୍ତି । ଓଡିଶାରେ ୧୯୯୭ ବିପିଏଲ୍ ସର୍ଭେ ଭିତ୍ତିରେ ହିତାଧିକାରୀ ମାନଙ୍କୁ ଚିହ୍ନଟ କରିବା ପାଇଁ କେନ୍ଦ୍ର ସରକାର ଅନୁମତି ପ୍ରଦାନ କରିଛନ୍ତି ।

**ଇନ୍ଦିରା ଗାନ୍ଧି ଜାତୀୟ ବିଧବା ପେନସନ୍ ଯୋଜନା-** ଫେବୃଆରି ୨୦୦୯ରୁ ଏହା ଲାଗୁହୋଇଛି । ୪୦ରୁ ୫୯ବର୍ଷର ବିଧବା ମହିଳା, ଯେ କି ବିପିଏଲ୍ ଶ୍ରେଣୀଭୁକ୍ତ ହୋଇଥିବେ, ସେ ମାସିକ ୨୦୦(ଦୁଇଶତ) ଟଙ୍କାର ଭତ୍ତା ପାଇବେ । ଏହା ବାଦ୍ ରାଜ୍ୟମାନେ ୨୦୦ (ଦୁଇଶତ) ଟଙ୍କା ଯୋଗ କରିବେ ବୋଲି ଯୋଜନାରେ କୁହାଯାଇଛି, ଯାହାଫଳରେ ଜଣେ ବିଧବା ହିତାଧିକାରୀ ମାସିକ ମୋଟ ୪୦୦ଟଙ୍କାର ଭତ୍ତା ପଇପାରିବେ ।

**ଇନ୍ଦିରା ଗାନ୍ଧି ଜାତୀୟ ବିକଳାଙ୍ଗ ପେନସନ୍ ଯୋଜନା-** ଫେବୃଆରି ୨୦୦୯ରୁ ଏହା ଲାଗୁହୋଇଛି । ୧୮ରୁ ୫୯ବର୍ଷର ଜଣେ ବିପିଏଲ୍ ବ୍ୟକ୍ତି ଯେ କି ଗୁରୁତର ଅଥବା ଏକାଧିକ ଅକ୍ଷମତାରେ ଆକ୍ରାନ୍ତ ହୋଇଥିବେ, ସେ ମାସିକ ୨୦୦(ଦୁଇଶତ) ଟଙ୍କାର ଭତ୍ତା ପାଇବେ । ଏହା ବାଦ୍ ରାଜ୍ୟମାନେ ୨୦୦ (ଦୁଇଶତ) ଟଙ୍କା ଯୋଗ କରିବେ ବୋଲି ଯୋଜନାରେ କୁହାଯାଇଛି, ଯାହାଫଳରେ ଜଣେ ବିକଳାଙ୍ଗ ହିତାଧିକାରୀ ମାସିକ ମୋଟ ୪୦୦ଟଙ୍କାର ଭତ୍ତା ପଇପାରିବେ ।

**ଜାତୀୟ ପରିବାର କଲ୍ୟାଣ ଯୋଜନା-** ୧୫ ଅଗଷ୍ଟ ୧୯୯୫ରୁ କେନ୍ଦ୍ର ସରକାରଙ୍କ ଶତକଡା ଶହେ ସହାୟତାରେ ପରିଚାଳିତ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ନାମକ ସମ୍ମିଳିତ କାର୍ଯ୍ୟକ୍ରମର

ଏହା ହେଉଛି ଦ୍ୱିତୀୟ ଅଙ୍ଗ । ଯେଉଁସ୍ଥଳେ ଗୋଟିଏ ବିପିଏଲ୍ ପରିବାରର ମୁଖ୍ୟ ରୋଜଗାରକ୍ଷମ ବ୍ୟକ୍ତି ୧୮ରୁ ୬୫ ବର୍ଷ ବୟସ ଭିତରେ ମୃତ୍ୟୁବରଣ କରନ୍ତି ସେପରିସ୍ଥଳେ ଟ୧୦,୦୦୦/- (ଦଶହଜାର ଟଙ୍କା)ର ଏକକାଳୀନ ସହାୟତା ରାଶି ଉକ୍ତ ପରିବାରର ସେହି ଜୀବିତ ବ୍ୟକ୍ତିଙ୍କୁ ଦିଆଯାଇଥାଏ, ଯେ କି ଆବଶ୍ୟକୀୟ ଅନୁଧ୍ୟାନ ଅନୁଯାୟୀ ଭିତ୍ତିରେ ବର୍ତ୍ତମାନ ପରିବାରର ମୁଖ୍ୟ ଭାବେ ଭୂମିକା ପାଳନ କରୁଛନ୍ତି । ଏହି ଯୋଜନା ପରିପ୍ରେକ୍ଷୀରେ 'ପରିବାର' ଭିତରେ ଅନ୍ତର୍ଭୁକ୍ତ ରହିବେ ପତି ବା ପତ୍ନୀ, ନାବାଳକ ବାଳୁତ ଏବଂ ନିର୍ଭରଶୀଳ ପିତାମାତା । ଯଦି ସଂପୃକ୍ତ ମୃତକ ଜଣେ ଅବିବାହିତ ସାବାଳକ ହୋଇଥିବେ ତେବେ ପରିବାରର ସଂଜ୍ଞା ଭିତରେ ଅନ୍ତର୍ଭୁକ୍ତ ରହିବେ ନାବାଳକ ଭାଇ ଓ ଭଉଣୀମାନେ ।

**ଜାତୀୟ ମାତୃ ମଙ୍ଗଳ ଯୋଜନା-** କେନ୍ଦ୍ର ସରକାରଙ୍କ ଶହେ ପ୍ରତିଶତ ସହାୟତାରେ ପରିଚାଳିତ ହେଉଥିବା ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମର ତୃତୀୟ ଅଙ୍ଗ ହେଉଛି ଜାତୀୟ ମାତୃ ମଙ୍ଗଳ ଯୋଜନା **(National Maternity Benefit Scheme)** । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବିପିଏଲ୍ ପରିବାରର ଜଣେ ଗର୍ଭବତୀ ମହିଳାଙ୍କୁ କିଛି ଆର୍ଥିକ ସହାୟତା ଯୋଗାଇବା । ଏହାର ହିତାଧିକାରୀ ମହିଳା ୧୯ବର୍ଷ ବା ତଦୁର୍ଦ୍ଧ୍ୱ ଏବଂ ଗ୍ରାମର ସ୍ଥାୟୀ ବାସିନ୍ଦା ହୋଇଥିବେ ଏବଂ ବିପିଏଲ୍ ପରିବାରର ସଦସ୍ୟ ହୋଇଥିବେ । କେବଳ ପ୍ରଥମ ଓ ଦ୍ୱିତୀୟ ଗର୍ଭାବସ୍ଥା ବେଳେ, ଏବଂ ପ୍ରତି ଥର ଗର୍ଭାବସ୍ଥାର ଅଷ୍ଟମ ଓ ନବମ ମାସରେ ଏହି ସୁବିଧା ପାଇଁ ଆବେଦନ କରାଯାଇପାରିବ । ଗର୍ଭବତୀ ମହିଳା ଗର୍ଭାବସ୍ଥାର ଅଷ୍ଟମ ଓ ନବମ ମାସରେ ୫୦୦ (ପାଞ୍ଚଶତ) ଟଙ୍କାର ଏକ ସହାୟତା ରାଶି ପାଇବେ । ଏହି ଅର୍ଥରାଶି ଗର୍ଭବତୀ ମହିଳାଙ୍କର ପୁଷ୍ଟିସାଧନ ଓ ଆନୁଷଙ୍ଗିକ ପ୍ରୟୋଜନ ର ଖର୍ଚ୍ଚ ପାଇଁ ଉଦ୍ଦିଷ୍ଟ । ୧ ଏପ୍ରିଲ୍ ୨୦୦୧ରୁ ଏହି ଯୋଜନା ଗ୍ରାମାଞ୍ଚଳ ବିକାଶ ମନ୍ତ୍ରଣାଳୟରୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅଧୀନକୁ ଚାଲିଯାଇଛି । ୧୧ ନଭେମ୍ବର ୨୦୦୧ରେ ସୁପ୍ରିମ୍ କୋର୍ଟ ଏକ ଆଦେଶରେ ନିର୍ଦ୍ଦେଶ ଦେଇଥିଲେ ଯେ, ଆର୍ଥିକ ସହାୟତା ପ୍ରସବର ୮ରୁ ୧୨ ସପ୍ତାହ ପୂର୍ବରୁ ହିତାଧିକାରୀଙ୍କ ପାଖରେ ପହଞ୍ଚିବା ଦରକାର । କେତେକ ରାଜ୍ୟ ଏହି ଯୋଜନାକୁ ଅଣଦେଖା କରୁଥିବାର ଅଭିଯୋଗ ପାଇ ସୁପ୍ରିମ୍ କୋର୍ଟ ଏପ୍ରିଲ୍ ୨୦୦୪ରେ ନିର୍ଦ୍ଦେଶ ଦେଇଥିଲେ ଯେ, ଜାତୀୟ ମାତୃମଙ୍ଗଳ ଯୋଜନା ସମେତ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଅନ୍ତର୍ଗତ କୌଣସି କାର୍ଯ୍ୟକ୍ରମକୁ ଉପେକ୍ଷା କରାଯାଇପାରିବ ନାହିଁ ।

**ଅନ୍ନପୂର୍ଣ୍ଣା ଯୋଜନା-** ପହିଲା ଏପ୍ରିଲ୍ ୨୦୦୦ରୁ ଅନ୍ନପୂର୍ଣ୍ଣା ଯୋଜନା ଚାଲୁ ହୋଇଛି । ଏହାର ଉଦ୍ଦେଶ୍ୟ ହେଲା, ଯେଉ ବରିଷ୍ଠ ନାଗରିକମାନେ ଜତୀୟ ବାର୍ଦ୍ଧକ୍ୟ ପେନସନ୍ ଯୋଜନାର ହିତାଧିକାରୀ ହେବା ପାଇଁ ଯୋଗ୍ୟ ହୋଇସୁଦ୍ଧା କୌଣସି କାରଣରୁ ବାଦ୍ ପଡ଼ିଛନ୍ତି, ସେମାନଙ୍କୁ ପ୍ରତିମାସରେ ମାଗଣା ୧୦ କିଲୋ ଖାଦ୍ୟଶସ୍ୟ ଯୋଗାଇଦେବା । ଯେଉଁମାନେ ଅନ୍ନପୂର୍ଣ୍ଣା ଯୋଜନାର ହିତାଧିକାରୀ ହେବେ, ସେମାନେ ଜାତୀୟ ବାର୍ଦ୍ଧକ୍ୟ ପେନସନ୍ ଯୋଜନାର ହିତାଧିକାରୀ ହେବେନାହିଁ ।

**ତଦାରଖ ଓ ଅଭିଯୋଗ ପ୍ରତିକାର-** ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଅଧୀନରେ କୌଣସି ଯୋଜନାର କାର୍ଯ୍ୟକାରିତାକୁ ନେଇ କୌଣସି ସମସ୍ୟା ଦେଖାଦେଲେ ତାହା ସଂବନ୍ଧରେ ଅଭିଯୋଗ କାର୍ଯ୍ୟକ୍ରମ ପରିଚାଳନା କରୁଥିବା ସଂପୃକ୍ତ ବିଭାଗର ସଚିବ ବା ସଂପୃକ୍ତ ଜିଲ୍ଲା ବା ବ୍ଲକ୍‌ର ଯଥୋଚିତ କର୍ତ୍ତୃପକ୍ଷଙ୍କ ନିକଟରେ ଦାଖଲ କରାଯିବ । ବିଭିନ୍ନ ଗ୍ରାମାଞ୍ଚଳ ଉନ୍ନୟନ ଯୋଜନାକୁ ତଦାରଖ ଓ ସମୀକ୍ଷା ପାଇଁ ଜିଲ୍ଲା ସ୍ତରରେ ଗଠିତ ହୋଇଥିବା ସଚେତନତା ଓ ତଦାରଖ କମିଟି **(Vigilance & Monitoring Committee)** ମଧ୍ୟ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମର ରୂପାୟନ ଉପରେ ସଜାଗତା ଓ ତଦାରଖ ଜାରି ରଖିବେ । ଏହି କମିଟିରେ ସଂପୃକ୍ତ ସାଂସଦମାନେ ସଭ୍ୟ ଥାଆନ୍ତି ।

*(http://rural.nic.in/sites/downloads/our-schemes-glance/FAQs.pdf)*

***

# ଅଧ୍ୟାୟ-୨

# ଖାଦ୍ୟ ସୁରକ୍ଷା ଯୋଜନାସମୂହ (ଶିଶୁ ଓ ମହିଳାଙ୍କ ପାଇଁ)

## (୧) ଖାଦ୍ୟ ନିରାପତ୍ତା ଆଇନ୍ ୨୦୧୩ରେ ଶିଶୁ ଓ ମହିଳାଙ୍କ ପୁଷ୍ଟି ବ୍ୟବସ୍ଥା

ଏହି ଆଇନ୍ ଗତ ଅଗଷ୍ଟ ୨୬ ଓ ସେପ୍ଟେମ୍ବର ୨ରେ ଯଥାକ୍ରମେ ଲୋକସଭା ଓ ରାଜ୍ୟସଭାରେ ଗୃହୀତ ହୋଇସାରିଛି । ଏହାର ଅଧ୍ୟାୟ-୨ ଅଧୀନରେ ଧାରା ୪, ୫, ୬ ଓ ୭ରେ ଶିଶୁ ଓ ମହିଳାଙ୍କର ପୁଷ୍ଟିସାଧନ ବିଷୟରେ କେତେକ ବ୍ୟବସ୍ଥା ସ୍ଥାନିତ ହୋଇଛି । ଧାରା-୪ ଅନୁଯାୟୀ ପ୍ରତି ଗର୍ଭବତୀ ମହିଳା ସମୁଦାୟ ଗର୍ଭଧାରଣ ପର୍ଯ୍ୟାୟ ଏବଂ ଶିଶୁଜନ୍ମ ଠାରୁ ୬ମାସ ପର୍ଯ୍ୟନ୍ତ ସ୍ଥାନୀୟ ଅଙ୍ଗନବାଡି ଜରିଆରେ ମାଗଣା ଭୋଜନ ସୁବିଧା (ଅନୁସୂଚୀ-୨ ଅନୁଯାୟୀ ୬୦୦ କ୍ୟାଲେରି ଯୁକ୍ତ ଖାଦ୍ୟଦ୍ରବ୍ୟ ଏବଂ ୧୮ରୁ୨୦ ଗ୍ରାମର ପ୍ରୋଟିନ୍ ଥିବା ରେସନ୍) ଏବଂ ତାହା ସହିତ ୬ହଜାର ଟଙ୍କାର ମାତୃତ୍ୱ ଭତ୍ତା ପାଇବେ । ଧାରା ୫ ଅନୁଯାୟୀ ଛ ମାସରୁ ଛ ବର୍ଷ ପର୍ଯ୍ୟନ୍ତ ସମସ୍ତ ଅପୁଷ୍ଟି-ଆକ୍ରାନ୍ତ ଶିଶୁ ସ୍ଥାନୀୟ ଅଂଗନବାଡି ମାଧ୍ୟମରେ ୮୦୦ କ୍ୟାଲେରି ଯୁକ୍ତ ଖାଦ୍ୟଦ୍ରବ୍ୟ ସହିତ ୨୦-୨୫ ଗ୍ରାମ ପ୍ରୋଟିନ୍ ଥିବା ରେସନ୍ ପାଇବେ । ପୁଣି ୬ ରୁ ୧୪ବର୍ଷର ସମସ୍ତ ଶିଶୁଙ୍କୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମାଗଣା ମଧ୍ୟାହ୍ନ ଭୋଜନ ମିଳିବ । ଧାରା ୬ ଅନୁଯାୟୀ ଅଂଗନବାଡି ଦ୍ୱାରା ଚିହ୍ନଟ ହୋଇଥିବା ସମସ୍ତ ଅପୁଷ୍ଟି-ଆକ୍ରାନ୍ତ ଶିଶୁମାନଙ୍କ ପାଇଁ ରାଜ୍ୟ ସରକାର ମାଗଣା ଭୋଜନର ବନ୍ଦୋବସ୍ତ କରିବେ । କିନ୍ତୁ ବିଡମ୍ବନା ଏହିକି ଯେ, ଧାରା-୭ ଅନୁଯାୟୀ ଉପରୋକ୍ତ ବ୍ୟବସ୍ଥାବଳୀ କାର୍ଯ୍ୟକାରୀ ହେବ ସେହି ରୀତିରେ ଯାହାକି କେନ୍ଦ୍ର ସରକାର ନିୟମାବଳୀ ପ୍ରଣୟନ କରି ବିହିତ କରିବେ । ଆଉ ଏକ ବିଡମ୍ବନା ହେଲା, ଏହି ଆଇନ୍‌ର ଅଧ୍ୟାୟ-୭ ଅଧୀନରେ ଧାରା ୧୪ରୁ ୨୧ ଭିତରେ ସ୍ଥାନିତ ହୋଇଥିବା ଦୁର୍ବଳ ଅଭିଯୋଗ ପ୍ରତିକାର ବ୍ୟବସ୍ଥା । ରାଜ୍ୟ ସରକାରଙ୍କ ଉପରେ ଅଭିଯୋଗ ପ୍ରତିକାର ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବାର ଦାୟିତ୍ୱ ନ୍ୟସ୍ତ ହୋଇଛି । ପ୍ରସ୍ତାବିତ ବ୍ୟବସ୍ଥା ଅନୁଯାୟୀ ପ୍ରତି ଜିଲ୍ଲାରେ ଜିଲ୍ଲା ଅଭିଯୋଗ ପ୍ରତିକାର ଅଧିକାରୀଙ୍କୁ ପଦନାମିତ କରାଯିବ, ଯେକି ଏହି ଆଇନ୍ ଅଧୀନରେ ପ୍ରସ୍ତାବିତ କୌଣସି ପ୍ରାପ୍ୟରୁ ବଞ୍ଚିତ ହୋଇଥିବା ବ୍ୟକ୍ତିଙ୍କର ଅଭିଯୋଗ ଶୁଣିବେ ଓ ପ୍ରତିକାର କରିବେ । କିନ୍ତୁ କେତେଦିନ ଭିତରେ ଗୋଟିଏ ଅଭିଯୋଗର ପ୍ରତିକାର ହେବ ବା ଗୋଟିଏ ଅଭିଯୋଗର ‘ଇସଲା ହେବ, ତାହା ଆଇନ୍‌ରେ ସୂଚୀତ ନହୋଇ ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ଦ୍ଧାରଣ ଉପରେ ଛାଡି ଦିଆଯାଇଛି । ଏହାଛଡା ରାଜ୍ୟ ସରକାର ପ୍ରଶାସନିକ ଅଧିକାରୀମାନଙ୍କୁ ନେଇ ଏକ ରାଜ୍ୟ ଖାଦ୍ୟ କମିଶନ୍ ଗଠନ କରିବେ, ଯେ କି ଜିଲ୍ଲା ଅଭିଯୋଗ ପ୍ରତିକାର ଅ'ସର୍‌ଙ୍କ ନିଷ୍ପତ୍ତି ବିରୁଦ୍ଧରେ ଆଗତ ଯେ କୌଣସି ଅପିଲ୍‌ର ଶୁଣାଣି ଓ ‘ଇସଲା କରିବେ ତଥା ଏହି ଆଇନ୍‌ର କାର୍ଯ୍ୟକାରିତାକୁ ତଦାରଖ କରିବେ । ପୁଣି ଧାରା ୨୯ ଅନୁଯାୟୀ ଆଇନ୍‌ର କାର୍ଯ୍ୟକାରିତା ପ୍ରକ୍ରିୟାରେ ‘ଳପ୍ରଦତା, ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱକୁ ସୁନିଶ୍ଚିତ କରିବା ପାଇଁ ରାଜ୍ୟ ସରକାର ସରକାରୀ ସୁଲଭ ଦୋକାନ, ବ୍ଲକ୍, ଜିଲ୍ଲା ଓ ରାଜ୍ୟ ସ୍ତରରେ ଜନସଜାଗତା କମିଟି (ଠସଶସକ୍ଷବଭମର ଉକ୍କଙ୍କଙ୍କସଷ୍ୱଷ୍ୱରର) ଗଠନ କରିବେ, ଏବଂ ଏହି କମିଟିରେ ଅନୁସୂଚୀତ ଜାତି, ଜନଜାତି, ମହିଳା, ଭିନ୍ନକ୍ଷମ ଏବଂ ନିଁସହାୟ ଗୋଷ୍ଠୀମାନଙ୍କର ପ୍ରତିନିଧିତ୍ୱ ରହିବ । ଏହି କମିଟି ଆଇନ୍‌ର କାର୍ଯ୍ୟକାରିତାକୁ ପରିବେକ୍ଷଣ କରିବା ସହିତ ଆଇନ୍‌ର ଉଲ୍ଲଂଘନ ଏବଂ ଦୁର୍ନୀତି ବିଷୟରେ ଜିଲ୍ଲା ଅଭିଯୋଗ ପ୍ରତିକାର ଅଧିକାରୀଙ୍କ ନିକଟରେ ଅଭିଯୋଗ ଦାଏର୍ କରିପାରିବେ । ଧାରା ୩୩ ଅନୁଯାୟୀ ରାଜ୍ୟ କମିଶନ୍ ଯଦି ହୃଦ୍‌ବୋଧ କରନ୍ତି ଯେ କୌଣସି ଅଧିକାରୀ ବା କର୍ତ୍ତୃପକ୍ଷ ଜିଲ୍ଲା ଅଭିଯୋଗ ପ୍ରତିକାର ଅଧିକାରୀଙ୍କ ଏକ ଆଦେଶ ବା ସୁପାରିଶ୍‌କୁ ଉଲ୍ଲଂଘନ କରିଛନ୍ତି, ତେବେ ତାଙ୍କ ବିରୁଦ୍ଧରେ ୫ହଜାର ଟଙ୍କାର ଜୋରିମାନା ଲାଗୁ ହୋଇପାରିବ । କିନ୍ତୁ କେତେଦିନ ଭିତରେ କମିଶନ୍ ତାଙ୍କର ଏତାଦୃଶ ‘ଇସଲା ଶୁଣାଇବେ ତାହା ଆଇନ୍‌ରେ ସୂଚୀତ ହୋଇନାହିଁ । ସବୁଠାରୁ ବଡ ବିଡମ୍ବନା ହେଲା ଆଇନ୍‌ର ଧାରା ୪୪( ଆକସ୍ମିକ ସ୍ଥିତି ବା ଶକ୍ତ୍ୱମର ଗବହରଙ୍କଷ୍ୱର) ରେ କୁହାଯାଇଛି ଯେ, ଯୁଦ୍ଧ, ବନ୍ୟା, ମରୁଡି, ଅଗ୍ନିକାଣ୍ଡ, ବାତ୍ୟା ବା ଭୂମିକମ୍ପ ଭଳି ବିପର୍ଯ୍ୟୟ ‘ଳରେ ଯଦି ସଂପୃକ୍ତ ହିତାଧିକାରୀମାନଙ୍କ ନିକଟକୁ ଖାଦ୍ୟଦ୍ରବ୍ୟ ପରିବହନ ବାଧାପ୍ରାପ୍ତ ହୋଇଥାଏ ତେବେ କେନ୍ଦ୍ର ବା ରାଜ୍ୟ ସରକାର ଏହି ଆଇନ୍ ଅଧୀନସ୍ଥ ପ୍ରାପ୍ୟସମୂହ ଯୋଗାଇବା ପାଇଁ ବାଧ୍ୟ ନୁହଁନ୍ତି । ମନେ ହୋଇପାରେ, ଏହି ଆଇନ୍ ଗୃହୀତ ହେବା ମାତ୍ରେ ତତ୍‌କ୍ଷଣାତ୍ ଲାଗୁ ହେବ । କିନ୍ତୁ ଧାରା ୪୧(ଅନ୍ତର୍ବର୍ତ୍ତୀ ବ୍ୟବସ୍ଥାବଳୀ-ଜ୍ଞବବଭଷ୍ୱପଷ୍ୱକ୍କହଜ ଚଦ୍ମବକ୍କଙ୍କସଷ୍ୱସକ୍କଭଷ୍ୱ) ରେ ସ୍ପଷ୍ଟ କରିଦିଆଯାଇଛି ଯେ, ଏହି ଆଇନ୍ ଅଧୀନରେ ନୂତନ ସ୍କିମ୍, ମାର୍ଗଦର୍ଶୀକା, ଅଭିଯୋଗ

ପ୍ରତିକାର ବ୍ୟବସ୍ଥା ଓ ଜନସଚେତନତା କିମିଟି ଇତ୍ୟାଦି ବ୍ୟବସ୍ଥାବଳୀ ପ୍ରଣୀତ ନହେବା ପର୍ଯ୍ୟନ୍ତ ପ୍ରଚଳିତ ବ୍ୟବସ୍ଥାମାନ କାଏମ୍ ରହିବ । ସୁତରାଂ ଖାଦ୍ୟ ନିରାପତ୍ତା ଆଇନ୍ ୨୦୧୩ ବିଧିବଦ୍ଧ ଭାବେ ସଂସଦରେ ଗୃହୀତ ହୋଇ ୫ ଜୁଲାଇ ୨୦୧୩ ଠାରୁ (ଧାରା ୧-୩ ଅନୁଯାୟୀ) ବଳବତ୍ତର ହୋଇଥିଲେ ହେଁ ଏହା ତୃଣମୂଳ ସ୍ତରରେ କାର୍ଯ୍ୟରୂପ ଲାଭ କରିବା ମୋଟାମୋଟି ଅନିଶ୍ଚିତ ହୋଇ ରହିଛି ।

## (୨) ସମନ୍ୱିତ ଶିଶୁ ବିକାଶ ଯୋଜନା (ଆଇ.ସି.ଡି.ଏସ୍.)

୨ ଅକ୍ଟୋବର ୧୯୭୫ରେ ଆରମ୍ଭ ହୋଇଥିବା ଏହି ସର୍ବଭାରତୀୟ ସ୍କିମ୍ ଅଧୀନରେ ପରିଚାଳିତ ବିବିଧ ସେବାସମୂହର ମୂଳ ଉଦ୍ଦେଶ୍ୟ ହେଉଛି, ୬ବର୍ଷ ପର୍ଯ୍ୟନ୍ତ ଶିଶୁମାନଙ୍କର ପୂର୍ଣ୍ଣାଙ୍ଗ ବିକାଶ ଘଟାଇବା, ତଥା ତନ୍ମଧ୍ୟରୁ ଦୁଇବର୍ଷ ପର୍ଯ୍ୟନ୍ତ ଶିଶୁମାନଙ୍କ ସହିତ ଗର୍ଭବତୀ ଓ ପ୍ରସବିଣୀ ଜନନୀମାନଙ୍କ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବା । ଗୋଟିଏ ପଟରେ ପିଲାମାନଙ୍କୁ ପ୍ରାକ୍-ବିଦ୍ୟାଳୟ ଶିକ୍ଷା ପ୍ରଦାନ କରିବା ଏବଂ ଅନ୍ୟ ପଟରେ ଅପୁଷ୍ଟି, ଅକାଳ ରୁଗ୍ଣତା, ଶିକ୍ଷାଲାଭର ସମ୍ଭାବନା ହ୍ରାସ, ତଥା ମାତୃ-ଶିଶୁ ମୃତ୍ୟୁର ବିଷବଳୟ ଭିତରୁ ମୁକ୍ତି ହାସଲ କରିବା ଏହି ସେବାସମୂହର ବିଶେଷ ଲକ୍ଷ୍ୟ । ୬ଟି ସେବାବିଶିଷ୍ଟ ଏକ ପ୍ୟାକେଜ୍ ଦ୍ୱାରା ଏହି ଲକ୍ଷ୍ୟ ପୂରଣ ହୋଇଥାଏ, ଯଥା ସ୍ୱାସ୍ଥ୍ୟ ପରୀକ୍ଷା, ଟୀକା ପ୍ରଦାନ, ସ୍ୱାସ୍ଥ୍ୟ କେନ୍ଦ୍ରରୁ ଚିକିତ୍ସା ଗ୍ରହଣ, ଅନୁପୂରକ ପୁଷ୍ଟି, ଅଣ-ଅନୁଷ୍ଠାନିକ ପ୍ରାକ୍-ବିଦ୍ୟାଳୟ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ଓ ପୁଷ୍ଟି ସଂକ୍ରାନ୍ତୀୟ ପରାମର୍ଶ । ଦଶମ ଯୋଜନା (୨୦୦୨-୦୭) ଶେଷ ସୁଦ୍ଧା ଦେଶର ୫,୬୫୨ ବ୍ଲକ୍‌ରେ ଏହା କାର୍ଯ୍ୟକାରୀ କରାଯାଇ ୬ଲକ୍ଷ ୪୯ହଜାର ଅଙ୍ଗନବାଡି କେନ୍ଦ୍ର ମାଧ୍ୟମରେ ମୋଟ୍ ୪ କୋଟି ୧୫ଲକ୍ଷ ବ୍ୟକ୍ତି (୩କୋଟି ୪୪ଲକ୍ଷ ଶିଶୁ ଓ ୭୧ ଲକ୍ଷ ଗର୍ଭବତୀ ଓ ସ୍ତନ୍ୟଦାୟୀ ମହିଳା)ଙ୍କୁ ଉପକୃତ କରିବାର ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା ।

### ଆଇ.ସି.ଡି.ଏସ୍.ର ସଂପ୍ରସାରଣ-

| ମଞ୍ଜୁରି ପ୍ରାପ୍ତ ପ୍ରକଳ୍ପ/ ଅଙ୍ଗନବାଡି କେନ୍ଦ୍ର ସଂଖ୍ୟା | ବର୍ତ୍ତମାନ | ଅତିରିକ୍ତ ସଂଖ୍ୟା (୨୦୦୮-୦୯)ରେ ମଞ୍ଜୁରି ଅନୁଯାୟୀ) | ମୋଟ ସଂଖ୍ୟା |
|---|---|---|---|
| ପ୍ରକଳ୍ପ | ୬୨୮୪ | ୭୮୯ | ୭୦୭୩ |
| ଅଙ୍ଗନବାଡି କେନ୍ଦ୍ର | ୧୦.୫୩ ଲକ୍ଷ | ୧.୮୯ ଲକ୍ଷ | ୧୨.୪୨ ଲକ୍ଷ |
| ମିନି-ଅଙ୍ଗନବାଡି କେନ୍ଦ୍ର | ୩୬,୮୨୯ | ୭୭,୧୦୨ | ୧,୧୩, ୯୩୧ |
| ମୋଟ୍ ଅଙ୍ଗନବାଡି କେନ୍ଦ୍ର | | | ୧୩.୫୬ ଲକ୍ଷ |

### ରିଲିଜ୍ ହୋଇଥିବା ପାଣ୍ଠି (ଲକ୍ଷ ଟଙ୍କା ଆକାରରେ) -

| କ୍ର.ସଂ. | ବର୍ଷ | ଆଇ.ସି.ଡି.ଏସ୍. (ଜି) | ଅନୁପୂରକ ପୁଷ୍ଟି |
|---|---|---|---|
| ୧. | ୨୦୦୭-୦୮ | ୩୧୦୮୦୩.୨୭ | ୨୦୬୨୩୧.୦୫ |
| ୨. | ୨୦୦୮-୦୯ | ୪୦୧୩୧୯.୧୬ | ୨୨୮୧୩୧.୩୩ |
| ୩. | ୨୦୦୯-୧୦ | ୧୭୭୮୯୪.୧୫ | ୧୮୨୦୦୧.୭୬ |

## ଆଇ.ସି.ଡି.ଏସ୍. ଟିମ୍

ଏହି ଟିମ୍‌ରେ ଅଛନ୍ତି ଅଙ୍ଗନବାଡି କର୍ମୀ, ଅଙ୍ଗନାବାଡି ସହାୟିକା, ପରିବେକ୍ଷକ, ସି.ଡି.ପି.ଓ. ଏବଂ ଜିଲ୍ଲା ପ୍ରୋଗ୍ରାମ୍ ଅଫିସର୍‌ମାନେ । ଅଙ୍ଗନବାଡି କର୍ମୀ ଜଣେ ମହିଳା, ଯାହାଙ୍କୁ ସ୍ଥାନୀୟ ଜନଗୋଷ୍ଠୀଙ୍କ ଭିତରୁ ଚୟନ କରାଯାଇଥାଏ । ସେ ପରିବର୍ତ୍ତନର ଜଣେ ଏଜେଣ୍ଟ ମଧ୍ୟ, ଯାହାଙ୍କର କାର୍ଯ୍ୟ ହେଉଛି ଶିଶୁ, ବାଳିକା ଏବଂ ମହିଳାମାନଙ୍କ ପ୍ରତି ଅଧିକ ଯତ୍ନବାନ୍ ହେବାପାଇଁ ସମୁଦାୟ ଜନଗୋଷ୍ଠୀଙ୍କୁ ଜାଗ୍ରତ କରିବା ।

ଏହାଛଡା ମେଡିକାଲ୍ ଅଫିସର୍, ଏ.ଏନ୍.ଏମ୍. ତଥା ଆଶା କର୍ମୀ ଆଇ.ସି.ଡି.ଏସ୍. ଟିମ୍‌ଙ୍କ ସହ ସମନ୍ୱୟ ରଖିବେ, ଯାହା 'ଜରେ ଏହି କାର୍ଯ୍ୟକ୍ରମ ଅଧୀନରେ ଉପଲବ୍ଧ ବିଭିନ୍ନ ସେବାଗୁଡିକ ସମନ୍ୱିତ ଭାବେ ମିଳିପାରିବ ।

### ଆଇ.ସି.ଡି.ଏସ୍. ଅନ୍ତର୍ଗତ ସେବାସମୂହର ଯୋଗାଣ ସାରଣୀ

| ସେବାର ନାମ | ହିତାଧିକାରୀ ଗୋଷ୍ଠୀ | ସେବା ଯୋଗାଣକାରୀ |
|---|---|---|
| ଅନୁପୂରକ ପୁଷ୍ଟି | ୬ବର୍ଷରୁ କମ୍ ଶିଶୁ<br>ଗର୍ଭବତୀ ଓ ସ୍ତନଦାୟୀ ଜନନୀ | ଅଙ୍ଗନବାଡି କର୍ମୀ<br>ଅଙ୍ଗନବାଡି ସହାୟିକା |
| ଟୀକା ବ୍ୟବସ୍ଥା | ୬ବର୍ଷରୁ କମ୍ ଶିଶୁ<br>ଗର୍ଭବତୀ ଓ ସ୍ତନଦାୟୀ ଜନନୀ | ଏ.ଏନ୍.ଏମ୍. / ମେଡିକାଲ୍ ଅଫିସର୍ |
| ସ୍ୱାସ୍ଥ୍ୟ ପରୀକ୍ଷା | ୬ବର୍ଷରୁ କମ୍ ଶିଶୁ<br>ଗର୍ଭବତୀ ଓ ସ୍ତନଦାୟୀ ଜନନୀ | ଏ.ଏନ୍.ଏମ୍. / ମେଡିକାଲ୍ ଅଫିସର |
| ପରାମର୍ଶ ସେବା | ୬ବର୍ଷରୁ କମ୍ ଶିଶୁ<br>ଗର୍ଭବତୀ ଓ ସ୍ତନଦାୟୀ ଜନନୀ | ଏ.ଏନ୍.ଏମ୍. / ମେଡିକାଲ୍ ଅଫିସର |
| ପ୍ରାକ୍-ବିଦ୍ୟାଳୟ ଶିକ୍ଷା | ୩ରୁ ୬ବର୍ଷର ଶିଶୁ | ଅଙ୍ଗନବାଡି କର୍ମୀ |
| ପୁଷ୍ଟି ଓ ସ୍ୱାସ୍ଥ୍ୟଶିକ୍ଷା | ମହିଳା (୧୫ରୁ ୪୫ବର୍ଷ) | ଅଙ୍ଗନବାଡି କର୍ମୀ/ ଏ.ଏନ୍.ଏମ୍. / ମେଡିକାଲ୍ ଅଫିସର |

ଉପରୋକ୍ତ ୬ଟି ସେବା ମଧ୍ୟରୁ ୩ଟି ସେବା ଯଥା ଟୀକା ବ୍ୟବସ୍ଥା, ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ପରାମର୍ଶ ସହାୟତା କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରୁଥିବା ସଂସ୍ଥାମାନଙ୍କ ଜରିଆରେ ଯୋଗାଇ ଦିଆ ଯାଇଥାଏ ।

### ହିତାଧିକାରୀମାନଙ୍କ ପଂଜିକରଣ

ଆଇ.ସି.ଡି.ଏସ୍. ଅଧୀନରେ ବି.ପି.ଏଲ୍. ମାନଙ୍କ ପାଇଁ କୌଣସି ସ୍ୱତନ୍ତ୍ର ସୁବିଧା ନଥିବାରୁ ସମସ୍ତ ହିତାଧିକାରୀ ପରିବାରଙ୍କୁ ପଂଜିକରଣ କରିବା ପାଇଁ ରାଜ୍ୟ ଓ କେନ୍ଦ୍ରାଞ୍ଚଳ ସରକାରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

### - ପାଣ୍ଠି ବ୍ୟବସ୍ଥା

ଆଇ.ସି.ଡି.ଏସ୍. ଏକ କେନ୍ଦ୍ରୀୟ-ସହାୟତା ପ୍ରାପ୍ତ କାର୍ଯ୍ୟକ୍ରମ ଯାହାକି ରାଜ୍ୟ ସରକାର ଓ କେନ୍ଦ୍ରାଞ୍ଚଳ ପ୍ରଶାସନ ମାନଙ୍କ ଦ୍ୱାରା କାର୍ଯ୍ୟାନ୍ୱିତ ହୋଇଥାଏ । ୨୦୦୫-୦୬ ପୂର୍ବରୁ କେବଳ ଅନୁପୂରକ ପୁଷ୍ଟିକୁ ବାଦ୍

ଦେଲେ ଅନ୍ୟ ସମସ୍ତ ସେବାର ବ୍ୟୟ କେନ୍ଦ୍ର ସରକାର ପୁରାପୁରି ବହନ କରୁଥିଲେ ଏବଂ ଅନୁପୂରକ ପୁଷ୍ଟି ରାଜ୍ୟ ସରକାରମାନେ ନିଜ ସମ୍ବଳରୁ ଯୋଗାଉଥିଲେ । କିନ୍ତୁ ଦେଖାଗଲା, ବିଭିନ୍ନ ରାଜ୍ୟ ସରକାର ଅନୁପୂରକ ପୁଷ୍ଟି ବାବଦରେ ଆବଶ୍ୟକୀୟ ସମ୍ବଳ ବିନିଯୋଗ କଲେନାହିଁ । ତେଣୁ ୨୦୦୫-୦୬ରେ ନିଷ୍ପତ୍ତି ନିଆଗଲା ଯେ, ଅନୁପୂରକ ପୁଷ୍ଟି ବାବଦ ବ୍ୟୟର ଶତକଡା ୫୦ମାତ୍ର ରାଜ୍ୟ ବହନ କରିବ ଓ ବାକୀ ବ୍ୟୟ କେନ୍ଦ୍ର । ୨୦୦୯-୧୦ରୁ କେନ୍ଦ୍ର ସରକାର ପୁଣି କେନ୍ଦ୍ର-ରାଜ୍ୟ ପାଣ୍ଠି ଯୋଗାଣ ରୀତିରେ ପରିବର୍ତ୍ତନ ଆଣିଛନ୍ତି । ଉତ୍ତରପୂର୍ବ ରାଜ୍ୟଗୁଡ଼ିକ ପାଇଁ ୫୦: ୫୦ ଅନୁପାତ ବଦଳରେ କେନ୍ଦ୍ର ଶତକଡା ୯୦ ଏବଂ ରାଜ୍ୟ ବାକୀ ଶତକଡା ବହନ କରିବ । କିନ୍ତୁ ଅନ୍ୟ ସବୁ ସେବା କ୍ଷେତ୍ରରେ ଆଗେ କେନ୍ଦ୍ର ପୁରାପୁରି ବ୍ୟୟ ବହନ କରୁଥିବା ବେଳେ ବର୍ତ୍ତମାନ ଠାରୁ କେନ୍ଦ୍ର ଶତକଡା ୯୦ ଓ ରାଜ୍ୟ ବାକୀ ଶତକଡା ୧୦ ବହନ କରିବ ।

## ପ୍ରକଳ୍ପ ଓ କେନ୍ଦ୍ର ପାଇଁ ଜନସଂଖ୍ୟା ମାନଦଣ୍ଡ

ଆଇ.ସି.ଡି.ଏସ୍. ଅଧୀନରେ ଏକ ପ୍ରକଳ୍ପ, ଏକ ଅଙ୍ଗନବାଡି କେନ୍ଦ୍ର ଓ ଏକ ମିନି-ଅଙ୍ଗନବାଡି କେନ୍ଦ୍ର ପ୍ରତିଷ୍ଠା ପାଇଁ ନିମ୍ନମତେ ସଂଶୋଧିତ ଜନସଂଖ୍ୟା ମାନଦଣ୍ଡ ନିର୍ଦ୍ଧାରିତ ହୋଇଛି-

**ପ୍ରକଳ୍ପ-** ରାଜ୍ୟରେ ଥିବା ଗୋଟିଏ ବ୍ଲକ୍‌ର ଗ୍ରାମାଞ୍ଚଳ ଓ ଆଦିବାସୀ ଅଞ୍ଚଳ ପାଇଁ ପ୍ରକଳ୍ପ ମଞ୍ଜୁରି କରାଯାଇପାରିବ, ଉକ୍ତ ବ୍ଲକ୍‌ର ଜନସଂଖ୍ୟା ଯାହା ହୋଇଥାଉନା କାହିଁକି । ଅନ୍ୟପଟରେ ସହରାଞ୍ଚଳ ପାଇଁ ଏକ ଲକ୍ଷ ଜନସଂଖ୍ୟାରେ ଗୋଟିଏ ପ୍ରକଳ୍ପ ମଞ୍ଜୁରି ହୋଇପାରିବ । ଏହାଛଡା ଯେଉଁ ବ୍ଲକ୍‌ରେ ଦୁଇ ଲକ୍ଷରୁ ଅଧିକ ଜନସଂଖ୍ୟା ଥିବ, ସେପରି ବ୍ଲକ୍ ପାଇଁ ଏକ ଲକ୍ଷ ପାଇଁ ଗୋଟିଏ ପ୍ରକଳ୍ପ ହିସାବରେ ଏକାଧିକ ପ୍ରକଳ୍ପ ମଞ୍ଜୁର ହୋଇପାରିବ । ଏଭଳି ପରିସ୍ଥିତିରେ ଜନସଂଖ୍ୟାକୁ ତଥା ବ୍ଲକ୍‌ରେ ଥିବା ଅଙ୍ଗନବାଡି କେନ୍ଦ୍ର ସଂଖ୍ୟାକୁ ଦୃଷ୍ଟିରେ ରଖି କର୍ମଚାରୀ ସଂଖ୍ୟା ତଦନୁଯାୟୀ ବୃଦ୍ଧି କରାଯାଇପାରେ । ପୁଣି ଯେଉଁ ବ୍ଲକ୍‌ର ଜନସଂଖ୍ୟା ଏକ ଲକ୍ଷରୁ କମ୍ ହୋଇଥିବ, ସେପରି ସ୍ଥଳେ ସି.ଡି.ପି.ଓ. କାର୍ଯ୍ୟାଳୟର କର୍ମଚାରୀ ସଂଖ୍ୟା ଗୋଟିଏ ସାଧାରଣ ବ୍ଲକ୍ ତୁଳନାରେ କମ୍ ହୋଇପାରେ ।

**ଅଙ୍ଗନବାଡି କେନ୍ଦ୍ର-** ଗ୍ରାମାଞ୍ଚଳ/ ସହରାଞ୍ଚଳରେ ୪୦୦-୮୦୦ ଜନସଂଖ୍ୟା ପାଇଁ ଗୋଟିଏ, ୮୦୦-୧୬୦୦ ଜନସଂଖ୍ୟା ପାଇଁ ୨ଟି ଓ ୧୬୦୦-୨୪୦୦ ଜନସଂଖ୍ୟା ପାଇଁ ୩ଟି ଅଙ୍ଗନବାଡି କେନ୍ଦ୍ର ମଞ୍ଜୁର ହୋଇପାରେ । ଏହାପରେ ଅତିରିକ୍ତ ପ୍ରତି ୮୦୦ ଜନସଂଖ୍ୟା ପାଇଁ ଅଧିକ ଗୋଟିଏ ଲେଖା ଅଙ୍ଗନବାଡି କେନ୍ଦ୍ର ମଞ୍ଜୁର ହୋଇପାରିବ ।

**ମିନି-ଅଙ୍ଗନବାଡି କେନ୍ଦ୍ର –** ୧୫୦ରୁ ୪୦୦ ଜନସଂଖ୍ୟା ପାଇଁ ଗୋଟିଏ ମିନି-ଅଙ୍ଗନବାଡି କେନ୍ଦ୍ର ।

**ଆଦିବାସୀ/ନଦୀ ପ୍ରଭାବିତ/ ମରୁଭୂମି/ ପାହାଡିଆ ଏବଂ ଅନ୍ୟାନ୍ୟ ସମସ୍ୟାକ୍ଲିଷ୍ଟ ଅଞ୍ଚଳ/ପ୍ରକଳ୍ପ ଗୁଡିକ କ୍ଷେତ୍ରରେ –**

୩୦୦ରୁ ୮୦୦ ଜନସଂଖ୍ୟା ପାଇଁ ଗୋଟିଏ ଅଙ୍ଗନବାଡି କେନ୍ଦ୍ର ଏବଂ ୧୫୦ରୁ ୩୦୦ ଜନସଂଖ୍ୟା ପାଇଁ ଗୋଟିଏ ମିନି-ଅଙ୍ଗନବାଡି କେନ୍ଦ୍ର ।

## ଅନୁପୂରକ ପୁଷ୍ଟିର ପ୍ରକାର ଭେଦ :

**- ବୟସ ୦-୬ ମାସର ପିଲାମାନଙ୍କ ପାଇଁ –** ରାଜ୍ୟ ଓ କେନ୍ଦ୍ରାଞ୍ଚଳ ସରକାରମାନେ ଏହା ସୁନିଶ୍ଚିତ କରିବେ ଯେ ଶିଶୁଟି ଜନ୍ମ ହେବାର ୧ଘଣ୍ଟା ପର ଠାରୁ ୬ମାସ ପର୍ଯ୍ୟନ୍ତ ସ୍ତନପାନ କରିବା ପାଇଁ ପ୍ରଚଳିତ ଥିବା ନିର୍ଦ୍ଦେଶ କାର୍ଯ୍ୟକାରୀ ହେବ ।

**- ବୟସ ୬ ମାସରୁ ୩ବର୍ଷର ପିଲାମାନଙ୍କ ପାଇଁ –**ଏହି ବୟସର ପିଲାମାନଙ୍କ ପାଇଁ ଘରକୁ ରେସନ୍ ନେବା ବ୍ୟବସ୍ଥା ପ୍ରଚଳିତ ରହିବ । କିନ୍ତୁ ବର୍ତ୍ତମାନ ପ୍ରଚଳିତ ଥିବା ବ୍ୟବସ୍ଥାରେ ଦିଆଯାଉଥିବା ଶୁଖିଲା ବା କଞ୍ଚା ରେସନ୍ (ଗହମ ଓ ଚାଉଳ)କୁ ପିଲା ସହିତ ପରିବାରର ଅନ୍ୟ ଲୋକମାନେ ମଧ୍ୟ ଖାଇ ଦେଉଛନ୍ତି । ତେଣୁ ଏବେ ଠାରୁ ଏଭଳି ଖାଦ୍ୟ ଦିଆଯିବ, ଯାହାକି କେବଳ ପିଲାକୁ ଭଲ ଲାଗିବ, ଅଥଚ ପରିବାରର ଲୋକେ ଖାଇବେ ନାହିଁ ।

**- ବୟସ ୩ବର୍ଷରୁ ୬ବର୍ଷର ପିଲାମାନଙ୍କ ପାଇଁ -** ଏହି ବୟସର ପିଲାମାନଙ୍କ ପାଇଁ ଅଙ୍ଗନବାଡି କେନ୍ଦ୍ର ବା ମିନି-ଅଙ୍ଗନବାଡି କେନ୍ଦ୍ରରେ ରୋଷେଇ କରାଯାଇ ଖାଦ୍ୟ ପରିବେଷଣ କରାଯିବ । ଯେହେତୁ ଗୋଟିଏ ପିଲା ଏକାବେଳେ ୫୦୦ କ୍ୟାଲୋରି ଯୁକ୍ତ ଖାଦ୍ୟ ଖାଇପାରିବ ନାହିଁ, ତେଣୁ ତାକୁ ଦିନ ଭିତରେ ତା ପାଇଁ ଉଦ୍ଦିଷ୍ଟ ଖାଦ୍ୟ ଏକାଧିକ ଥର ପରିବେଷଣ କରିଦିଆଯିବ ବୋଲି ରାଜ୍ୟ ଓ କେନ୍ଦ୍ରାଞ୍ଚଳ ସରକାରମାନଙ୍କୁ ଜଣାଇ ଦିଆଯାଇଛି । ସେମାନଙ୍କୁ ପୁଣି କୁହାଯାଇଛି ଯେ, ସକାଳ ବେଳା ଜଳଯୋଗରେ କ୍ଷୀର/ କଦଳୀ/ ଅଣ୍ଡା/ ଋତୁକାଳୀନ 'ଳ/ ଭିଟାମିନ୍ ଯୁକ୍ତ ଖାଦ୍ୟ ଦିଆଯାଇପାରେ ।

## ଅନୁପୂରକ ପୁଷ୍ଟି ସେବା ପାଇଁ ମାନଦଣ୍ଡ

• **ଅର୍ଥବ୍ୟୟ ମାନଦଣ୍ଡ-** ଭାରତ ସରକାରଙ୍କ ମହିଳା ଓ ବାଳୁତ ବିକାଶ ମନ୍ତ୍ରଣାଳୟ ସର୍କୁଲାର୍ ତାରିଖ ୭.୧୧.୨୦୦୮ ଜାରି କରି

ବିଭିନ୍ନ ଗୋଷ୍ଠୀର ହିତାଧିକାରୀଙ୍କ ପାଇଁ ଅନୁପୂରକ ପୁଷ୍ଟିର ମୂଲ୍ୟ ହାରକୁ ନିମ୍ନମତେ ସଂଶୋଧନ କରିସାରିଛନ୍ତି –

| କ୍ର.ସଂ. | ହିତାଧିକାରୀ ଗୋଷ୍ଠୀ | ପ୍ରାକ୍-ସଂଶୋଧନ ବ୍ୟୟ ହାର | ଦୈନିକ ପ୍ରତି ହିତାଧିକାରୀ ପିଛା ସଂଶୋଧିତ ବ୍ୟୟହାର |
|---|---|---|---|
| ୧. | ଶିଶୁଗଣ (୬ରୁ ୭୨ମାସ) | ଟ୨/- | ଟ୪/- |
| ୨. | ଅତିଶୟ ଅପୁଷ୍ଟି ଆକ୍ରାନ୍ତ ଶିଶୁଗଣ (୬ରୁ ୭୨ମାସ) | ଟ୨.୭୦ | ଟ୬/- |
| ୩. | ଗର୍ଭବତୀ ମହିଳା ଓ ପ୍ରସବିଣୀ ଜନନୀ | ଟ୨.୩୦ | ଟ୫/- |

ପୁଷ୍ଟିଗତ ମାନଦଣ୍ଡ (ସଂଶୋଧିତ) – (ଦ୍ରଷ୍ଟବ୍ୟ ଭାରତ ସରକାରଙ୍କ ମହିଳା ଓ ବାଳୁତ ବିକାଶ ମନ୍ତ୍ରଣାଳୟ ଚିଠି ତାରିଖ ୨୪.୨.୨୦୦୯ )

| କ୍ର.ସଂ. | ହିତାଧିକାରୀ ଗୋଷ୍ଠୀ | ସଂଶୋଧନ ପୂର୍ବରୁ | | ସଂଶୋଧନ ପରେ (ଦୈନିକ ପ୍ରତି ହିତାଧିକାରୀ ପିଛା) | |
|---|---|---|---|---|---|
| | | କ୍ୟାଲୋରି (କେ କାଲ୍) | ପ୍ରୋଟିନ୍ (ଜି) | କ୍ୟାଲୋରି (କେ କାଲ୍) | ପ୍ରୋଟିନ୍ (ଜି) |
| ୧. | ଶିଶୁଗଣ (୬ରୁ ୭୨ମାସ) | ୩୦୦ | ୮-୧୦ | ୫୦୦ | ୧୨-୧୫ |
| ୨. | ଅତିଶୟ ଅପୁଷ୍ଟି ଆକ୍ରାନ୍ତ ଶିଶୁଗଣ (୬ରୁ ୭୨ମାସ) | ୬୦୦ | ୨୦ | ୮୦୦ | ୧୨-୧୫ |
| ୩. | ଗର୍ଭବତୀ ମହିଳା ଓ ପ୍ରସବିଣୀ ଜନନୀଗଣ | ୫୦୦ | ୧୫-୨୦ | ୬୦୦ | ୧୮-୨୦ |

ଅଙ୍ଗନବାଡି କେନ୍ଦ୍ରକୁ ନିମ୍ନୋକ୍ତ ସରଞ୍ଜାମ ଓ ଉପକରଣ ମିଳିଥାଏ-

୧- ମେଡିସିନ୍ କିଟ୍ (ସମସ୍ତ କେନ୍ଦ୍ର ପାଇଁ)

୨- ଓଜନ ମାପକ- (ସମସ୍ତ କେନ୍ଦ୍ର ପାଇଁ)

୩- ବୃଦ୍ଧି ତଦାରଖ ରେଜିଷ୍ଟର (ସମସ୍ତ କେନ୍ଦ୍ର ପାଇଁ)

୪- ସମୁଦାୟ ଜନଗୋଷ୍ଠୀ ପାଇଁ ବୃଦ୍ଧି ରେଜିଷ୍ଟର (ସମସ୍ତ କେନ୍ଦ୍ର ପାଇଁ)

୫- ପ୍ରାକ୍ ବିଦ୍ୟାଳୟ କିଟ୍ (ସମସ୍ତ କେନ୍ଦ୍ର ପାଇଁ)

୬- ସୂଚନା, ଶିକ୍ଷା ଓ ପ୍ରସାରଣ ସାମଗ୍ରୀ, ଯଥା ମୀନା ବହି, ପୋଷ୍ଟର୍, କାର୍ଯ୍ୟ 'ର୍ଡ ଇତ୍ୟାଦି (ସମସ୍ତ କେନ୍ଦ୍ର ପାଇଁ)

ଏହି ଯୋଜନା ଅଧୀନରେ ୩ ପ୍ରକାର ଖାଦ୍ୟ ପରିବେଷଣ କରାଯାଉଛି, ଯଥା ସ୍ଥାନୀୟ ଖାଦ୍ୟ (ଭାତ ଓ ଡାଲି), ମିଶ୍ରୀତ ଭାରତୀୟ ଓ ମିଶ୍ରୀତ ଓଡିଶା । ଦ୍ୱିତୀୟ ଧରଣର ଖାଦ୍ୟ କୋରାପୁଟ, ମାଲକାନ୍‌ଗିରି ଓ ନବରଙ୍ଗପୁରରେ ଓ ତୃତୀୟ ଧରଣର ଖାଦ୍ୟ ବଲାଙ୍ଗୀର, ସୋନପୁର, କଳାହାଣ୍ଡି, ରାୟଗଡା ଓ ନୂଆପଡାରେ ଦିଆଯାଉଥିବା ବେଳେ ବାକୀ ସମସ୍ତ ଜିଲ୍ଲାରେ ପ୍ରଥମ ଧରଣର ଖାଦ୍ୟ ଦିଆଯାଉଛି ।

୩ରୁ ୬ବର୍ଷର ଶିଶୁମାନଙ୍କୁ ଅଙ୍ଗନବାଡି କେନ୍ଦ୍ରରେ ପ୍ରାକ୍-ବିଦ୍ୟାଳୟ ଶିକ୍ଷା ଦିଆଯାଉଛି । ଏପ୍ରକାର ଶିକ୍ଷା ପ୍ରଦାନରେ ସହାୟକ ହେବା ପାଇଁ 'ଅରୁଣିମା' ଶୀର୍ଷକ ଏକ ମାର୍ଗଦର୍ଶୀକା ପ୍ରକାଶ ପାଇ ପ୍ରସାରିତ କରାଯାଇଛି । ୦-୩ ବର୍ଷର ପିଲାମାନଙ୍କ ଶରୀରର ଓଜନ ନିୟମିତ ମପାଯାଇଥାଏ । ଲକ୍ଷ୍ୟ କରାଯାଇଛି । ପ୍ରତି ମାସ ୧୫ ତାରିଖକୁ

ରେଫରାଲ୍ ଦିବସ ବା ପୁଷ୍ଟିକର ଦିବସ ଭାବେ ପାଳନ କରାଯାଇଥାଏ । ଅପୁଷ୍ଟିର ଶୀକାର ହୋଇଥିବା ପିଲାମାନଙ୍କୁ ଏହିଦିନ ପ୍ରାଥମିକ ବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ବିଭିନ୍ନ ପ୍ରକାର ପରୀକ୍ଷା ପାଇଁ ପଠାଯାଇଥାଏ, ଏବଂ ସଂପୃକ୍ତ ଜନନୀମାନଙ୍କୁ ଏଥିପାଇଁ ଯାତାୟତ ଖର୍ଚ୍ଚ ମଧ୍ୟ ଦିଆଯାଇଥାଏ, ଯାହାକୁ ଶିଶୁ ମୃତ୍ୟୁ ହାର ମିଶନ୍ ପାଣ୍ଠିରୁ ବହନ କରାଯାଇଥାଏ । ୧୦କି.ମି. ଠାରୁ କମ୍ ଦୂରତା ପାଇଁ ୧୨୦ଟଙ୍କା ଓ ବେଶି ଦୂରତା ପାଇଁ ୧୫୦ଟଙ୍କା ଦିଆଯାଇଥାଏ । ୦-୩ ବର୍ଷର ଶିଶୁମାନଙ୍କର ପୁଷ୍ଟି ଓ ଯତ୍ନ ଉପରେ ଅଙ୍ଗନବାଡି କେନ୍ଦ୍ରରେ ପିତା ଓ ମାତା ମାନଙ୍କ ପାଇଁ ବୈଠକ କରଯାଇ ପ୍ରତି ମାସରେ ୧୨ଦିନ ପରାମର୍ଶ ଦିଆଯାଇଥାଏ । ସମସ୍ତ ବ୍ଲକ୍‌ରେ ଏହା କାର୍ଯ୍ୟକାରୀ ହେବାର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ଆଉ ଏକ କାର୍ଯ୍ୟକ୍ରମ ହେଉଛି ସ୍ୱାସ୍ଥ୍ୟ ପରୀକ୍ଷା, ଯାହାକି ୫ ପ୍ରକାର କ୍ଷେତ୍ରରେ କରାଯାଇଥାଏ, ଯଥା- ଗର୍ଭବତୀ ମହିଳା, ପ୍ରସବିଣୀ ଜନନୀ, ନବଜାତ ଶିଶୁ, ୬ବର୍ଷରୁ କମ୍ ଶିଶୁ ତଥା ଓ ଗ୍ରେଡ୍-୩ରୁ ଗ୍ରେଡ୍-୬ ପର୍ଯ୍ୟନ୍ତ ଶିଶୁ । ପୁଷ୍ଟି ଓ ସ୍ୱାସ୍ଥ୍ୟ ସଚେତନତା ପାଇଁ ମହିଳା ମଣ୍ଡଳ ଓ ମହିଳା ସମିତି ଜରିଆରେ ନିରାପଦ ମାତୃତ୍ୱ, ଶିଶୁ ଯତ୍ନ, ନିରାପଦ ପାନୀୟ ଜଳ, ବ୍ୟକ୍ତିଗତ ପରିଚ୍ଛନ୍ନତା ତଥା ପ୍ରାକ୍-ପ୍ରସବ ଓ ପ୍ରସବ-ପରବର୍ତ୍ତୀ ଯତ୍ନ ଉପରେ ସୂଚନା ଦିଆଯାଇଥାଏ । ଶିଶୁମାନଙ୍କୁ ଜନ୍ମର ୧ମ ବର୍ଷ ଭିତରେ ବି.ସି.ଜି., ପୋଲିଓ, ଡି.ପି.ଟି. ଓ ମିଳିମିଳା ପ୍ରତିଷେଧକ ଟୀକା ଦିଆଯାଉଥିବା ବେଳେ ଗର୍ଭବତୀ ମହିଳାମାନଙ୍କୁ ଟିଟାନସ୍ ଇଞ୍ଜେକ୍ସନ୍ ଦିଆଯାଉଛି । ଏକ୍ଷେତ୍ରରେ ଶତକଡା ୧୦୦ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ଏବଂ ପ୍ରତି ସପ୍ତାହର ବୁଧବାର ଦିନ ଏହି ଟୀକାମାନ ଦିଆଯାଇଥାଏ । ଶିଶୁ ଓ ମାତୃ ମୃତ୍ୟୁ ହାର ବିଷୟରେ ସୂଚନା ସଂଗ୍ରହ ପାଇଁ ଏକ ମିଳିତ ସର୍ବେକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏ.ଏନ୍.ଏମ୍ ଓ ଅଙ୍ଗନବାଡି କର୍ମୀ ଗୋଟିଏ ଶିଶୁ ଜନ୍ମ ହେବାର ବର୍ଷକ ଭିତରେ ଏବଂ ଗୋଟିଏ ଗର୍ଭବତୀ ବା ସ୍ତନଦାୟୀ ମହିଳା ପ୍ରସବ କରିବାର ୪୨ଦିନ ପୂର୍ବରୁ ବା ୪୨ଦିନ ପରେ ମୃତ୍ୟୁ ବରଣ କଲେ ସେହି କେଶ୍‌କୁ ଲିପିବଦ୍ଧ କରି ସଂପୃକ୍ତ ମେଡିକାଲ୍ ଅଫିସର୍ ଏବଂ ସି.ଡି.ପି.ଓ,ଙ୍କୁ ସୂଚନା ଦେବେ । ଏଥିପାଇଁ ସେ ଦୁଇଜଣଙ୍କ ଭିତରୁ ପ୍ରତ୍ୟେକଙ୍କୁ ୧୦୦ଟଙ୍କାର ଯାତାୟତ ସହାୟତା ଦିଆଯିବ ।

## (୩) ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା

ଭାରତରେ ସ୍କୁଲ୍ ପିଲାମାନଙ୍କ ପାଇଁ ମଧ୍ୟାହ୍ନ ଭୋଜନର ଏକ ଲମ୍ବା ଇତିହାସ ରହିଛି । ୧୯୨୫ରେ ମାଡ୍ରାସ ପୌରପାଳିକା ତରଫରୁ ଦୁରବସ୍ଥା-ଗ୍ରସ୍ତ ପିଲାମାନଙ୍କ ପାଇଁ ଏହା ଚାଲୁ ହୋଇଥିଲା । ୧୯୮୦ ଦଶନ୍ଧି ଶେଷ ସୁଦ୍ଧା ୩ଟି ରାଜ୍ୟ (ଗୁଜୁରାଟ୍, କେରଳ ଓ ତାମିଲନାଡୁ) ଏବଂ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳ ପଣ୍ଡିଚେରି ନିଜ ସମ୍ବଳରେ ପ୍ରାଥମିକ ବିଦ୍ୟାଳୟର ସବୁ ପିଲାମାନଙ୍କ ପାଇଁ ରନ୍ଧା ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା ଚାଲୁ କରିସାରିଥିଲେ । ମଧ୍ୟ ପ୍ରଦେଶ ଓ ଓଡିଶା ଭଳି ରାଜ୍ୟର କେତେକ ଆଦିବାସୀ ଇଲାକାରେ ମଧ୍ୟାହ୍ନ ଭୋଜନ ମଧ୍ୟ ବିଭିନ୍ନ ସମୟରେ ଚାଲୁ ରହିଥିଲା । ୧୯୯୦-୯୧ ବେଳକୁ ୧୨ଟି ରାଜ୍ୟ ସବୁ ପ୍ରାଥମିକ ସ୍କୁଲ୍ ବା ବ୍ୟାପକସଂଖ୍ୟକ ସ୍କୁଲ୍‌ର ପିଲାମାନଙ୍କ ପାଇଁ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ଚାଲୁ କରିସାରିଥିଲେ, ଯଥା ଗୋଆ, ଗୁଜୁରାଟ୍, କେରଳ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ମେଘାଳୟ, ମିଜୋରାମ୍, ନାଗାଲାଣ୍ଡ, ସିକିମ୍, ତାମିଲନାଡୁ, ତ୍ରିପୁରା ଓ ଉତ୍ତରପ୍ରଦେଶ । ଅନ୍ୟ ୩ଟି ରାଜ୍ୟ, ଯଥା ପଶ୍ଚିମବଙ୍ଗଳା, ଓଡିଶା ଓ କର୍ଣ୍ଣାଟକରେ ଏହି କାର୍ଯ୍ୟକ୍ରମ ଆଂଶିକ ଆନ୍ତର୍ଜାତିକ ପାଣ୍ଠି ସହାୟତାରେ ଚାଲୁଥିଲା । ଆଉ ଦୁଇଟି ରାଜ୍ୟ ଆନ୍ଧ୍ରପ୍ରଦେଶ ଓ ରାଜସ୍ଥାନ ସଂପୂର୍ଣ୍ଣ ଆନ୍ତର୍ଜାତିକ ସହାୟତାରେ ଏହି କାର୍ଯ୍ୟକ୍ରମ ଚଳାଉଥିଲେ ।

ସ୍କୁଲ୍‌ରେ ପିଲାମାନଙ୍କ ପ୍ରବେଶ, ଉପସ୍ଥିତି ଏବଂ ଯୋଗଦାନକୁ ପ୍ରୋତ୍ସାହନ ତଥା ପିଲାମାନଙ୍କର ପୁଷ୍ଟି-ବୃଦ୍ଧିକୁ ଆଂଶିକ ସହାୟତା ଦେବା ଉଦ୍ଦେଶ୍ୟରେ ୧୫ ଅଗଷ୍ଟ ୧୯୯୫ଠାରୁ ଏକ କେନ୍ଦ୍ରୀୟ ସହାୟତା କାର୍ଯ୍ୟକ୍ରମର ଅୟମାରମ୍ଭ ହେଲା, ଯାହାକି ହେଉଛି ପ୍ରାଥମିକ ଶିକ୍ଷାକୁ ପୁଷ୍ଟି ସହାୟତା ପାଇଁ ଜାତୀୟ କାର୍ଯ୍ୟକ୍ରମ (ଘଚ-ଘଝଚର) । ପ୍ରଥମେ ଏହା ଦେଶର ୨୪୦୮ଟି ବ୍ଲକ୍‌ରେ ଚାଲୁ ହେଲା । ୨୦୦୨ରେ ଏହି କାର୍ଯ୍ୟକ୍ରମର ସଂପ୍ରସାରଣ କରାଯାଇ କେବଳ ସରକାରୀ ଓ ସରକାରୀ ସାହାଯ୍ୟପ୍ରାପ୍ତ ଘରୋଇ ସ୍କୁଲ୍‌ଗୁଡିକର ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କ ସହିତ ଶିକ୍ଷା ଗ୍ୟାରେଣ୍ଟି ସ୍କିମ୍ (ଉଏଝ) ଏବଂ ବିକଳ୍ପ ଓ ଅଭିନବ ଶିକ୍ଷା (ଇଓର) ସ୍କିମ୍ ଅଧୀନରେ ପଢୁଥିବା ସମସ୍ତ ପିଲାମାନଙ୍କ ପାଇଁ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ଲାଗୁ କରାଗଲା ଏହି ସ୍କିମ୍ ଅଧୀନରେ ନିମ୍ନୋକ୍ତ ଉପାଦାନ ପାଇଁ କେନ୍ଦ୍ରୀୟ ସହାୟତା ମିଳିବ-

- ପ୍ରତି ସ୍କୁଲ୍‌ର ପ୍ରତି ପିଲା ପାଇଁ ପ୍ରତିଦିନ ୧୦୦ଗ୍ରାମ ଚାଉଳ ; ଏବଂ
- ଖାଦ୍ୟଶସ୍ୟ ପରିବହନ ବାବଦକୁ ପରିବହନ ସହାୟତା- କୁଇଣ୍ଟାଲ୍ ପିଛା ୫୦ଟଙ୍କା

ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ପାଇଁ ଖାଦ୍ୟଶସ୍ୟ ଛଡା ନିମ୍ନମତେ ଆଉ ଦୁଇଟି ମୌଳିକ ଆବଶ୍ୟକତା ରହିଛି-

- 'ରନ୍ଧନ ବ୍ୟୟ'- ଏହା ଭିତରେ ଅନ୍ତର୍ଭୁକ୍ତ ହେବ ରନ୍ଧନସାମଗ୍ରୀ, ଯଥା ଡାଲି, ପରିବା, ରନ୍ଧନ ତେଲ ଏବଂ ମସଲା ତଥା ଜାଳ ବାବଦ ଖର୍ଚ୍ଚ ଏବଂ ପାଚିକା ଅଥବା ସ୍ଥଳବିଶେଷରେ ଏହି ଦାୟିତ୍ୱ

ବହନ କରୁଥିବା ସଂସ୍ଥା, ଯଥା ଏସ୍.ଏଚ୍.ଜି., ଭି.ଇ.ସି. ବା ଏସ୍.ଏମ୍.ସି.କୁ ପାରିଶ୍ରମିକ ।

- 'ଆବଶ୍ୟକୀୟ ସଂରଚନା ବାବଦ ବ୍ୟୟ'- ଏହା ଭିତରେ ଅନ୍ତର୍ଭୁକ୍ତ ହେବ ରନ୍ଧନଶାଳ ଓ ଭଣ୍ଡାରଗୃହ, ରାନ୍ଧିବା, ପିଇବା ଓ ଧୂଆଧୋଇ ପାଇଁ ପାଣି ତଥା ପାଚନ ଉପକରଣ ଯଥା ଷ୍ଟୋଭ୍ ଓ ଚୁଲ୍ଲୀ, ଜିନିଷ ସାଇତି ରଖିବା ପାଇଁ ଜାଗା ତଥା ରାନ୍ଧିବା ଓ ପରଷିବା ପାଇଁ ବାସନକୁସନ ବାବଦକୁ ବ୍ୟୟ ।

ଉପରୋକ୍ତ ଜାତୀୟ କାର୍ଯ୍ୟକ୍ରମ (୧୯୯୫)ର ବ୍ୟବସ୍ଥା ଅନୁଯାୟୀ ରନ୍ଧନ ବ୍ୟୟ ରାଜ୍ୟ ଓ କେନ୍ଦ୍ରାଞ୍ଚଳ ସରକାରମାନେ ବହନ କରିବା କଥା । କିନ୍ତୁ ଲକ୍ଷ୍ୟ କରାଗଲା, ବହୁ ରାଜ୍ୟ ଓ କେନ୍ଦ୍ରାଞ୍ଚଳ ସରକାରମାନେ ସ୍କୁଲରେ ରନ୍ଧା ଖାଦ୍ୟ ପରଷିବା ପରିବର୍ତ୍ତେ ସିଧାସଳଖ ଖାଦ୍ୟଶସ୍ୟ ବାଣ୍ଟିବା ବ୍ୟବସ୍ଥା ଚାଲୁକଲେ । ଏହି ଅସୁବିଧାର ସମାଧାନ କରିବାକୁ ଯାଇ ଯୋଜନା କମିଶନ୍ ୨୦୦୩ ଡିସେମ୍ବରରେ ରାଜ୍ୟମାନଙ୍କୁ ପରାମର୍ଶ ଦେଲେ ଯେ, ସେମାନେ ପ୍ରଧାନମନ୍ତ୍ରୀ ଗ୍ରାମୋଦୟ ଯୋଜନା ଅଧୀନରେ ମିଳିବାକୁ ଥିବା ଅତିରିକ୍ତ ସହାୟତାର ଶତକଡା ୧୫ ଭାଗ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥାର ରନ୍ଧନ ବ୍ୟୟ ପାଇଁ ଖର୍ଚ୍ଚ କରିପାରନ୍ତି । ଏହା ସତ୍ତ୍ୱେ ରାଜ୍ୟ ଓ କେନ୍ଦ୍ରାଞ୍ଚଳ ସ୍ତରରେ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମର ପରିଚାଳନାଗତ ସମସ୍ୟା ସମାଧାନ ହୋଇପାରିନାହିଁ ।

୧୯୯୫ କାର୍ଯ୍ୟକ୍ରମ ଅନୁଯାୟୀ ପଞ୍ଚାୟତ ଓ ପୌରସଂସ୍ଥାମାନେ ନିକଟସ୍ଥ ଭାରତୀୟ ଖାଦ୍ୟ ନିଗମ ଗୋଦାମରୁ ପ୍ରତି ପିଲା ପିଛା ୧୦୦ଗ୍ରାମର ଖାଦ୍ୟଶସ୍ୟ (ଚାଉଳ/ଗହମ) ମାଗଣାରେ ଉଠାଇବେ । ଏକାଥରେ ୩ମାସ ପାଇଁ ଉଠାଣ କରାଯିବ ଏବଂ ଗୋଟିଏ ଉଠାଣର ବଳକା ଖାଦ୍ୟଶସ୍ୟକୁ ପରବର୍ତ୍ତୀ ୩ମାସ ସହିତ ଯୋଡିବାର କୌଣସି ଆବଶ୍ୟକତା ନାହିଁ । ପ୍ରତି ତିନିମାସରେ ଥରେ ଜିଲ୍ଲାପାଳ ତାଙ୍କ ଜିଲ୍ଲାରେ ଆବଶ୍ୟକ ହେଉଥିବା ଖାଦ୍ୟଶସ୍ୟ ପାଇଁ ଆକଳନ ପଠାଇବେ ଏବଂ କେଉଁ କର୍ତ୍ତୃପକ୍ଷମାନେ କେଉଁ ସ୍କୁଲ୍ ପାଇଁ ଉଠାଣ କରିବେ ତାହା ମଧ୍ୟ ସୂଚୀତ କରିଥିବେ । ଜିଲ୍ଲା ସ୍ତରରେ ଏଫ୍.ସି.ଆଇ. ଗୋଦାମରୁ ଖାଦ୍ୟଶସ୍ୟର ଉଠାଣ ଓ ସ୍କୁଲ୍ ଗୁଡ଼ିକୁ ବଣ୍ଟନ ପାଇଁ ଜିଲ୍ଲାପାଳ ଉତ୍ତରଦାୟୀ ରହିବେ । ସଂପୃକ୍ତ ଗ୍ରାମ ପଞ୍ଚାୟତ ଓ ପୌରସଂସ୍ଥା ସ୍କୁଲ୍ ସ୍ତରରେ କାର୍ଯ୍ୟକ୍ରମର ପରିଚାଳନା ପାଇଁ ଉତ୍ତରଦାୟୀ ରହିବେ । କାର୍ଯ୍ୟଜିଲ୍ଲା ସ୍ତରରେ କାର୍ଯ୍ୟକ୍ରମକୁ ତଦାରଖ ପାଇଁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ କମିଟି କାର୍ଯ୍ୟ କରିବ, ଯେଉଁ କମିଟିରେ ସାଂସଦ, ବିଧାୟକ, ଜିଲ୍ଲା ପରିଷଦ ଓ ପଞ୍ଚାୟତ ସମିତି ଅଧ୍ୟକ୍ଷ, ପୌରପାଳିକାର ଅଧ୍ୟକ୍ଷ ତଥା ସଂପୃକ୍ତ ବିଭାଗ ଗୁଡ଼ିକର ପଦାଧିକ ୭ ସଭ୍ୟ ରହିବେ । ଏପ୍ରକାର ଏକ କମିଟି ବ୍ଲକ୍ ସ୍ତରରେ ମଧ୍ୟ କାର୍ଯ୍ୟ କରିବ ।

କିନ୍ତୁ ୧୯୯୫ର ସ୍କିମ୍‌କୁ ସେପ୍ଟେମ୍ବର ୨୦୦୪ରେ ସଂଶୋଧନ କରାଗଲା, ଯାହାର ଉଦ୍ଦେଶ୍ୟ ଥିଲା ମଧ୍ୟାହ୍ନ ଭୋଜନରେ ପ୍ରତି ପିଲାକୁ ୩୦୦ କ୍ୟାଲୋରି ଓ ୮-୧୨ ଗ୍ରାମ୍ ପ୍ରୋଟିନ୍ ଖାଦ୍ୟ ଯୋଗାଇଦେବା । ନୂତନ ବ୍ୟବସ୍ଥା ଅନୁଯାୟୀ କେନ୍ଦ୍ରୀୟ ସହାୟତା ଭିତରେ ଅନ୍ତର୍ଭୁକ୍ତ ହେବ ଖାଦ୍ୟଶସ୍ୟ ସହିତ ପ୍ରତି ସ୍କୁଲକୁ ପ୍ରତି ପିଲା ପିଛା ପ୍ରତିଦିନ ପାଇଁ ରନ୍ଧନ ଖର୍ଚ୍ଚ ୧ଟଙ୍କା ଦିଆଯିବ ଏବଂ ପରିବହନ ଖର୍ଚ୍ଚ କୁଇଣ୍ଟାଲ୍ ପିଛା ୫୦ଟଙ୍କାରୁ ସ୍ୱତନ୍ତ୍ର ଶ୍ରେଣୀର ରାଜ୍ୟଗୁଡ଼ିକ ପାଇଁ ୧୦୦ଟଙ୍କାକୁ ବୃଦ୍ଧି ଓ ଅନ୍ୟ ରାଜ୍ୟଗୁଡ଼ିକ ପାଇଁ ୭୫ଟଙ୍କାକୁ ବୃଦ୍ଧି । ଏହାଛଡା ପରିଚାଳନା, ତଦାରଖ ଓ ସମୀକ୍ଷା ପାଇଁ ମୋଟ ବ୍ୟୟର ଶତକଡା ୨ ଏବଂ ମରୁଡି-ଉପଦ୍ରୁତ ଅଞ୍ଚଳରେ ଗ୍ରୀଷ୍ମ ଛୁଟିରେ ମଧ୍ୟାହ୍ନ ଭୋଜନର ଖର୍ଚ୍ଚ କେନ୍ଦ୍ରୀୟ ସହାୟତା ଭିତରେ ଅନ୍ତର୍ଭୁକ୍ତ ରହିବ ।

ଅନ୍ୟାନ୍ୟ ଉନ୍ନୟନ ମୂଳକ କାର୍ଯ୍ୟକ୍ରମଗୁଡ଼ିକ ସହିତ ସମନ୍ୱୟ ରକ୍ଷା କରାଯାଇ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ପାଇଁ ଆବଶ୍ୟକ ସଂରଚନାଗତ ସୁବିଧାଗୁଡ଼ିକ ଯୋଗାଇ ଦିଆ ଯାଉଛି; ସେହି କାର୍ଯ୍ୟକମ ଗୁଡ଼ିକ ହେଲା, ସଂପୂର୍ଣ୍ଣ ଗ୍ରାମୀଣ ରୋଜଗାର ଯୋଜନା, ସହରାଞ୍ଚଳ ଗରିବଙ୍କ ପାଇଁ ମୌଳିକ ସେବାସମୂହ, ଓ ସହରାଞ୍ଚଳ ମଜୁରି ନିଯୁକ୍ତି କାର୍ଯ୍ୟକ୍ରମ । ଏହିସବୁ କାର୍ଯ୍ୟକ୍ରମ ମାଧ୍ୟମରେ ରୋଷେଇ ଓ ଭଣ୍ଡାର ଗୃହ ନିର୍ମାଣ କରାଯାଉଛି । ଜଳର ଆବଶ୍ୟକତାକୁ ତ୍ୱରାନ୍ୱିତ ଗ୍ରାମାଞ୍ଚଳ ଜଳ ଯୋଗାଣ କାର୍ଯ୍ୟକ୍ରମ ଏବଂ ସ୍ୱଜଳଧାରା କାର୍ଯ୍ୟକ୍ରମ ଜରିଆରେ ମେଣ୍ଟନ କରାଯାଉଛି । ସର୍ବଶିକ୍ଷା ଅଭିଯାନ ସହିତ ମଧ୍ୟ ସମନ୍ୱୟ ସ୍ଥାପନ କରାଯାଇଛି ।

ସଂଶୋଧିତ ସ୍କିମ୍ ଅନୁଯାୟୀ ଜାତୀୟ, ରାଜ୍ୟ, ଜିଲ୍ଲା ଓ ବ୍ଲକ୍ ସ୍ତରରେ ପରିଚାଳନା-ଏବଂ-ତଦାରଖ କମିଟି ଗଠନ ମାଧ୍ୟମରେ ଏକ ଚାରି-ସ୍ତରୀୟ ପରିଚାଳନା ବ୍ୟବସ୍ଥା ସ୍ଥାନିତ କରାଗଲା ।

## (୪) କିଶୋରୀ କନ୍ୟାଙ୍କ ପାଇଁ ପୁଷ୍ଟିବିଧାନ କାର୍ଯ୍ୟକ୍ରମ

କିଶୋରୀ କନ୍ୟା ଓ ଗର୍ଭବତୀ ତଥା ସ୍ତନବତୀ ଜନନୀ ମାନଙ୍କର ଅପୁଷ୍ଟି-ଜନିତ ସମସ୍ୟାର ମୁକାବିଲା ପାଇଁ ଯୋଜନା କମିଶନ୍ ପ୍ରଥମେ ୨୦୦୨-୨୦୦୩ ଓ ୨୦୦୩-୦୪ ପାଇଁ କିଶୋରୀ କନ୍ୟାଙ୍କ ପାଇଁ ପୁଷ୍ଟିବିଧାନ କାର୍ଯ୍ୟକ୍ରମ ଘୋଷଣା କଲେ । ଏହା ପ୍ରଥମେ ଦେଶର ୫୧ଟି

ଜିଲ୍ଲାରେ ପରୀକ୍ଷାମୂଳକ ଭାବେ କାର୍ଯ୍ୟକାରୀ କରାଗଲା । ଏହି ସ୍କିମ୍ ଅଧୀନରେ ଉପରୋକ୍ତ ଶ୍ରେଣୀର ମହିଳାମାନଙ୍କ ଭିତରୁ ପ୍ରତ୍ୟେକ ହିତାଧିକାରୀଙ୍କୁ ମାସିକ ୬କେଜି ଖାଦ୍ୟଶସ୍ୟ ଯୋଗାଇ ଦିଆଗଲା । ହିତାଧିକାରୀ ଚୟନ ପାଇଁ ଶରୀରର ଓଜନକୁ ମାନଦଣ୍ଡ ଭାବେ ନିଆଗଲା । ୨୦୦୩-୦୪ରେ ମଧ୍ୟ ଏହି ପାଇଲଟ୍ ପ୍ରକଳ୍ପ ଚାଲୁ ରହିଲା । କିନ୍ତୁ ୨୦୦୪-୦୫ରେ ଏହି କାର୍ଯ୍ୟକ୍ରମ ଆଉ ଚାଲିନଥିଲା । କିନ୍ତୁ ପୁଣି ୨୦୦୫-୦୬ରେ ସେହିସବୁ ଜିଲ୍ଲାରେ ଆଇ.ସି.ଡି.ଏସ୍. ଅଧୀନରେ ଅନ୍ତର୍ଭୁକ୍ତ ହୋଇନଥିବା ହିତାଧିକାରୀ ମାନଙ୍କ ପାଇଁ ଉକ୍ତ ପରୀକ୍ଷାମୂଳକ କାର୍ଯ୍ୟକ୍ରମ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଜରିଆରେ କାର୍ଯ୍ୟକାରୀ ହେଲା ।

ଏହି କାର୍ଯ୍ୟକମ ଅଧୀନରେ ରାଜ୍ୟ ଓ କେନ୍ଦ୍ରାଞ୍ଚଳ ସରକାରମାନଙ୍କୁ କେନ୍ଦ୍ର ସରକାର ଶତକଡା ଶହେ ପରିମାଣର ଖାଦ୍ୟଶସ୍ୟ ସାଧାରଣ ବଣ୍ଟନ ବ୍ୟବସ୍ଥା ଜରିଆରେ ଯୋଗାଇ ଆସୁଛନ୍ତି ଏବଂ ଚିହ୍ନଟ ହୋଇଥିବା ପ୍ରତି ପରିବାରକୁ ତାହା ମାଗଣାରେ ବଣ୍ଟନ କରାଯାଉଛି । ୧୧ରୁ ୧୯ବର୍ଷର ଜଣେ କିଶୋରୀ ଯଦି ୩୫କେଜି ଓଜନରୁ କମ୍ ହୋଇଥିବେ ତେବେ ସେ ଜଣେ ହିତାଧିକାରୀ ହୋଇପାରିବେ । ଆବଣ୍ଟିତ ଖାଦ୍ୟଶସ୍ୟ ଭିତରେ ଗହମ, ଚାଉଳ ଓ ମକ୍କା ଅନ୍ତର୍ଭୁକ୍ତ ଅଛି ଓ ଗୋଟିଏ ଅଞ୍ଚଳରେ ବ୍ୟବହୃତ ହେଉଥିବା ଖାଦ୍ୟଶସ୍ୟକୁ ଦୃଷ୍ଟିରେ ରଖି କେଉଁ ଖାଦ୍ୟଶସ୍ୟ ଯୋଗାଇ ଦିଆଯିବ ତାହା ନିର୍ଦ୍ଧାରିତ ହେବ । ଏହାଛଡା ପୁଷ୍ଟି ଓ ସ୍ୱାସ୍ଥ୍ୟଶିକ୍ଷା ମଧ୍ୟ ହିତାଧିକାରୀ ପରିବାରମାନଙ୍କୁ ପ୍ରସାର କରାଯିବ ।

ଅଙ୍ଗନବାଡି କେନ୍ଦ୍ର, ସୁପରଭାଇଜର୍ ଓ ସି.ଡି.ପି.ଓ. ମାନଙ୍କୁ ଏହି କାର୍ଯ୍ୟକ୍ରମର ପରିଚାଳନା ସଂକ୍ରାନ୍ତରେ ତାଲିମ୍ ଦିଆଯାଇଛି । ବର୍ଷରେ ଚାରିଥର ଅଙ୍ଗନବାଡି କେନ୍ଦ୍ର ଜଣେ ମହିଳା ପଞ୍ଚାୟତ କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତିରେ ପିଲାମାନଙ୍କର ଓଜନ ମାପିବ ତଥା ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା ପ୍ରଦାନ କରିବ । ୩୫କେଜିରୁ କମ୍ ଓଜନର ପିଲାମାନଙ୍କୁ ହିତାଧିକାରୀ ଭାବେ ଚିହ୍ନଟ କରାଯିବ । ହିତାଧିକାରୀମାନଙ୍କର ଏକ ତାଲିକା ଗ୍ରାମସଭା ସମ୍ମୁଖରେ ଅନୁମୋଦନ ପାଇଁ ପେଶ୍ କରାଯିବ । ପ୍ରତି ତିନି ମାସ ପାଇଁ ସୁଲଭ ମୂଲ୍ୟ ଦୋକାନରୁ ପ୍ରତି ହିତାଧିକାରୀ ପରିବାର ମାଗଣାରେ ୬କେଜି ଚାଉଳ ଉଠାଇବା ପାଇଁ ଅଙ୍ଗନବାଡି କର୍ମୀ ଲିଖିତ ଅନୁରୋଧ ଜଣାଇଥିବେ । ସୁପରଭାଇଜର୍ ଓ ମହିଳା ପଞ୍ଚାୟତ କାର୍ଯ୍ୟକର୍ତ୍ତା ଓଜନ ଠିକ୍ ଭାବେ ନିଆଯାଇଛି କି ନାହିଁ ତାହା ଶତକଡା ୫ଭାଗ ହିତାଧିକାରୀଙ୍କୁ ଅଚାନକ ଯାଞ୍ଚ କରି ତଥ୍ୟ ସଂଗ୍ରହ କରିବେ । ଅଙ୍ଗନବାଡି କେନ୍ଦ୍ରରେ ରେକର୍ଡଗୁଡିକ ଠିକ୍ ଭାବେ ସାଇତି ରଖିବା ବିଷୟକୁ ସୁପରଭାଇଜର୍ ମଧ୍ୟ ତଦାରଖ କରିବେ । ସି.ଡି.ପି.ଓ. ଶତକଡା ୧ଭାଗ ହିତାଧିକାରୀଙ୍କୁ ଅଚାନକ ଯାଞ୍ଚ କରିବା ଜରିଆରେ ନିଜର ତଦାରଖ ବଜାୟ ରଖିବେ । ଉଭୟ ଅଙ୍ଗନବାଡି କର୍ମୀ ଓ ସୁପରଭାଇଜର୍ ପୁଣି ତଦାରଖ କରିବେ ହିତାଧିକରୀମାନେ ନିୟମିତ ସେମାନଙ୍କର ପ୍ରାପ୍ୟ ଖାଦ୍ୟଶସ୍ୟ ସଂପୃକ୍ତ ଦୋକାନରୁ ଉଠାଉଛନ୍ତି କି ନାହିଁ । ଯଦି କୌଣସି ବ୍ୟତିକ୍ରମ ପରିଲକ୍ଷିତ ହୁଏ ତେବେ ସେମାନେ ସ୍ଥାନୀୟ ସ୍ତରରେ ଏହାର ସମାଧାନ କରିବାକୁ ଚେଷ୍ଟା କରିବେ, ନଚେତ୍ ଯଥୋଚିତ ଉପରିସ୍ଥ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଅକର୍ଷଣ କରିବେ ।

ଏ.ଏନ୍.ଏମ୍. କର୍ମୀ ହିତାଧିକାରୀ ମାନଙ୍କୁ ଉପଯୁକ୍ତ ପୁଷ୍ଟିଶିକ୍ଷା ସହିତ ସ୍ୱାସ୍ଥ୍ୟଶିକ୍ଷା ପ୍ରଦାନ କରିବେ ତଥା ସେମାନଙ୍କର ସ୍ୱାସ୍ଥ୍ୟ ଯାଞ୍ଚ କରିବେ । ଯଦି ସେ ଆବଶ୍ୟକ ମନନ୍ତି ତେବେ ପି.ଏଚ୍.ସି. ଡାକ୍ତରଙ୍କ ପରାମର୍ଶ ପାଇଁ ତାଙ୍କୁ ପଠାଇବେ । ପ୍ରତି ତିନିମାସରେ ହିତାଧିକାରୀ କିଶୋରୀମାନଙ୍କର ଓଜନ ଯାଞ୍ଚ କରାଯିବ । ଯେଉଁମାନଙ୍କର ଯଥେଷ୍ଟ ଓଜନ ବୃଦ୍ଧି ହୋଇଥିବ ଅଥବା ସେମାନେ ୧୯ବର୍ଷ ଟପିଯାଇଥିବେ, ସେମାନଙ୍କୁ ହିତାଧିକାରୀ ତାଲିକାରୁ ବାଦ୍ ଦିଆଯିବ । ଯେଉଁମାନଙ୍କର ଉନ୍ନତି ଘଟିନଥିବ ସେମାନଙ୍କୁ ଅଙ୍ଗନବାଡି କର୍ମୀ ଓ ଏ.ଏନ୍.ଏମ୍. ପ୍ରଥମେ ଯାଞ୍ଚ କରିବେ ଓ ତା'ପରେ ସେମାନଙ୍କୁ ପି.ଏଚ୍.ସି.ର ଡାକ୍ତରଙ୍କ ନିକଟକୁ ପରାମର୍ଶ ପାଇଁ ପଠାଇବେ । ଏମିତି ହୋଇପାରେ ଜଣେ ହିତାଧିକାରୀ ଓଜନରେ ଉନ୍ନତି ଦେଖାଇବା ଯୋଗୁଁ ହିତାଧିକାରୀ ତାଲିକାରୁ ବାଦ୍ ପଡିବା ପରେ ପୁଣି ଅବନ୍ନତି ଘଟିପାରେ । ସେପରି ସ୍ଥଳେ ତାଙ୍କୁ ପୁଣି ହିତାଧିକାରୀ ତାଲିକାରେ ଭର୍ତ୍ତି କରି ଖାଦ୍ୟଶସ୍ୟ ଯୋଗାଇବାକୁ ପଡିବ । କିଶୋରୀମାନଙ୍କର ଓଜନ ମାପିବା ବେଳେ ବସ୍ତିର ଅନ୍ୟ ମହିଳା ଓ ଶିଶୁମାନଙ୍କର ମଧ୍ୟ ଓଜନ ମପାଯାଇପାରେ, ଯାହା 'ଳରେ ସମଗ୍ର ଜନଗୋଷ୍ଠୀ ଭିତରେ କେଉଁମାନେ ଅପୁଷ୍ଟି ଜନିତ ସମସ୍ୟାର ସମ୍ମୁଖୀନ ତାହା ଏହି ପ୍ରକ୍ରିୟାରେ ଜଣାପଡିବ ।

ପ୍ରତି ଅଙ୍ଗନବାଡି କେନ୍ଦ୍ରରେ ୩ଟି ରେଜିଷ୍ଟର୍ ରଖାଯିବ, ଯଥା (୧) ସଂପୃକ୍ତ ଗ୍ରାମରେ ଥିବା ସମସ୍ତ କିଶୋରୀ କନ୍ୟାଙ୍କ ତାଲିକା, (୨) ଓଜନରେ ପରିବର୍ତ୍ତନର ବିବରଣୀ, (୩) ଖାଦ୍ୟଶସ୍ୟ ଆବଣ୍ଟନ ।

## (୫) କିଶୋରୀ ଶକ୍ତି ଯୋଜନା

ଜଣେ କିଶୋରୀ ଶୈଶବ ଓ ନାରୀତ୍ୱର ଏକ ମଧ୍ୟବର୍ତ୍ତୀ ସ୍ଥାନରେ ଠିଆ ହୋଇଥାଏ । ଏହି ସମୟରେ ତା'ର ମାନସିକ, ଭାବଗତ ଏବଂ ମନସ୍ତାତ୍ତ୍ୱିକ ବିକାଶ ପ୍ରଖର ଗତିରେ ଘଟିଥାଏ । କୈଶୋର ଅବସ୍ଥାକୁ ବାଦ୍ ଦେଇ ଗୋଟିଏ ବାଳୁତର ସାମଗ୍ରୀକ ବିକାଶ କଥା ଚିନ୍ତା କରାଯାଇ ପାରେନା । ଭାରତରେ ପ୍ରଥମ ଥର ପାଇଁ ଆଇ.ସି.ଡି.ଏସ୍.ର

ସଂରଚନାଗତ ଢାଞ୍ଚା ଭିତରେ କିଶୋରୀ କନ୍ୟା କାର୍ଯ୍ୟକ୍ରମର ଆରମ୍ଭ ହୋଇଥିଲା । ଏହାର ମୂଳ ଲକ୍ଷ୍ୟ ଥିଲା ସାମାଜିକ-ଆର୍ଥିକ ତଥା ଲିଙ୍ଗୀୟ ବୈଷମ୍ୟକୁ ହ୍ରାସ କରିବା, ପୁଷ୍ଟିଗତ ବ୍ୟବଧାନକୁ ଦୂରକରିବା ତଥା ଆତ୍ମବିକାଶ ପାଇଁ ଏକ ସହାୟକ ବାତାବରଣ ସୃଷ୍ଟି କରିବା ।

## କାର୍ଯ୍ୟକ୍ରମର ରୂପରେଖ

ବର୍ତ୍ତମାନ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଅଙ୍ଗନବାଡି କେନ୍ଦ୍ରକୁ ଆଧାର କରି ଏହା କାର୍ଯ୍ୟକାରୀ ହେଉଛି । ସେହିସବୁ କିଶୋରୀଗଣ, ଯେଉଁମାନେ ବିବାହ କରିନାହାନ୍ତି, ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରରେ ବାସ କରନ୍ତି ତଥା ମଝିରେ ସ୍କୁଲ୍‌ଯିବା ବନ୍ଦ କରିଦେଇଛନ୍ତି, ସେମାନଙ୍କୁ ଚୟନ କରାଯାଇ ସ୍ଥାନୀୟ ଅଙ୍ଗନବାଡି କେନ୍ଦ୍ର ସହିତ ଶିକ୍ଷା ଓ ସଚେତନତା ନିମନ୍ତେ ଛ ମାସ ସଂଯୁକ୍ତ କରାଯାଏ । ସେମାନଙ୍କର ଆତ୍ମବିଶ୍ୱାସ ତଥା ନୈତିକ ବଳ ଓ ମର୍ଯ୍ୟାଦାବୋଧ ବୃଦ୍ଧି ଉପରେ ପ୍ରାଧାନ୍ୟ ଦିଆଯାଇଥାଏ । କିଶୋରୀ କନ୍ୟାମାନଙ୍କୁ ଦୁଇଟି ଦୁଇଟି ସ୍କିମ୍ ଅଧୀନରେ ବିଭକ୍ତ କରାଯାଇଛି, ପ୍ରଥମ ସ୍କିମ୍ ୧୧ରୁ ୧୫ ବର୍ଷର ସେହିସବୁ ବାଳିକା ମାନଙ୍କ ପାଇଁ ଯେଉଁମାନଙ୍କ ପିତାମାତାଙ୍କ ବାର୍ଷିକ ରୋଜଗାର ୬୪୦୦ଟଙ୍କାରୁ କମ୍ ହୋଇଥିବ । ଦ୍ୱିତୀୟ ସ୍କିମ୍ ଅଧୀନରେ ୧୧ରୁ ୧୮ ବର୍ଷ ସମସ୍ତ କିଶୋରୀ ଅନ୍ତର୍ଭୁକ୍ତ ଏବଂ ଏକ୍ଷେତ୍ରରେ ପିତାମାତାଙ୍କ ରୋଜଗାର ମାନଦଣ୍ଡର ଆବଶ୍ୟକତା ନାହିଁ । କିଶୋରୀ ଶକ୍ତି ଯୋଜନା ବର୍ତ୍ତମାନ ଦେଶର ୫୦୭ଟି ଆଇ.ସି.ଡି.ଏସ୍. ବ୍ଲକ୍‌ରେ କାର୍ଯ୍ୟକାରୀ ହେଉଛି ।

ଏହାଛଡା କିଶୋରୀମାନଙ୍କର ସଶକ୍ତୀକରଣ ଓ ଆତ୍ମ-ଉପଲବ୍ଧିର ବୃଦ୍ଧିକୁ ଆଖି ଆଗରେ ରଖି ସ୍କିମ୍‌କୁ ପୁଣି ପରିବର୍ତ୍ତନ କରାଯାଇଛି, ଯେଉଁଥିରେ ଶିକ୍ଷା, ଗ୍ରାମବିକାଶ, କର୍ମନିଯୁକ୍ତି ଏବଂ ସ୍ୱାସ୍ଥ୍ୟ ବିକାଶ ଉପରେ ଅଗ୍ରାଧିକାର ଦିଆଯାଇଛି । ପୁଣି କିଶୋରୀ କନ୍ୟାଙ୍କ ଭିତରେ ପରିଲକ୍ଷିତ ହେଉଥିବା ଭିଟାମିନ୍-ଏ ଓ ଆଇରନ୍ ଓ ଫୋଲିକ୍ ଏସିଡ୍‌ର ଅଭାବକୁ ଦୂରକରିବା ତଥା ଆର୍.ସି.ଏଚ୍. (ପ୍ରଜନନ ଏବଂ ଶିଶୁ ସ୍ୱାସ୍ଥ୍ୟ) କାର୍ଯ୍ୟକ୍ରମ ସହିତ କିଶୋରୀ ଯୋଜନାକୁ ସମନ୍ୱୀତ କରିବା ପାଇଁ ରାଜ୍ୟମାନଙ୍କୁ କୁହାଗଲା । ପ୍ରତି ରାଜ୍ୟ ନିଜର ସ୍ୱତନ୍ତ୍ର ପରିସ୍ଥିତିକୁ ଚାହିଁ ସ୍ଥଳ ବିଶେଷରେ ପରିବର୍ତ୍ତନ ସହ କିଶୋରୀ ଶକ୍ତି ଯୋଜନାକୁ ଲାଗୁ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଗଲା ।

## ଯୋଜନାର ଲକ୍ଷ୍ୟସମୂହ

- ୧୧ରୁ ୧୮ ବର୍ଷ ଝିଅମାନଙ୍କର ପୁଷ୍ଟି ଓ ସ୍ୱାସ୍ଥ୍ୟର ଅଭିବୃଦ୍ଧି;

- ଅଣ-ଆନୁଷ୍ଠାନିକ ଶିକ୍ଷାକ୍ରମ ଜରିଆରେ ସାକ୍ଷରତା ଓ ଗଣନା-କ୍ଷମତା ବୃଦ୍ଧି କରିବା ତଥା ସେମାନଙ୍କର ନିଷ୍ପତ୍ତି ନେବା ଶକ୍ତିର ବୃଦ୍ଧି ପାଇଁ ସେମାନଙ୍କୁ ବାହ୍ୟ ସାମାଜିକ ବାତାବରଣର ଅନୁଭୂତି ଓ ଜ୍ଞାନ ଆହରଣ ସକାଶେ ଉତ୍ସାହ ପ୍ରଦାନ କରିବା;

- ଗୃହ ଭିତ୍ତିକ ହସ୍ତଶିଳ୍ପ ଓ କର୍ମକୁଶଳତା ବୃଦ୍ଧି ପାଇଁ ସେମାନଙ୍କୁ ତାଲିମ୍ ଓ ଯୋଗ୍ୟତା ପ୍ରଦାନ କରିବା ;

- ସ୍ୱାସ୍ଥ୍ୟ, ପରିଚ୍ଛନ୍ନତା, ପୁଷ୍ଟି, ପରିବାର କଲ୍ୟାଣ, ଗୃହ ପରିଚାଳନା ଏବଂ ଶିଶୁ ଯତ୍ନ ଉପରେ ସଚେତନତା ବୃଦ୍ଧି କରିବା ଏବଂ ସେମାନେ ଯେପରି ୧୮ ବର୍ଷ ପରେ ତଥା ଆହୁରି ବିଳମ୍ବରେ ବିବାହ କରିବେ ସେଦିଗରେ ସେମାନଙ୍କୁ ଶିକ୍ଷିତ କରାଇବା;

- ସେମାନେ ଯେଉଁ ବାତାବରଣରେ ବାସ କରୁଛନ୍ତି, ତହିଁର ସାମାଜିକ ସମସ୍ୟା ତଥା ନିଜ ଜୀବନ ଉପରେ ସେଗୁଡିକର ପ୍ରଭାବ ବିଷୟରେ ଉପଲବ୍ଧି ହାସଲ କରିବା କ୍ଷେତ୍ରରେ ସେମାନଙ୍କୁ ସାହାଯ୍ୟ କରିବା ;

- ସମାଜର ହିତକାରୀ ଓ କଲ୍ୟାଣକାରୀ ସଦସ୍ୟ ହେବା ପାଇଁ ସେମାନେ ନିଜେ ଯେପରି ବିଭିନ୍ନ କାର୍ଯ୍ୟ ହାତକୁ ନେଇପାରିବେ, ସେଦିଗରେ ସେମାନଙ୍କୁ ପ୍ରୋତ୍ସାହନ କରିବା ;

## କାର୍ଯ୍ୟାନ୍ୱୟନ

କିନ୍ତୁ ପ୍ରତି ବ୍ଲକ୍ / ଆଇ.ସି.ଡି.ଏସ୍. ପ୍ରକଳ୍ପ ପାଇଁ କିଶୋରୀ ଶକ୍ତି ଯୋଜନା ପାଇଁ ମୋଟ୍ ବାର୍ଷିକ ବ୍ୟୟ ଏକ ଲକ୍ଷ ଦଶ ହଜାର ଟଙ୍କାରେ ସୀମିତ ରହିବ । ଆଇ.ସି.ଡି.ଏସ୍. ଅର୍ଥ ମଞ୍ଜୁର ସହିତ କିଶୋରୀ ଶକ୍ତି ଯୋଜନାର ମଞ୍ଜୁର ଅର୍ଥ ରିଲିଜ୍ କରାଯିବାର ପ୍ରାବଧାନ ରହିଲା । ରାଜ୍ୟ ସରକାର ଯୋଜନାର ଅଗ୍ରଗତି ସମ୍ବନ୍ଧରେ ଅର୍ଦ୍ଧ-ବାର୍ଷିକ ରିପୋର୍ଟ କେନ୍ଦ୍ରକୁ ପଠାଇବେ । ସ୍ଥଳ ବିଶେଷରେ ରାଜ୍ୟ ସରକାର କୌଣସି ଧନ୍ଦାମୂଳକ ତାଲିମ୍‌ର କାର୍ଯ୍ୟକ୍ରମ ପାଇଁ ସ୍ୱତନ୍ତ୍ର ଅର୍ଥମଞ୍ଜୁର ଚାହିଁପାରନ୍ତି । ଆଇ.ସି.ଡି.ଏସ୍. ପ୍ରଶାସନ ହିଁ ଏହି ଯୋଜନାର ତଦାରଖ କରିବ । ରାଜ୍ୟ ସରକାର ଏହି ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ପାଇଁ ପଞ୍ଚାୟତିରାଜ ସଂସ୍ଥା, ଏନ୍.ଜି.ଓ. ଏବଂ ଏସ୍.ଏଚ୍.ଜି. ମାନଙ୍କୁ ଜଡିତ କରିପାରନ୍ତି ।

***

## ଅଧ୍ୟାୟ-୩

# ଭୂମି ଅଧିକାର ଓ ଯୋଜନା ସମୂହ

### ମିଶନ୍ ଭୂମି- ଓଡିଶାରେ ଭୂ-ପ୍ରଶାସନର ସୁଦୃଢୀକରଣ

୧. ଡି.ଏଫ୍.ଆଇ.ଡି.ରୁ ଆର୍ଥିକ ଅନୁଦାନ ପାଇବା ଉଦ୍ଦେଶ୍ୟରେ ଭୂ ପ୍ରଶାସନ ବ୍ୟବସ୍ଥାର ଆଧୁନିକୀକରଣ ଓ ସଂସ୍କାର ପାଇଁ ଏକ ସାମଗ୍ରୀକ ପ୍ରସ୍ତାବ ଭାରତ ସରକାରଙ୍କ ନିକଟରେ ଦାଖଲ କରାଯାଇଥିଲା ।

୨. ଏହି ପ୍ରସ୍ତାବର ଲକ୍ଷ୍ୟ ହେଉଛି, ଉଚ୍ଚସ୍ତରୀୟ ପ୍ରଯୁକ୍ତି-କୌଶଳର ପ୍ରୟୋଗ, ଆଧୁନିକ ପ୍ରଯୁକ୍ତି-କୌଶଳ ମାଧ୍ୟମରେ ଜମି ପଂଜିକରଣ ସଂକ୍ରାନ୍ତୀୟ କାରବାରଗୁଡ଼ିକର ପରିଚାଳନା ତଥା ରାଜସ୍ୱ ଆଇନ୍‌ଗୁଡ଼ିକର ସଂସ୍କାରକୁ ଉପଯୋଗ କରି ଜମିର ମାଲିକାନା ନିର୍ଣ୍ଣୟ, ଭୂସମ୍ପଦ ସର୍ଭେ ଓ ବନ୍ଦୋବସ୍ତ କାର୍ଯ୍ୟସମୂହ ସମେତ ଜମିର ସତ୍ତ୍ୱାଧିକାର ଉପରେ ସାମଗ୍ରୀକ ସଂସ୍କାର ପ୍ରବର୍ତ୍ତନ ଜରିଆରେ ଭୂ-ପ୍ରଶାସନ ବ୍ୟବସ୍ଥାକୁ ସଶକ୍ତ କରିବା ।

୩. ସମୁଦାୟ ପ୍ରକଳ୍ପ ବ୍ୟୟ ୫୧୫,୧୯.୪୫ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି ।

୪. ପ୍ରତି ପର୍ଯ୍ୟାୟର ଅବଧି ଦୁଇ ବର୍ଷ ହେବ ଏବଂ ୩ଟି ପର୍ଯ୍ୟାୟରେ ମୋଟ ଛ ବର୍ଷରେ ଏହି ପ୍ରକଳ୍ପ କାର୍ଯ୍ୟାନ୍ୱୀତ ହେବ ।

୫. ପ୍ରଥମ ପର୍ଯ୍ୟାୟରେ ୮ଟି କେ.ବି.କେ. ଜିଲ୍ଲା, ଯଥା କଳାହାଣ୍ଡି, ନୂଆପଡା, ବଲାଙ୍ଗିର, ସୁବର୍ଣ୍ଣପୁର, କୋରାପୁଟ, ନବରଙ୍ଗପୁର, ମାଲ୍‌କାନଗିରି ଓ ରାୟଗଡାର ଅଣ-ସର୍ଭେକ୍ଷିତ ଇଲାକାଗୁଡ଼ିକୁ ପରିସରଭୁକ୍ତ କରିବା ପାଇଁ ପ୍ରସ୍ତାବ ଦିଆଯାଇଛି ।

୬. ଦ୍ୱିତୀୟ ପର୍ଯ୍ୟାୟରେ ଏହା ୯ଟି ଶିଳ୍ପାଞ୍ଚଳ ଜିଲ୍ଲା ଯଥା ଯାଜପୁର, ଝାରସୁଗୁଡା, ଢେଙ୍କାନାଳ, କେନ୍ଦୁଝର, ସୁନ୍ଦରଗଡ, ଅନୁଗୁଳ, କଟକ, ଜଗତସିଂପୁର ଓ କେନ୍ଦ୍ରାପଡାରେ କାର୍ଯ୍ୟାନ୍ୱୀତ ହେବ ।

୭. ତୃତୀୟ ପର୍ଯ୍ୟାୟରେ ଏହା ବାକୀ ୧୩ଟି ଜିଲ୍ଲା ଯଥା ସମ୍ବଲପୁର, ବରଗଡ, ବୌଦ୍ଧ, ଦେବଗଡ, ଗଞ୍ଜାମ, ଗଜପତି, କନ୍ଧମାଳ, ବାଲେଶ୍ୱର, ଭଦ୍ରଖ, ମୟୁରଭଞ୍ଜ, ଖୋର୍ଦ୍ଧା, ପୁରୀ ଓ ନୟାଗଡରେ କାର୍ଯ୍ୟାନ୍ୱୀତ ହେବ ।

୮. ସଂପୃକ୍ତ ସ୍କିମ୍ ଅଧୀନରେ ନିମ୍ନୋକ୍ତ ମୁଖ୍ୟ କାର୍ଯ୍ୟକ୍ରମମାନ ଗ୍ରହଣ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି-

(୧) ଭୂ ତଥ୍ୟାବଳୀ ବ୍ୟବସ୍ଥାର ପରିଚାଳନା (ଏଲ୍.ଆଇ.ଏସ୍.ଏମ୍.)ର ପ୍ରୟୋଗ ପାଇଁ ଉଚ୍ଚ ପ୍ରଯୁକ୍ତି କୌଶଳ ମାଧ୍ୟମରେ ସର୍ଭେ ଏବଂ ମାନଚିତ୍ରଗୁଡ଼ିକର ଡିଜିଟାଲ୍ ସଂକଳନ ।

(୨) ଭିତ୍ତି-ସଂରଚନାର ବିକାଶ ।

(୩) ରାଜସ୍ୱ ଅଧିକାରୀମାନଙ୍କର ତାଲିମ୍ ଏବଂ ଦକ୍ଷତା ବୃଦ୍ଧିର ବିକାଶ କରିବା ଯାହା 'ଦ୍ୱାରେ ସେମାନେ ଭୂ ପ୍ରଶାସନ ପାଇଁ ଆବଶ୍ୟକୀୟ ପଲିସି, ସଂସ୍ଥା ଓ ବୈଧାନିକ ଢାଞ୍ଚା ସଂକ୍ରାନ୍ତରେ ସୁପାରିଶ୍ ଦେଇପାରିବେ ।

(୪) କମ୍ପ୍ୟୁଟରୀକୃତ ଜମି ପାସ୍ ବୁକ୍ ବିତରଣ କରିବା ।

(୫) ସର୍ବସାଧାରଣଙ୍କ ଦ୍ୱାରା ସହଜରେ ବ୍ୟବହାର ହୋଇପାରୁଥିବା ବ୍ୟବସ୍ଥାଗୁଡ଼ିକର ସ୍ଥାପନା ପାଇଁ ପ୍ରମୁଖ କାର୍ଯ୍ୟାବଳୀକୁ ଅଧୁନାତନ ରୂପ ଦେବା ।

୯. ଏହି ସ୍କିମ୍ ଅଧୀନରେ ପ୍ରସ୍ତାବିତ ବ୍ୟୟ ପାଇଁ ସବିଶେଷ ଅର୍ଥରାଶି ନିମ୍ନରେ ସ୍ଥାନିତ କରାଗଲା ।

| | | | |
|---|---|---|---|
| ଏ. | ସର୍ଭେ ଓ ଡିଗିଟାଲାଇଜେସନ୍ - | ଟ | ୪୬୭୨୨.୮୮ଲକ୍ଷ |
| ବି. | ସଂସ୍ଥା ବିକାଶ | ଟ | ୧୬୪୫.୩୦ଲକ୍ଷ |
| ସି. | ଦକ୍ଷତା ବୃଦ୍ଧି | ଟ | ୧୫୪୬.୮୫ଲକ୍ଷ |
| ଡି. | ଯୋଗାଯୋଗ | ଟ | ୩୮୦.୯୦ଲକ୍ଷ |
| ଇ. | ପ୍ରକଳ୍ପ ପରିଚାଳନା | ଟ | ୧୨୨୩.୭୨ଲକ୍ଷ |
| | ମୋଟ | ଟ | **୫୧୫୧୯.୬୫ଲକ୍ଷ** |

୧୦. ଏହି ବିଭାଗୀୟ ପ୍ରସ୍ତାବ ଭାରତ ସରକାରଙ୍କ ଗ୍ରାମାଞ୍ଚଳ ବିକାଶ ମନ୍ତ୍ରଣାଳୟ, ଯୋଜନା କମିଶନ୍ ଓ ଅର୍ଥ ମନ୍ତ୍ରଣାଳୟ

ଦ୍ୱାରା ବିଚାର ହୋଇ ମଞ୍ଜୁରି ପ୍ରାପ୍ତ ହୋଇସାରିଛି । ଅର୍ଥ ମନ୍ତ୍ରଣାଳୟ ତାଙ୍କର ପତ୍ର ସଂଖ୍ୟା ୧୧/୯/୨୦୦୪-ଇ.ଇ.ସି. ତା ୬.୧୨.୨୦୦୫ ମାଧ୍ୟମରେ ପ୍ରଥମ ପର୍ଯ୍ୟାୟରେ ୨୪୪.୨୩ କୋଟି ଟଙ୍କା ରିଲିଜ୍ କରିବା ପାଇଁ ଡି.ଏ'.ଆଇ.ଡି. କୁ ସୁପାରିଶ୍ କରିଛନ୍ତି ।

**ADD 2 PDF Files on Land Passbook**

## ପ୍ରକଳ୍ପ ବସୁନ୍ଧରା- ଗୃହଶୂନ୍ୟ ପରିବାରମାନଙ୍କୁ ଘରଡିହ ଆବଣ୍ଟନ

ଜମିର ପ୍ରବନ୍ଧନ ଏବଂ ଅଭାବୀ ବ୍ୟକ୍ତିମାନଙ୍କ ମଧ୍ୟରେ ଏହାର ଆବଣ୍ଟନ ହେଉଛି ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗର ଏକ ପ୍ରମୁଖ କର୍ତ୍ତବ୍ୟ । ରାଜସ୍ୱ ବିଭାଗର ଚିଠି ସଂଖ୍ୟା ୫୫୨୨୬ ତା ୨୪.୯.୧୯୭୦ ଅନୁଯାୟୀ ୪ ଡିସିମିଲ ପର୍ଯ୍ୟନ୍ତ ସରକାରୀ ଜମି ଗୋଟିଏ ଘରଡିହଶୂନ୍ୟ ପରିବାରକୁ ଗୃହନିର୍ମାଣ ଉଦ୍ଦେଶ୍ୟରେ ମାଗଣାରେ ଯୋଗାଇ ଦିଆ ହୋଇଆସୁଛି । ୨୦୦୩-୦୪ ବର୍ଷ ମଧ୍ୟରେ ଏହି ବିଭାଗ ଦ୍ୱାରା ଘରଡିହହୀନ ଓ ଭୂମିହୀନ ପରିବାରମାନଙ୍କର ଏକ ଆକଳନ କରାଯାଇଛି । ଏହି ଆକଳନ ଅନୁଯାୟୀ ରାଜ୍ୟରେ ୨,୪୯,୩୩୪ ଘରଡିହହୀନ ପରିବାର ଅଛନ୍ତି । ଏକ ସର୍ବେକ୍ଷଣ ଅନୁଯାୟୀ, ଘରଡିହହୀନ ପରିବାରମାନଙ୍କୁ ଆବଣ୍ଟନ କରିବା ପାଇଁ ୧୨୨୭୬.୮୬୪ ଏକର ଜମି ରାଜ୍ୟ ଭିତରେ ଉପଲବ୍ଧ ଅଛି ।

୨୦୦୫-୦୬ ମସିହାରେ ପ୍ରକଳ୍ପ ବସୁନ୍ଧରା ଏକ ମିଶନ୍ ଅନୁରୂପ କାର୍ଯ୍ୟକ୍ରମ ଭାବେ ଆରମ୍ଭ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ଅଧୀନରେ ୩ ବର୍ଷ ଅର୍ଥାତ୍ ୨୦୦୫-୬ ରୁ ୨୦୦୭-୦୮ ଭିତରେ ସମୁଦାୟ ୨,୪୯,୩୩୪ ସଂଖ୍ୟକ ଘରଡିହହୀନ ପରିବାରକୁ ଗୃହନିର୍ମାଣ ପାଇଁ ଜମି ଯୋଗାଇ ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଛି । ୨୦୦୭-୦୮ ସୁଦ୍ଧା ମୋଟ୍ ୨,୨୯,୮୭୫ ଘରଡିହହୀନ ପରିବାରଙ୍କୁ ୭୯୯୦.୪ ଏକର ଜମି ଆବଣ୍ଟନ କରାଯାଇଛି ।

ସର୍କୁଲାର ସଂଖ୍ୟା ୨୮୭୩୩ ତା ୩.୭.୦୮ ଅନୁଯାୟୀ ସରକାର ବସୁନ୍ଧରା ସ୍କିମ୍ ଅଧୀନରେ ଗ୍ରାମାଞ୍ଚଳର ଉପଯୁକ୍ତ ବିବେଚିତ ହେଉଥିବା ଘରଡିହହୀନ ପରିବାରକୁ ସରକାରୀ ଜମିର ଆବଣ୍ଟନ ସୀମା ୪ ଡିସିମିଲ ସ୍ଥାନରେ ୧୦ ଡିସିମିଲ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି ।

ସରକାରୀ ପତିତ ଜମିକୁ କୃଷିକାର୍ଯ୍ୟ ଉଦ୍ଦେଶ୍ୟରେ ଭୂମିହୀନ ପରିବାରମାନଙ୍କୁ ଆବଣ୍ଟନ

ସମାଜର ଦୁର୍ବଳତର ଶ୍ରେଣୀମାନଙ୍କର ଆର୍ଥିକ ସ୍ଥିତିକୁ ଉନ୍ନତ କରିବା ତଥା କୃଷି ଉତ୍ପାଦନକୁ ପ୍ରୋତ୍ସାହନ ଦେବା ପାଇଁ ୧୯୭୪-୭୫ ମସିହା ପରଠାରୁ ଏକ ଷ୍ଟାଣ୍ଡାର୍ଡ ଏକର ପର୍ଯ୍ୟନ୍ତ ସରକାରୀ ଜମି ଭୂମିହୀନ ବ୍ୟକ୍ତିମାନଙ୍କୁ ବିନା ସଲାମିରେ ଆବଣ୍ଟନ କରାହୋଇ ଆସୁଛି ।

୨୦୦୩-୦୪ରେ ପ୍ରସ୍ତୁତ ଆକଳନ ରିପୋର୍ଟ ଓ ସର୍ଭେ ଅନୁଯାୟୀ ରାଜ୍ୟରେ ୪,୪୫,୪୫୦ ଭୂମିହୀନ ପରିବାର ଅଛନ୍ତି ଏବଂ ୫୪୦୭୨୫ ଏକର ପରିମିତ ସରକାରୀ ପତିତ ଜମି ଭୂମିହୀନ ପରିବାରମାନଙ୍କ ଭିତରେ ଆବଣ୍ଟନ ପାଇଁ ଉପଲବ୍ଧ ଅଛି । ୨୦୦୭-୦୮ ଶେଷ ସୁଦ୍ଧା ୧୫,୧୮୬ ସଂଖ୍ୟକ ଭୂମିହୀନ ପରିବାରଙ୍କୁ କୃଷିକାର୍ଯ୍ୟ ଉଦ୍ଦେଶ୍ୟରେ ୧୩,୭୨୪.୫୨ ଏକର ସରକାରୀ ଜମି ଆବଣ୍ଟିତ ହୋଇସାରିଛି ।

*(ସୌଜନ୍ୟ - ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ*

***http://www.orissa.gov.in/revenue/VASUNDHARA/Project_vasundhara.htm)***

ଓଡିଶା ସରକାର

ରାଜସ୍ୱ ଓ ବିପର୍ଯ୍ୟୟ ପ୍ରବନ୍ଧନ ବିଭାଗ

**ପତ୍ର No. LD-25/2008 - 28733/R&D.M, Dated : 03.07.2008**

**ପ୍ରେରକ,**

**ଶ୍ରୀ ଜଗନ୍ନାଥ ବେହେରା,**

**ସରକାରଙ୍କ ଯୁଗ୍ମ ସଚିବ,**

**ପ୍ରାପ୍ତେଷୁ,**

**ସମସ୍ତ ଜିଲ୍ଲାପାଳ,**

**ବିଷୟ- 'ବସୁନ୍ଧରା' ସ୍କିମ୍ ଅଧୀନରେ ଆବଣ୍ଟିତ ହେଉଥିବ. ସରକାରୀ ଜମିର ପରିମାଣର ସୀମାବୃଦ୍ଧି ।**

**ମହାଶୟ/ ମହାଶୟା,**

ମୁଁ ନିର୍ଦ୍ଦେଶ ମତେ ଉପରଲିଖିତ ବିଷୟ ପ୍ରତି ଆପଣଙ୍କର ଧ୍ୟାନ ଆକର୍ଷଣ କରିବା ସହିତ ଆପଣଙ୍କୁ ଏହା ସୂଚାଉଛି ଯେ, ସରକାର ସୁଚିନ୍ତିତ ବିଚାର କଳାପରେ ପ୍ରସନ୍ନତାର ସହିତ ବସୁନ୍ଧରା ସ୍କିମ୍ ଅଧୀନରେ ଗ୍ରାମାଞ୍ଚଳର ଯଥାଯୋଗ୍ୟ ଘରଡିହଶୂନ୍ୟ ପରିବାରମାନଙ୍କୁ ସରକାରୀ ଜମିର ଆବଣ୍ଟନ ସୀମାକୁ ୪ ଡିସମିଲ୍ ବଦଳରେ ୧୦ ଡିସମିଲ୍‌କୁ ବୃଦ୍ଧି କରିଛନ୍ତି । ଜମି ଉପଲବ୍ଧ ହେବା ଉପରେ ଏହା ନିର୍ଭର କରିବ । ଲକ୍ଷ୍ୟ ହେଉଛି, ସଂପୃକ୍ତ ହିତାଧିକାରୀମାନଙ୍କୁ ପରିବାଚାଷ ଏବଂ ଘରପଛ ପଡିଆରେ ବୃକ୍ଷରୋପଣ ପାଇଁ ସମର୍ଥ କରାଇବା ।

୨. ଏହା ମଧ୍ୟ ସ୍ପଷ୍ଟ କରିଦିଆଯାଉଛି ଯେ, ୧୦ଡିସିମିଲ୍ ପର୍ଯ୍ୟନ୍ତ ଜମି ଆବଣ୍ଟନ ବାବଦରେ କୌଣସି ଦେୟ ଆଦାୟ ହେବ ନାହିଁ । ସରକାରୀ ସର୍କୁଲାର୍ ଘକ୍ଟ.୫୫୨୨୬ ଏର (ଏଖ)-୮/୭୦-ଜ ଉବଷ୍ଟରୟ. ୨୪.୪.୧୯୭୦, ଯେଉଁଥିରେ ୪ଡିସମିଲ୍‌ରୁ ଅଧିକ ଜମି ବାବଦକୁ 'ସଲାମି' ଆଦାୟ ହେବ ବୋଲି ଯେଉଁ ନର୍ଣ୍ଣୟ ପ୍ରଣୀତ ହୋଇଥିଲା ତାହା ଏତଦ୍ୱାରା ଅଧିକ୍ରମିତ ହେଉଅଛି ।

୩. 'ବସୁନ୍ଧରା' ସ୍କିମ୍‌କୁ କାର୍ଯ୍ୟରୂପ ଦେବାର ସମୟସୀମା ସଂବନ୍ଧରେ ଏକଥା ସୁସ୍ପଷ୍ଟ କରଦିଆଯାଉଛି ଯେ, ଗ୍ରାମାଞ୍ଚଳର ଭୂମିହୀନ ପରିବାରମାନଙ୍କୁ ଘରଡିହ ପାଇଁ ଜମି ଆବଣ୍ଟନ କରିବା ଏକ ନିରବଚ୍ଛିନ୍ନ ପ୍ରକ୍ରିୟା, କାରଣ ଜନସଂଖ୍ୟା ବୃଦ୍ଧି ଏବଂ ଲୋକମାନେ ବିବାହ କରିବା ଏବଂ ନୂଆନୂଆ ପରିବାର ଗଢିବା ଯୋଗୁଁ ପରିବାରଗୁଡିକ ବିଭାଜିତ ହୋଇଚାଲିଛି ।

୪. ଏହା ପୁଣି ଆଉଥରେ ଜଣାଇ ଦିଆଯାଉଛି ଯେ, ଘରଡିହ ଜମିର ଲିଜ୍ ଉଭୟଙ୍କ ନାମରେ ଦରଜ କରାଯିବ, ଅର୍ଥାତ୍ ସେଥିରେ ସ୍ୱାମୀଙ୍କ ନାମ ପରେ ସ୍ତ୍ରୀଙ୍କ ନାମ ସ୍ଥାନିତ ହେବ ।

୫. ଏଠାରେ ସ୍ପଷ୍ଟ କରିଦିଆଯାଉଛି ଯେ, ଯେଉଁସବୁ ପୁରୁଣା କେଶ୍‌ରେ ୪ ଡିସମିଲ୍ ଜମି ଲିଜ୍ ଆକାରରେ ମଞ୍ଜୁର କରାଯାଇଥିଲା, ସେଗୁଡିକୁ ବର୍ତ୍ତମାନ ପୁଣି ଆଉଥରେ ବିଚାର କରିବା ଆବଶ୍ୟକ ପଡିବନି । କିନ୍ତୁ, ଯେଉଁସ୍ଥଳେ ମୂଳ ପରିବାର ଏକାଧିକ ପରିବାରରେ ବିଭକ୍ତ ହୋଇଥିବେ, ସେପରି ସ୍ଥଳେ ୧୦ଡିସମିଲ୍ ପର୍ଯ୍ୟନ୍ତ ଜମି ମିଳିବାର ସମ୍ଭାବନାକୁ ଦୃଷ୍ଟିରେ ରଖି ନୂଆ କେଶ୍‌ଗୁଡିକୁ ଯଥାର୍ଥତା ଭିତ୍ତିରେ ବିଚାର କରାଯାଇପାରିବ ।

ଏହି ସୂଚନା ବିଷୟରେ ସମସ୍ତ ସଂପୃକ୍ତ ବ୍ୟକ୍ତିମାନଙ୍କର ଦୃଷ୍ଟି ଆକର୍ଷଣ କରାଯାଇପାରେ ।

**ଆପଣଙ୍କର ବିଶ୍ୱସ୍ତ,**

**ସ୍ୱା- ସରକାରଙ୍କ ଯୁଗ୍ମ ସଚୀବ**

x x x x x x x

**ଏହାର ନକଲ ସମସ୍ତ ସବ୍-କଲେକ୍ଟର୍ ଏବଂ ତହସିଲଦାର୍‌ଙ୍କ ନିକଟକୁ ଅବଗତି ଏବଂ ଆବଶ୍ୟକୀୟ ପଦକ୍ଷେପ ପାଇଁ ପ୍ରେରଣ କରାଗଲା ।**

ସରକାରଙ୍କ ଯୁଗ୍ମ ସଚୀବ

## 'ମୋ ଜମି – ମୋ ଡିହ' ଅଭିଯାନ

ଓଡିଶା ସରକାର ୨୦୦୭-୦୮ ଆର୍ଥିକ ବର୍ଷରୁ 'ମୋ ଜମି-ମୋ ଡିହ' ଅଭଯାନ ଆରମ୍ଭ କରିଛନ୍ତି, ଯାହାର ଉଦ୍ଦେଶ୍ୟ ହେଲା, ଅନୁସୂଚୀତ ଜନଜାତି ଓ ଜାତିର ବ୍ୟକ୍ତିମାନଙ୍କ ସମେତ ଗରିବ, ଭୂମିହୀନ ବା ନାମମାତ୍ର ଭୂମାଲିକଙ୍କର ପ୍ରାପ୍ୟ ହେଉଥିବା ଜମି ଯଦି ସେମାନଙ୍କ ଠାରୁ ବେଆଇନ୍ ଭାବେ ହାତଛଡା ହୋଇଥାଏ, ତେବେ ସେଗୁଡିକୁ ସେମାନଙ୍କୁ ପ୍ରତ୍ୟାର୍ପଣ କରିବା ସହିତ ସେମାନେ ଯେପରି ପ୍ରତ୍ୟାର୍ପିତ ଜମିର ସଦୁପଯୋଗ କରପାରିବେ ସେଥିପାଇଁ ସେମାନଙ୍କୁ ସହାୟତା ଯୋଗାଇଦେବା । ରାଜ୍ୟ ରାଜସ୍ୱ ବିଭାଗ ତରଫରୁ ପରିଚାଳିତ ହେଉଥିବା ଏହି ଯୋଜନାର ଶୁଭାରମ୍ଭର ଅବ୍ୟବହିତ ପର୍ବରୁ ତଥା ଏହାର ପ୍ରାୟ ବର୍ଷକ ପରେ ରାଜ୍ୟର ମୁଖ୍ୟ ଶାସନ ସଚିବ ଯଥାକ୍ରମେ ତା ୨୮ ଅଗଷ୍ଟ ୨୦୦୭ ଓ ତା ୧୨ ଅଗଷ୍ଟ ୨୦୦୮ରେ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶନାମା ଜାରି କରିଥିଲେ । ନିମ୍ନରେ ଏହି ୨ଟି ନିର୍ଦ୍ଦେଶନାମାର ଓଡିଆ ଅନୁବାଦ ସ୍ଥାନିତ କରାଯାଉଛି ।

**ପତ୍ରସଂଖ୍ୟା- No. 34502/(R&DM)/LD-60/2007**

**Dated 28.8. 2007**

### ଓଡିଶା ସରକାର, ରାଜସ୍ୱ ଓ ବିପର୍ଯ୍ୟୟ ପ୍ରବନ୍ଧନ ବିଭାଗ

ପ୍ରେରକ- ଶ୍ରୀ ଏ.କେ.ତ୍ରିପାଠୀ, ଆଇ.ଏ.ଏସ୍. , ମୁଖ୍ୟ ଶାସନ ସଚିବ ଏବଂ ମୁଖ୍ୟ ଉନ୍ନୟନ କମିଶନର୍

ପ୍ରାପ୍ତେଷୁ - ସମସ୍ତ ଜିଲ୍ଲାପାଳ

*ବିଷୟ- 'ମୋ ଜମି – ମୋ ଡିହ' ଅଭିଯାନ*

ମହାଶୟ/ମହାଶୟା,

ମୁଁ ନିର୍ଦ୍ଦେଶ କ୍ରମେ ଏହା କହୁଛି ଯେ, ରାଜ୍ୟରେ ଗରିବ ଲୋକମାନଙ୍କର ଭୂମି ଅଧିକାରସମୂହକୁ ନିଶ୍ଚୟତା ଓ ସୁରକ୍ଷା ପ୍ରଦାନ ଉଦ୍ଦେଶ୍ୟରେ ଏକ ଅଭିଯାନ ଯଥାଶୀଘ୍ର ଚାଲୁ ହେବାକୁ ଯାଉଛି । ଏହି ଅଭିଯାନର ଲକ୍ଷ୍ୟଗୁଡିକ ହେଲା, (ଏ) ଯେଉଁ ଗରିବ ବ୍ୟକ୍ତିମାନଙ୍କୁ ପୂର୍ବରୁ ସରକାରୀ ଜମିକୁ ଲିଜ୍ ସୂତ୍ରରେ ଆବଣ୍ଟିତ ହୋଇଥିଲା ବା ସେମାନଙ୍କ ଠାରୁ ହଡପ ହୋଇଥିବା ଜମିକୁ ପନରାର୍ପଣ କରାଯାଇଥିଲା, ସଂପୃକ୍ତ ଜମି ଉପରେ ସେମାନଙ୍କର ଅଧିକାରସମୂହକୁ ସୁରକ୍ଷା ଦେବା ବା ସୁନିଶ୍ଚିତ କରିବା; (ବି) ଭୂମି ହିତାଧିକାରୀ ମାନେ ସେମାନଙ୍କର

ଜମିକୁ ଯେପରି ଭଲ ଭାବେ ଉପଯୋଗ କରିପାରିବେ, ସେଥିପାଇଁ ସେମାନଙ୍କୁ ସମର୍ଥ କରାଇବା; ଏବଂ (ସି) ଏସ୍.ଟି. ଏବଂ ଏସ୍.ସି. ଜନଗୋଷ୍ଠୀଙ୍କ ସ୍ୱାର୍ଥକୁ ବିଶେଷଭାବେ ପ୍ରାଧାନ୍ୟ ଦେବା ସହିତ ଗରିବ ଲୋକମାନଙ୍କୁ ଏଭଳି ସହାୟତା ଯୋଗାଇଦେବା, ଯାହାଫଳରେ ସେମାନେ ପ୍ରଚଳିତ କାନୁନୀ ବ୍ୟବସ୍ଥା ଭିତରେ ସେମାନଙ୍କର ଜମି ଓ ଘରଡିହ ଉପରେ ନିଜର ଆୟତ୍ତ ବଜାୟ ରଖିପାରିବେ ।

ଏହି ଅଭିଯାନ ଦୁଇଟି ଦିଗରେ କାର୍ଯ୍ୟ କରିବ । ଉପଲବ୍ଧ ରେକର୍ଡଗୁଡ଼ିକ ଭିତ୍ତିରେ ସମସ୍ତ ଦାବୀଗୁଡ଼ିକୁ ସ୍ୱୟଂଚାଳିତ ଭାବେ ଅନୁଧ୍ୟାନ କରାଯିବ ଏବଂ କେଶ୍ ରେକର୍ଡଗୁଡ଼ିକର ତଥ୍ୟାବଳୀକୁ କ୍ଷେତ୍ରୀୟ ସ୍ତରରେ ଯାଞ୍ଚ କରାଯିବ । ଏହାର ଏକ ସମାନ୍ତରାଳ ପଦକ୍ଷେପ ସ୍ୱରୂପ, ଏହି ଅଭିଯାନ ପ୍ରକ୍ରିୟାରେ କ୍ଷେତ୍ରୀୟ ସ୍ତରରୁ ଦରଖାସ୍ତ ବା ଅଭିଯୋଗ ଆକାରରେ ଯେଉଁସବୁ ତଥ୍ୟାବଳୀ ସଂଗୃହୀତ ହୋଇଥିବ, ସେଗୁଡ଼ିକୁ ତହସିଲ୍ ଅଫିସ୍‌ର ଫାଇଲ୍ ଓ କେଶ୍ ରେକର୍ଡଗୁଡ଼ିକ ସହ ମିଳାଇ ଯାଞ୍ଚ କରାଯିବ, ଯାହା ଫଳରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ବିଷୟରେ ନିଷ୍ପତ୍ତି ନିଆଯାଇପାରିବ । ଯେଉଁସ୍ଥଳେ ସରକାରୀ ସ୍ୱତ୍ୱାଧୀନ ସର୍ବସାଧାରଣ ଜମି ବା ଯୌଥ ଜମିକୁ ଗ୍ରାମର ପ୍ରଭାବଶାଳୀ ଓ ଧନୀ ବ୍ୟକ୍ତିମାନେ ବଳପୂର୍ବକ ଅକ୍ତିଆର କରିଥିବାର ଅଭିଯୋଗମାନ ମିଳିବ, ସେଗୁଡ଼ିକର ଅନୁସନ୍ଧାନ କରାଯିବ ତଥା ତାହା ଉପରେ ସଂଶୋଧନାତ୍ମକ ପଦକ୍ଷେପମାନ ନିଆଯିବ । ନିମ୍ନୋକ୍ତ ବିଷୟଗୁଡ଼ିକ ଏହି ଅଭିଯାନର ପରିସରଭୁକ୍ତ ହେବ । ଏହି କାର୍ଯ୍ୟକ୍ରମକୁ ଏକ ଅଭିଯାନ ରୂପରେ ଆରମ୍ଭ କରିବା ପାଇଁ ୧୦ ସେପ୍ଟେମ୍ବରରୁ ୧୦ ଅକ୍ଟୋବର ଭିତରେ ପ୍ରତି ତହସିଲ୍ ସ୍ତରରେ 'ମୋ ଜମି ମୋ ଘରଡିହ' ମେଳା ଅନୁଷ୍ଠିତ ହେବ ଏବଂ ସେଥିରେ ସମସ୍ତ ରାଜସ୍ୱ ନିରୀକ୍ଷକ (ଆର୍.ଆଇ.)ମାନେ ଯୋଗଦେବେ ଏବଂ ବଞ୍ଚିତ ଲୋକମାନଙ୍କ ନିକଟରୁ ଅଭିଯୋଗ ଦରଖାସ୍ତମାନ ଗ୍ରହଣ କରାଯିବ । ଉପ-ଜିଲ୍ଲାପାଳ, ତହସିଲଦାର ଓ ଅତିରିକ୍ତ ତହସିଲଦାର ମାନେ ଏହି ଦିବସବ୍ୟାପୀ କାର୍ଯ୍ୟକ୍ରମରେ ମୂଳରୁ ଶେଷ ଯାଏଁ ଉପସ୍ଥିତ ରହିବେ ଏବଂ ଜିଲ୍ଲାପାଳ/ ଏ.ଡି.ଏମ୍. ଉଦ୍‌ଘାଟନୀ ଉତ୍ସବରେ ଯୋଗଦାନ କରିବେ । ଜାନୁଆରି-ଫେବୃଆରି ମାସଗୁଡ଼ିକରେ ଦ୍ୱିତୀୟ ପର୍ଯ୍ୟାୟର ମେଳା ଆୟୋଜିତ ହେବ, ଯେଉଁଠାରେ ସ୍ୱୟଂଚାଳିତ ଯାଞ୍ଚ ଓ ଅଭିଯୋଗ ଦରଖାସ୍ତର ଫଇସଲା ସମ୍ପାଦିତ ହେବା ପରେ ହିତାଧିକାରୀଙ୍କୁ ସନ୍ତୋଷଜନକ ହେବା ଭଳି ସେମାନଙ୍କୁ ଦଖଲହାସଲର ପ୍ରମାଣପତ୍ର ଆବଣ୍ଟନ କରାଯିବ ।

୧. *ସିଲିଂ ବହିର୍ଭୂତ ଜମି ଆବଣ୍ଟନର ହିତାଧିକାରୀମାନଙ୍କର ଦଖଲସ୍ଥିତିକୁ ପ୍ରତ୍ୟକ୍ଷ ଯାଞ୍ଚ- ଶତକଡ଼ା ୧୦୦-* ଏ ପର୍ଯ୍ୟନ୍ତ ୧,୪୨,୬୧୬ ଜଣଙ୍କୁ ପ୍ରାୟ ୧,୫୯,୩୮୪ ଏକର ଜମି ଆବଣ୍ଟନ କରାଯାଇଛି । ଏଥିମଧ୍ୟରୁ ୬୬,୩୦୩ ଏକର ଜମି ୫୨,୯୩୪ ଜଣ ଏସ୍.ଟି. ହିତାଧିକାରୀଙ୍କୁ, ୫୧,୧୦୯ ଏକର ୪୮,୭୯୪ ଏସ୍.ସି. ହିତାଧିକାରୀ ଏବଂ ବାକୀ ଜମି ଅନ୍ୟମାନଙ୍କୁ ଆବଣ୍ଟନ କରାଯାଇଛି । ୨୦୦୭ ଡିସେମ୍ବର ଶେଷ ସୁଦ୍ଧା ଏହି ସମସ୍ତ ପ୍ରକାର ଜମିର ଶତକଡ଼ା ଶହେ କ୍ଷେତ୍ରରେ ବାସ୍ତବ ଦଖଲର ସ୍ଥିତିକୁ ଯାଞ୍ଚ ସଂପୂର୍ଣ୍ଣ କରିବା ଅଭିଯାନର ଉଦ୍ଦେଶ୍ୟ ଅଟେ ।

୨. *ଘରଡିହ ଜମି ଲିଜ୍ କେଶଗୁଡ଼ିକର ପ୍ରତ୍ୟକ୍ଷ ଯାଞ୍ଚ- ଶତକଡ଼ା ୧୦୦-* ଏପର୍ଯ୍ୟନ୍ତ ୧୨,୧୩,୬୫୫ ଜଣଙ୍କୁ ଘରଡିହ ଜମିର ଲିଜ୍ ଆବଣ୍ଟନ କରାଯାଇଛି, ଯେଉଁମାନଙ୍କ ଭିତରେ ଅଛନ୍ତି ୪,୬୨,୫୩୬ ଜଣ ଅନୁସୂଚୀତ ଜନଜାତି ଏବଂ ୩,୩୨,୭୦୬ ଜଣ ଅନୁସୂଚୀତ ଜାତିର ସଦସ୍ୟ । ସେମାନଙ୍କ ଭିତରୁ ପ୍ରତ୍ୟେକ ସଂପୃକ୍ତ ଜମିର ଦଖଲରେ ଅଛନ୍ତି କି ନାହିଁ, ତାହା ଏହି ଅଭିଯାନ ଦ୍ୱାରା ଯାଞ୍ଚ କରାଯିବ । ଆପଣଙ୍କୁ ଏହା ମଧ୍ୟ ଅନୁରୋଧ କରାଯାଉଛି ଯେ, ଆପଣ ସେହିସବୁ ଜମି-ଆବଣ୍ଟନର ହିତାଧିକାରୀମାନଙ୍କୁ ଚିହ୍ନଟ କରିବେ, ଯେଉଁମାନେ ଗୋଟିଏ ଘର ନିର୍ମାଣ କରିବା ପାଇଁ ଏପର୍ଯ୍ୟନ୍ତ ସକ୍ଷମ ହୋଇପାରିନାହାନ୍ତି ଏବଂ ଇନ୍ଦିରା ଆବାସ ଯୋଜନା ଅଧୀନରେ ସେମାନେ ସହାୟତା ଲାଭ କରିବା ଦିଗରେ ଆପଣ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବେ ।

୩. *କୃଷିକାର୍ଯ୍ୟ ପାଇଁ ଆବଣ୍ଟିତ ହୋଇଥିବା ପତିତ ଜମିର ପ୍ରତ୍ୟକ୍ଷ ଯାଞ୍ଚ- ଶତକଡ଼ା ୧୦୦-* ଏପର୍ଯ୍ୟନ୍ତ ପ୍ରାୟ ୪,୭୮,୪୬୯ ଜଣଙ୍କୁ କୃଷିକାର୍ଯ୍ୟ ଉଦ୍ଦେଶ୍ୟରେ ପତିତ ଜମିର ଲିଜ୍ ଆବଣ୍ଟନ କରାଯାଇଛି, ଯେଉଁମାନଙ୍କ ଭିତରେ ଅଛନ୍ତି ୨,୩୧,୬୩୦ ଜଣ ଅନୁସୂଚୀତ ଜନଜାତି ଏବଂ ୧,୦୪,୨୩୫ ଜଣ ଅନୁସୂଚୀତ ଜାତିର ଲୋକେ । ଏହି ପ୍ରକାରେ ମୋଟ୍ ୭,୩୬,୪୯୧ ଏକର ଜମିକୁ ଲିଜ୍ ଆକାରରେ ଆବଣ୍ଟନ କରାଯାଇଛି, ଯାହା ଭିତରେ ଅଛି ୩,୮୪,୩୬୪ ଏକର ଏସ୍.ଟି. ଲୋକମାନଙ୍କ ପାଇଁ ଏବଂ ୧,୭୫,୫୭୬ ଏକର ଏସ୍.ସି. ଲୋକମାନଙ୍କ ପାଇଁ । ଗରିବ ଲୋକେ ଜମି ଉପରେ ସେମାନଙ୍କର ଦଖଲକୁ ଅବ୍ୟାହତ ରଖିବାରେ ବିଫଳ ହେବାର ଏକ ମୁଖ୍ୟ କାରଣ ହେଉଛି, ସେମାନଙ୍କର ଦଖଲ କ୍ଷମତାକୁ ବୃଦ୍ଧି କରାଇବା ପାଇଁ ସହାୟକ ସୁବିଧାମାନ କ୍ରିୟାଶୀଳ ନଥିଲା । ସୁତରାଂ ଡିସେମ୍ବର ୨୦୦୭ ଶେଷ ସୁଦ୍ଧା ସମସ୍ତ ପତିତ ଜମି ସଂକ୍ରାନ୍ତୀୟ କେଶଗୁଡ଼ିକୁ ଯାଞ୍ଚ କରିବା ପାଇଁ ତଥା ସଂପୃକ୍ତ ଜମିଗୁଡ଼ିକର ଉତ୍ପାଦିକା ଶକ୍ତି ବୃଦ୍ଧି କରାଇବା

ଉଦ୍ଦେଶ୍ୟରେ ଅନ୍ୟାନ୍ୟ ଉନ୍ନୟନ ସ୍କିମ୍‌ଗୁଡ଼ିକ ସହିତ ସମନ୍ୱୟ ସ୍ଥାପନା ପାଇଁ ପ୍ରାଥମିକ ପଦକ୍ଷେପମାନ ଗ୍ରହଣ କରିବା ପାଇଁ ଏତଦ୍ୱାରା ଆପଣଙ୍କୁ ନିର୍ଦ୍ଦେଶ ଦିଆଯାଉଛି । ଏହି ସ୍କିମ୍ ଗୁଡ଼ିକ ଭିତରେ ଏନ୍.ଆର୍.ଇ.ଜି.ଏ. ଜିଲ୍ଲା ମାନଙ୍କରେ ଏନ୍.ଆର୍.ଇ.ଜି.ଏ. ସହିତ ବିଜୁ କୃଷକ ବିକାଶ ଯୋଜନା, ଏସ୍.ଜି.ଏସ୍.ୱାଇ., ଏସ୍.ଜି.ଆର୍.ୱାଇ., ବି.ଆର୍.ଜି.ଏଫ୍. ଏବଂ ଆର୍.ଏସ୍.ୱାଇ. ଏବଂ କ୍ଷେତ ପୋଖରୀ ଅନ୍ତର୍ଭୁକ୍ତ ଅଛି । ଏହି ପରିପ୍ରେକ୍ଷୀରେ ମାଛ ପୋଖରୀ ଉନ୍ନୟନ ପାଇଁ ପଞ୍ଚାୟତିରାଜ ବିଭାଗର ସର୍କୁଲାର୍ ନଂ- ୧୮୨୨୨ ତା ୨୩.୧୨.୦୬ ମାଧ୍ୟମରେ ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ମଧ୍ୟ ପ୍ରାସଙ୍ଗିକ ଅଟେ । ପ୍ରଚଳିତ କାର୍ଯ୍ୟକ୍ରମଗୁଡ଼ିକରେ ବ୍ୟାଙ୍କ୍ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ସହ ସଂପର୍କ ସ୍ଥାପନକୁ ମଧ୍ୟ ଗୁରୁତ୍ୱ ପ୍ରଦାନ ମଧ୍ୟ ସେଥିରେ ଅନ୍ତର୍ଭୁକ୍ତ । ଏହି ଅଭିଯାନ ପ୍ରକ୍ରିୟାରେ ଆବଶ୍ୟକ ପଡୁଥିବା ତଥ୍ୟାବଳୀ ଯେପରି ବାର୍ଷିକ ଋଣ ଯୋଜନା ପ୍ରଣୟନ ବେଳେ ସହାୟକ ଭାବେ ବ୍ୟବହୃତ ହୁଏ, ତାହା ସୁନିଶ୍ଚିତ କରିବା ପାଇଁ ଆପଣଙ୍କୁ ଏତଦ୍ୱାରା ଅନୁରୋଧ କରାଯାଉଛି । ବ୍ୟାଙ୍କର୍ ମାନଙ୍କର ସକ୍ରିୟ ଅଂଶଗ୍ରହଣ ପାଇଁ ଆୟୋଜିତ କାର୍ଯ୍ୟକ୍ରମଗୁଡ଼ିକର ଲଗାତାର ଅନୁଧ୍ୟାନ ଜିଲ୍ଲା ଋଣ କମିଟି ଜରିଆରେ କରାଯିବା ଉଚିତ୍ ।

୪. *ରେଗୁଲେସନ୍-୨, ୧୯୫୬ ଅଧୀନରେ ପୁନରାର୍ପିତ ଜମି କେଶ୍‌ଗୁଡ଼ିକୁ ଯାଞ୍ଚ- ଶତକଡ଼ା ୧୦୦-* ଏପର୍ଯ୍ୟନ୍ତ ଅନୁସୂଚୀତ ଜନଜାତିର ଲୋକମାନଙ୍କ ସପକ୍ଷରେ ୬୨,୧୪୫ କେଶ୍ 'ଇସଲା କରାଯାଇଛି, ଏବଂ ତଦ୍ୱାରା ୫୭,୨୪୦ ଏକର ପରିମିତ ଜମିକୁ ପୁନରାର୍ପିତ କରାଯାଇପାରିଛି । ଏହିସବୁ ଜମିର ଭୋଗଦଖଲ ସ୍ଥିତି ବିଷୟରେ ଅନୁଧ୍ୟାନ ପାଇଁ ସମସ୍ତ କେଶ୍‌ଗୁଡ଼ିକୁ ଯାଞ୍ଚ କରିବା ପାଇଁ ଏତଦ୍ୱାରା ଆପଣଙ୍କୁ ନିର୍ଦ୍ଦେଶ ଦିଆଯାଉଛି ।

୫. *ଓ.ଏଲ୍.ଆର୍. ଧାରା ୨୩ ଅଧୀନରେ ସମସ୍ତ ପୁନରାର୍ପଣ କେଶ୍‌ଗୁଡ଼ିକର ଯାଞ୍ଚ- ଶତକଡ଼ା ୧୦୦-*ଏପର୍ଯ୍ୟନ୍ତ ୩୩,୨୪୨ ବ୍ୟକ୍ତିଙ୍କୁ ୩୬,୪୯୬ ଏକର ପରିମିତ ଜମି ପୁନରାର୍ପିତ କରାଯାଇଛି । ସେମାନଙ୍କ ଭିତରେ ଅଛନ୍ତି ୨୨,୯୭୦ ଜଣ ଅନୁସୂଚୀତ ଜାତି ଏବଂ ବାକୀ ସମସ୍ତେ ଅନୁସୂଚୀତ ଜନଜାତିର ବ୍ୟକ୍ତି । ଏହିସବୁ ଜମିର ଭୋଗଦଖଲ ସ୍ଥିତି ବିଷୟରେ ସଂପୃକ୍ତ ଅନୁଧ୍ୟାନକାରୀ ଦଳ ସମସ୍ତ କେଶ୍‌ଗୁଡ଼ିକୁ ଯେପରି ଯାଞ୍ଚ କରନ୍ତି, ତାହା ସୁନିଶ୍ଚିତ କରିବା ପାଇଁ ଆପଣଙ୍କୁ ନିର୍ଦ୍ଦେଶ ଦିଆଯାଉଛି ।

୬. *ଆଇନ୍‌ଗତ ସହାୟତା-* ଯେଉଁ ସମସ୍ତ କ୍ଷେତ୍ରରେ ଜମି-ଆବଣ୍ଟନର ହିତାଧିକାରୀଗଣ ବା ସେମାନଙ୍କର ବୈଧାନିକ ଉତ୍ତରାଧିକାରୀ ମାନେ ସଂପୃକ୍ତ ଜମିର ଭୋଗଦଖଲରୁ ବଞ୍ଚିତ ଥିବେ, ସେପରି ସ୍ଥଳେ ସେମାନଙ୍କୁ ସମସ୍ତ ସମ୍ଭାବ୍ୟ ସହାୟତା ନିଶ୍ଚିତ ଭାବେ ଯୋଗାଇ ଦିଆଯିବ । ଯେଉଁ ସମସ୍ତ କ୍ଷେତ୍ରରେ ଅମୀମାଂସିତ କେଶ୍ କାରଣରୁ ଭୋଗଦଖଲ ହାସଲ ହୋଇପାରିନି, ସେପରି ସ୍ଥଳେ ପ୍ରତି କେଶ୍‌ର ବିଭିନ୍ନ ଦିଗକୁ ବିଶଦ୍ ଭାବେ ଅନୁଧ୍ୟାନ କରାଯିବା ଉଚିତ୍, ଯଥା ଆବଶ୍ୟକୀୟ ଆବେଦନ ବା ପ୍ରତିବେଦନ ଯଥାବିଧି ଦାଖଲ କରାଯାଇଛି କି ନାହିଁ, ସଂପୃକ୍ତ ସିଭିଲ୍ କୋର୍ଟରେ କେଶ୍‌ଟିକୁ ଦ୍ରୁତ୍ 'ଇସଲା ପାଇଁ ଅନୁରୋଧ ଜଣାଇ ଆବେଦନ ଦାଖଲ କରାଯାଇଛି କି ନାହିଁ, ଇତ୍ୟାଦି । ଯଦି କୌଣସି କେଶ୍ ଏକ ରାଜସ୍ୱ କୋର୍ଟରେ ବକେୟା ଥାଏ, ତେବେ ତାହାକୁ ଅଗ୍ରାଧିକାର ଭିତ୍ତିରେ 'ଇସଲା କରାଯିବା ଉଚିତ୍ । ସିଲିଂ ଉଦ୍‌ବୃତ୍ତ ଜମି ବିଷୟରେ ସମସ୍ତ ବକେୟା କେଶ୍‌ଗୁଡ଼ିକୁ ମଧ୍ୟ ୨୦୦୭ ଡିସେମ୍ବର ଶେଷ ସୁଦ୍ଧା ଶତକଡ଼ା ୧୦୦ ସମୀକ୍ଷା କରାଯିବା ଉଚିତ୍ ଏବଂ ସେଗୁଡ଼ିକର ଦ୍ରୁତାନ୍ୱିତ 'ଇସଲା ପାଇଁ ଯଥୋଚିତ କୋର୍ଟମାନଙ୍କ ସମ୍ମୁଖରେ ଆବଶ୍ୟକୀୟ ଆବେଦନ ନିଶ୍ଚିତ ରୂପେ ଦାଖଲ କରାଯିବ । ଗୋଟିଏ କେଶ୍ ଓ.ପି.ଏଲ୍.ଇ. ବା ଓ.ଜି.ଏଲ୍.ଏସ୍ ବା ଅନ୍ୟ ଯେ କୌଣସି ସିଭିଲ୍ ଧରଣର କେଶ୍ ହୋଇଥାଉନା କାହିଁକି, ସେଗୁଡ଼ିକୁ ଗରିବ ଲୋକମାନଙ୍କ ସପକ୍ଷରେ 'ଇସଲା କରିବା ପାଇଁ 'ଲୋକ ଅଦାଲତ' ବ୍ୟବସ୍ଥାର ସୁଯୋଗ ନିଆଯିବା ଉଚିତ୍ ।

୭. *ଉଲ୍ଲଂଘନକାରୀମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ-* ଜମି-ଆବଣ୍ଟନର ହିତାଧିକାରୀମାନେ ସେମାନଙ୍କ ଜମିକୁ ଭୋଗଦଖଲ କରିବା କ୍ଷେତ୍ରରେ ଯେଉଁ ଉଲ୍ଲଂଘନକାରୀମାନେ ବାଧା ଦେଉଥିବେ, ସେମାନଙ୍କ ବିରୁଦ୍ଧରେ ଆଇନ୍‌ର ବ୍ୟବସ୍ଥାଗୁଡ଼ିକୁ କଡ଼ାକଡ଼ି ଭାବେ ନିଶ୍ଚିତ ପ୍ରୟୋଗ କରାଯିବ । ଫୌଜଦାରୀ କାର୍ଯ୍ୟବିଧି ସଂହିତାର ଦ'। ୧୦୭, ୧୦୯, ୧୧୩, ୧୪୪ ଓ ୧୪୫ ଓ ଅନୁସୂଚୀତ ଜାତି ଓ ଜନଜାତିସମୂହ (ନିର୍ଯ୍ୟାତନା ନିବାରଣ) ଆଇନ୍ ଅଧୀନରେ ପ୍ରଦତ୍ତ କ୍ଷମତାବଳୀ ତଥା ରେଗୁଲେସନ୍-୨, ୧୯୫୬ ଏବଂ ଓଡ଼ିଶା ଭୂସଂସ୍କାର ଆଇନ୍ ଅଧୀନରେ ପ୍ରଦତ୍ତ ଦଣ୍ଡବିଧାନ ବ୍ୟବସ୍ଥାଗୁଡ଼ିକୁ ଆବଶ୍ୟକ ସ୍ଥଳେ ନିଶ୍ଚିତ ରୂପେ ପ୍ରୟୋଗ କରାଯିବ ।

୮. *ଶିବିର ଅଦାଲତ ଶୈଳୀ -* ସଂପୃକ୍ତ ବ୍ୟକ୍ତିମାନଙ୍କୁ ଯଥାବିଧି ଅବଗତ କରାଇ ସମସ୍ତ କେଶ୍‌ର ଯାଞ୍ଚ ଏବଂ ଅନୁଧାବନ ଯେମିତି

ହେଲେ କ୍ଷେତ୍ରୀୟ ସ୍ତରରେ ସଂପାଦିତ ହେବା ଉଚିତ୍ । ଆବଶ୍ୟକ ସ୍ଥଳେ ମୌଖିକ ପ୍ରମାଣକୁ ଲିପିବଦ୍ଧ କରାଯିବା ଉଚିତ୍ ଏବଂ ଭୋଗଦଖଲ ବିଷୟରେ କୌଣସି ବିବାଦ ଥିଲେ, ତାହାର ମୀମାଂସା ପାଇଁ ଆବଶ୍ୟକ ହେଉଥିବା ସହାୟକ ତଥ୍ୟସଂଗ୍ରହ ଉଦ୍ଦେଶ୍ୟରେ ଗ୍ରାମସଭା/ ପଲ୍ଲୀସଭାର ବ୍ୟବସ୍ଥାକୁ ଉପଯୋଗ କରାଯିବା ଉଚିତ୍ । ଜମି ଆବଣ୍ଟନର ହିତାଧିକାରୀ ମାନେ ତହସିଲ୍ ବା ଅନ୍ୟ କୌଣସି ଅଫିସରେ ଘୁରି ବୁଲିବାର ଆବଶ୍ୟକ ଯେପରି ଅନୁଭବ ନକରନ୍ତି, ତାହା ସୁନିଶ୍ଚିତ କରିବାକୁ ପଡିବ ।

୯. *ସୂଚନା ପ୍ରସାରଣ*- ହିତାଧିକାରୀମାନଙ୍କ ଭିତରେ ବ୍ୟାପକ ସୂଚନା ପ୍ରସାରଣ ଅତୀବ ଗୁରୁତ୍ୱପୂର୍ଣ୍ଣ ଅଟେ । ବର୍ତ୍ତମାନ ଉପୁଜୁଥିବା ଓ.ପି.ଏଲ୍.ଇ. ବା ଓ.ଜି.ଏଲ୍.ଏସ୍ ବା ଅନ୍ୟ କୌଣସି ରାଜସ୍ୱ କେଶ୍‌ଗୁଡିକୁ ସମୟବଦ୍ଧ ରୀତିରେ 'ଇସଲା କରିବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ସବ୍‌ଡିଭିଜନ୍ ସ୍ତରରେ କର୍ମଶାଳା ମାନ ଆୟୋଜନ କରିବା ଏବଂ ଅଭିଯାନକୁ ସ'ଳ କରିବା ପାଇଁ ସମର୍ଥ ଏନ୍.ଜି.ଓ. ମାନଙ୍କର ସହଯୋଗ ଲାଭ ପାଇଁ ଆପଣଙ୍କୁ ଏତଦ୍ୱାରା ଅନୁରୋଧ କରାଯାଉଛି । ଏହି ଅଭିଯାନ ସଂକ୍ରାନ୍ତରେ ଆବଶ୍ୟକ ପଡୁଥିବା ଯାତାୟତ ଏବଂ ଅନ୍ୟାନ୍ୟ ବିବିଧ ଖର୍ଚ୍ଚସମୂହ ଉଦ୍ଦେଶ୍ୟରେ ପ୍ରତି ତହସିଲ୍‌କୁ ୨୫ହଜାର ଟଙ୍କାର ଅର୍ଥରାଶି ବରାଦ କରାଯାଉଛି । ଯଦି ଅତିରିକ୍ତ ପାଣ୍ଠିର ଆବଶ୍ୟକ ପଡେ ତେବେ ସବିଶେଷ ଯଥାର୍ଥତା ଉଲ୍ଲେଖ ସହିତ ଉପଯୁକ୍ତ ସ୍କିମ୍ ଅଧୀନରେ ସୁନିର୍ଦ୍ଦିଷ୍ଟ ପ୍ରସ୍ତାବ ଆପଣ ପଠାଇପାରନ୍ତି ।

୧୦. *ତଦାରଖ ଓ ସମୀକ୍ଷା*- ଅଭିଯାନର ଅଗ୍ରଗତିକୁ ଅତି ନିବିଡ ଭାବେ ତଦାରଖ କରିବାକୁ ପଡିବ । ଚଳିତ ଆର୍ଥିକ ବର୍ଷ ଶେଷ ହେବା ପର୍ଯ୍ୟନ୍ତ ଅଭିଯାନର ଅଗ୍ରଗତି ବିଷୟ ସଦାସର୍ବଦା ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦର ବୈଠକଗୁଡିକରେ କାର୍ଯ୍ୟସୂଚୀର ଏକ ଅଂଶବିଶେଷ ଭାବେ ଉପସ୍ଥାପନ କରାଯିବା ଉଚିତ୍ । ଯେଉଁସବୁ ଜିଲ୍ଲାଗୁଡିକରେ ଅନୁସୂଚୀତ ଇଲାକାମାନ ରହିଛି, ସେଠାରେ ଏହି ଅଗ୍ରଗତି ବିଷୟ ସବ୍‌ଡିଭିଜନ୍ ସ୍ତରୀୟ ଟାସ୍କ ଫୋର୍ସ ଓ ଜିଲ୍ଲା ଟାସ୍କ ଫୋର୍ସ ବୈଠକଗୁଡିକରେ ଆଲୋଚନା କରିବା ଜରୁରୀ । ମାସିକ ଅଗ୍ରଗତି ବିବରଣୀ ସଂଲଗ୍ନ 'ର୍ମାଟ୍‌ରେ ଦାଖଲ କରାଯିବା ଜରୁରୀ । ପରବର୍ତ୍ତୀ ମାସର ୫ତାରିଖ ପୂର୍ବରୁ ଯେପରି ଏହି ରିପୋର୍ଟଗୁଡିକ ଇମେଲ୍ ମାଧ୍ୟମରେ ପଠାଯାଇଥିବ, ତାହା ଜିଲ୍ଲାପାଳ ମାନେ ନିଶ୍ଚିତ କରିବେ । ଯେଉଁସ୍ଥଳେ ୫ତାରିଖ ଗୋଟିଏ ସରକାରୀ ଛୁଟିଦିନ ହୋଇଥିବ ସେପରି ସ୍ଥଳେ ମାସିକ ଅଗ୍ରଗତି ବିବରଣୀକୁ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରବନ୍ଧନ ବିଭାଗକୁ ପ୍ରେରଣ ଉଦ୍ଦେଶ୍ୟରେ ଉକ୍ତ ତାରିଖ ପୂର୍ବରୁ ପଡୁଥିବା କାର୍ଯ୍ୟଦିବସକୁ ହିଁ ଉପଯୁକ୍ତ ତାରିଖ ବୋଲି ଧରିନିଆଯିବା ଉଚିତ୍ । ମାସିକ ଅଗ୍ରଗତି ବିବରଣୀର ଏକ ନକଲ ଆର.ଡି.ସି. ଓ ବୋର୍ଡ ଅଫ୍ ରେଭିନ୍ୟୁକୁ ଅଭିପ୍ରେରଣ କରାଯିବ । ଅଭିଯାନର ଅଗ୍ରଗତିକୁ ସଯତ୍ନ ସମୀକ୍ଷା କରାଯିବ ଏବଂ ଜିଲ୍ଲାପାଳ, ରେଭନ୍ୟୁ ଡିଭିଜନାଲ୍ କମିଶନର୍ ଏବଂ ପରିଦର୍ଶକ ସଚ୍ଚିବମାନଙ୍କ ସମେତ ତଦାରଖକାରୀ ଅଧିକାରୀମାନଙ୍କ ଦ୍ୱାରା ଗ୍ରାମଗୁଡିକରେ କଡାକଡି ଯାଞ୍ଚ କରାଯିବ ।

୧୧. *ଜମି ପାସ୍‌ବୁକ୍* - ହିତାଧିକାରୀଗଣ ଏବଂ ଅନ୍ୟାନ୍ୟ ରେକର୍ଡଧାରୀ ରୟତମାନେ ସେମାନଙ୍କର ଜମି ପାସ୍‌ବୁକ୍ ପାଇଛନ୍ତି କି ନାହିଁ ତାହା ସୁନିଶ୍ଚିତ କରିବା ପାଇଁ ଅଭିଯାନର ସମଗ୍ର ପ୍ରକ୍ରିୟା ଭିତରେ କ୍ଷେତ୍ରୀୟ ରାଜସ୍ୱ ପ୍ରଶାସନ ସଜାଗ ଓ ସକ୍ରୀୟ ରହିବା ଆବଶ୍ୟକ । ଅଭିଯାନର 'ଳ ସ୍ୱରୂପ, ନିର୍ଦ୍ଧାରିତ ଲକ୍ଷ୍ୟ ପୂରଣ ପାଇଁ ଜମି ପାସ୍‌ବୁକ୍‌ର ବିତରଣ କ୍ଷେତ୍ରରେ ସୁଦୃଶ୍ୟ ଅଗ୍ରଗତି ହାସଲ ହେବା ଉଚିତ୍ ।

ଏହି ଅଭିଯାନର ବ୍ୟାପକ ପ୍ରଚାର ଓ ସ୍ୱଚ୍ଛ ଓ ସମୟବଦ୍ଧ କାର୍ଯ୍ୟାନ୍ୱୟନକୁ ଯେମିତି ହେଲେ ସୁନିଶ୍ଚିତ କରିବାକୁ ପଡିବ ।

---

**ପତ୍ରସଂଖ୍ୟା-ଘକୁ.ଖଉ-୬୦/୨୦୦୭-୩୪୨୮୪/ ଉଝ (ଜଡଉଗ), ଇଷଙ୍କଭବଭଵଗବଵ, ଉବଵରୟ ଷଷର ୧୨ଷଷ ଇଙ୍କଶଙ୍କଵଵ, ୨୦୦୮**

ପ୍ରେରକ- ଅଜିତ୍ କୁମାର ତ୍ରିପାଠୀ, ଆଇ.ଏ.ଏସ. ମୁଖ୍ୟ ଶାସନ ସଚ୍ଚିବ ଓ ମୁଖ୍ୟ ଉନ୍ନୟନ କମିଶନର, ଓଡିଶା ସରକାର

ପ୍ରାପ୍ତେଷୁ- ସମସ୍ତ ଜିଲ୍ଲାପାଳ

***ବିଷୟ- 'ମୋ ଜମି – ମୋ ଡିହ' ଅଭିଯାନକୁ ଚାଲୁ ରଖିବା***

ମହାଶୟ,

ଆପଣ ଅବଗତ ଥିବେ ଯେ, 'ମୋ ଜମି – ମୋ ଡିହ' ଅଭିଯାନ ସରକାରଙ୍କ ଦ୍ୱାରା ବର୍ତ୍ତମାନ ପ୍ରଚଳିତ ଥିବା ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ । ମୁଁ ସମୀକ୍ଷା କଲାବେଳେ ଏହାର କେତେକ ଅଭାବ ମୋର ଦୃଷ୍ଟିଗୋଚର ହୋଇଛି ଏବଂ ସେହି କାରଣରୁ ବର୍ତ୍ତମାନ ନିମ୍ନଲିଖିତ ନିର୍ଦ୍ଦେଶାବଳୀ ଜାରି କରାଯାଉଛି ।

କ୍ଷେତ୍ରୀୟ ସ୍ତରରେ ଏହାର କାର୍ଯ୍ୟକାରିତା ଉପରେ ଅଧିକ ଧ୍ୟାନ ଦେବା ତଥା ବଳିଷ୍ଠ ତଦାରଖ ବ୍ୟବସ୍ଥା ପାଇଁ ଆପଣଙ୍କୁ ଏତଦ୍ୱାରା ନିର୍ଦ୍ଦେଶ ଦିଆଯାଉଛି । ଗତବର୍ଷ ଜାରି କରାଯାଇଥିବା ତଥା ବର୍ତ୍ତମାନ ପ୍ରଚଳିତ ଥିବା ନିର୍ଦ୍ଦେଶାବଳୀକୁ ନୀତିନିଷ୍ଠ ଭାବେ ପାଳନ କରିବା ସହିତ ନିମ୍ନୋକ୍ତ ବିଷୟଗୁଡିକ ଉପରେ ସୁନିଶ୍ଚିତ ପଦକ୍ଷେପ ନେବା ପାଇଁ ଆପଣଙ୍କୁ ଏତଦ୍ୱାରା ବିଶେଷ ଭାବେ ନିର୍ଦ୍ଦେଶ ଦିଆଯାଉଛି ।

୧. ଆବଣ୍ଟିତ ହୋଇଥିବା ଭୂଦାନ ଜମିସମୂହ ତଥା ତାହିଁର ଦଖଲ ସ୍ଥିତିକୁ ଯାଞ୍ଚ କରିବା ଏହି ଅଭିଯାନର ଅଂଶବିଶେଷ ରୂପେ ପରିଗଣିତ ହେବା ଏବଂ ଏହା ଉପରେ ଅଗ୍ରାଧିକାର ପ୍ରଦାନ କରିବା ବାଂଛନୀୟ ।

୨. ସେପ୍ଟେମ୍ବରର ପ୍ରଥମାର୍ଦ୍ଧରେ ଚଳିତ ବର୍ଷର ମେଳାଗୁଡିକୁ ଆପଣ ଆରମ୍ଭ କରିଦେବା ଉଚିତ୍ । କ୍ଷେତରେ 'ସଲ ଥିବା ବେଳେ ସମସ୍ତ କ୍ଷେତ୍ରସ୍ତରୀୟ ଯାଞ୍ଚକାର୍ଯ୍ୟ ସମାପିତ ହେବା ଉଚିତ୍ ।

୩. ଯେଉଁସବୁ କ୍ଷେତ୍ରରେ ଜମି ଆବଣ୍ଟନର ହିତାଧିକାରୀମାନେ ସଂପୃକ୍ତ ଜମିକୁ ଦଖଲ କରି ପାରିନାହାନ୍ତି, ସେପରି ସ୍ଥଳେ ଉପଯୁକ୍ତ ଅନୁସନ୍ଧାନ ଓ ସଂଶୋଧନମୂଳକ ପଦକ୍ଷେପମାନ ନେବା ପରେ ଦଖଲ ହସ୍ତାନ୍ତର ପାଇଁ ଦ୍ୱିତୀୟ ପର୍ଯ୍ୟାୟର ମେଳାମାନ ସାରା ରାଜ୍ୟରେ ଡିସେମ୍ବର ପ୍ରଥମ ସପ୍ତାହରେ ଆରମ୍ଭ କରିଦେବା ଉଚିତ୍ ।

୪. ରାଜସ୍ୱ ବିଭାଗର ପରିପତ୍ର ସଂଖ୍ୟା ୨୮୭୩୩ ତା ୩.୭.୨୦୦୮ ଅନୁଯାୟୀ ବସୁନ୍ଧରା କାର୍ଯ୍ୟକ୍ରମ ଅଧୀନରେ ଗ୍ରାମାଞ୍ଚଳରେ ୧୦ ଡିସିମିଲ୍ ପର୍ଯ୍ୟନ୍ତ ଘରଡିହ ଜମି ପାଇଁ ନୂଆ ଦରଖାସ୍ତ ଗୁଡିକୁ ବିଚାରକୁ ନିଆଯାଇ ପାରେ । ଆଇ.ଇ.ସି. (ସୂଚନା, ଶିକ୍ଷଣ ଓ ପ୍ରସାରଣ) ମାଧ୍ୟମରେ ପ୍ରତି ମେଳା ଅନୁଷ୍ଠିତ ହେବା ପୂର୍ବରୁ ପର୍ଯ୍ୟାପ୍ତ ପ୍ରଚାରକାର୍ଯ୍ୟ ଆୟୋଜନ କରିବା ବିଧେୟ ।

୫. ମେଳା ଚାଲୁଥିବା ସମୟରେ ଯଦି ଅନ୍ୟ କୌଣସି ନୂଆ କେଶ୍ ଦୃଷ୍ଟିଗୋଚର ହୁଏ, ତେବେ ସେଗୁଡିକୁ ଓ.ପି.ଏଲ୍.ଇ. ଆଇନ୍ ଏବଂ ଓ.ଜି.ଏଲ୍.ଏସ୍. ଆଇନର ବ୍ୟବସ୍ଥାଗୁଡିକ ଅନୁଯାୟୀ ବିଚାର କରାଯିବା ଉଚିତ୍ ।

୬. ବିଶେଷ କରି ଅନୁସୂଚୀତ ଇଲାକାମାନଙ୍କରେ ଯୋଗ୍ୟ ବିବେଚିତ ଏସ.ଟି. ହିତାଧିକାରୀଙ୍କୁ ସହାୟତା ଉଦ୍ଦେଶ୍ୟରେ ସେମାନଙ୍କୁ କୃଷି ଓ ଘରଡିହ ଜମି ଲିଜ୍ ସୂତ୍ରରେ ଯୋଗାଇଦେବା ପାଇଁ ନୂତନ ପଦକ୍ଷେପ ନିଆଯାଇ ପାରେ ।

୭. ରାଜ୍ୟର ଅନୁସୂଚୀତ ଇଲାକାମାନଙ୍କରେ ରେଗୁଲେସନ୍-୨, ୧୯୫୬କୁ କଡାକଡି ଭାବେ କାର୍ଯ୍ୟକାରୀ କରାଯିବା ଉଚିତ୍ । ସୂଚୀତ ରେଗୁଲେସନର ଧାରା ୩ବି (୨) ଓ ଧାରା ୩ବି (୩) ଅଧୀନରେ ଥିବା ବ୍ୟବସ୍ଥାଗୁଡିକ ପ୍ରତି ଏତଦ୍ୱାରା ବିଶେଷ ଭାବେ ଆପଣଙ୍କର ଧ୍ୟାନ ଆକର୍ଷଣ କରାଯାଉଛି ।

୮. ବିଭିନ୍ନ ପର୍ଯ୍ୟାୟରେ ଅଟକି ରହିଥିବା ସମସ୍ତ ବକେୟା ସିଲିଂ କେଶ୍‌ଗୁଡିକ ଭିତରୁ ପ୍ରତି କେଶ୍‌କୁ ସମୀକ୍ଷା କରାଯିବା ଉଚିତ୍ ଏବଂ ଆବଶ୍ୟକ ମୁତାବକ ମଧ୍ୟବର୍ତ୍ତୀ କାଳୀନ ଆଦେଶଗୁଡିକର ପ୍ରତ୍ୟାହାର, ପୁନର୍ବାର କାଉଣ୍ଟର୍ ଆଁଫିଡେଭିଟ୍ ଦାଖଲ, ତୁରନ୍ତ ଶୁଣାଣି ପାଇଁ ଆବେଦନ ଦାଖଲ, ଅପିଲ୍ ଦାଖଲ ଇତ୍ୟାଦି ପାଇଁ କାନୁନୀ ପଦକ୍ଷେପମାନ ନିଆଯିବା ଉଚିତ୍ ।

୯. ଯେଉଁମାନଙ୍କୁ ଜମି ଆବଣ୍ଟିତ ହୋଇଛି, ସେମାନଙ୍କ ଦ୍ୱାରା ସଂପୃକ୍ତ ଜମିର ଦଖଲକୁ ବାଧାଗ୍ରସ୍ତ କରୁଥିବା ପ୍ରଭାବଶାଳୀ ବ୍ୟକ୍ତିମାନଙ୍କ ବିରୁଦ୍ଧରେ ଶାସ୍ତିମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଯେଉଁ ନିର୍ଦ୍ଦେଶ ଜାରି କରାଯାଇଥିଲା, ସେଥିପ୍ରତି ଧ୍ୟାନ ଦେବା ଉଚିତ୍ ।

ଉପରୋକ୍ତ ବିଷୟ ଉପରେ ନିଆଯାଉଥିବା କାର୍ଯ୍ୟାନୁଷ୍ଠାନ ସମ୍ବନ୍ଧରେ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରବନ୍ଧନ ବିଭାଗକୁ ମାସିକ ଅଗ୍ରଗତି ବିବରଣୀ ମାଧ୍ୟମରେ ନିଶ୍ଚିତ ଭାବେ ରିପୋର୍ଟ ଦାଖଲ କରାଯିବା ଆବଶ୍ୟକ । ଆପଣ ମଧ୍ୟ କାର୍ଯ୍ୟାନ୍ୱୟନକୁ ଅନୁଧ୍ୟାନ କରିବା ତଥା ନୀତି-ଗ୍ରହଣ କ୍ଷେତ୍ରରେ ସ୍ଥିତିକୁ ସୁଧାରିବା ଉଦ୍ଦେଶ୍ୟରେ ଗଠନମୂଳକ ପରାମର୍ଶମାନ ଦାଖଲ କରିବା ଉଚିତ୍ ।

## ମୋ କୁଡିଆ ଯୋଜନା

୨୦୦୮-୦୯ରୁ ଓଡିଶା ସରକାରଙ୍କର ଏହି ସ୍କିମ୍ ଚାଲୁ ରହିଛି । ଗ୍ରାମାଞ୍ଚଳରେ ଯେଉଁ ପରିବାରଗୁଡିକ ବିପିଏଲ୍ ତାଲିକାଭୁକ୍ତ ନୁହନ୍ତି, ଅଥଚ ସେମାନେ ଦାରିଦ୍ର୍ୟ ଭିତରେ ଗତି କରୁଛନ୍ତି, ସେହି ପରିବାରକୁ ଉଭୟ ପୁରୁଷ ଏବଂ ସ୍ତ୍ରୀ ନାମରେ ଘର ଯୋଗାଇଦେବା ଏହି ସ୍କିମ୍‌ର ଉଦ୍ଦେଶ୍ୟ । ଏହି ସ୍କିମ୍ ଅଧୀନରେ ନିମ୍ନୋକ୍ତ ବର୍ଗର ହିତାଧିକାରୀଙ୍କୁ ଅଗ୍ରାଧିକାର ଦିଆଯିବ-

- ନିସହାୟ ମହିଳା, ଶାରିରୀକ ପଙ୍ଗୁତା (ଶତକଡା ୪୦) ଓ ମାନସିକ ଅନଗ୍ରସରତାରେ ଆକ୍ରାନ୍ତ ମହିଳା, ଘରୋଇ ହିଂସା ଦ୍ୱାରା ପୀଡିତା ମହିଳା, ନିସହାୟ ବିଧବା, ମହିଳା ମୁଖିଆଙ୍କ ଦ୍ୱାରା ପରିଚାଳିତ ପରିବାର, ସରକାରୀ ସଂସ୍ଥାରେ ପ୍ରତିପାଳିତ ହୋଇଥିବା ଅନାଥ ସାବାଳକ/ସାବାଳିକା, କୁଷ୍ଠ ଏବଂ ଏଡସ୍ ଆକ୍ରାନ୍ତ ବ୍ୟକ୍ତିଗଣ;

- ବନ୍ୟା ବା ଅଗ୍ନିକାଣ୍ଡ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ଗରିବ ପରିବାରସମୂହ;
- ହାତୀ ଉପଦ୍ରବ ଫଳରେ ଯେଉଁସବୁ ଆଦିବାସୀ ପରିବାରର ଘର ସଂପୂର୍ଣ୍ଣ ଭାଙ୍ଗି ଯାଇଥିବ;
- ଆଦିମ ଆଦିବାସୀ ଗୋଷ୍ଠୀର ପରିବାର, ତାଙ୍କର ଜମି ପଟ୍ଟା ଥାଉ ବା ନଥାଉ ।

ଦ୍ୱୈତାବୃତ୍ତିକୁ ଏଡାଇବା ଏବଂ ଚୟନ ପ୍ରକ୍ରିୟାକୁ ଅଧିକ ଉଦ୍ଦେଶ୍ୟ-ମୁଖୀ କରାଇବା ପାଇଁ ହିତାଧିକାରୀଙ୍କ ତାଲିକା ପଲ୍ଲୀସଭା ସମ୍ମୁଖରେ ଉପସ୍ଥାପନ କରାଯିବ । ଅଗ୍ନିକାଣ୍ଡ, ବନ୍ୟା, ଦଙ୍ଗା ଏବଂ ହାତୀ ଉପଦ୍ରବ ଫଳରେ ନଷ୍ଟ ହୋଇଥିବା ଗୃହର ପରିବାରମାନଙ୍କୁ ଏହି ସ୍କିମ୍ ଅଧୀନରେ ଅନ୍ତର୍ଭୁକ୍ତ କରିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ସେମାନଙ୍କ ପାଇଁ ଶତକଡା ୨୫ଭାଗ ସହାୟତା ସଂରକ୍ଷିତ ରହିବ ଏବଂ ପୁଣି ଏହି ଉଦ୍ଦେଶ୍ୟରେ ପ୍ରତି ଜିଲ୍ଲାକୁ ମୋ କୁଡିଆ ଯୋଜନା ପାଇଁ ଉଦ୍ଦିଷ୍ଟ ସାଧାରଣ ମାନଦଣ୍ଡ ତୁଳନାରେ ସ୍ୱତନ୍ତ୍ର ମଞ୍ଜୁରି ଯୋଗାଇ ଦିଆଯାଇଛି । ସାଧାରଣ ଜିଲ୍ଲା (ମୋଟ ୧୨ଟି)ଙ୍କ ପାଇଁ ପ୍ରତି ମୋ କୁଡିଆ ନିର୍ମାଣ ପାଇଁ ସତୁରି ହଜାର ଉଦ୍ଦିଷ୍ଟ ହୋଇଥିବା ବେଳେ ସମନ୍ୱିତ କର୍ମଯୋଜନା (ଆଇ.ଏ.ପି.) ଜିଲ୍ଲା (ମୋଟ ୧୮ଟି)ଙ୍କ ପାଇଁ ପଞ୍ଚସ୍ତରି ହଜାର ଧାର୍ଯ୍ୟ ହୋଇଛି ।

(ସୂତ୍ର- ଓଡିଶା ସରକାରଙ୍କ ପଞ୍ଚାୟତରାଜ ବିଭାଗ http://www.odishapanchayat.gov.in/English/Mokudia.asp)

## ଜଙ୍ଗଲ ଅଧିକାର ହିତାଧିକାରୀଙ୍କ ପାଇଁ ଏନ୍ଆର୍ଇଜିଏସ୍ ପାଣ୍ଠି ବିନିଯୋଗ

### ପଞ୍ଚାୟତରାଜ ବିଭାଗ, ଓଡ଼ିଶା ସରକାର

**ଚିଠି ସଂ. ୩୮୭୦୮ / ପି. ଆର୍. / ଆଇଆଇ – ଏନ୍.ଆର୍.ଇ.ଜି.ଏସ୍ – ୪୩ / ୦୯ ତା ୫.୧୨.୦୯**

ପ୍ରେରକ

ଶ୍ରୀ ଏସ. ଏନ୍. ତ୍ରିପାଠୀ, ଆଇ. ଏ. ଏସ୍.
କମିଶନର୍ ତଥା ସଚିବ

ଶ୍ରୀ ଏ.କେ. ତ୍ରିପାଠୀ, ଆଇ.ଏ.ଏସ୍.
ପ୍ରମୁଖ ସଚିବ

ପ୍ରାପ୍ତେଷୁ

ସମସ୍ତ ଜିଲ୍ଲାପାଳ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ/ ସମସ୍ତ ପ୍ରକଳ୍ପ ନିର୍ଦ୍ଦେଶକ, ଡ଼ି.ଆର୍.ଡ଼ି.ଏ/ ପ୍ରକଳ୍ପ ସହାୟକ, ଆଇ.ଟି.ଡ଼ି.ଏ

***ବିଷୟ : ଏନ୍ଆର୍ଇଜିଏସ୍ ଅଧୀନରେ ଜଙ୍ଗଲ ଅଧିକାର ଆଇନ୍‌ର ହିତାଧିକାରୀଙ୍କ ଜମିରେ ଭୂ-ଉନ୍ନତୀକରଣ, ଉଦ୍ୟାନଭିତ୍ତିକ ବୃକ୍ଷରୋପଣ ଏବଂ କ୍ଷେତ ପୋଖରୀ କାର୍ଯ୍ୟକ୍ରମ ସମ୍ବନ୍ଧରେ ।***

ମହାଶୟା / ମହାଶୟ,

ଉପରୋକ୍ତ ବିଷୟ ପ୍ରତି ଆପଣଙ୍କର ଧ୍ୟାନ ଆକର୍ଷଣ କରିବା ସହିତ ମୁଁ ନିର୍ଦ୍ଦେଶିତ ହୋଇ ଏକଥା ସୂଚାଇବାକୁ ଚାହେଁ ଯେ, ଜାତୀୟ ଗ୍ରାମାଞ୍ଚଳ କର୍ମନିଯୁକ୍ତି ଗ୍ୟାରେଣ୍ଟି ଆଇନ୍‌ର ସଂଶୋଧିତ ଅନୁସୂଚୀ– ୧ର ଅନୁଚ୍ଛେଦ-୧(୪) ଅନୁଯାୟୀ ଅନୁସୂଚୀତ ଜାତି ଓ ଅନୁସୂଚୀତ ଜନଜାତିର ପରିବାର ବା ବିପିଏଲ୍ ପରିବାର ବା ଭୂ-ସଂସ୍କାରର ହିତାଧିକାରୀ ବା ଇନ୍ଦିରା ଆବାସ ଯୋଜନାର ହିତାଧିକାରୀ ବା କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କର ଜମିରେ ଜଳସେଚନର ସୁବିଧା, ଉଦ୍ୟାନଭିତ୍ତିକ ବୃକ୍ଷରୋପଣ ଏବଂ କ୍ଷେତ ପୋଖରୀ ସମେତ ଭୂ-ଉନ୍ନୟନ ସୁବିଧା ଯୋଗାଇ ଦେବା ଆବଶ୍ୟକ । ଜଙ୍ଗଲ ଅଧିକାର ଆଇନ୍ ଅଧୀନରେ ଜମି ପାଇଥିବା ହିତାଧିକାରୀମାନଙ୍କ ଜୀବିକାର୍ଜନର ବିକାଶ ନିମନ୍ତେ ସେମାନଙ୍କୁ ଏନ୍ଆର୍ଇଜିଏସ୍ ଅଧୀନସ୍ଥ ଭୂ-ଉନ୍ନତୀକରଣ, ଉଦ୍ୟାନଭିତ୍ତିକ ବୃକ୍ଷରୋପଣ ଏବଂ କ୍ଷେତ ପୋଖରୀ କାର୍ଯ୍ୟକ୍ରମର ପରିସରଭୁକ୍ତ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି ।

ସୁତରାଂ, ଜିଲ୍ଲା ସ୍ତରରେ ପ୍ରକଳ୍ପ ସହାୟକ ଆଇଟିଡିଏ ଏବଂ କୃଷି ବିଭାଗ ସହିତ ପରାମର୍ଶ କରି ଜଙ୍ଗଲ ଅଧିକାର ଆଇନ୍ ଅଧୀନରେ ଜମି ପାଇଥିବା ହିତାଧିକାରୀମାନଙ୍କୁ ଏନ୍ଆର୍ଇଜିଏସ୍ ଅନୁଯାୟୀ ଜମିର ଭୂ-ଉନ୍ନତୀକରଣ, ଉଦ୍ୟାନଭିତ୍ତିକ ବୃକ୍ଷରୋପଣ ଏବଂ କ୍ଷେତ ପୋଖରୀ ସୁବିଧା ଯୋଗାଇ ଦେବା ନିମନ୍ତେ ନିମ୍ନୋକ୍ତ ମାର୍ଗଦର୍ଶୀକା ଅନୁଯାୟୀ ପଦକ୍ଷେପ ନେବା ସକାଶେ ଆପଣଙ୍କୁ ଅନୁରୋଧ କରାଯାଉଛି ।

**ହିତାଧିକାରୀଙ୍କ ଯୋଗ୍ୟତା:-** ଜଙ୍ଗଲ ଅଧିକାର ଆଇନ୍ ଅଧିନରେ ଜମି ପାଇଥିବା ସେହିସବୁ ବ୍ୟକ୍ତି ଯିଏକି ବିପିଏଲ/ଏସ୍‌ଟି/ଏସ୍‌ସି/ଇନ୍ଦିରା ଆବାସ ଯୋଜନା/ ଭୂ-ସଂସ୍କାରର ହିତାଧିକାରୀ ଭାବେ ପରିସରଭୁକ୍ତ ହୋଇଥିବେ ଅଥବା କ୍ଷୁଦ୍ର କିମ୍ବା ନାମମାତ୍ର ଚାଷୀ ହୋଇଥିବେ ସେମାନେ ଏହି କାର୍ଯ୍ୟକ୍ରମ ନିମନ୍ତେ ଯୋଗ୍ୟ ବିବେଚିତ ହେବେ । ସେମାନେ ସମସ୍ତେ ଏନ୍ଆର୍ଇଜିଏ ଅଧୀନରେ ଗ୍ରାମପଞ୍ଚାୟତ ଦ୍ୱାରା ଜବ୍‌କାର୍ଡ-ଧାରୀ ଭାବେ ନିଶ୍ଚିତ ରୂପେ ପଞ୍ଜିକୃତ ହୋଇଥିବେ ।

**ହିତାଧିକାରୀଙ୍କ ଚୟନ:-** ଏହି କାର୍ଯ୍ୟକ୍ରମର ହିତାଧିକାରୀଗଣଙ୍କୁ ପଲ୍ଲୀସଭା ଚୟନ କରିବ । ଚୟନ ହୋଇଥିବା ହିତାଧିକାରୀଙ୍କ ତାଲିକା ସଂପୃକ୍ତ ଗ୍ରାମସଭା ଦ୍ୱାରା ଅନୁମୋଦିତ ହେବ । ଏହିସବୁ ପ୍ରକଳ୍ପ ବାର୍ଷିକ ପ୍ରକଳ୍ପ-ପୁଞ୍ଜର ଅଂଶବିଶେଷ ହେବ ଏବଂ ଏନ୍‌ଆର୍‌ଇଜିଏସ୍ ମାର୍ଗଦର୍ଶିକା ଅନୁଯାୟୀ ଅନୁମୋଦନ ଲାଭ କରିଥିବ ।

**ସହାୟତାର ପ୍ରକାର:-** ଚୟନ ହୋଇଥିବା ହିତାଧିକାରୀମାନେ ସେମାନଙ୍କର ଜୋତର ପ୍ରକାରଭେଦ ଅନୁଯାୟୀ ବିହିତ ହୋଇଥିବା ସର୍ବୋଚ୍ଚ ଟ୫୦,୦୦୦/-ର ସୀମା ଭିତରେ ଏନ୍‌ଆର୍‌ଇଜିଏ ପାଣ୍ଠିରୁ ଅର୍ଥରାଶି ନେଇ ସେମାନଙ୍କର ଜମିରେ ଭୂ-ଉନ୍ନତୀକରଣ, ଉଦ୍ୟାନଭିତ୍ତିକ ବୃକ୍ଷରୋପଣ ଏବଂ କ୍ଷେତ ପୋଖରୀ କାର୍ଯ୍ୟ ହାତକୁ ନେଇପାରିବେ । ବିହିତ ହୋଇଥିବା ଏହି ସର୍ବୋଚ୍ଚ ଅର୍ଥରାଶିରୁ ଖର୍ଚ୍ଚ ଅଧିକ ହେଲେ ସଂପୃକ୍ତ ହିତାଧିକାରୀ ତାହା ସ୍ୱେଚ୍ଛାକୃତ ଭାବେ ବହନ କରିବେ । ଡିଆର୍‌ଡିଏସମୂହ କାର୍ଯ୍ୟଗୁଡିକର ସାଧାରଣ ଡିଜାଇନ୍ ଓ ଅଟକଳ ଏଭଳି ପ୍ରସ୍ତୁତ କରିବେ ଯାହାକି ବିହିତ ହୋଇଥିବା ସର୍ବୋଚ୍ଚ ଅର୍ଥରାଶି ଭିତରେ ସୀମିତ ରହୁଥିବ ।

**କାର୍ଯ୍ୟନିବାହୀ ସଂସ୍ଥା:-** ଏହି କାର୍ଯ୍ୟକ୍ରମର ସଂପାଦନା ଉଦ୍ଦେଶ୍ୟରେ ଓଡ଼ିଶା ୱାଟରସେଡ୍ ଡେ଼ଭଲପମେଣ୍ଟ ମିଶନ୍ (ଓଡବ୍ଲ୍ୟୁଡିଏମ୍), ଓଡ଼ିଶା ଆଦିବାସୀ ସଶକ୍ତୀକରଣ ଏବଂ ଜୀବିକାର୍ଜ୍ଜନ କାର୍ଯ୍ୟକ୍ରମ (ଓଟିଇଏଲପି), ଓଡ଼ିଶା ରାଜ୍ୟ ଜଙ୍ଗଲ ଉନ୍ନୟନ କାର୍ଯ୍ୟକ୍ରମ (ଓଏସ୍‌ଏ'ଡିପି), ମୃତ୍ତିକା ସଂରକ୍ଷଣ ନିର୍ଦ୍ଦେଶାଳୟ, ପଞ୍ଚାୟତ ସମିତି ଏବଂ ଗ୍ରାମ ପଞ୍ଚାୟତ କାର୍ଯ୍ୟନିର୍ବାହୀ ସଂସ୍ଥା ରୂପେ କାର୍ଯ୍ୟ କରିବେ ।

**ପାଣ୍ଠି ଯୋଗାଣ:-** ସଂପୃକ୍ତ ଡିଆର୍‌ଡିଏ ମାନଙ୍କ ନିକଟରୁ ଏହି କାର୍ଯ୍ୟକ୍ରମ ନିମନ୍ତେ ଉଦ୍ଦିଷ୍ଟ ପାଣ୍ଠି ଲାଇନ୍ ବିଭାଗଗୁଡ଼ିକୁ ସିଧା ରିଲିଜ୍ କରାଯିବ । ପଞ୍ଚାୟତ ସମିତି ଏବଂ ଗ୍ରାମ ପଞ୍ଚାୟତ ମାନେ ଏନ୍‌ଆର୍‌ଇଜିଏସ୍ ଅଧୀନସ୍ଥ ପାଣ୍ଠିକୁ ଉପଯୋଗ କରି କାର୍ଯ୍ୟ ସଂପାଦନା କରିବେ ।

**କାର୍ଯ୍ୟନିର୍ବାହ ପ୍ରକ୍ରିୟା:-** (୧) ଚୟନ ହୋଇଥିବା ହିତାଧିକାରୀଗଣ ସଂପୃକ୍ତ ଜମି ଉପରେ ନିଜର ମାଲିକାନା ସପକ୍ଷରେ ପ୍ରମାଣ ସ୍ୱରୂପ ସ୍ୱତ୍ୱାଧିକାରର ନକଲ ସମେତ ସମସ୍ତ ପ୍ରାସଙ୍ଗିକ ଦଲିଲ୍ ସହିତ ଅଣ-ଜଳବିଭାଜିକା ଅଞ୍ଚଳସମୂହ କ୍ଷେତ୍ରରେ ବିଡିଓ-ତଥା-କାର୍ଯ୍ୟକ୍ରମ ଅଧିକାରୀ (ପିଓ)ଙ୍କ ନିକଟରେ ଏବଂ ଜଳବିଭାଜିକା ଅଞ୍ଚଳସମୂହ କ୍ଷେତ୍ରରେ ପ୍ରକଳ୍ପ କାର୍ଯ୍ୟନିର୍ବାହୀ କର୍ତ୍ତୃପକ୍ଷ (ପିଆଇଏ)ଙ୍କ ନିକଟରେ ଆବେଦନ କରିବେ । (୨) ସଂପୃକ୍ତ ବିଡିଓ-ତଥା-ପିଓ/ ପିଆଇଏ କ୍ଷେତ୍ରୀୟ କର୍ମଚାରୀଙ୍କ ମାଧ୍ୟମରେ ହିତାଧିକାରୀଙ୍କ ଯୋଗ୍ୟତା ଏବଂ ପ୍ରକଳ୍ପର ସମ୍ଭାବ୍ୟତା ସଂପର୍କରେ କ୍ଷେତ୍ରସ୍ତରୀୟ ଅନୁଧ୍ୟାନର ବନ୍ଦୋବସ୍ତ କରିବେ ।

(୩) କ୍ଷେତ୍ରସ୍ତରୀୟ ଅନୁଧ୍ୟାନ ପରେ ଯଦି ହିତାଧିକାରୀ ଯୋଗ୍ୟ ବିବେଚିତ ହୁଅନ୍ତି ଏବଂ ପ୍ରକଳ୍ପର ସମ୍ଭାବ୍ୟତା ପ୍ରତୀତ ହୁଏ, ତେବେ ହିତାଧିକାରୀଙ୍କ ସପକ୍ଷରେ କାର୍ଯ୍ୟାଦେଶ ନିର୍ଗମନ କରାଯିବ । ସମସ୍ତ ଦଲିଲ୍ ଏବଂ ଅନୁଧ୍ୟାନ ରିପୋର୍ଟ ସଂପୃକ୍ତ କେଶ୍ ରେକର୍ଡରେ ସାଇତା ହୋଇ ରହିବ । (୪) ହିତାଧିକାରୀଙ୍କ ପରିବାରର ସଦସ୍ୟଗଣ (ଯେଉଁମାନେ କି ଏନ୍‌ଆର୍‌ଇଜିଏ ଅଧୀନରେ ଗ୍ରାମ ପଞ୍ଚାୟତ ଦ୍ୱାରା ପଞ୍ଜିକୃତ ହୋଇଥିବେ ) ତଥା ଗ୍ରାମ ପଞ୍ଚାୟତର ଅନ୍ୟାନ୍ୟ ପଞ୍ଜିକୃତ କାର୍ଯ୍ୟ ଆଶାୟୀ ବ୍ୟକ୍ତିମାନଙ୍କୁ ନିୟୋଜନ କରାଯାଇ ଏହି କାର୍ଯ୍ୟକ୍ରମ ସଂପାଦିତ ହେବ । (୫) ଗୋଟିଏ ପ୍ରକଳ୍ପ ଆରମ୍ଭ ହେବା ପୂର୍ବରୁ, ଏହା ଚାଲିଥିବା ସମୟରେ ଏବଂ ଏହା ସମ୍ପାଦିତ ହେବା ପରେ ନିଶ୍ଚଳ 'ଟୋଚିତ୍ର ନିଶ୍ଚିତ ରୂପେ ନିଆଯିବ ଏବଂ ତାହା କେଶ୍ ରେକର୍ଡର ଏକ ଅଂଶବିଶେଷ ରୂପେ ସ୍ଥାନ ପାଇବ । (୬) କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ସପୃକ୍ତ ବିଡିଓ/ ପିଆଇଏ ଅନ୍‌ଲାଇନ୍ ବୈଷୟିକ ଏବଂ ଆର୍ଥିକ ମଞ୍ଜୁରୀ ହାସଲ କରିବା ନିମନ୍ତେ ଡିଆର୍‌ଡିଏଙ୍କୁ ଯୋଗାଯୋଗ କରିବେ । (୭) ବିଡିଓ-ତଥା- କାର୍ଯ୍ୟକ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରୁ ଅନନ୍ୟ ସଂଖ୍ୟା ବିଶିଷ୍ଟ ମଷ୍ଟର୍ ରୋଲ୍ ନିଶ୍ଚିତ ରୂପେ ସଂଗ୍ରହ କରାଯିବ । (୮) ଠିକା ହାରରେ ଅର୍ଥାତ୍ କାର୍ଯ୍ୟର ପରିମାଣ ଭିତ୍ତିରେ ଦେୟ ପଇଠ କରାଯିବ (ମଜୁରୀ ଭିତ୍ତିରେ ନୁହେଁ) । (୯) ପର୍ଯ୍ୟବେକ୍ଷଣ ଏବଂ ତଦାରଖକୁ ଅଧିକ 'ଳପ୍ରଦ କରିବା ନିମନ୍ତେ କାର୍ଯ୍ୟଗୁଡ଼ିକୁ ଯଥାସମ୍ଭବ ଗୋଟିଏ ଗୋଟିଏ କ୍ଲଷ୍ଟର୍ ଭିତରେ କାର୍ଯ୍ୟାୟନ କରାଯିବା ଉଚିତ୍ ହେବ ।

(୧୦) ସଚେତନତା ଏବଂ ସ୍ୱଚ୍ଛତା ପାଇଁ ବ୍ୟାପକ ସୂଚନାବିତରଣ-ଶିକ୍ଷାପ୍ରସାର-ଯୋଗାଯୋଗ କାର୍ଯ୍ୟକ୍ରମ ଆୟୋଜନ କରାଯିବ । (୧୧) ଶ୍ରମିକମାନଙ୍କର ପାରିଶ୍ରମିକକୁ ବ୍ୟାଙ୍କ/ଡ଼ାକଘରେ ଥିବା ସେମାନଙ୍କର ସଞ୍ଚୟ ଖାତାରେ ଜମା କରାଯିବ ।

(୧୨) ଅନ୍ୟାନ୍ୟ ଖର୍ଚ୍ଚ ସହିତ ମଷ୍ଟର୍ ରୋଲ୍‌ର ପ୍ରତିଲିପିକୁ ଅନ୍‌ଲାଇନ୍ ଦରଜ ପାଇଁ ପଞ୍ଚାୟତ ସମିତି ନିକଟରେ ଏବଂ ରେକର୍ଡ ରଖାଯିବା ନିମନ୍ତେ ଗ୍ରାମ ପଞ୍ଚାୟତ ନିକଟରେ ଦାଖଲ କରାଯିବ । (୧୩) ପଞ୍ଚାୟତ ସମିତି ଦ୍ୱାରା ଖର୍ଚ୍ଚ ଏବଂ ଅନ୍ୟାନ୍ୟ ତଥ୍ୟାବଳୀର ଅନ୍‌ଲାଇନ୍ ଦରଜ କରାଯିବ । (୧୪) ଏହି ମିଶନ୍‌ର ସୁଚାରୁ ସଂପାଦନା ନିମନ୍ତେ ପ୍ରତି ଜିଲ୍ଲାର ଜିଲ୍ଲାପାଳ-ତଥା-ଜିଲ୍ଲା ପ୍ରକଳ୍ପ ସଂଯୋଜକ ଆବଶ୍ୟକ ସ୍ଥଳେ ପୁନଃପୁନଃ ସବିଶେଷ ନିର୍ଦ୍ଦେଶନାବଳୀ ବା ମାର୍ଗଦର୍ଶୀକା ଜାରି

କରିବେ । (୧୫) ଏହି ମିଶନ୍‌କୁ କାର୍ଯ୍ୟରୂପ ଦେବା ସମୟରେ ଏନ୍‌ଆରଇଜିଏର ବ୍ୟବସ୍ଥାଗୁଡ଼ିକୁ ଉଭୟ ଭାବ ଓ ଭାଷା ଦୃଷ୍ଟିର କଡାକଡି ଭାବେ ପାଳନ କରାଯିବା ଉଚିତ୍ ।

ଏହା ଆପଣଙ୍କର ଅବଗତି ଏବଂ ଆବଶ୍ୟକୀୟ ପଦକ୍ଷେପ ନିମନ୍ତେ ଉଦ୍ଦିଷ୍ଟ ।

---

**ଜଙ୍ଗଲ ଅଧିକାର ହିତାଧିକାରୀଙ୍କୁ ପାଣ୍ଠି ସହାୟତା ପାଇଁ ଏମ୍‌ଜି-ଏନ୍‌ଆରଇଜିଏର ସଂଶୋଧନ**

***(ଭାରତର ଗେଜେଟ୍: ଅସାଧାରଣ [Part II- Sec. 3(ii)] ଗ୍ରାମାଞ୍ଚଳ ବିକାଶ ମନ୍ତ୍ରଣାଳୟ, ବିଜ୍ଞପ୍ତି ତା ୨୨ ସେପ୍ଟେମ୍ବର ୨୦୧୧)***

**SO. 2202 E.** – ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମାଞ୍ଚଳ ରୋଜଗାର ଗ୍ୟାରେଣ୍ଟି ଆଇନ୍ ୨୦୦୫ (୨୦୦୫ର ଆଇନ୍ ସଂଖ୍ୟା ୪୨)ର ଅନୁସୂଚୀ- ୧ ରେ ପୁଣି ସଂଶୋଧନ ଆଣିବା ଆବଶ୍ୟକ ଓ ଜରୁରୀ ବୋଲି ହୃଦ୍‌ବୋଧ କରିବା ପରେ ଉକ୍ତ ଆଇନ୍‌ର ଧାରା ୨୯ ଅଧୀନସ୍ଥ ଉପଧାରା (୧) ବଳରେ ଅର୍ପିତ ହୋଇଥିବା କ୍ଷମତାବଳୀର ପ୍ରୟୋଗ କରି ନିମ୍ନୋକ୍ତ ସଂଶୋଧନମାନ ଜାରି କରୁଛନ୍ତି, ଯଥା-

୨. ଉକ୍ତ ଅନୁସୂଚୀ ଅନ୍ତର୍ଗତ ଅନୁଚ୍ଛେଦ- ୧ ଅଧୀନରେ ସ୍ଥାନିତ ହୋଇଥିବା ଉପ-ଅନୁଚ୍ଛେଦ (୪) ବଦଳରେ ନିମ୍ନୋକ୍ତ ଉପ-ଅନୁଚ୍ଛେଦଟି ପ୍ରତିସ୍ଥାନିତ ହେବ, ଯଥା-

*"ଅନୁସୂଚୀତ ଜାତି ଓ ଜନଜାତିର ପରିବାରବର୍ଗ, ବିପିଏଲ୍ ପରିବାରବର୍ଗ, ଭୂ-ସଂସ୍କାରର ହିତାଧିକାରୀ ବା ଭାରତ ସରକାରଙ୍କ ଇନ୍ଦିରା ଆବାସ ଯୋଜନାର ହିତାଧିକାରୀଙ୍କ ପରିବାରବର୍ଗ ବା କୃଷି ଋଣ ଛାଡ ବା ଋଣ ରିହାତି ସ୍କିମ୍ ୨୦୦୮ରେ ସଂଜ୍ଞାୟିତ ହୋଇଥିବା କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ପରିବାରବର୍ଗ ଅଥବା ଅନୁସୂଚୀତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ଜଙ୍ଗଲବାସିନ୍ଦା (ଜଙ୍ଗଲ ଅଧିକାରସମୂହକୁ ସ୍ୱୀକୃତି) ଆଇନ୍ ୨୦୦୬ ଅଧୀନସ୍ଥ ହିତାଧିକାରୀଙ୍କ ପରିବାରବର୍ଗଙ୍କ ମାଲିକାନାରେ ଥିବା ଜମିକୁ ଜଳସେଚନ, ବଗିଚା ନିର୍ମାଣ, ବୃକ୍ଷରୋପଣ ଏବଂ ଭୂମି-ଉନ୍ନୟନର ସୁବିଧା ଯୋଗାଣ"*

[F.No. K-11033/2/2011-MGNREGA]

D. K. Jain, Jt Secy.

***

କ୍ରମିକ ସଂଖ୍ୟା

ତାରିଖ:

ଓଡିଶା ସରକାର

# ଜମି ପାସ୍ ବହି ପାଇଁ ଦରଖାସ୍ତ

ଫଟୋ

ଜିଲ୍ଲା : ..............................

ତହସିଲ : ..............................

ମୌଜା : ..............................

୧. ପରିବାର ମୁଖ୍ୟଙ୍କ ନାମ : ..............................

୨. ସ୍ତ୍ରୀ/ ସ୍ୱାମୀଙ୍କ ନାମ : ..............................

୩. ପିତାଙ୍କ ନାମ : ..............................

ମାତାଙ୍କ ନାମ : ..............................

୪. ଘର ନଂ : ..............................

ୱାର୍ଡ ନଂ : ..............................

ଗ୍ରାମ/ସହର : ..............................

ପୋ:ଅ: : ..............................

ପଞ୍ଚାୟତ/ମ୍ୟୁନିସିପାଲିଟି/କର୍ପୋରେସନ: ..............................

୫. ପରିବାର ସଦସ୍ୟ ସଂଖ୍ୟା : ..............................

୬. ଦରଖାସ୍ତକାରୀ ରାଜ୍ୟର ସ୍ଥାୟୀ ବାସିନ୍ଦା କି? ହଁ/ ନା

ଯଦି ହଁ, କେବେଠାରୁ / କିପରି ପ୍ରକାରେ : ..............................

୭. ପରିବାରର ମୋଟ ବାର୍ଷିକ ଆୟ (କୃଷି): ..............................

(ଅଣକୃଷି) : ..............................

୮. ଧର୍ମ : ..............................

୯. ଜାତି / ଜନଜାତି : ..............................

# ପରିବାର ସଦସ୍ୟଙ୍କ ପୂର୍ଣ୍ଣାଙ୍ଗ ବିବରଣୀ

| କ୍ରମ.ନଂ | ନାମ | ବୟସ | ପୁରୁଷ/ ମହିଳା | ଜନ୍ମସ୍ଥାନ/ ତାରିଖ | ପରିବାର ମୁଖ୍ୟଙ୍କ ସହ ସମ୍ପର୍କ | ଜାତି / ଉପଜାତି | ଶିକ୍ଷାଗତ ଯୋଗ୍ୟତା | ବୃତ୍ତି | ଜମି ଓ ଘର | ମନ୍ତବ୍ୟ |
|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ |

## ପ୍ରତ୍ୟେକ ପରିବାର ସଦସ୍ୟଙ୍କ ନାମରେ ଥିବା ଜମି ଓ ଗୃହର ବିବରଣୀ

| କ୍ରମ.ନଂ | ନାମ | ରାଜସ୍ୱ ଗ୍ରାମ | ଖାତା ନଂ | ପ୍ଲଟ ନଂ | ରକବା | କିସମ | ଘରର ବିବରଣୀ | ଘର ନଂ/ ପଞ୍ଚାୟତ/ ୱାର୍ଡ ନଂ | ବୋଝାବାକି ବାବଦର ବିବରଣୀ | ମନ୍ତବ୍ୟ |
|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ |

ମୁଁ ଏତଦ୍ୱାରା ପ୍ରମାଣିତ କରୁଛି ଯେ, ଏହି ଫରମରେ ବର୍ଣ୍ଣିତ ବିବରଣୀ ସତ୍ୟ ଅଟେ । ଯଦି ଏହା ଅସତ୍ୟ ବା ମିଥ୍ୟା ବୋଲି ପ୍ରମାଣିତ ହୁଏ,
ମୁଁ ଆଇନ ଅନୁଯାୟୀ ଦଣ୍ଡିତ ହେବି ।

ସ୍ଥାନ :....................................................................................................

ତାରିଖ:.............................................ଦରଖାସ୍ତକାରୀଙ୍କ ସ୍ୱାକ୍ଷର ..........................................................

ବି.ଦ୍ର. ଅଧିକ ଜମିଜମାର ବିବରଣୀ ପାଇଁ ଅଧିକା ପୃଷ୍ଠା ସାଦା କାଗଜ ଲଗାଇ ବର୍ଣ୍ଣନା କରାଯାଇପାରେ ।

## ଅଧ୍ୟାୟ-୪

# ଅନୁସୂଚୀତ ଅଞ୍ଚଳ ଓ ଜନଜାତିଙ୍କ ପାଇଁ ସରକାରୀ ଯୋଜନା ସମୂହ

### (୧) ଲଘୁ ବନଜାତ ସାମଗ୍ରୀ ପ୍ରଶାସନ

ସମ୍ବିଧାନର ୭୩ତମ ସଂଶୋଧନ 'ଳରେ ପ୍ରଣୀତ ହୋଇଥିବା ଏକାଦଶ ସାରଣୀରେ ଯେଉଁ ୨୯ଟି ବିଷୟ ପଞ୍ଚାୟତର ନିୟନ୍ତ୍ରଣାଧୀନ ରହିବ ବୋଲି ଧାର୍ଯ୍ୟ କରାଗଲା, ତହିଁର ସପ୍ତମ ବିନ୍ଦୁରେ ରହିଛି, ଲଘୁ ବନଜାତ ସାମଗ୍ରୀ । ଏହାଛଡା ଓଡିଶା ଗ୍ରା.ପ.ଆଇନ୍ ୧୯୬୪ର ଧାରା-୪୪(ପଞ୍ଚାୟତର ଅବଶ୍ୟ-ପାଳନୀୟ ଦାୟିତ୍ୱସମୂହ)ର ଉପଧାରା (୧)ରେ ଲଘୁ ବନଜାତ ସାମଗ୍ରୀ ଗ୍ରାମପଂଚାୟତର ପ୍ରଶାସନିକ ନିୟନ୍ତ୍ରଣ ଅଧୀନରେ ରହିବ ବୋଲି କୁହାଯାଇଛି । ପୁଣି ଉପଧାରା (୨)ରେ କୁହାଯାଇଛି ଯେ, ୫ମ ଅନୁସୂଚୀ ଅଞ୍ଚଳରେ ଲଘୁ ବନଜାତ ସାମଗ୍ରୀର ମାଲିକାନା ଗ୍ରାମଶାସନର ନିୟନ୍ତ୍ରଣ ଓ ତତ୍ତ୍ୱାବଧାନରେ ରହିବ । ଏହି ପରିପ୍ରେକ୍ଷୀରେ ଓଡିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ଅଣକାଷ୍ଠ ଲଘୁ ବନଜାତ ସାମଗ୍ରୀର ସଂଗ୍ରହ ଏବଂ ବ୍ୟବସାୟ ଉପରେ ଏକ ପ୍ରସ୍ତାବ ବିଜ୍ଞପ୍ତି ସଂଖ୍ୟା ୫୫୦୩/ଏ'. ଆଣ୍ଡ ଇ. ତାରିଖ ୩୧ ମାର୍ଚ୍ଚ ୨୦୦୦ରେ ଘୋଷଣା କରିଥିଲେ, ଯାହାବଳରେ ପ୍ରଥମ ଥର ପାଇଁ ରାଜ୍ୟ ସରକାର ଲଘୁବନଜାତ ସାମଗ୍ରୀର ମାଲିକାନା ଜଙ୍ଗଲ ବିଭାଗ ଅଧୀନରେ ନରହି ଗ୍ରାମ ପଞ୍ଚାୟତ ଅଧୀନରେ ରହିବାର ନୀତିକୁ ସ୍ୱୀକୃତି ଦେଲେ । ଏହାପରେ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗ ବିଜ୍ଞପ୍ତି ସଂଖ୍ୟା ଏଲ୍.ଏସ୍.-୩-୪୧/୨୦୦୦ ତାରିଖ ୨୬.୫.୨୦୦୦ ବଳରେ ଏକ ଆଦେଶ ଜାରିକଲେ, ଯାହା ଅନୁଯାୟୀ ଲଘୁ ବନଜାତ ସାମଗ୍ରୀର ବେପାର କରିବାକୁ ଆଗ୍ରହୀ ଯେ କୌଣସି ବ୍ୟବସାୟୀ ସଂପୃକ୍ତ ଗ୍ରାମ ପଞ୍ଚାୟତଙ୍କ ନିକଟରେ ନିଜକୁ ପଂଜିକରଣ କରିବା ପାଇଁ ଉଦ୍ଦିଷ୍ଟ ିସ୍ ସହିତ ଏକ ବିହିତ 'ର୍ମରେ ଆବେଦନ କରିବା ପାଇଁ କୁହାଗଲା । ଏଥିରେ ପୁଣି କୁହାଗଲା ଯେ, ଯଦି କୌଣସି ବ୍ୟବସାୟୀ ନିର୍ଦ୍ଧାରିତ ମୂଲ୍ୟ ଠାରୁ କମ୍ ମୂଲ୍ୟରେ ସ୍ଥାନୀୟ ଅଧିବାସୀଙ୍କ ଠାରୁ ଲଘୁ ବନଜାତ ସାମଗ୍ରୀ ସଂଗ୍ରହ କରୁଥିବାର ପ୍ରମାଣ ମିଳେ ତେବେ ଗ୍ରାମପଞ୍ଚାୟତ ତାଙ୍କର ପଂଜିକରଣକୁ ରଦ୍ଦ କରିଦେଇ ପାରିବେ । ଏହାପରେ ପୁଣି ୧୫ ନଭେମ୍ବର ୨୦୦୨ରେ ରାଜ୍ୟ ଗେଜେଟ୍‌ରେ ଜାରି ହେଲା ଏକ ବିଜ୍ଞପ୍ତି (ସଂଖ୍ୟା ୨୦୯୧), ଓଡିଶା ଗ୍ରାମ ପଞ୍ଚାୟତ (ଲଘୁ ବନଜାତ ସାମଗ୍ରୀ ପ୍ରଶାସନ) ନିୟମାବଳୀ ୨୦୦୨, ଯାହା ଅନୁଯାୟୀ ବର୍ତ୍ତମାନ ଉଭୟ ଅନୁସୂଚୀତ ଓ ଅଣ-ଅନୁସୂଚୀତ ଅଞ୍ଚଳରେ ଗୋଟିଏ ଗ୍ରାମପଞ୍ଚାୟତର ଇଲାକା ମ୍ଧ୍ୟରେ ଥିବା ୬୮ଗୋଟି ଲଘୁବନଜାତ ସାମଗ୍ରୀର ନିୟନ୍ତ୍ରଣ ସଂପୃକ୍ତ ଗ୍ରାମପଞ୍ଚାୟତକୁ ନ୍ୟସ୍ତ କରାଯାଇଛି ।

**ଓଡିଶା ଗ୍ରାମପଞ୍ଚାୟତ (ଲଘୁ ବନଜାତ ସାମଗ୍ରୀ ପ୍ରଶାସନ) ନିୟମାବଳୀ ୨୦୦୨-** ଏହି ନିୟମାବଳୀ ଅନୁଯାୟୀ ଗ୍ରାମର ପରିସୀମା ଭିତରେ ଥିବା ସରକାରୀ ଜମି ବା ଜଙ୍ଗଲ ଜମିରୁ ତଥା ସଂରକ୍ଷିତ ଜଙ୍ଗଲରୁ ଗ୍ରାମବାସୀମାନେ ସଂଗ୍ରହ କରୁଥିବା ଲଘୁ ବନଜାତ ସାମଗ୍ରୀର ସଂଗ୍ରହ ଏବଂ ବ୍ୟବସାୟ ଉପରେ ଗ୍ରାମପଞ୍ଚାୟତର ନିୟନ୍ତ୍ରଣ ରହିବ । ଏହିସବୁ ସାମଗ୍ରୀକୁ ପ୍ରାଥମିକ ସଂଗ୍ରହକର୍ତ୍ତାମାନଙ୍କ ଠାରୁ କିଣିବା ତଥା ଗ୍ରାମପଞ୍ଚାୟତର ଇଲାକା ମଧ୍ୟରେ ବିକିବା ପାଇଁ ଲାଇସେନ୍ସ ସକାଶେ ଜଣେ ଆଗ୍ରହୀ ବ୍ୟକ୍ତିଙ୍କୁ ଗ୍ରାମପଞ୍ଚାୟତ ନିକଟରେ ପଞ୍ଜିକରଣ କରିବାକୁ ପଡିବ । ଏଥିପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ସମୟାନ୍ତରରେ ବିଜ୍ଞପ୍ତି କରାଯାଉଥିବା ପଞ୍ଜିକରଣ ିସ୍ ଦାଖଲ କରି ଦରଖାସ୍ତ କରିବାକୁ ପଡିବ । ଉକ୍ତ ନିୟମାବଳୀର ମୁଖ୍ୟ ବୈଶିଷ୍ଟ୍ୟ ଗୁଡିକ ହେଲା-

- ବନ ସୁରକ୍ଷା ସମିତି ଏବଂ ଏହାର ସଭ୍ୟସଭ୍ୟାମାନଙ୍କୁ ଲାଇସେନ୍ସ ପ୍ରଦାନ କ୍ଷେତ୍ରରେ ଅଗ୍ରାଧିକାର ଦିଆଯିବ ।
- ପଞ୍ଚାୟତ ସମିତି ଦ୍ୱାରା ପ୍ରତିବର୍ଷ ସେପ୍‌ଟେମ୍ବର ମାସରେ ବିଭିନ୍ନ ଲଘୁ ବନଜାତ ସାମଗ୍ରୀର ନ୍ୟୁନତମ ସଂଗ୍ରହ ମୂଲ୍ୟ ନିର୍ଦ୍ଧାରଣ କରାଯିବ ଏବଂ ଏହି ସୂଚନା ଜିଲ୍ଲା ପ୍ରଶାସନର ବିଭିନ୍ନ କାର୍ଯ୍ୟାଳୟ ତଥା ସଂପୃକ୍ତ ସମସ୍ତ ଗ୍ରା.ପ.ଗୁଡିକୁ ପଠାଯିବ ।
- ସ୍ଥାନୀୟ ଆବଶ୍ୟକତା ଭିତ୍ତିରେ ନ୍ୟୁନତମ ସଂଗ୍ରହ ମୂଲ୍ୟ ନିର୍ଦ୍ଧାରିତ ହେବ ଏବଂ ଗ୍ରାମସଭା ଏହାକୁ ଅନୁମୋଦନ କରିବ ।
- ଯଦି ଗୋଟିଏ ପଞ୍ଚାୟତ ସମିତି ନ୍ୟୁନତମ ସଂଗ୍ରହ ମୂଲ୍ୟ ନିର୍ଦ୍ଧାରଣ କରିବାରେ ବିଫଳ ହୁଏ ତେବେ ସଂପୃକ୍ତ ଜିଲ୍ଲାପାଳ ଅକ୍ଟୋବର ମାସରେ ପଞ୍ଚାୟତ ସମିତିର ଏକ ବୈଠକ ଡକାଇ ଏହାକୁ ନିର୍ଦ୍ଧାରଣ କରିବେ ।

- ପଂଜିକୃତ ବ୍ୟବସାୟୀ ପ୍ରତି ମାସରେ ଓ ବର୍ଷକୁ ଥରେ ବିହିତ ଫର୍ମରେ ସଂଗ୍ରହ ଓ ବିକ୍ରୀର ବିବରଣୀ ଦାଖଲ କରିବେ ।
- ଗ୍ରାମ ପଞ୍ଚାୟତ ବର୍ଷକୁ ଥରେ ଜଙ୍ଗଲ ବିଭାଗର ରେଞ୍ଜ ଅଧିକାରୀଙ୍କ ନିକଟକୁ ସଂଗ୍ରହ ଏବଂ ବ୍ୟବସାୟର ବିବରଣୀ ଦାଖଲ କରିବେ ।
- ଯଦି କୌଣସି ପଂଜିକୃତ ବ୍ୟବସାୟୀ ପ୍ରାଥମିକ ସଂଗ୍ରହକର୍ତ୍ତାଙ୍କୁ ନିର୍ଦ୍ଧାରିତ ହୋଇଥିବା ନ୍ୟୁନତମ ମୂଲ୍ୟ ଦେବାର ନିୟମକୁ ଉଲ୍ଲଂଘନ କରନ୍ତି ତେବେ ଏ ବିଷୟରେ ସରପଞ୍ଚ ତଦନ୍ତ କଲାପରେ ଗ୍ରା.ପ.ର ବୈଠକ ବସି ଉକ୍ତ ବ୍ୟବସାୟୀଙ୍କର ପଞ୍ଜିକରଣକୁ ରଦ୍ଦ କରିବା ପାଇଁ ନିଷ୍ପତ୍ତି ନେଇ ପାରନ୍ତି । ପଞ୍ଜିକରଣ ରଦ୍ଦ ହେବା ସତ୍ତ୍ୱେ ଯଦି ଉକ୍ତ ବ୍ୟବସାୟୀ ପୁଣି ଗ୍ରା.ପ. ଇଲାକା ଭିତରେ ନିଜର କାରବାର ଚଳାଇ ରଖନ୍ତି, ତେବେ ସରପଞ୍ଚ ଓ ସଂପାଦକ ଏ ବିଷୟରେ ଏକ ଅଭିଯୋଗ ବନଖଣ୍ଡ ଅଧିକାରୀ (ଡି.ଏଫ୍.ଓ.)ଙ୍କୁ ଦାଖଲ କରିବେ । ଡି.ଏଫ୍.ଓ. ଉକ୍ତ ବ୍ୟବସାୟୀଙ୍କ ନିୟନ୍ତ୍ରଣରେ ଥିବା ସମସ୍ତ ଲଘୁ ବନଜାତ ସାମଗ୍ରୀକୁ ଜବତ କରିବେ ଏବଂ ସର୍ବସାଧାରଣରେ ନିଲାମ କରିବେ । ନିଲାମରୁ ମିଳିଥିବା ଅର୍ଥକୁ ଜଙ୍ଗଲ ଆଇନ୍ ଅନୁଯାୟୀ ଉପଯୁକ୍ତ ହିସାବ-ଶୀର୍ଷକ ଅଧୀନରେ ଜମା ଦିଆଯିବ ।
- ଯଦି କୌଣସି ବ୍ୟବସାୟୀ ନିଜକୁ ଗ୍ରା.ପ. ନିକଟରେ ପଞ୍ଜିକରଣ ନକରି ଗ୍ରା.ପ. ଇଲାକା ଭିତରେ ଲଘୁ ବନଜାତ ସାମଗ୍ରୀର ବ୍ୟବସାୟ କରୁଥାନ୍ତି, ତେବେ ସରପଞ୍ଚ ବା ସଂପାଦକ ଏ ବିଷୟରେ ଏକ ଅଭିଯୋଗ ବନଖଣ୍ଡ ଅଧିକାରୀ (ଡି.ଏଫ୍.ଓ.)ଙ୍କୁ ଦାଖଲ କରିବେ, ଏବଂ ଡି.ଏଫ୍.ଓ. ତାହା ପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ।
- ନିୟମାବଳୀ ୨୦୦୨ର ନିୟମ ୯(୧) ଅନୁଯାୟୀ ପଞ୍ଜିକରଣ ଫିସ୍ ସରକାରୀ ଉଦ୍ୟୋଗ ଯଥା ଓ.ଏଫ୍.ଡି.ସି. ଏବଂ ଟ୍ରାଇଫେଡ୍‌ଙ୍କୁ ଦେବାକୁ ପଡିବନି ।

### (୨) ଓଡିଶାରେ ସ୍ୱତନ୍ତ୍ର ଅଞ୍ଚଳ କାର୍ଯ୍ୟକ୍ରମସମୂହ

ରାଜ୍ୟ ଭିତରେ ଆଞ୍ଚଳିକ ବୈଷମ୍ୟ ହ୍ରାସ କରିବା ଉଦ୍ଦେଶ୍ୟରେ ଉଭୟ କେନ୍ଦ୍ରୀୟ ସହାୟତାରେ ଏବଂ ରାଜ୍ୟର ନିଜସ୍ୱ ସମ୍ବଳର ବିନିଯୋଗରେ ସ୍ୱତନ୍ତ୍ର ଅଞ୍ଚଳ କାର୍ଯ୍ୟକ୍ରମସମୂହ (Special Area Programmes) କାର୍ଯ୍ୟକାରୀ ହେଉଛି । ଏହା ଜଣାଶୁଣା ଯେ, ଦକ୍ଷିଣ ଓ ପଶ୍ଚିମ ଓଡିଶାର ୮ଟି ଜିଲ୍ଲାକୁ ନେଇ ପରିଚିତ କେବିକେ ଅଞ୍ଚଳ (କୋରାପୁଟ, ରାୟଗଡା, ନବରଙ୍ଗପୁର, ରାୟଗଡା, ମାଲକାନଗିରି, ବଲାଙ୍ଗିର, ସୋନପୁର, କଳାହାଣ୍ଡି ଓ ନୂଆପଡା) କେବଳ ଓଡିଶାର ପଛୁଆ ଅଞ୍ଚଳ ନୁହେଁ, ଭାରତର ସବୁଠୁଁ ଅନୁନ୍ନତ ଅଂଚଳ ଭାବେ ବିବେଚିତ ହୋଇଥାଏ । ଏହି କେବିକେ ଅଞ୍ଚଳ ସହିତ ରାଜ୍ୟର ଆଉ କେତେକ ଅନଗ୍ରସର ଇଲାକା ପାଇଁ ବର୍ତ୍ତମାନ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ୯ଟି ସ୍ୱତନ୍ତ୍ର ଅଞ୍ଚଳ କାର୍ଯ୍ୟକ୍ରମ ପରିଚାଳିତ ହେଉଛି, ଯଥା (୧) କେବିକେ ଜିଲ୍ଲାସମୂହ ପାଇଁ ସ୍ୱତନ୍ତ୍ର ଯୋଜନା, (୨) ବିଜୁ କେବିକେ ଯୋଜନା, (୩) ବିଜୁ କନ୍ଧମାଳ ଓ ଗଜପତି ଯୋଜନା, (୪) ଅନଗ୍ରସର ଅଞ୍ଚଳ ଅନୁଦାନ ପାଣ୍ଠି ବା ବିଆରଜିଏସ୍ (୫) ସମନ୍ୱିତ ବିକାଶ ଯୋଜନା, (୬) ଗୋପବନ୍ଧୁ ଗ୍ରାମୀଣ ଯୋଜନା, (୭) ପଶ୍ଚିମ ଓଡିଶା ବିକାଶ ପରିଷଦ, (୮) ଆଦିବାସୀ ଉପଯୋଜନା(ଟିଏସ୍‌ପି) ଇଲାକାରେ ଭିତ୍ତିସଂରଚନା କ୍ଷେତ୍ରରେ ପରିଲକ୍ଷିତ ଅଭାବସମୂହର ଦୂରୀକରଣ ପାଇଁ ସମ୍ବିଧାନର ଧାରା ୨୭୫(୧) ଅଧୀନରେ ପ୍ରାପ୍ତ ଅନୁଦାନ, ଏବଂ (୯) ଆଦିବାସୀ ଉପଯୋଜନା ଇଲାକାରେ ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତା କ୍ରମେ ଉନ୍ନୟନ କାର୍ଯ୍ୟକ୍ରମସମୂହର କାର୍ଯ୍ୟକାରିତା ।

## (୩) ଅନଗ୍ରସର ଅଞ୍ଚଳସମୂହ ଅନୁଦାନ ପାଣ୍ଠି (ବିଆର୍‌ଜିଏଫ୍)

***ପୃଷ୍ଠଭୂମି-*** ଦଶମ ପଞ୍ଚବାର୍ଷିକ ଯୋଜନା (୨୦୦୨-୨୦୦୭)ର ମଧ୍ୟକାଳୀନ ସମୀକ୍ଷାରୁ ଜଣା ପଡିଥିଲା ଯେ, ବିଗତ ୧୫ବର୍ଷ ଭିତରେ ଆଞ୍ଚଳିକ ବୈଷମ୍ୟ ବୃଦ୍ଧି ପାଇଛି । ଦେଶରେ ଥିବା ସୁଦୃଶ୍ୟ ଆଞ୍ଚଳିକ ବୈଷମ୍ୟକୁ ଦୂର କରିବାର ସୁନିର୍ଦ୍ଦିଷ୍ଟ ଲକ୍ଷ୍ୟ ନେଇ ସଂପୃକ୍ତ ଅଞ୍ଚଳଗୁଡିକ ପାଇଁ ବର୍ତ୍ତମାନ ପ୍ରଚଳିତ ଥିବା ଯୋଜନା ଗୁଡିକୁ ଅବ୍ୟାହତ ରଖି ନୂତନ, ସୃଜନଶୀଳ ଯୋଜନାମାନ ପ୍ରଣୟନ କରି ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥାମାନଙ୍କ ଜରିଆରେ ସେଗୁଡିକୁ କାର୍ଯ୍ୟାନ୍ୱିତ କରିବା ଉଦ୍ଦେଶ୍ୟରେ ଆର୍ଥିକ ବ୍ୟାପାରସମୂହ ଉପରେ ଗଠିତ କ୍ୟାବିନେଟ୍ କମିଟି ଅନଗ୍ରସର ଅଞ୍ଚଳସମୂହ ଅନୁଦାନ ପାଣ୍ଠି (Backward Regions Grant Fund) ନାମରେ ଏକ କେନ୍ଦ୍ରୀୟ ଯୋଜନାର ପ୍ରସ୍ତାବକୁ ଅନୁମୋଦନ କରିଥିଲେ । ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ୧୯ ଫେବୃଆରି ୨୦୦୭ରେ ଆସାମର ବାଗପେଟା ଠାରେ ଏହି ଯୋଜନା ଉଦ୍‌ଘାଟିତ ହୋଇଥିଲା । ଏଠାରେ ଉଲ୍ଲେଖନୀୟ ଯେ, ୨୦୦୬-୦୭ରେ ବିଆର୍‌ଜିଏଫ୍ ଲାଗୁ ହେବା ପୂର୍ବରୁ ଦେଶର ୧୪୭ଟି ଜିଲ୍ଲାରେ ଉପରୋକ୍ତ ଉଦ୍ଦେଶ୍ୟରେ ରାଷ୍ଟ୍ରୀୟ ସମବିକାଶ ଯୋଜନା (RSVY) କାର୍ଯ୍ୟକାରୀ ହେଉଥିଲା । ବିଆର୍‌ଜିଏଫ୍ କାର୍ଯ୍ୟକ୍ରମ କେନ୍ଦ୍ରୀୟ ପଞ୍ଚାୟତରାଜ ମନ୍ତ୍ରଣାଳୟ ମାଧ୍ୟମରେ ଦେଶର ୨୭ଟି ରାଜ୍ୟର ୨୫୦ଟି ଜିଲ୍ଲାରେ କାର୍ଯ୍ୟକାରୀ ହେଉଛି ।

*ଯୋଜନାର ସ୍ୱରୂପ ଓ ପାଣ୍ଠି ବ୍ୟବସ୍ଥା*- ଉପରୋକ୍ତ ୨୫୦ଟି ଜିଲ୍ଲା ଭିତରୁ ୨୩୨ଟି ଜିଲ୍ଲା ସଂବିଧାନର ଭାଗ-୯ (ପଞ୍ଚାୟତସମୂହ) ଏବଂ ଭାଗ-୯ଏ (ନଗରପାଳିକା) ଅଧୀନରେ ପରିସରଭୁକ୍ତ, ଏବଂ ବାକୀ ୧୮ଟି ଜିଲ୍ଲା ସମ୍ବିଧାନର ଷଷ୍ଠ ଅନୁସୂଚୀ ଅଞ୍ଚଳ ତଥା ନାଗାଲାଣ୍ଡ ଓ ମଣିପୁର ଭଳି ସ୍ୱତନ୍ତ୍ର ଅଂଚଳର ପରିସରଭୁକ୍ତ । ଏହି କାର୍ଯ୍ୟକ୍ରମର ପୁଣି ଦୁଇଟି ଭାଗ ରହିଛି । ପ୍ରଥମ ଭାଗ ଅଧୀନରେ ଉପରୋକ୍ତ ୨୫୦ଟି ଜିଲ୍ଲା ପାଇଁ କାର୍ଯ୍ୟକ୍ରମସମୂହ କେନ୍ଦ୍ରୀୟ ସ୍ତରରେ ପଞ୍ଚାୟତରାଜ ମନ୍ତ୍ରଣାଳୟ ମାଧ୍ୟମରେ ସଂଯୋଜିତ ହେବ ଏବଂ ଦ୍ୱିତୀୟ ଭାଗ ଅଧୀନରେ ବିହାରର କେତେକ ଜିଲ୍ଲା ଏବଂ ଓଡିଶାର କେବିକେ ଜିଲ୍ଲାସମୂହ ପାଇଁ କାର୍ଯ୍ୟକ୍ରମମାନ ଯୋଜନା କମିଶନ୍ ମାଧ୍ୟମରେ ସଂଯୋଜିତ ହେବ । ଯୋଜନାର ପ୍ରବର୍ତ୍ତନ ବେଳେ ୨୦୦୬-୦୭ ବର୍ଷ ପାଇଁ ପ୍ରଥମ ଭାଗ ଅଧୀନରେ ବାର୍ଷିକ ୩୭୫୦ କୋଟି ଟଙ୍କା ଏବଂ ଦ୍ୱିତୀୟ ଭାଗ ଅଧୀନରେ ବିହାର ପାଇଁ ୧୦୦୦କୋଟି ଏବଂ ଓଡିଶାର କେବିକେ ଜିଲ୍ଲାମାନଙ୍କ ପାଇଁ ୨୫୦କୋଟି ଟଙ୍କା ମଞ୍ଜୁର ହୋଇଥିଲା । ପୁରା ଏକାଦଶ ପଞ୍ଚବାର୍ଷିକ ଯୋଜନା (୨୦୦୭-୧୨) ପାଇଁ ଏହି ବ୍ୟୟବରାଦ ବଜାୟ ରହିଲା । ଏହି ଯୋଜନା ଅଧୀନରେ ସମସ୍ତ କାର୍ଯ୍ୟକ୍ରମ ପାଇଁ କେନ୍ଦ୍ରୀୟ ଅନୁଦାନ ଶତକଡା ଶହେ ମିଳିଥାଏ ଏବଂ ତାହା ରାଜ୍ୟ ଯୋଜନାସମୂହକୁ ଅତିରିକ୍ତ କେନ୍ଦ୍ରୀୟ ସହାୟତା (Additional Central Assistance to State Plans) ରୂପେ ମଞ୍ଜୁର ହୋଇଥାଏ । ଉପରୋକ୍ତ ପାଣ୍ଠିରୁ କେବଳ ଦକ୍ଷତା ବୃଦ୍ଧି ବାବଦରେ ପ୍ରତି ଜିଲ୍ଲା ପାଇଁ ୧ କୋଟି ଟଙ୍କା ହିସାବରେ ୨୫୦ଟି ଜିଲ୍ଲା ପାଇଁ ୨୫୦ କୋଟି ଟଙ୍କା ବରାଦ ହୋଇଥିଲା । ଅବଶିଷ୍ଟ ଅର୍ଥରାଶି ଅଣ-ବନ୍ଧୀତ ପାଣ୍ଠି (Untied Fund) ରୂପେ ବିବେଚିତ ହେବ । ପ୍ରତି ଜିଲ୍ଲାକୁ ୧୦ କୋଟି ଟଙ୍କା ହିସାବରେ ୨୫୦ଟି ଜିଲ୍ଲା ପାଇଁ ୨୫୦୦ କୋଟି ମଞ୍ଜୁର ହେବା ପରେ ବାକୀ ୧୦୦୦ କୋଟି ଟଙ୍କାର ଅର୍ଦ୍ଧାଂଶକୁ ସମସ୍ତ ଜିଲ୍ଲା ଭିତରେ ଜନସଂଖ୍ୟା ଆଧାରରେ ଏବଂ ବାକୀ ଅର୍ଦ୍ଧାଂଶକୁ କ୍ଷେତ୍ରଫଳ ଆଧାରରେ ବାଣ୍ଟି ଦିଆଯିବ । ବିଆରଜିଏଫ୍ ଲାଗୁ ହେବା ବେଳେ ଏହା ପୁଣି ସ୍ଥିର ହୋଇଥିଲା ଯେ, ଚିହ୍ନିତ ୨୫୦ ଜିଲ୍ଲା ଭିତରୁ ଯେଉଁ ୧୪୭ଟି ଜିଲ୍ଲାରେ ରାଷ୍ଟ୍ରୀୟ ସମବିକାଶ ଯୋଜନାର କାର୍ଯ୍ୟ ଅସମାପ୍ତ ଥିବା, ସେଠାରେ ପ୍ରଥମେ ସେହି ଅସମାପ୍ତ କାର୍ଯ୍ୟଗୁଡିକୁ ସମାପ୍ତ କରାଯିବ ଏବଂ ବାକୀ ୧୦୩ଟି ଜିଲ୍ଲାରେ ବିଆରଜିଏଫ୍ ସିଧାସଳଖ କାର୍ଯ୍ୟକାରୀ ହେବ ।

*ପଞ୍ଚାୟତରାଜ ସଂସ୍ଥାସମୂହର ପ୍ରମୁଖ ଭୂମିକା*- ସମ୍ବିଧାନର ଧାରା ୨୪୩-ଜି ଅନୁଯାୟୀ ଗ୍ରାମସ୍ତରରୁ ଜିଲ୍ଲା ପର୍ଯ୍ୟନ୍ତ ସବୁ ସ୍ତରର ପଞ୍ଚାୟତଗୁଡିକ ଏହି ଯୋଜନାର ପ୍ରସ୍ତୁତି ଏବଂ କାର୍ଯ୍ୟାନ୍ୱୟନରେ ପ୍ରମୁଖ ଭୂମିକା ଗ୍ରହଣ କରବେ । ଏଠାରେ ଉଲ୍ଲେଖନୀୟ ଯେ, ସମ୍ବିଧାନର ଧାରା ୨୪୩ ଜେଡ୍‌ଡି ଅନୁଯାୟୀ ପ୍ରତି ରାଜ୍ୟ ଜିଲ୍ଲା ଯୋଜନା କମିଟି (District Planning Committee –DPC) ପ୍ରତିଷ୍ଠା କରିବେ । ଏହି କମିଟି ଜିଲ୍ଲା ଭିତରେ ଥିବା ପ୍ରତି ସ୍ତରର ପଞ୍ଚାୟତ ଏବଂ ନଗରପାଳିକା ଦ୍ୱାରା ପ୍ରସ୍ତୁତ ହୋଇଥିବା ଉଭୟ ବାର୍ଷିକ ଏବଂ ପରିପ୍ରେକ୍ଷଣ ଯୋଜନାସମୂହ (Annual and Perspective Plans)କୁ ଏକତ୍ରୀକୃତ ରୂପ ପ୍ରଦାନ କରିବେ । ଏହିସବୁ ଯୋଜନାରେ ବିଭିନ୍ନ ସ୍କିମ୍ (ଯଥା ଏମ୍‌ଜି-ଏନ୍‌ଆର୍‌ଇଜିଏ, ସର୍ବଶିକ୍ଷା ଅଭିଯାନ, ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟ ମିଶନ୍, ଭାରତ ନିର୍ମାଣ ଇତ୍ୟାଦି) ମାଧ୍ୟମରେ ମିଳୁଥିବା ସମ୍ବଳସମୂହକୁ ଉପଯୋଗ କରାଯିବ ଏବଂ ବାକୀ ସମ୍ବଳର ଆବଶ୍ୟକତା ବିଆରଜିଏଫ୍‌ର ଅନୁଦାନରୁ ମେଣ୍ଟନ କରାଯିବ । କେନ୍ଦ୍ରୀୟ ପଞ୍ଚାୟତରାଜ ମନ୍ତ୍ରଣାଳୟ ଯୋଜନା କମିଶନ୍ ସହ ପରାମର୍ଶ କରି ବିଆରଜିଏଫ୍‌ର ମାର୍ଗଦର୍ଶୀକା ପ୍ରସ୍ତୁତ କରିବେ, ଯେଉଁଥିରେ ରାଜ୍ୟ ସରକାର ସମସ୍ତ ଏକତ୍ରୀକୃତ ଜିଲ୍ଲା ଯୋଜନାକୁ ଆଧାର କରି ରାଜ୍ୟ-ସ୍ତରୀୟ ଯୋଜନା ପ୍ରସ୍ତୁତ କରିବେ । ରାଜ୍ୟମାନଙ୍କୁ କେନ୍ଦ୍ରରୁ ପାଣ୍ଠି ଯୋଗାଣ ପାଇଁ ଏକ ସର୍ତ୍ତ ରହିବ ଯେ, ପଞ୍ଚାୟତଗୁଡିକ ମାଧ୍ୟମରେ ଯୋଜନାମାନ ପ୍ରସ୍ତୁତ ହୋଇ ଜିଲ୍ଲା ସ୍ତରରେ ସେଗୁଡିକ ଏକତ୍ରୀକୃତ ରୂପ ନେଇଥିବ ଏବଂ ରାଜ୍ୟ ସରକାର ସେଗୁଡିକୁ ଅନୁମୋଦନ କରିଥିବେ । ରାଜ୍ୟମାନେ ଯୋଜନା ପ୍ରସ୍ତୁତି ପ୍ରକ୍ରିୟାରେ ପଞ୍ଚାୟତଗୁଡିକର ଅଂଶଗ୍ରହଣ ପାଇଁ ନିମ୍ନୋକ୍ତ ନୀତିଗୁଡିକର କାର୍ଯ୍ୟକାରିତା ଉପରେ ପ୍ରାଧାନ୍ୟ ଦେବେ, ଯଥା (୧) ପ୍ରାକୃତିକ ସମ୍ବଳ ଏବଂ ପରିବାରର ସ୍ଥିତି ଉପରେ ଗ୍ରାମସ୍ତରୀୟ ତଥ୍ୟଭଣ୍ଡାର ଗଢିତୋଳିବା, (୨) ଆବଶ୍ୟକ ସ୍ଥଳେ ବହିରାଗତ ବିଶେଷଜ୍ଞମାନଙ୍କର ସହାୟତା ନେବା, (୩) ଗ୍ରାମସଭାଗୁଡିକର ସକ୍ରିୟ ଭାଗିଦାରିତା ଏବଂ ପଞ୍ଚାୟତଗୁଡିକ ଦ୍ୱାରା ନିଜର କାଯ୍ୟପଦ୍ଧତିରେ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ପାଳନ, ଏବଂ (୪) ଉପଯୁକ୍ତ ରୀତିରେ ପଞ୍ଚାୟତମାନଙ୍କୁ ପାଣ୍ଠି ପରିଚାଳନାର କ୍ଷମତା ନ୍ୟସ୍ତୀକରଣ ।

*ଯୋଜନାର ଲକ୍ଷ୍ୟସମୂହ*- ବିଆରଜିଏଫ୍‌ର ତିନୋଟି ପ୍ରମୁଖ ଲକ୍ଷ୍ୟ ରହିଛି, ଯଥା- (୧) ଅନଗ୍ରସର ଅଞ୍ଚଳରେ ଭିତ୍ତିସଂରଚନା (infrastructure) ଗଢିତୋଳିବା, ଯାହାକି ପ୍ରଚଳିତ ଯୋଜନା ମାନଙ୍କ ଦ୍ୱାରା ହୋଇପାରି ନଥାଏ (୨) ସବୁ କ୍ଷେତ୍ରରେ ଉତ୍ତମ ପ୍ରଶାସନ ସହିତ ଭୂସଂସ୍କାରକୁ ଆଗେଇନେବା, ଓ (୩) ବିଭିନ୍ନ ସ୍କିମ୍‌ର କାର୍ଯ୍ୟକ୍ରମଗୁଡିକୁ ସମାଭିମୁଖୀକରଣ (convergence) କରାଇବା , ଏବଂ (୪) ଉଭୟ ପଞ୍ଚାୟତ ଏବଂ ନଗରପାଳିକାଗୁଡିକ ଯେପରି ଭାଗିଦାରି, ସ୍ୱଚ୍ଛ ଓ ଉତ୍ତରଦାୟୀ ସଂସ୍ଥା ରୂପେ ଗଢିଉଠିବ, ତାହାକୁ ସୁନିଶ୍ଚିତ କରିବା ।

*କେଉଁ ଉନ୍ନୟନ କାର୍ଯ୍ୟମାନ ବିଆର୍‌ଜିଏଫ୍ ପରିସରଭୁକ୍ତ ?* ଗ୍ରାମାଂଚଳ ଓ ନଗରାଞ୍ଚଳର ସର୍ବାଂଗୀନ ବିକାଶ ପାଇଁ ସଂପୃକ୍ତ ପଞ୍ଚାୟତ ବା ନଗରପାଳିକା ଦ୍ୱାରା ପ୍ରଣୀତ ଯୋଜନା ଅନୁଯାୟୀ ବିଭିନ୍ନ ଧରଣର କାର୍ଯ୍ୟକ୍ରମ ସଂପାଦିତ ହୋଇପାରେ । ନିମ୍ନରେ ସୂଚୀତ କାର୍ଯ୍ୟମାନ କେତେକ ନମୂନା ମାତ୍ର ।

- ପଞ୍ଚାୟତ ଗୃହର ନିର୍ମାଣ/ ଉନ୍ନତୀକରଣ
- ନୂତନ ଅଙ୍ଗନାବାଡି କେନ୍ଦ୍ର ନିର୍ମାଣ/ ଉପସ୍ଥିତ କେନ୍ଦ୍ରର ସଂପ୍ରସାରଣ
- ବିଦ୍ୟାଳୟ ନିର୍ମାଣ/ ଉନ୍ନତୀକରଣ
- ଅଧିକ ସଂଖ୍ୟକ ଇନ୍ଦିରା ଆବାସ ଗୃହ ନିର୍ମାଣ
- ଏନ୍‌ଆର୍‌ଇଜିଏ ସହ ସଂଯୋଜନା ମାଧ୍ୟମରେ ନୂତନ ଗୋଷ୍ଠୀସଂପଦ ସୃଷ୍ଟି
- ଗ୍ରାମ ପଞ୍ଚାୟତରେ ନୂତନ କର୍ମଚାରୀ ନିଯୁକ୍ତି
- ଗ୍ରାମୀଣ ବିଦ୍ୟୁତୀକରଣ ଯୋଜନାକୁ ଆଗେଇନେବା

*ଓଡିଶାରେ ବିଆର୍‌ଜିଏଫ୍-ପରିସରଭୁକ୍ତ ଜିଲ୍ଲାସମୂହ-* ଏହି ଯୋଜନା ଅଧୀନରେ ଓଡ଼ିଶାର ୧୯ଟି ଅନଗ୍ରସର ଜିଲ୍ଲାକୁ ଅନ୍ତର୍ଭୁକ୍ତ କରାଯାଇଛି । ଯେଉଁଥିରେ ୨୦୫ଟି ବ୍ଲକ୍, ୩୬୭୨ଟି ପଞ୍ଚାୟତ ଓ ୭୦ଟି ପୌରାଞ୍ଚଳ ରହିଛି । ଏହି ଜିଲ୍ଲାଗୁଡ଼ିକ ହେଲା : ୧. ବଲାଙ୍ଗୀର, ୨. ବୌଦ୍ଧ, ୩. ଦେବଗଡ଼, ୪. ଢେଙ୍କାନାଳ, ୫. ଝାରସୁଗୁଡ଼ା, ୬. କଳାହାଣ୍ଡି, ୭. କୋରାପୁଟ, ୮. ମାଲକାନ୍‌ଗିରି, ୯. ନବରଙ୍ଗପୁର, ୧୦. ନୂଆପଡ଼ା, ୧୧. କନ୍ଧମାଳ, ୧୨. ରାୟଗଡ଼ା, ୧୩. ସମ୍ବଲପୁର, ୧୪. ସୋନପୁର, ୧୫. ଗଞ୍ଜାମ, ୧୬. ଗଜପତି, ୧୭. ମୟୂରଭଞ୍ଜ, ୧୮. କେନ୍ଦୁଝର ଓ ୧୯. ସୁନ୍ଦରଗଡ଼ (ଦ୍ରଷ୍ଟବ୍ୟ- ବିଆର୍‌ଜିଏଫ୍ କାର୍ଯ୍ୟକ୍ରମ ମାର୍ଗଦର୍ଶୀକା, ପଞ୍ଚାୟତରାଜ ମନ୍ତ୍ରଣାଳୟ, ଭାରତ ସରକାର) ।

*ବିଆର୍‌ଜିଏଫ୍ ଅଧୀନରେ ଓଡିଶା ପାଇଁ ଅର୍ଥବ୍ୟୟ-* ୨୦୦୬-୦୭ରେ ଓଡିଶାର ୮ଟି ଅନଗ୍ରସର ଜିଲ୍ଲାରେ ଭିତ୍ତିସଂରଚନାର ବିକାଶ ଏବଂ ଦକ୍ଷତା ବୃଦ୍ଧି ପାଇଁ ବିଆର୍‌ଜିଏଫ୍ ଅନୁଦାନ ମିଳିଥିଲା ୪୮.୫୯ କୋଟି ଟଙ୍କା । ୨୦୦୭-୦୮ରେ ଓଡିଶାର ପ୍ରାପ୍ୟ ଥିଲା ୩୨୪.୬୭ କୋଟି ଟଙ୍କା, କିନ୍ତୁ ମିଳିଥିଲା ୧୯ଟି ଜିଲ୍ଲା ପାଇଁ ୩୧୭.୦୫ କୋଟି ଟଙ୍କା । ତାହା ପରେ ବର୍ଷ ୨୦୦୮-୦୯, ୨୦୦୯-୧୦ ଓ ୨୦୧୦-୧୧ ପାଇଁ ମିଳିଛି ଯଥାକ୍ରମେ ୧୭୮.୧୦ କୋଟି, ୨୭୨.୨୧ କୋଟି ଏବଂ ୩୦୨.୪୮ କୋଟି ଟଙ୍କା । ୨୦୧୧-୧୨ ବର୍ଷ ଠାରୁ ବିଆର୍‌ଜିଏଫ୍‌ରୁ ଓଡିଶାର ପ୍ରାପ୍ୟ ପରିମାଣ ପୂର୍ବ ୩୦୫.୬୭ କୋଟିରୁ ୩୨୦.୯୬ କୋଟି ଟଙ୍କା ବୃଦ୍ଧି ପାଇଛି, କିନ୍ତୁ ଦକ୍ଷତା ବୃଦ୍ଧି ବାବଦ ଅର୍ଥମଂଜୁରି ପୂର୍ବଭଳି ୧୯କୋଟି ଟଙ୍କାରେ ସୀମିତ ରହିଛି । *(ଦ୍ରଷ୍ଟବ୍ୟ- ଓଡିଶା ବାର୍ଷିକ ଯୋଜନା ୨୦୧୨-୧୩, ଅଧ୍ୟାୟ-୮)*

## (୪) ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଅଞ୍ଚଳ ପାଇଁ ସ୍ୱତନ୍ତ୍ର ଯୋଜନାସମୂହ

ଆଦିବାସୀ ଓ ଅନଗ୍ରସର ଅଞ୍ଚଳସମୂହ ପାଇଁ 'ସମନ୍ୱୀତ କର୍ମଯୋଜନା' - କେନ୍ଦ୍ରୀୟ ଗୃହ ମନ୍ତ୍ରଣାଳୟର ୱେବ୍‌ସାଇଟ୍ *(http://mha.nic.in/uniquepage.asp?Id_Pk=540)* ସୂତ୍ରରୁ ଜଣାପଡେ ଯେ, ଯୋଜନା କମିଶନ୍ ଦ୍ୱାରା ବର୍ତ୍ତମାନ ଦେଶର ୯ଟି ରାଜ୍ୟ (ଆନ୍ଧ୍ରପ୍ରଦେଶ, ବିହାର, ଛତିଶ୍‌ଗଡ, ଝାଡଖଣ୍ଡ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଓଡିଶା, ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗ) ରେ ଥିବା ମୋଟ ୮୨ଟି ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଅଞ୍ଚଳ ପାଇଁ ସମନ୍ୱୀତ କର୍ମଯୋଜନା (Integrated Action Plan) ଚାଲୁ ରହିଛି । ଏହି ଯୋଜନା ଅଧୀନରେ ପ୍ରଥମେ ୨୦୧୦-୧୧ ଆର୍ଥିକ ବର୍ଷରେ ପ୍ରତି ଜିଲ୍ଲା ପାଇଁ ୨୫କୋଟି ଟଙ୍କା ହିସାବରେ ୬୦ଟି ଜିଲ୍ଲା ପାଇଁ ଅର୍ଥ ବରାଦ କରାଯାଇଥିଲା ଏବଂ ୨୦୧୧-୧୨ ଆର୍ଥିକ ବର୍ଷ ପାଇଁ ପ୍ରତି ଜିଲ୍ଲା ପାଇଁ ୩୦ କୋଟି ଟଙ୍କା ମଞ୍ଜୁର ହୋଇଥିଲା । ପରବର୍ତ୍ତୀ ଅବସ୍ଥାରେ ନୂଆ ୨୨ଟି ଜିଲ୍ଲାକୁ ସାମିଲ୍ କରିବା ଫଳରେ ବର୍ତ୍ତମାନ ଏହି ଯୋଜନା ଅଧୀନରେ ଜିଲ୍ଲା ସଂଖ୍ୟା ହେଉଛି ୮୨ । ଏହି କର୍ମଯୋଜନା ଅଧୀନରେ ମୋଟ ୧୦୦୧୩୩ ଟି ପ୍ରକଳ୍ପ ହାତକୁ ନିଆଯାଇଛି, ଏବଂ ସେଗୁଡିକ ଭିତରୁ ତା ୮ ଜାନୁଆରି ୨୦୧୩ ସୁଦ୍ଧା ୬୯୦୫୬ଟି ପ୍ରକଳ୍ପ ସଂପାଦିତ ହୋଇସାରିଛି । ଏହି ପ୍ରକଳ୍ପସମୂହ ଭିତରେ ଅଛି ସ୍କୁଲ୍ ଓ ଅଂଗନବାଡି ଗୃହନିର୍ମାଣ, ସୁଲଭ ବିକ୍ରୟ କେନ୍ଦ୍ର ପ୍ରତିଷ୍ଠା, ପାନୀୟ ଜଳ ସୁବିଧା, ରାସ୍ତା, ପଞ୍ଚାୟତ ଭବନ, ତାଲିମ୍ ଓ ଦକ୍ଷତାବୃଦ୍ଧି କାର୍ଯ୍ୟକ୍ରମ, ସ୍ୱାସ୍ଥ୍ୟକେନ୍ଦ୍ର, କୋଚିଂ ସେଣ୍ଟର୍, ଶୌଚାଳୟ, ଖେଳପଡିଆ ଓ କ୍ଷୁଦ୍ର ଜଳସେଚନ ଇତ୍ୟାଦି ଉନ୍ନୟନ ପ୍ରକଳ୍ପ ।

କେନ୍ଦ୍ର ସରକାରଙ୍କ 'ଅନଗ୍ରସର ଅଞ୍ଚଳସମୂହ ଅନୁଦାନ ପାଣ୍ଠି' (Backward Regions Grant Fund- BRGF) ଅଧୀନରେ ପରିଚାଳିତ ଏହି ସ୍କିମ୍ ସଂପୃକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜିଲ୍ଲାର ଏସ୍.ପି. ଏବଂ ଡି.ଏଫ୍.ଓ.ଙ୍କୁ ନେଇ ଗଠିତ ଜିଲ୍ଲା କମିଟି ଦ୍ୱାରା କାର୍ଯ୍ୟାନ୍ୱୀତ ହୋଇଥାଏ । ପ୍ରତି ଜିଲ୍ଲା କମିଟି ସ୍ଥାନୀୟ ଆବଶ୍ୟକତାକୁ ଦୃଷ୍ଟିରେ ରଖି ନିଜେ ଏକ କର୍ମଯୋଜନା ପ୍ରସ୍ତୁତ କରିବେ ଏବଂ ଏହାକୁ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ସେମାନଙ୍କର ପୁରାପୁରି ସ୍ୱାତନ୍ତ୍ର୍ୟ ରହିବ *(ଦ୍ରଷ୍ଟବ୍ୟ ଯୋଜନା କମିଶନଙ୍କ*

ଓେବ୍‌ସାଇଟ୍ http://pcserver.nic.in/iapmis) । ସରକାରୀ କାର୍ଯ୍ୟକ୍ରମଗୁଡିକ ଠାରୁ ସ୍ୱତନ୍ତ୍ର ଭାବେ ଏହାର ଅର୍ଥରାଶି ବ୍ୟୟିତ ହେବ ଏବଂ ପ୍ରତି ଜିଲ୍ଲା ସ୍ତରୀୟ କମିଟି ସଂପୃକ୍ତ ସାଂସଦମାନଙ୍କ ସହ ପରାମର୍ଶ କରି ପ୍ରକଳ୍ପଗୁଡିକର ତାଲିକା ପ୍ରସ୍ତୁତ କରିବେ । ଏହି କର୍ମଯୋଜନା ଅଧିନରେ ମଞ୍ଜୁର ହୋଇଥିବା କେନ୍ଦ୍ରୀୟ ଅର୍ଥରାଶିକୁ ରାଜ୍ୟ ସରକାର ସଂପୃକ୍ତ ଜିଲ୍ଲାପାଳଙ୍କ ଦ୍ୱାରା ଏହି ଉଦ୍ଦେଶ୍ୟରେ ଖୋଲାଯାଇଥିବା ବ୍ୟାଙ୍କ୍ ଆକାଉଣ୍ଟକୁ ରିଲିଜ୍ କରିବେ । ଏଠାରେ ଉଲ୍ଲେଖନୀୟ ଯେ, ବର୍ତ୍ତମାନ ଓଡିଶାର ୧୮ଟି ଜିଲ୍ଲା (ବଲାଙ୍ଗିର, ଦେଓଗଡ, ଗଜପତି, ଗଞ୍ଜାମ, ଯାଜପୁର, କଳାହାଣ୍ଡି, କନ୍ଧମାଳ, କେନ୍ଦୁଝର, କୋରାପୁଟ, ମାଲକାନଗିରି, ମୟୁରଭଞ୍ଜ, ନବରଙ୍ଗପୁର, ନୟାଗଡ, ନୂଆପଡା, ରାୟଗଡା, ସମ୍ବଲପୁର, ସୋନପୁର ଓ ସୁନ୍ଦରଗଡ)ରେ ଏହି ସ୍କିମ୍ କାର୍ଯ୍ୟକାରୀ ହେଉଛି । ଓଡିଶାରେ ୧ମ ପର୍ଯ୍ୟାୟରେ ୧୫ଟି ଜିଲ୍ଲା ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ (୨୦୧୧-୧୨ବର୍ଷ ଡିସେମ୍ବର ୨୦୧୧ରେ) ୩ଟି ଜିଲ୍ଲା (ଗଞ୍ଜାମ, ଯାଜପୁର ଓ ନୟାଗଡ)କୁ ଏହାର ପରିସରଭୁକ୍ତ କରାଯାଇଛି । ଓଡିଶାରେ ଏହି କର୍ମଯୋଜନାର ପ୍ରଶାସନ ଦାୟିତ୍ୱ ଯୋଜନା ଓ ସମନ୍ୱୟ ବିଭାଗ ଉପରେ ନ୍ୟସ୍ତ ହୋଇଛି ଏବଂ ଏହାର କାର୍ଯ୍ୟକାରିତାକୁ ଦେଖାଶୁଣା କରନ୍ତି ରାଜ୍ୟର ଉନ୍ନୟନ କମିଶନର୍ ।

ଏହି ସ୍କିମ୍ ପାଇଁ ଅର୍ଥରାଶି କେନ୍ଦ୍ରୀୟ ଗୃହ ମନ୍ତ୍ରଣାଳୟର 'ନିରାପତ୍ତା ସଂପର୍କୀତ ବ୍ୟୟ' (Security Related Expenditure) ସୂତ୍ରରୁ ଆସିଥାଏ । ଗୋଟିଏ ଜିଲ୍ଲା ଏହି ସ୍କିମ୍‌ର ପରିସରଭୁକ୍ତ ହେବା ପାଇଁ କେତେକ ମାନଦଣ୍ଡ ଧାର୍ଯ୍ୟ କରାଯାଇଛି, ଯଥା ସଂପୃକ୍ତ ଜିଲ୍ଲା ଗୃହ ମନ୍ତ୍ରଣାଳୟ ଚିହ୍ନିତ ଜିଲ୍ଲା ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିବ, ସମୁଦାୟ ଜନସଂଖ୍ୟାର ଶତକଡା ୨୫ ବା ତଦୁର୍ଦ୍ଧ୍ୱ ଆଦିବାସୀ ହୋଇଥିବେ, ମୋଟ କ୍ଷେତ୍ରଫଳର ଶତକଡା ୩୦ରୁ ଅଧିକ ଅଞ୍ଚଳ ଜଙ୍ଗଲ ଆଚ୍ଛାଦିତ ହୋଇଥିବ, ଦରିଦ୍ର ସଂଖ୍ୟା ସମୁଦାୟ ଜନସଂଖ୍ୟାର ଶତକଡା ୫୦ରୁ ଉର୍ଦ୍ଧ୍ୱ ହୋଇଥିବ, ତଥା ଏହା ବିଆର୍‌ଜିଏଫ୍ ଜିଲ୍ଲାତାଲିକାର ଅନ୍ତର୍ଭୁକ୍ତ ହୋଇଥିବ ।

ସଂପୃକ୍ତ ରାଜ୍ୟରେ ଏହି ସ୍କିମ୍ ବାବଦ କାର୍ଯ୍ୟସମୂହ ଏବଂ ଅର୍ଥବ୍ୟୟକୁ ତଦାରଖ କରିବାର ଦାୟିତ୍ୱ ହେଉଛି ସେହି ରାଜ୍ୟର ଉନ୍ନୟନ କମିଶନରଙ୍କର । ପ୍ରତି ରାଜ୍ୟ ମଧ୍ୟ ସଂପାଦିତ ହୋଇଥିବା କାର୍ଯ୍ୟାବଳୀର ଫଟୋଗ୍ରାଫ୍ ସହିତ ପ୍ରତି ଜିଲ୍ଲାର ମାସିକ ରିପୋର୍ଟକୁ କେନ୍ଦ୍ର ନିକଟକୁ ପଠାଇବେ । କେନ୍ଦ୍ରୀୟ କ୍ୟାବିନେଟ୍ ସେକ୍ରେଟାରୀ ମଧ୍ୟ ସଂପୃକ୍ତ ରାଜ୍ୟଗୁଡିକର ଚିଫ୍ ସେକ୍ରେଟାରୀମାନଙ୍କ ମାଧ୍ୟମରେ ଏହି ସ୍କିମ୍‌ର କାର୍ଯ୍ୟକାରିତାର ଅଗ୍ରଗତି ସଂବନ୍ଧରେ ତଦାରଖ କରିଥାନ୍ତି । ଏହାଛଡା ଯୋଜନା କମିଶନଙ୍କ ସଦସ୍ୟ-ସଚିବ ମଧ୍ୟ ନିୟମିତ ଅନ୍ତରାଳରେ ସଂପୃକ୍ତ ଜିଲ୍ଲାପାଳ ଏବଂ ରାଜ୍ୟ ଉନ୍ନୟନ କମିଶନରଙ୍କ ସହ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ତଦାରଖ କରିଥାନ୍ତି । କେନ୍ଦ୍ରୀୟ ଗୃହ ମନ୍ତ୍ରୀ, ଗ୍ରାମାଞ୍ଚଳ ବିକାଶ ମନ୍ତ୍ରୀ ଏବଂ ପରିବେଶ ଓ ଜଙ୍ଗଲ ମନ୍ତ୍ରୀ ମଧ୍ୟ ଏପ୍ରକାର ଭିଡିଓ କନ୍‌ଫରେନ୍ସିଂ କାର୍ଯ୍ୟକ୍ରମରେ ମଝିରେ ମଝିରେ ସାମିଲ୍ ହୋଇଛନ୍ତି । ସର୍ବୋପରି କେନ୍ଦ୍ରୀୟ ଗୃହ ମନ୍ତ୍ରଣାଳୟ ଦ୍ୱାରା ଏକ କ୍ଷମତାପ୍ରାପ୍ତ ଅଫିସର୍ ଗୋଷ୍ଠୀ (Empowered Group of Officers) ଗଠିତ ହୋଇଛି, ଯାହାର ଅଧ୍ୟକ୍ଷ ହେଉଛନ୍ତି ଯୋଜନା କମିଶନଙ୍କ ସଦସ୍ୟ-ସଚିବ । ସଂପୃକ୍ତ ବିଭାଗ ସହିତ ପରାମର୍ଶ କରି ସ୍କିମ୍‌ର ଢାଞ୍ଚା ଓ କାର୍ଯ୍ୟରୀତିରେ ସଂଶୋଧନ କରିବାର କ୍ଷମତା ଏହି ଗୋଷ୍ଠୀ ହାତରେ ଅଛି ।

*(ଦ୍ରଷ୍ଟବ୍ୟ-ପ୍ରେସ୍ ଇନ୍‌ଫର୍ମେସନ୍ ବ୍ୟୁରୋ/ http://pib.nic.in/newsite/erelease.aspx?relid=79472)*

## (୫) ସର୍ବସାଧାରଣ ବଣ୍ଟନ ବ୍ୟବସ୍ଥା

ବର୍ତ୍ତମାନ ଯେଉଁ ଲକ୍ଷ୍ୟଭିତ୍ତିକ ସର୍ବସାଧାରଣ ବଣ୍ଟନ ବ୍ୟବସ୍ଥା (Targeted Public Distribution System) ଚାଲୁ ରହିଛି ତାହା ପୁନର୍ଗଠିତ ସର୍ବସାଧାରଣ ବଣ୍ଟନ ବ୍ୟବସ୍ଥା (Revamped Public Distribution System- RPDS) ରୁ ଜନ୍ମ ଲାଭ କରିଥିଲା । ୧୯୯୨ରେ ସମସ୍ୟାକ୍ଲିଷ୍ଟ ଅଞ୍ଚଳରେ ଅତ୍ୟାବଶ୍ୟକ ସାମଗ୍ରୀସମୂହକୁ ପହଞ୍ଚାଇବା ଉଦ୍ଦେଶ୍ୟରେ ଉକ୍ତ ଆର୍‌ପିଡିଏସ୍‌ର ଉତ୍ପତ୍ତି ଘଟିଥିଲା । ଏହା ସେତେବେଳେ ଦେଶର ସାଧାରଣତଃ ମରୁଭୂମି ଓ ମରୁଡି ପ୍ରବଣ ତଥା ଆଦିବାସୀ ଓ ପାର୍ବତ୍ୟ ଇଲାକାର ମୋଟ ୧୭୫୨ଟି ବ୍ଲକ୍ ପାଇଁ ଉଦ୍ଦିଷ୍ଟ ଥିଲା, ଯେଉଁଗୁଡିକୁ ଆର୍ଥିକ ଓ ସାମାଜିକ ଅନଗ୍ରସର ଅଞ୍ଚଳ ବୋଲି ବିବେଚନା କରାଯାଉଥିଲା । ଗହମ, ଚାଉଳ, ଚିନି, ଆମଦାନୀ ଖାଇବା ତେଲ, କିରୋସିନୀ ଏବଂ ରନ୍ଧା କୋଇଲାକୁ ରିହାତି ଦରରେ ଆର୍‌ପିଡିଏସ୍ ବ୍ଲକ୍‌ରେ ଲୋକମାନଙ୍କୁ ଯୋଗାଣ କରାଯାଉଥିଲା ।

ଜୁନ୍ ୧୯୯୭ରେ ଭାରତ ସରକାର ଗରିବ ପରିବାର (ବିପିଏଲ୍) ପାଖରେ ପ୍ରାପ୍ୟ ପହଞ୍ଚାଇବାର ଉଦ୍ଦେଶ୍ୟ ରଖି ଲକ୍ଷ୍ୟଭିତ୍ତିକ ସର୍ବସାଧାରଣ ବଣ୍ଟନ ବ୍ୟବସ୍ଥା (Targeted Public Distribution System) ଚାଲୁ କରିଥିଲେ । ଏହି ନୂତନ ବ୍ୟବସ୍ଥା ଅନୁଯାୟୀ ସର୍ବସାଧାରଣ ବଣ୍ଟନ କାର୍ଯ୍ୟକ୍ରମ ହେଉଛି ଉଭୟ କେନ୍ଦ୍ର ଓ ରାଜ୍ୟ/କେନ୍ଦ୍ରାଞ୍ଚଳର ମିଳିତ ଦାୟିତ୍ୱ । ଖାଦ୍ୟଶସ୍ୟ ସଂଗ୍ରହ, ପରିମାଣ ନିର୍ଦ୍ଧାରଣ, ଖାଦ୍ୟଶସ୍ୟକୁ ଫୁଡ୍ କର୍ପୋରେସନ୍ ଅଫ୍ ଇଣ୍ଡିଆର ନିର୍ଦ୍ଦିଷ୍ଟ ଡିପୋଗୁଡିକୁ ପରିବହନ କରିବା ଏବଂ ସେଠାରେ ଗଚ୍ଛିତ ରଖିବା ହେଉଛି କେନ୍ଦ୍ର ସରକାରଙ୍କର ଦାୟିତ୍ୱ ।

କିନ୍ତୁ ରାଜ୍ୟ/କେନ୍ଦ୍ରାଞ୍ଚଳ ଭିତରେ ଖାଦ୍ୟସାମଗ୍ରୀର ଆବଣ୍ଟନ କରିବା, ବିପିଏଲ୍ ପରିବାରମାନଙ୍କୁ ଚିହ୍ନଟ କରିବା, ସେମାନଙ୍କୁ ରେସନ୍ କାର୍ଡ ବଣ୍ଟନ କରିବା, ସ୍ଥାନୀୟ ଡିଲର୍ ବା ରିଟେଲରଙ୍କ ପାଇଁ ଲାଭାଂଶ ପ୍ରଦାନ କରିବା ଓ ଖାଦ୍ୟସାମଗ୍ରୀର ଆବଣ୍ଟନ ପାଇଁ ଉଦ୍ଦିଷ୍ଟ ସୁଲଭ ମୂଲ୍ୟ ଦୋକାନଗୁଡିକର କାର୍ଯ୍ୟକାରିତାକୁ ତଦାରଖ କରିବା ହେଉଛି ସଂପୃକ୍ତ ରାଜ୍ୟ / କେନ୍ଦ୍ରାଞ୍ଚଳର ଦାୟିତ୍ୱ । ଯୋଜନା କମିଶନଙ୍କ ଦ୍ୱାରା ୧୯୯୩-୯୪ରେ ସମ୍ପାଦିତ ଗରିବ ଗଣନା ବା ମାର୍ଚ୍ଚ ୨୦୦୦ରେ ଭାରତ ସରକାରଙ୍କ ରେଜିଷ୍ଟ୍ରାର୍ ଜେନେରାଲ୍‌ଙ୍କ ଦ୍ୱାରା ପ୍ରଦତ୍ତ ପରିସଂଖ୍ୟାନ ଅଥବା ରାଜ୍ୟ/ କେନ୍ଦ୍ରାଞ୍ଚଳଙ୍କ ଦ୍ୱାରା ଚିହ୍ନିତ ହୋଇଥିବା ବା ଯେଉଁମାନଙ୍କୁ କାର୍ଡ ଇସୁ ହୋଇଥିବ ସେହି ଗରିବ ସଂଖ୍ୟା- ଏହି ତିନୋଟି ଭିତରୁ ଯେଉଁଟା କମ୍ ସେହି ସଂଖ୍ୟକ ବିପିଏଲ୍ ପରିବାରଙ୍କ ପାଇଁ କେନ୍ଦ୍ର ସରକାର ଖାଦ୍ୟଶସ୍ୟ ଆବଣ୍ଟନ କରିବେ ।

ଏଠାରେ ଉଲ୍ଲେଖନୀୟ ଯେ, ଟିଡିପିଏସ୍‌କୁ ଆହୁରି ଅଧିକ ଲକ୍ଷ୍ୟଭିତ୍ତିକ କରିବା ପାଇଁ ଡିସେମ୍ବର ୨୦୦୦ରେ ଏକ କୋଟି ଅତି ଗରିବ (Poorest of the Poor) ବା ବିପିଏଲ୍‌ଙ୍କ ଭିତରେ ଥିବା ନିହାତି ଗରିବ ପରିବାରଙ୍କ ପାଇଁ ଅନ୍ତୋଦୟ ଅନ୍ନ ଯୋଜନା ଚାଲୁ କରାଯାଇଥିଲା । ସେବେଠାରୁ ଏହି ଯୋଜନାକୁ ତିନି ଥର ପରିବର୍ଦ୍ଧନ କରାଗଲାଣି । ଏହିସବୁ ପରିବର୍ଦ୍ଧନ ଫଳରେ ବର୍ତ୍ତମାନ ଅନ୍ତୋଦୟ ହିତାଧିକାରୀଙ୍କ ସଂଖ୍ୟା ୨.୫୦ କୋଟିରେ ପହଞ୍ଚିଛି । ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଭୂମିହୀନ କୃଷି ଶ୍ରମିକ, ନାମମାତ୍ର ଚାଷୀ ଓ ଶିଳ୍ପୀ/କାରିଗର (ଯଥା କୁମ୍ଭାର, ଚମଡାଶିଳ୍ପୀ, ବୁଣାକାର, କମାର, ବଢେଇ, ବସ୍ତିବାସିନ୍ଦା ଇତ୍ୟାଦି) ଏବଂ ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଦିନମଜୁରିଆ ମାନେ ଅନ୍ତୋଦୟ ପରିବାର ଭାବେ ଚିହ୍ନିତ ହୋଇପାରିବେ । ସମସ୍ତ ଆଦିମ ଆଦିବାସୀ ଗୋଷ୍ଠୀ (Primitive Tribal Groups- PTG) ଅନ୍ତୋଦୟ ପରିବାର ବୋଲି ବିବେଚିତ ହେବେ । ଏହାଛଡା ବିଧବା, ଦୁରାରୋଗ୍ୟ ବ୍ୟାଧିରେ ପୀଡିତ ବ୍ୟକ୍ତି, ଭିନ୍ନକ୍ଷମ ବ୍ୟକ୍ତି ଏବଂ ୬୦ବର୍ଷରୁ ଉର୍ଦ୍ଧ୍ୱ ଯେ କୌଣସି ନିସମ୍ବଳ ଓ ନିସହାୟ ବ୍ୟକ୍ତି ଓ ଯଦି ସେ ପରିବାରର ମୁଖ୍ୟ ହୋଇଥାଆନ୍ତି ତେବେ ସଂପୃକ୍ତ ପରିବାର ଅନ୍ତୋଦୟ ସଂଜ୍ଞାର ପରିସରଭୁକ୍ତ ହୋଇପାରିବେ । ୩ ଜୁନ୍ ୨୦୦୯ରେ କେନ୍ଦ୍ରୀୟ ଖାଦ୍ୟ ଓ ସର୍ବସାଧାରଣ ବଣ୍ଟନ ବ୍ୟବସ୍ଥା ମନ୍ତ୍ରଣାଳୟ ଦ୍ୱାରା ପ୍ରସାରିତ ସର୍କୁଲାର ଅନୁଯାୟୀ ଯେଉଁ ବିପିଏଲ୍ ପରିବାରରେ ଏଚ୍‌ଆଇଭି ସଂକ୍ରମିତ ବ୍ୟକ୍ତି ଥିବେ, ସେହିସବୁ ପରିବାର ଅନ୍ତୋଦୟ ଅନ୍ନ ଯୋଜନାର ହିତାଧିକାରୀ ହୋଇପାରିବେ ।

କେନ୍ଦ୍ର ସରକାର ଅନ୍ତୋଦୟ ଅନ୍ନ ଯୋଜନା ପରିବାର ସମେତ ସମସ୍ତ ବିପିଏଲ୍ ପରିବାରଙ୍କ ପାଇଁ ପରିବାର ପିଛା ମାସିକ ୩୫ କେଜି ଚାଉଳ/ଗହମ ଯୋଗାଇଥାନ୍ତି । ଅନ୍ୟ ପକ୍ଷରେ ଏପିଏଲ୍ ପରିବାରମାନଙ୍କୁ ୧୫ରୁ ୩୫ କେଜି ଭିତରେ ଚାଉଳ/ଗହମ ମିଳିବ, କିନ୍ତୁ ନିର୍ଦ୍ଦିଷ୍ଟ ପରିମାଣ ନିର୍ଦ୍ଧାରଣ କରିବ କେନ୍ଦ୍ର ସରକାରଙ୍କ ପାଖରେ କେତେ ଷ୍ଟକ୍ ଅଛି ଏବଂ ସଂପୃକ୍ତ ରାଜ୍ୟ ଆଗରୁ କେତେ ଉଠାଣ କରିଛନ୍ତି । ଡିସେମ୍ବର ୨୦୦୦ରେ ଏହି ସ୍କିମ୍ ଚାଲୁ ହେବା ଠାରୁ କେନ୍ଦ୍ର ସରକାର ଅନ୍ତୋଦୟ ଅନ୍ନ ଯୋଜନା ପାଇଁ କେନ୍ଦ୍ରୀୟ ଉଠାଣ ମୂଲ୍ୟ (Central Issue Price) ଚାଉଳ କେଜି ପିଛା ୩ଟଙ୍କା ଏବଂ ଗହମ କେଜି ପିଛା ୨ଟଙ୍କା ଧାର୍ଯ୍ୟ କରିଛନ୍ତି, ଏବଂ କୌଣସି ପରିସ୍ଥିତିରେ ରାଜ୍ୟ ସରକାର ହିତାଧିକାରୀ ମାନଙ୍କ ଠାରୁ ଏହା ଠାରୁ ଅଧିକ ହାରରେ ଅର୍ଥରାଶି ଆଦାୟ କରିପାରିବେ ନାହିଁ ।

ତା ୧ ଜୁଲାଇ ୨୦୦୨ରୁ ବର୍ତ୍ତମାନ ପର୍ଯ୍ୟନ୍ତ ନିମ୍ନୋକ୍ତ ହାରରେ କେନ୍ଦ୍ରୀୟ ଉଠାଣ ଦର ସ୍ଥିର ଲାଗୁ କରାଯାଇଛି-

| ହିତାଧିକାରୀ | ଚାଉଳ (ଟଙ୍କା) | ଗହମ (ଟଙ୍କା) |
|---|---|---|
| ଏପିଲ୍ | ୮.୩୦ | ୬.୧୦ |
| ବିପିଏଲ୍ | ୫.୬୫ | ୪.୧୫ |
| ଅନ୍ତୋଦୟ | ୩.୦୦ | ୨.୦୦ |

ପିଡିଏସ୍ ସୂତ୍ରରୁ ସରକାର ଆଉ କେତେକ କାର୍ଯ୍ୟକ୍ରମ ପାଇଁ ଖାଦ୍ୟଶସ୍ୟ ଯୋଗାଇଥାନ୍ତି, ଯଥା ମଧ୍ୟାହ୍ନ ଭୋଜନ, ଆଇସିଡିଏସ୍ ଅଧୀନରେ ଗହମ-ପ୍ରସ୍ତୁତ ଖାଦ୍ୟ, କିଶୋରୀ ବାଳିକାମାନଙ୍କ ପାଇଁ ପୁଷ୍ଟିସାଧନ କାର୍ଯ୍ୟକ୍ରମ, ଅନ୍ନପୂର୍ଣ୍ଣା କାର୍ଯ୍ୟକ୍ରମ ଏବଂ ଜରୁରୀ କାଳୀନ ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମ ଇତ୍ୟାଦି ।

ଅନ୍ତୋଦୟ, ବିପିଏଲ୍ ବା ଏପିଲ୍ କାର୍ଡ ପାଇବାକୁ ହେଲେ ସଂପୃକ୍ତ ରାଜ୍ୟ ସରକାରଙ୍କ ଖାଦ୍ୟ ଓ ସାଧାରଣ ବଣ୍ଟନ ବିଭାଗର କର୍ତ୍ତୃପକ୍ଷଙ୍କୁ ଆବେଦନ କରିବାକୁ ପଡିବ । ସର୍ବସାଧାରଣ ବଣ୍ଟନ ବ୍ୟବସ୍ଥାର ପରିଚାଳନା ସଂବନ୍ଧୀୟ ଯେ କୌଣସି ଅଭିଯୋଗକୁ ସାଧାରଣତଃ ରାଜ୍ୟ ସରକାରଙ୍କ ସଂପୃକ୍ତ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଯାଇଥାଏ । କେନ୍ଦ୍ରୀୟ ଖାଦ୍ୟ ଓ ସର୍ବସାଧାରଣ ବଣ୍ଟନ ବିଭାଗକୁ କୌଣସି ଅଭିଯୋଗ ପ୍ରାପ୍ତ ହେଲେ ତାହାକୁ ସେ ସଂପୃକ୍ତ ରାଜ୍ୟ ସରକାରଙ୍କ ନିକଟକୁ ପଠାଇଦେବେ । ***(ଦ୍ରଷ୍ଟବ୍ୟ- କେନ୍ଦ୍ରୀୟ ଖାଦ୍ୟ ଓ ସର୍ବସାଧାରଣ ବଣ୍ଟନ ବ୍ୟବସ୍ଥା ମନ୍ତ୍ରଣାଳୟଙ୍କ ୱେବ୍‌ସାଇଟ୍ http://dfpd.nic.in/?q=node/999)***

***ଓଡିଶାରେ ପିଡିଏସ୍ ହିତାଧିକାରୀଙ୍କ ପ୍ରାପ୍ୟ-*** ଏହା ଜଣାଶୁଣା କଥା ଯେ ଗତ ଫେବୃଆରି ୨୦୧୩ରୁ ଓଡିଶା ସରକାର କେଜି ୧ଟଙ୍କା ଦରରେ ବିପିଏଲ୍ ଓ ଅନ୍ତୋଦୟ ପରିବାରମାନଙ୍କୁ ପିଡିଏସ୍ ଚାଉଳ

ଯୋଗାଉଛନ୍ତି । ଏବିଷୟରେ ସବିଶେଷ ତଥ୍ୟାବଳୀ ନିମ୍ନୋକ୍ତ ସାରଣୀରେ ଦିଆଗଲା-

*ଏକଟଙ୍କିଆ ଚାଉଳ-*

| କ୍ର.ସଂ. | ସ୍କିମ୍ | ହିତାଧିକାରୀ ସଂଖ୍ୟା | ପ୍ରାପ୍ୟ ପରିମାଣ ମାସିକ | ଖାଉଟି ପକ୍ଷେ କେଜି ପିଛା ପ୍ରଦେୟ ଟଙ୍କା |
|---|---|---|---|---|
| ୧ | ବିପିଏଲ୍ | ୩୬,୯୦,୦୨୭ | ୨୫ କେଜି | ୧.୦୦ |
| ୨ | କେବିକେ ଏପିଏଲ୍ | ୫,୩୨,୧୩୩ | ୨୫ କେଜି | ୧.୦୦ |
| ୩ | ଅନ୍ତୋଦୟ ଅନ୍ନ ଯୋଜନା | ୧୨,୫୩,୧୬୪ | ୩୫ କେଜି | ୧.୦୦ |
| ୪ | ଏସ୍‌ଟି/ଏସ୍‌ସି ହଷ୍ଟେଲ୍ | ୪,୧୫,୩୫୭ | ୧୫ କେଜି | ୧.୦୦ |
| ୫ | ଭିନ୍ନକ୍ଷମ ବ୍ୟକ୍ତି | ୭୬,୫୩୪ | ୧୦ କେଜି | ୧.୦୦ |

*କଲ୍ୟାଣ ସଂସ୍ଥାମାନଙ୍କୁ ବିପିଏଲ୍ ଚାଉଳ-*

| କ୍ର.ସଂ. | ସ୍କିମ୍ | ଅନ୍ତେବାସୀ ସଂଖ୍ୟା | ପ୍ରାପ୍ୟ ପରିମାଣ ମାସିକ | ଖାଉଟି ପକ୍ଷେ କେଜି ପିଛା ପ୍ରଦେୟ ଟଙ୍କା |
|---|---|---|---|---|
| ୧ | କଲ୍ୟାଣ ସଂସ୍ଥା | ୧୧,୭୦୫ | ୧୫ | ୬.୩୦ |

***ଅନ୍ନପୂର୍ଣ୍ଣା ସ୍କିମ୍-*** ଏହି ସ୍କିମ୍ ଅଧୀନରେ ୬୫ବର୍ଷରୁ ଉର୍ଦ୍ଧ୍ୱ ନିସହାୟ ବ୍ୟକ୍ତିମାନଙ୍କୁ ମାଗଣାରେ ଚାଉଳ ଯୋଗାଇ ଦିଆଯାଇଥାଏ । ଯେଉଁ ବରିଷ୍ଠ ନାଗରିକଗଣ ଜାତୀୟ ବାର୍ଦ୍ଧକ୍ୟ ପେନସନ୍ ଯୋଜନାରୁ ବାଦ୍ ପଡିଥାନ୍ତି, ସେମାନେ ଏହା ଦ୍ୱାରା ଉପକୃତ ହୁଅନ୍ତି ।

| କ୍ର.ସଂ. | ସ୍କିମ୍ | ହିତାଧିକାରୀ ସଂଖ୍ୟା | ପ୍ରାପ୍ୟ ପରିମାଣ ମାସିକ | ଖାଉଟି ପକ୍ଷେ କେଜି ପିଛା ପ୍ରଦେୟ ଟଙ୍କା |
|---|---|---|---|---|
| ୧ | ଅନ୍ନପୂର୍ଣ୍ଣା | ୬୩,୭୫୯ | ୧୦ କେଜି | ମାଗଣା |

***ଏପିଏଲ୍ ଚାଉଳ-*** ଜେଲ୍‌ର ବନ୍ଦୀ ଏବଂ ଏନ୍‌ଜିଓ ପରିଚାଳିତ ଏସ୍‌ଟି/ଏସ୍‌ସି ହଷ୍ଟେଲ୍ ଏବଂ ଅନ୍ୟାନ୍ୟ ଶିଶୁ ଗୃହଗୁଡିକର ଅନ୍ତେବାସୀମାନଙ୍କ ପାଇଁ ନିମ୍ନମତେ ଏପିଏଲ୍ ଚାଉଳ ଯୋଗାଇ ଦିଆଯାଇଥାଏ ।

| କ୍ର.ସଂ. | ସ୍କିମ୍ | ହିତାଧିକାରୀ ସଂଖ୍ୟା | ପ୍ରାପ୍ୟ ପରିମାଣ ମାସିକ | ଖାଉଟି ପକ୍ଷେ କେଜି ପିଛା ପ୍ରଦେୟ ଟଙ୍କା |
|---|---|---|---|---|
| ୧. | ଜେଲ୍‌ର ବନ୍ଦୀ | - | - | ୯.୩୦ |
| ୨ | ଏନ୍‌ଜିଓ ପରିଚାଳିତ ଏସ୍‌ଟି/ଏସ୍‌ସି ହଷ୍ଟେଲ୍ | ୧୨,୩୦୨ | ୧୫ କେଜି | ୯.୩୦ |
| ୩ | ଅନ୍ୟାନ୍ୟ ଶିଶୁଗୃହ | ୨୫୬ | ୧୫ କେଜି | ୯.୩୦ |

***ଏପିଏଲ୍ ଯୋଜନା-***

| କ୍ର.ସଂ. | ସ୍କିମ୍ | ହିତାଧିକାରୀ ସଂଖ୍ୟା | ପ୍ରାପ୍ୟ ପରିମାଣ ମାସିକ | ଖାଉଟି ପକ୍ଷେ କେଜି ପିଛା ପ୍ରଦେୟ ଟଙ୍କା |
|---|---|---|---|---|
| ୧ | ଏପିଏଲ୍ | ୩୫,୯୧,୮୦୯ | ୭ କେଜି | ୭.୦୦ |

***ଲେଭି ଚିନି-*** ଏହା ବିପିଏଲ୍ ଓ ଅନ୍ତୋଦୟ ହିତାଧିକାରୀଙ୍କୁ ନିମ୍ନମତେ ଯୋଗାଇଦିଆଯାଇଥାଏ-

| କ୍ର.ସଂ. | ସ୍କିମ୍ | ହିତାଧିକାରୀ ସଂଖ୍ୟା | ପ୍ରାପ୍ୟ ପରିମାଣ ମାସିକ | ଖାଉଟି ପକ୍ଷେ କେଜି ପିଛା ପ୍ରଦେୟ ଟଙ୍କା |
|---|---|---|---|---|
| ୧ | ଲେଭି ଚିନି | ୪୯,୪୩,୧୯୧ | ୨ କେଜି | ୧୩.୫୦ |

ଏଠାରେ ଉଲ୍ଲେଖନୀୟ ଯେ ଆଦିବାସୀ ଓ ଦଳିତ ଜନସଂଖ୍ୟା ବହୁଳ କେତେକ ଜିଲ୍ଲାମାନଙ୍କରେ ଏପିଲ୍ କାର୍ଡଧାରୀ ବ୍ୟକ୍ତି ମଧ୍ୟ ବିପିଏଲ୍ ପରିବାରଙ୍କ ଭଳି କେଜି ୧ ଟଙ୍କା ହିସାବରେ ମାସକୁ ୨୫କେଜି ଚାଉଳ ପାଉଛନ୍ତି । *(ଦ୍ରଷ୍ଟବ୍ୟ-**Website of Odisha State Civil Supplies Corporation Limited** **http://oscsc.in/PDScheme.asp**)*

*ଅଭିଯୋଗ ପ୍ରତିକାର-* ଓଡିଶା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟୀ କଲ୍ୟାଣ ବିଭାଗ ତରଫରୁ ପ୍ରକାଶିତ ନାଗରିକ ସନନ୍ଦରେ ଅଭିଯୋଗ ପ୍ରତିକାର ଉପରେ ଏକ ସ୍ୱତନ୍ତ୍ର ଅଧ୍ୟାୟ ସ୍ଥାନିତ ହୋଇଛି । ସୁଲଭ ମୂଲ୍ୟ ଦୋକାନରୁ ନିଜର ପ୍ରାପ୍ୟ ସଂଗ୍ରହ କରୁଥିବା ପରିବାରମାନଙ୍କୁ ମିଳିଥିବା ରେସନ୍ କାର୍ଡରେ 'ନାଗରିକମାନଙ୍କର ଅଧିକାର ପତ୍ର' ସଂଲଗ୍ନ ହୋଇଛି । ପ୍ରତି ସୁଲଭ ଦୋକାନରେ ରହିଥିବା ମହଜୁଦ୍ ସାମଗ୍ରୀ, କ୍ରୟ-ବିକ୍ରୟ ଓ କାର୍ଡଧାରୀଙ୍କ ସଂବନ୍ଧୀୟ ରେଜିଷ୍ଟର୍ ନିରୀକ୍ଷଣ କରିବାର ଅଧିକାର ପ୍ରତି ଖାଉଟୀର ରହିଛି । ଦୋକାନରେ ମଧ୍ୟ ଏକ ଅଭିଯୋଗ ପୁସ୍ତିକା ଥାଏ, ଯେଉଁଥିରେ ଜଣେ କାର୍ଡଧାରୀ ନିଜର ଅଭିଯୋଗ ଦରଜ କରିପାରିବେ । ଖୁଚୁରା ବିକ୍ରେତା ସ୍ତରୀୟ ପରାମର୍ଶଦାତା କମିଟି ସୁଲଭ ମୂଲ୍ୟ ଦୋକାନର କାର୍ଯ୍ୟ ତଦାରଖ କରିଥାଏ । ୱାର୍ଡ ମେମ୍ବର ବା କାଉନ୍‌ସିଲର୍ ଏହି କମିଟିର ଅଧ୍ୟକ୍ଷ ଅଟନ୍ତି । ତାଙ୍କୁ ସିଧାସଳଖ ଅଭିଯୋଗ ଦେଇହେବ । ଏହାଛଡା ବ୍ଲକ୍ ବା ମ୍ୟୁନିସିପାଲ୍‌ଟିରେ ଅବସ୍ଥାପିତ ଯୋଗାଣ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ ଦାଏର୍ କରିହେବ । ଯଦି ତାଙ୍କ ଦ୍ୱାରା ପ୍ରତିକାର ହୋଇନପାରେ ତେବେ ଜିଲ୍ଲା ଯୋଗାଣ ଅଧିକାରୀ, ଉପଜିଲ୍ଲାପାଳ କିମ୍ବା ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ ଦାଖଲ କରିହେବ । ପୁଣି ସମସ୍ୟା ଦେଖାଦେଲେ ଖାଦ୍ୟ ଯୋଗାଣ ଓ ଖାଉଟୀ କଲ୍ୟାଣ ବିଭାଗଙ୍କ ଫୋନ୍ ବା ଫାକ୍ସ ନମ୍ବର ଅଥବା ନିଶୁଳ୍କ ସହାୟତା ନମ୍ବରରେ ଯୋଗାଯୋଗ କରାଯାଇପାରେ । *(ଦ୍ରଷ୍ଟବ୍ୟ- **Website of Dept of Food Supplies and Consumer Welfare, Odisha, http://www.foododisha.in/Download/ 15132.pdf**)* ।

## (୬) ଆଦିବାସୀ ମାନଙ୍କ ପାଇଁ ଶିକ୍ଷାପ୍ରସାର ଓ ଛାତ୍ରବୃତ୍ତି ଯୋଜନାସମୂହ

**ଆଦିବାସୀ ଉପ-ଯୋଜନା ଅଞ୍ଚଳରେ ଆଶ୍ରମ ସ୍କୁଲ୍ ପ୍ରତିଷ୍ଠା-** ଆଦିମ ଗୋଷ୍ଠୀଙ୍କ ସମେତ ଆଦିବାସୀ ପିଲାମାନଙ୍କ ଭିତରେ ସାକ୍ଷରତା ହାର ବୃଦ୍ଧି କରିବା ପାଇଁ ଆବାସିକ ବିଦ୍ୟାଳୟ ପ୍ରତିଷ୍ଠା ଉଦ୍ଦେଶ୍ୟରେ ୧୯୯୦-୯୧ ଠାରୁ ଆଦିବାସୀ ଉପଯୋଜନା (ଟିଏସ୍‌ପି) ଇଲାକାରେ ଆଶ୍ରମ ସ୍କୁଲ୍ କାର୍ଯ୍ୟକ୍ରମ ପ୍ରଚଳିତ ରହିଛି ଏବଂ ୨୦୦୮-୦୯ ବର୍ଷରେ ଏହା ସଂଶୋଧିତ ହୋଇଛି । ପ୍ରାଥମିକ ଠାରୁ ଉଚ୍ଚ ମାଧ୍ୟମିକ (ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ) ଶିକ୍ଷା ଏହି ସ୍କିମ୍‌ର ପରିସରଭୁକ୍ତ । ସଂଶୋଧିତ ସ୍କିମ୍ ଅନୁଯାୟୀ ଟିଏସ୍‌ପି ଇଲାକାରେ ରାଜ୍ୟ ସରକାର ବାଳିକା ମାନଙ୍କ ପାଇଁ ଆଶ୍ରମ ସ୍କୁଲ୍ ପ୍ରତିଷ୍ଠା (ସ୍କୁଲ୍ ବିଲଡିଂ, ହଷ୍ଟେଲ୍, ରୋଷେଇଘର ଏବଂ ଷ୍ଟାଫ୍ କ୍ୱାର୍ଟର୍ସ) କଲେ ସେଥିପାଇଁ କେନ୍ଦ୍ର ସରକାର ଶତକଡା ଶହେ ସହାୟତା ଯୋଗାଇଦେବେ । ପୁଣି କେନ୍ଦ୍ରୀୟ ଗୃହ ମନ୍ତ୍ରଣାଳୟ ଦ୍ୱାରା ଚିହ୍ନିତ ନକ୍ସଲ-ପ୍ରଭାବିତ ଟିଏସ୍‌ପି ଇଲାକାରେ ବାଳକମାନଙ୍କ ପାଇଁ ଆଶ୍ରମ ସ୍କୁଲ୍ ପ୍ରତିଷ୍ଠା କରାଗଲେ ସେଥିପାଇଁ ମଧ୍ୟ କେନ୍ଦ୍ରୀୟ ସହାୟତା ଶତକଡା ଶହେ ମିଳିବ । ଏହାଛଡା ଟିଏସ୍‌ପି ଇଲାକାର ଅନ୍ୟାନ୍ୟ ସ୍ଥାନରେ ବାଳକ ଆଶ୍ରମ ସ୍କୁଲ୍ ପ୍ରତିଷ୍ଠା କରାଗଲେ ସେଥିପାଇଁ କେନ୍ଦ୍ର ଓ ରାଜ୍ୟ ମୋଟ୍ ବ୍ୟୟକୁ ୫୦: ୫୦ ଭିତ୍ତିରେ ବହନ କରିବେ । କିନ୍ତୁ କେନ୍ଦ୍ରଶାସିତ ଅଞ୍ଚଳରେ ଉଭୟ ବାଳକ ଓ ବାଳିକାମାନଙ୍କ ପାଇଁ ଆଶ୍ରମ ସ୍କୁଲ୍ ପ୍ରତିଷ୍ଠା ବାବଦକୁ ସମୁଦାୟ ସହାୟତା କେନ୍ଦ୍ରରୁ ମିଳିଥାଏ । ପ୍ରତିଷ୍ଠା ବ୍ୟୟକୁ ଛାଡି ଅନ୍ୟ ଧରଣର ଅଣ-ପୌନିକ ବ୍ୟୟ (Non-recurring expenditure) ଯଥା ଶିକ୍ଷା ଉପକରଣ, ଗୃହସରଞ୍ଜାମ ଓ ପାଠାଗାର ସକାଶେ ଆଂଶିକ ବହି କିଣା ପାଇଁ ଉଭୟ କେନ୍ଦ୍ର ଏବଂ ରାଜ୍ୟ ୫୦: ୫୦ ଅନୁପାତରେ ବହନ କରିଥାନ୍ତି । ***(ଦ୍ରଷ୍ଟବ୍ୟ ଆଦିବାସୀ ମନ୍ତ୍ରଣାଳୟ ୱେବ୍‌ସାଇଟ୍* http://tribal.nic.in/Content/EstablishmentofAshramSchoolsinTribalSubPlanAreas.aspx )**

**ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ-** ଏହି କେନ୍ଦ୍ରୀୟ ସ୍କିମ୍ ଅନୁଯାୟୀ ସୁଦୂର ଅଭ୍ୟନ୍ତର ଅଞ୍ଚଳରେ ଏକଲବ୍ୟ ଆଦର୍ଶ ଆବାସିକ ସ୍କୁଲ୍ ପ୍ରତିଷ୍ଠା କରାଯାଇ ଆଦିବାସୀ ବାଳକ-ବାଳିକାମାନଙ୍କୁ ଷଷ୍ଠରୁ ଦଶମ ଏବଂ ଏକାଦଶ-ଦ୍ୱାଦଶ ଶ୍ରେଣୀରେ ଉତ୍କୃଷ୍ଟ ମାନର ଶିକ୍ଷା ପ୍ରଦାନ କରାଯିବ, ଯାହା ଫଳରେ ସେମାନେ ଉଚ୍ଚଶିକ୍ଷା ଏବଂ ବୈଷୟିକ ଶିକ୍ଷା ପାଇଁ ଉଚ୍ଚିଷ୍ଠ ଅନୁଷ୍ଠାନମାନଙ୍କରେ ତଥା ଉଭୟ ସରକାରୀ ଓ ବେସରକାରୀ ସଂସ୍ଥାରେ ନିଯୁକ୍ତି କ୍ଷେତ୍ରରେ ଏସ୍‌ଟି ପ୍ରାର୍ଥୀମାନଙ୍କ ପାଇଁ ସଂରକ୍ଷିତ ସ୍ଥାନର ସୁଯୋଗ ନେଇପାରିବେ ତଥା ଜବାହାର ନବୋଦୟ ବିଦ୍ୟାଳୟ, କସ୍ତୁରବା ଗାନ୍ଧି ବାଳିକା ବିଦ୍ୟାଳୟ ଏବଂ କେନ୍ଦ୍ରୀୟ ବିଦ୍ୟାଳୟ ଭଳି ଏକଲବ୍ୟ ବିଦ୍ୟାଳୟ ଏକ ସ୍ୱତନ୍ତ୍ର ଧରଣର ବିଦ୍ୟାଳୟ ରୂପେ ବିବେଚିତ ହେବ । ଏହାଛଡା ଛାତ୍ରଛାତ୍ରୀମାନଙ୍କର ବୌଦ୍ଧିକ ଓ ଶାରିରୀକ ବିକାଶ ସହିତ ସେମାନେ ସାମାଜିକ କ୍ଷେତ୍ରରେ କିପରି ପରିବର୍ତ୍ତନର ବାହକ ହୋଇପାରିବେ, ସେହି ଉଦ୍ଦେଶ୍ୟରେ ସେମାନଙ୍କର ବ୍ୟକ୍ତିତ୍ୱକୁ ନିର୍ମାଣ କରାଯିବ । ଭାରତର ସମ୍ବିଧାନର ଧାରା ୨୭୫(୧) ଅଧୀନରେ ରାଜ୍ୟ ଓ କେନ୍ଦ୍ରାଞ୍ଚଳ ଗୁଡିକୁ ଉପଲବ୍ଧ ହେଉଥିବା ଅନୁଦାନ ଅର୍ଥରାଶି ବଳରେ ଏକଲବ୍ୟ ବିଦ୍ୟାଳୟ ପ୍ରତିଷ୍ଠା ହେବ । ଗୋଟିଏ ରାଜ୍ୟ ବା କେନ୍ଦ୍ରାଞ୍ଚଳ ସେପରି ସ୍ଥଳେ ଏପ୍ରକାର ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଅନୁଦାନ ପାଇବା ସକାଶେ ହକ୍‌ଦାର ହେବ, ଯେତେବେଳେ ସେ ଉଚ୍ଚମାନର ଶିକ୍ଷା ପ୍ରଦାନ ପାଇଁ ନିଜର ଆବଶ୍ୟକୀୟ ପ୍ରସ୍ତୁତି ଅଛି ବୋଲି କେନ୍ଦ୍ର ସରକାରଙ୍କର ହୃଦ୍‌ବୋଧ କରାଇପାରିବେ । ପ୍ରତି ଏକଲବ୍ୟ ବିଦ୍ୟାଳୟରେ ଯଥେଷ୍ଟ ସଂଖ୍ୟକ ଯୋଗ୍ୟ ଶିକ୍ଷକଙ୍କୁ ନିଯୁକ୍ତି, ଉଭୟ ଶିକ୍ଷକ ଓ ଛାତ୍ରଛାତ୍ରୀ ମାନଙ୍କ ପାଇଁ ଉପଯୁକ୍ତ ଚିକିତ୍ସା, ଅନ୍ତେବାସୀମାନଙ୍କ ପାଇଁ ଏକ ସୁସ୍ଥ ଏବଂ ପରିଷ୍କୃତ ବାତାବରଣ ତଥା ଉପଯୁକ୍ତ ଖାଦ୍ୟପେୟ ଏବଂ ବିଶେଷ କରି ଉତ୍କୃଷ୍ଟ ମାନଦଣ୍ଡର ଶୈକ୍ଷଣିକ ବ୍ୟବସ୍ଥାକୁ ସୁନିଶ୍ଚିତ କରିବାକୁ ପଡିବ, ନଚେତ୍ ସଂପୃକ୍ତ ରାଜ୍ୟ ବା କେନ୍ଦ୍ରାଞ୍ଚଳଙ୍କୁ କେନ୍ଦ୍ର ସରକାର ଅନୁଦାନ ପଠାଇବା ବନ୍ଦ କରିଦେଇ ପାରନ୍ତି । ପ୍ରତି ଏକଲବ୍ୟ ସ୍କୁଲରେ ସମାନସଂଖ୍ୟକ ପୁଅ ଓ ଝିଅ ପଢିବେ । ପିଲାମାନଙ୍କୁ କୌଣସି ଦେୟ ଦେବାକୁ ପଡିବନି । ଏଭଳି ସ୍କୁଲ୍‌ରେ ପ୍ରତି ଶ୍ରେଣୀରେ ସର୍ବାଧିକ ଦୁଇଟି ଉପଶ୍ରେଣୀ (ସେକ୍ସନ୍)ରେ ମୋଟ ୬୦ଜଣ ଛାତ୍ରଛାତ୍ରୀ ରହିବେ ଏବଂ ବିଦ୍ୟାଳୟର ମୋଟ ଛାତ୍ରଛାତ୍ରୀ ସଂଖ୍ୟା ୪୮୦ରେ ସୀମିତ ରହିବ । ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀରେ କଳା, ବିଜ୍ଞାନ ଓ ବାଣିଜ୍ୟକୁ ନେଇ ୩ଟି ବିଭାଗ ରହିପାରେ । ରାଜ୍ୟ ସରକାର ବା କେନ୍ଦ୍ରାଞ୍ଚଳ ପ୍ରଶାସନ ଚାହିଁବା ମତେ ଏକଲବ୍ୟ ସ୍କୁଲ୍‌ର ପାଠ୍ୟକ୍ରମ ସଂପୃକ୍ତ ରାଜ୍ୟ ବା କେନ୍ଦ୍ରୀୟ ମାଧମିକ ଶିକ୍ଷା ବୋର୍ଡ ଅନୁଯାୟୀ ଧାର୍ଯ୍ୟ ହୋଇପାରେ । ଉଭୟ ଶିକ୍ଷକ ଓ ଅଣ-ଶିକ୍ଷକ କର୍ମଚାରୀ ପଦରେ ନିଯୁକ୍ତି ପାଇଁ ମହିଳାମାନଙ୍କୁ ଅଗ୍ରାଧିକାର ଦିଆଯିବ । ପ୍ରତି ରାଜ୍ୟ ସରକାର ଓ କେନ୍ଦ୍ରାଞ୍ଚଳ ପ୍ରଶାସନ ବିଦ୍ୟାଳୟର ପରିଚାଳନା ଢାଞ୍ଚା ନିଜେ ସ୍ଥିର କରିବେ ଏବଂ ଏଥିପାଇଁ ଏକ ସୋସାଇଟି ଗଢି ପଂଜିକରଣ କରାଇବେ । ଗୋଟିଏ ଏନ୍‌ଜିଓକୁ ମଧ୍ୟ ପରିଚାଳନା ଭାର ଦିଆଯାଇପାରେ । ପରିଚାଳନା କମିଟି ସ୍କୁଲ୍ ଉଦ୍ଦେଶ୍ୟରେ ବିଭିନ୍ନ ଘରୋଇ ସୂତ୍ରରୁ ଦାନ ଗ୍ରହଣ କରିପାରନ୍ତି । କୌଣସି ପରିଚାଳନାଗତ ବିଭ୍ରାଟ ପାଇଁ କେନ୍ଦ୍ରୀୟ ଆଦିବାସୀ ମନ୍ତ୍ରଣାଳୟ ଉତ୍ତରଦାୟୀ ହେବ ନାହିଁ ।

କେନ୍ଦ୍ର ସରକାର ସାଧାରଣ ଅଞ୍ଚଳରେ ଗୋଟିଏ ସ୍କୁଲ୍ ପ୍ରତିଷ୍ଠା ପାଇଁ ସର୍ବାଧିକ ୧୨ କୋଟି ଟଙ୍କା ଏବଂ ପାର୍ବତ୍ୟ, ମରୁ ବା ଦ୍ୱୀପାଞ୍ଚଳରେ

ସ୍କୁଲ୍ ପ୍ରତିଷ୍ଠା ପାଇଁ ସର୍ବାଧିକ ୧୬ କୋଟି ଟଙ୍କା ଯୋଗାଇଦେବେ । ଅତିରିକ୍ତ ଅର୍ଥରାଶି ଆବଶ୍ୟକ ପଡିଲେ ତାହାକୁ ସଂପୃକ୍ତ ରାଜ୍ୟ ବା କେନ୍ଦ୍ରାଞ୍ଚଳ ବହନ କରିବେ । ପ୍ରତି ଛାତ୍ର ବା ଛାତ୍ରୀ ପାଇଁ ବର୍ଷକୁ ୪୨ ହଜାର ଟଙ୍କା ଖର୍ଚ୍ଚ ହେବ, ଏବଂ ପରବର୍ତ୍ତୀ ବର୍ଷ ପାଇଁ ମୁଦ୍ରାସ୍ଫୀତିର ଭରଣା ବାବଦରେ ଶତକଡା ୧୦ ବୃଦ୍ଧି ହେବ । ଅତ୍ୟାବଶ୍ୟକ ସରଞ୍ଜାମ ବାବଦରେ ୫ ବର୍ଷ ପାଇଁ ଏକକାଳୀନ ୫ଲକ୍ଷ ଟଙ୍କା ମିଳିବ । ପ୍ରତି ସ୍କୁଲର ବାର୍ଷିକ ବଜେଟ୍ ପସ୍ତୁତ କଲାବେଳେ ଜବାହର ନବୋଦୟ ବିଦ୍ୟାଳୟର ବଜେଟ୍ ଢାଞ୍ଚାକୁ ଅନୁକରଣ କରାଯାଇପାରେ । ଗୋଟିଏ ସ୍କୁଲ୍ ପିଛା ମୋଟ ବ୍ୟୟର ଶତକଡା ୨ ଭାଗ ସ୍କୁଲର ପ୍ରଶାସନ ପାଇଁ ବ୍ୟୟ ହେବ । ଯଥାସ୍ଥିତି ରାଜ୍ୟ ବା କେନ୍ଦ୍ରାଞ୍ଚଳଙ୍କ ଠାରୁ ନିୟମିତ ରିପୋର୍ଟ ପାଇବା ସହିତ କେନ୍ଦ୍ରୀୟ ଆଦିବାସୀ ମନ୍ତ୍ରଣାଳୟ ଏକଲବ୍ୟ ବିଦ୍ୟାଳୟର ପରିଚାଳନାକୁ ତଦାରଖ କରିବେ । *(ଦ୍ରଷ୍ଟବ୍ୟ ଆଦିବାସୀ ମନ୍ତ୍ରଣାଳୟ ୱେବ୍‌ସାଇଟ୍ http://tribal.nic.in)*

**ଆଦିବାସୀ ଉପ-ଯୋଜନା ଅଞ୍ଚଳରେ ଆଶ୍ରମ ସ୍କୁଲ୍ ପ୍ରତିଷ୍ଠା-** ଆଦିମ ଗୋଷ୍ଠୀଙ୍କ ସମେତ ଆଦିବାସୀ ପିଲାମାନଙ୍କ ଭିତରେ ସାକ୍ଷରତା ହାର ବୃଦ୍ଧି କରିବା ପାଇଁ ଆବାସିକ ବିଦ୍ୟାଳୟ ପ୍ରତିଷ୍ଠା ଉଦ୍ଦେଶ୍ୟରେ ୧୯୯୦-୯୧ ଠାରୁ ଆଦିବାସୀ ଉପଯୋଜନା (ଟିଏସ୍‌ପି) ଇଲାକାରେ ଆଶ୍ରମ ସ୍କୁଲ୍ କାର୍ଯ୍ୟକ୍ରମ ପ୍ରଚଳିତ ରହିଛି ଏବଂ ୨୦୦୮-୦୯ ବର୍ଷରେ ଏହା ସଂଶୋଧିତ ହୋଇଛି । ପ୍ରାଥମିକ ଠାରୁ ଉଚ୍ଚ ମାଧ୍ୟମିକ (ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ) ଶିକ୍ଷା ଏହି ସ୍କିମ୍‌ର ପରିସରଭୁକ୍ତ । ସଂଶୋଧିତ ସ୍କିମ୍ ଅନୁଯାୟୀ ଟିଏସ୍‌ପି ଇଲାକାରେ ରାଜ୍ୟ ସରକାର ବାଳିକା ମାନଙ୍କ ପାଇଁ ଆଶ୍ରମ ସ୍କୁଲ୍ ପ୍ରତିଷ୍ଠା (ସ୍କୁଲ୍ ବିଲଡିଂ, ହଷ୍ଟେଲ୍, ରୋଷେଇଘର ଏବଂ ଷ୍ଟାଫ୍ କ୍ୱାର୍ଟର୍ସ) କଲେ ସେଥିପାଇଁ କେନ୍ଦ୍ର ସରକାର ଶତକଡା ଶହେ ସହାୟତା ଯୋଗାଇଦେବେ । ପୁଣି କେନ୍ଦ୍ରୀୟ ଗୃହ ମନ୍ତ୍ରଣାଳୟ ଦ୍ୱାରା ଚିହ୍ନିତ ନକ୍ସଲ-ପ୍ରଭାବିତ ଟିଏସ୍‌ପି ଇଲାକାରେ ବାଳକମାନଙ୍କ ପାଇଁ ଆଶ୍ରମ ସ୍କୁଲ୍ ପ୍ରତିଷ୍ଠା କରାଗଲେ ସେଥିପାଇଁ ମଧ୍ୟ କେନ୍ଦ୍ରୀୟ ସହାୟତା ଶତକଡା ଶହେ ମିଳିବ । ଏହାଛଡା ଟିଏସ୍‌ପି ଇଲାକାର ଅନ୍ୟାନ୍ୟ ସ୍ଥାନରେ ବାଳକ ଆଶ୍ରମ ସ୍କୁଲ୍ ପ୍ରତିଷ୍ଠା କରାଗଲେ ସେଥିପାଇଁ କେନ୍ଦ୍ର ଓ ରାଜ୍ୟ ମୋଟ୍ ବ୍ୟୟକୁ ୫୦: ୫୦ ଭିତ୍ତିରେ ବହନ କରିବେ । କିନ୍ତୁ କେନ୍ଦ୍ରଶାସିତ ଅଞ୍ଚଳରେ ଉଭୟ ବାଳକ ଓ ବାଳିକାମାନଙ୍କ ପାଇଁ ଆଶ୍ରମ ସ୍କୁଲ୍ ପ୍ରତିଷ୍ଠା ବାବଦକୁ ସମୁଦାୟ ସହାୟତା କେନ୍ଦ୍ରରୁ ମିଳିଥାଏ । ପ୍ରତିଷ୍ଠା ବ୍ୟୟକୁ ଛାଡି ଅନ୍ୟ ଧରଣର ଅଣ-ପୌନିକ ବ୍ୟୟ (Non-recurring expenditure) ଯଥା ଶିକ୍ଷା ଉପକରଣ, ଗୃହସରଞ୍ଜାମ ଓ ପାଠାଗାର ସକାଶେ ଆଂଶିକ ବହି କିଣା ପାଇଁ ଉଭୟ କେନ୍ଦ୍ର ଏବଂ ରାଜ୍ୟ ୫୦: ୫୦ ଅନୁପାତରେ ବହନ କରିଥାନ୍ତି । *(ଦ୍ରଷ୍ଟବ୍ୟ ଆଦିବାସୀ ମନ୍ତ୍ରଣାଳୟ ୱେବ୍‌ସାଇଟ୍ http://tribal.nic.in/ Content/ Establishment ofAshram SchoolsinTribalSubPlanAreas.aspx)*

**ଆଦିବାସୀ ପ୍ରାର୍ଥୀମାନଙ୍କ ପାଇଁ କୋଚିଂ ସ୍କିମ୍-** ବଞ୍ଚିତ ଏବଂ ସମସ୍ୟାକ୍ଲିଷ୍ଟ ପରିବେଶରୁ ଆସୁଥିବା ଆଦିବାସୀ ପ୍ରାର୍ଥୀମାନେ ସାମାଜିକ-ଆର୍ଥିକ ଭାବେ ସ୍ୱଚ୍ଛଳ ହୋଇଥିବା ପରିବାରରୁ ଆସୁଥିବା ପିଲାମାନଙ୍କ ସହିତ କୌଣସି ପରୀକ୍ଷାରେ ପ୍ରତିଦ୍ୱନ୍ଦିତା କରିବା କ୍ଷେତ୍ରରେ ସାଧାରଣତଃ ପଛରେ ପଡିଥାନ୍ତି । ଏଭଳି ଆଦିବାସୀ ପ୍ରାର୍ଥୀମାନଙ୍କୁ ପ୍ରତିଦ୍ୱନ୍ଦିତା-ମୂଳକ ପରୀକ୍ଷାରେ ସଫଳତା ହାସଲ ପାଇଁ ସହାୟତା ପ୍ରଦାନ ସକାଶେ ଆଦିବାସୀ ମନ୍ତ୍ରଣାଳୟ ତରଫରୁ ଏକ କୋଚିଂ ସ୍କିମ୍ (Coaching for Scheduled Tribes) ଚାଲୁ କରାଯାଇଛି । ଏହାଫଳରେ ସମସ୍ୟାକ୍ଲିଷ୍ଟ ଆଦିବାସୀ ପ୍ରାର୍ଥୀମାନେ ସରକାରୀ ବ୍ୟୟରେ ଉତ୍କୃଷ୍ଟ ବୈଷୟିକ ଶିକ୍ଷାନୁଷ୍ଠାନରେ କୋଚିଂ ନେଇପାରିବେ ଏବଂ ତଦ୍ୱାରା ଶିକ୍ଷା ବା ଚାକିରୀରେ ପ୍ରବେଶ ପାଇଁ ଉଦ୍ଦିଷ୍ଟ ପ୍ରତିଦ୍ୱନ୍ଦିତା-ମୂଳକ ପରୀକ୍ଷାରେ ଉତ୍ତମ ଫଳ ପ୍ରଦର୍ଶନ କରିପାରିବେ । ସିଡିଏସ୍, ଏନ୍‌ଡିଏ, ମେଡିକାଲ୍, ଇଞ୍ଜିନିୟରିଂ, ବିଜିନେସ୍ ଆଡମିନିଷ୍ଟ୍ରେସନ୍, ବ୍ୟାଙ୍କିଂ, ଷ୍ଟାଫ୍ ସିଲେକ୍ସନ୍ କମିଶନ୍, ରେଲୱେ ରିକ୍ରୁଟ୍‌ମେଣ୍ଟ ବୋର୍ଡ ଓ ଇନ୍‌ସୁରାନ୍ସ କମ୍ପାନୀ ଇତ୍ୟାଦି ପ୍ରତିଦ୍ୱନ୍ଦିତା-ମୂଳକ ପରୀକ୍ଷାରେ ସେମାନେ ସହଜରେ ଭାଗ ନେଇପାରିବେ । ୨୦୦୭-୦୮ ଆର୍ଥିକ ବର୍ଷରୁ କୋଚିଂ ପାଇଁ ପ୍ରତି ପ୍ରାର୍ଥୀଙ୍କ ପାଇଁ ମିଳୁଥିବା ଅର୍ଥରାଶିର ସଂଶୋଧନ ହୋଇଥିବା ମତେ ପ୍ରତି ଆଦିବାସୀ ପ୍ରାର୍ଥୀଙ୍କୁ କୋଚିଂ ଅବଧି ପାଇଁ ମାସିକ ଷ୍ଟାଇପେଣ୍ଡ ୧ହଜାର ଟଙ୍କା ଏବଂ ନିଜ ଇଲାକା ବାହାରେ ଅବସ୍ଥିତ କୋଚିଂ କେନ୍ଦ୍ରରେ ଅନ୍ତେବାସୀ ଭାବେ କୋଚିଂ ନେବା ବାବଦ ମାସିକ ୨ହଜାର ଟଙ୍କା ମିଳିବ ।

**ଆଦିବାସୀ ଅଞ୍ଚଳରେ ବୈଷୟିକ ତାଲିମ୍ କେନ୍ଦ୍ର-** ଆଦିବାସୀ ଯୁବକ/ ଯୁବତୀମାନଙ୍କୁ ସେମାନଙ୍କର ଶିକ୍ଷାଗତ ଯୋଗ୍ୟତା, ବର୍ତ୍ତମାନର ଆର୍ଥିକ ବ୍ୟବସ୍ଥା ତଥା ବଜାର ଚାହିଦା ଆଧାରରେ ପାରମ୍ପରିକ ବା ଆଧୁନିକ ବୈଷୟିକ ତାଲିମ୍ ପ୍ରଦାନ ପାଇଁ ଏହି ସ୍କିମ୍ ଚାଲୁ କରାଯାଇଛି, ଯାହାର ନାମ ହେଉଛି ଆଦିବାସୀ ଅଞ୍ଚଳରେ ବୈଷୟିକ ତାଲିମ୍ କେନ୍ଦ୍ର (Vocational Training Centres in Tribal Areas) । ଏପ୍ରକାର ତାଲିମ୍ ଫଳରେ ସେମାନଙ୍କୁ ନିଯୁକ୍ତିର ସୁଯୋଗ ମିଳିପାରିବ ଅଥବା ସେମାନେ ଆତ୍ମନିଯୁକ୍ତ ହୋଇପାରିବେ । କେନ୍ଦ୍ର ସରକାର ଏଥିପାଇଁ ଶତକଡା ଶହେ ସହାୟତା ପ୍ରଦାନ କରିଥାନ୍ତି, କିନ୍ତୁ ଏହା ରାଜ୍ୟ ସରକାର, କେନ୍ଦ୍ରାଞ୍ଚଳ ପ୍ରଶାସନ ବା ଏନ୍‌ଜିଓ ମାଧ୍ୟମରେ ପରିଚାଳିତ ହୋଇଥାଏ । କୌଣସି ନିର୍ମାଣ କାର୍ଯ୍ୟ ପାଇଁ ଅନୁଦାନ ଦିଆଯାଇନଥାଏ, କିନ୍ତୁ ଅନ୍ୟାନ୍ୟ ବ୍ୟୟ

ବାବଦରେ ନିର୍ଦ୍ଧାରିତ ପରିମାଣର ଅନୁଦାନ ଯୋଗାଇ ଦିଆଯାଇଥାଏ । ଏପ୍ରକାର କେନ୍ଦ୍ର ପ୍ରତିଷ୍ଠା ପାଇଁ ଏନ୍‌ଜିଓ ମାନଙ୍କର ପ୍ରସ୍ତାବକୁ ରାଜ୍ୟ ସରକାରଙ୍କ ମାଧ୍ୟମରେ କେନ୍ଦ୍ର ସରକାରଙ୍କ ନିକଟକୁ ପଠାଯାଇଥାଏ । ସଂପୃକ୍ତ ରାଜ୍ୟରେ କଲ୍ୟାଣ ବିଭାଗର ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ ସ୍ୱେଚ୍ଛାସେବୀ ଉଦ୍ୟମକୁ ସହାୟତା ପାଇଁ ରାଜ୍ୟ କମିଟି (State Committee for Supporting Voluntary Efforts)ଙ୍କର ଅନୁମୋଦନ ସହିତ ପ୍ରସ୍ତାବକୁ ପଠାଯାଇଥିଲେ, କେନ୍ଦ୍ର ସରକାର ତାହାକୁ ବିଚାରକୁ ନେଇଥାଆନ୍ତି ।

**ଅନୁସୂଚୀତ ଜାତି ଓ ଜନଜାତିର ଛାତ୍ରଛାତ୍ରୀଙ୍କ ମେଧାବିକାଶ ପାଇଁ କେନ୍ଦ୍ରୀୟ ବୃତ୍ତି-** ଏହି ସ୍କିମ୍ ଅଧୀନରେ ରାଜ୍ୟ ମାନଙ୍କ ଜରିଆରେ ଅନୁସୂଚୀତ ଜାତି ଓ ଜନଜାତିର ସଂପୃକ୍ତ ଛାତ୍ରଛାତ୍ରୀମାନଙ୍କୁ ଶତକଡା ଶହେ ସହାୟତା ମିଳିଥାଏ । ଆବାସିକ ବିଦ୍ୟାଳୟରେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀରେ ପଢୁଥିବା ଏହି ଛାତ୍ରଛାତ୍ରୀ ମାନଙ୍କୁ ଅଭାବ-ପୂରଣ କୋଚିଂ ଜରିଆରେ ସେମାନଙ୍କର ଶିକ୍ଷା ଆହରଣରେ ଅଭାବ ଦୂର କରାଯାଇଥାଏ ତଥା ସ୍ୱତନ୍ତ୍ର କୋଚିଂ ଜରିଆରେ ସେମାନଙ୍କୁ ଇଞ୍ଜିନିଅରିଂ ବା ଚିକିତ୍ସାବିଜ୍ଞାନ ଭଳି ଉଚ୍ଚମାନର ପେଷାଦାରୀ କୋର୍ସରେ ଭର୍ତ୍ତି ହେବାପାଇଁ ସେମାନଙ୍କର ପ୍ରତିଯୋଗିତାମୂଳକ କ୍ଷମତାକୁ ବୃଦ୍ଧି କରାଯାଇଥାଏ ।

ପ୍ରତି ରାଜ୍ୟ ଗୋଟିଏ ଅଞ୍ଚଳରେ ଅନୁସୂଚୀତ ଜାତି ଓ ଜନଜାତିର ଜନସଂଖ୍ୟାକୁ ଭିତ୍ତି କରି ସେଠାରେ କେଉଁ କେଉଁ ସ୍କୁଲର ଛାତ୍ରଛାତ୍ରୀ ମାନଙ୍କୁ ଏହି ସୁବିଧା ମିଳିବ, ତାହା ଠିକ୍ କରିବେ । ପ୍ରତି ରାଜ୍ୟ ସରକାର ସ୍କୁଲଗୁଡିକୁ ଚୟନ କରି ସେଗୁଡିକର ତାଲିକା କେନ୍ଦ୍ରକୁ ପଠାଇବେ ଏବଂ କେନ୍ଦ୍ର ତା'ର ସମ୍ବଳର ସୀମା ତଥା ପ୍ରତି ରାଜ୍ୟ ପାଇଁ ଧାର୍ଯ୍ୟ ହୋଇଥିବା ସଂଖ୍ୟା ଭିତ୍ତିରେ ଅର୍ଥମଞ୍ଜୁର କରିବେ । ପ୍ରଥମେ ୧୦୪୫ଜଣ ଛାତ୍ରଛାତ୍ରୀଙ୍କ ପାଇଁ ଏହି ସୁବିଧା ମିଳିବ ବୋଲି ସ୍ଥିର ହୋଇଛି । ଯେଉଁସବୁ ସ୍କୁଲରେ ଉତ୍ତମ ଆବାସିକ ଓ ଶିକ୍ଷାଦାନ ବ୍ୟବସ୍ଥା ଥିବ, ସେଗୁଡିକୁ ହିଁ ଚୟନ କରାଯିବ । କେନ୍ଦ୍ରୀୟ ବିଦ୍ୟାଳୟଗୁଡିକୁ ମଧ୍ୟ ଚୟନ କରାଯାଇପାରେ । କିନ୍ତୁ ଏଭଳି ସ୍କୁଲକୁ ଚୟନ କରାଯିବ, ଯେଉଁଠାରେ ଅନୁସୂଚୀତ ଜାତି ଓ ଜନଜାତିର ପିଲାମାନଙ୍କ ଚଳିବା ପାଇଁ ଅନୁକୂଳ ପରିବେଶ ଥିବ । ଯଦି ଅତିରିକ୍ତ ଶିକ୍ଷାଦାନ ପାଇଁ କୌଣସି ସ୍କୁଲରେ ଉପଯୁକ୍ତ ସଂଖ୍ୟକ ଶିକ୍ଷକ ନଥିବେ, ତେବେ ସଂପୃକ୍ତ ସ୍କୁଲ ଆଖପାଖ ସ୍କୁଲ୍ ମାନଙ୍କରୁ ଶିକ୍ଷକମାନଙ୍କୁ, ଏପରିକି ବିଷୟ ବିଶାରଦମାନଙ୍କୁ ଏଥିପାଇଁ ନିୟୋଜନ କରିପାରିବେ । ଏଭଳି ନିୟୋଜିତ ହୋଇଥିବା ପ୍ରତି ଶିକ୍ଷକ ସପ୍ତାହରେ ପ୍ରତି ପିଲା ପିଛା ଅନ୍ୟୂନ ୧୦ରୁ ୧୨ ଘଣ୍ଟା ସମୟ ଦେବେ ।

ପ୍ରତି ବିଦ୍ୟାର୍ଥୀ ପାଇଁ ବର୍ଷକୁ ୧୫ ହଜାର ଟଙ୍କା ମିଳିବ, ଯାହା ଭିତରେ ପ୍ରତିମାସରେ ରହିବା ଏବଂ ଖାଇବା ଖର୍ଚ୍ଚ ବାବଦକୁ ୫୦୦ ଟଙ୍କା ହିସାବରେ ୧୦ମାସ ପାଇଁ ୫ ହଜାର ଟଙ୍କା, ପ୍ରତି ମାସରେ ପକେଟ୍ ଖର୍ଚ୍ଚ ବାବଦକୁ ୧୦୦ଟଙ୍କା ହିସାବରେ ୧୦ମାସ ପାଇଁ ଏକ ହଜାର ଟଙ୍କା, ବର୍ଷକର ବହି ଓ ଖାତାପତ୍ର ବାବଦକୁ ୨ହଜାର ଟଙ୍କା, ଏବଂ ପ୍ରଧାନ ଶିକ୍ଷକଙ୍କ ସମେତ ସହାୟକ ଶିକ୍ଷକମାନଙ୍କ ପାଇଁ ସମ୍ମାନରାଶି ୭ହଜାର ଟଙ୍କା ଅନ୍ତର୍ଭୁକ୍ତ । ଏହା ଛଡା ପ୍ରତି ରାଜ୍ୟ ବିଦ୍ୟାର୍ଥୀ ଚୟନ କଲାବେଳେ ଅନୁସୂଚୀତ ଜାତି/ଜନଜାତିର ବାଳିକାମାନଙ୍କ ପାଇଁ ଶତକଡା ୩୦ ଏବଂ ବିକଳାଙ୍ଗଙ୍କ ପାଇଁ ଶତକଡା ୩ ସ୍ଥାନ ସଂରକ୍ଷିତ ରଖିବେ । ଏହି ସ୍ୱତନ୍ତ୍ର ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ଅତିରିକ୍ତ ଆର୍ଥିକ ସୁବିଧା ରହିଛି । ନବମ ଓ ଦଶମ ଶ୍ରେଣୀରେ ପଢୁଥିବା ଜଣେ ଦୃଷ୍ଟିହୀନ ପିଲା ପାଇଁ ପଠନ ଭତ୍ତା ମାସକୁ ୧୦୦ଟଙ୍କା ଓ ଜଣେ ଦିବାଧ୍ୟାୟୀ ଭିନ୍ନକ୍ଷମ ପିଲା ପାଇଁ ଯାତାୟତ ଭତ୍ତା ମାସକୁ ୫୦ଟଙ୍କା ମିଳିବ । ଏହାଛଡା ହଷ୍ଟେଲରେ ରହୁଥିବା ଜଣେ ଶାରିରୀକ ଭାବେ ଭିନ୍ନକ୍ଷମ ଛାତ୍ର/ଛାତ୍ରୀଙ୍କୁ ସହାୟତା କରୁଥିବା ନିର୍ଦ୍ଦିଷ୍ଟ ହଷ୍ଟେଲ୍ କର୍ମଚାରୀଙ୍କୁ ମାସକୁ ୧୦୦ଟଙ୍କା ମିଳିବାର ବ୍ୟବସ୍ଥା ଏହି ସ୍କିମ୍‌ରେ ସ୍ଥାନିତ ହୋଇଛି । ଏହି ସ୍ୱତନ୍ତ୍ର ଶ୍ରେଣୀର ବିଦ୍ୟାର୍ଥୀଙ୍କ ଭିତରେ କୁଷ୍ଠବ୍ୟାଧିରୁ ଆରୋଗ୍ୟ ଲାଭ କରିଥିବା ପିଲାମାନେ ମଧ୍ୟ ଅନ୍ତର୍ଭୁକ୍ତ ।

**ଅଭାବୀ ଆଦିବାସୀ ଛାତ୍ରଛାତ୍ରୀମାନଙ୍କୁ ପ୍ରାକ୍-ମାଟ୍ରିକ୍ ଶିକ୍ଷା ବୃତ୍ତି-** ଯେଉଁ ଅନୁସୂଚୀତ ଜନଜାତି ପରିବାରର ଦୁର୍ବଳ ଆର୍ଥିକ ସ୍ଥିତି ଯୋଗୁଁ ସେ ତାଙ୍କର ପିଲାଙ୍କୁ ନବମ ଓ ଦଶମ ଶ୍ରେଣୀରେ ପଢାଇପାରନ୍ତି ନାହିଁ ଏବଂ ସେହି କାରଣରୁ ମାଟ୍ରିକ ଶିକ୍ଷା ସମାପ୍ତ ହେବା ପୂର୍ବରୁ ତାଙ୍କର ପିଲା ଶିକ୍ଷାକ୍ଷେତ୍ରରୁ ବିଦାୟ ନିଏ, ସେହି ପରିବାରର ପିଲାଙ୍କୁ ମାଟ୍ରିକ ଶିକ୍ଷା ସମାପ୍ତ କରିବା ପାଇଁ ବୃତ୍ତି ପ୍ରଦାନ କରିବା ଏହି ସ୍କିମ୍ (ନବମ ଓ ଦଶମ ଶ୍ରେଣୀରେ ପଢୁଥିବା ଅଭାବୀ ଆଦିବାସୀ ଛାତ୍ରଛାତ୍ରୀମାନଙ୍କୁ ପ୍ରାକ୍-ମାଟ୍ରିକ୍ ଶିକ୍ଷାବୃତ୍ତି ଉପରେ କେନ୍ଦ୍ରୀୟ ସହାୟତା ପ୍ରାପ୍ତ ସ୍କିମ୍- Centrally Sponsored Scheme of Pre-Matric Scholarship for Needy Scheduled Tribe Students studying in Classes IX and X)ର ମୂଳ ଲକ୍ଷ୍ୟ । ଏହାର ଅନ୍ୟତମ ଲକ୍ଷ୍ୟ ହେଲା, ସଂପୃକ୍ତ ଛାତ୍ର/ ଛାତ୍ରୀଙ୍କୁ ଗୁଣାତ୍ମକ ମାଟ୍ରିକ୍ ଶିକ୍ଷା ଦେଇ ତାଙ୍କୁ ଉଚ୍ଚଶିକ୍ଷା ଲାଭ ପାଇଁ ଉପଯୁକ୍ତ କରି ଗଢିତୋଳିବା । କେବଳ ଭାରତ ଭିତରେ ଶିକ୍ଷାଲାଭ ପାଇଁ ଏପ୍ରକାର ପ୍ରାକ୍-ମାଟ୍ରିକ ବୃତ୍ତି ପ୍ରଦାନ କରାଯିବ ଏବଂ ଏହି ବୃତ୍ତି ରାଜ୍ୟ ସରକାର ଓ କେନ୍ଦ୍ର ପ୍ରଶାସନ ମାଧ୍ୟମରେ ସଂପୃକ୍ତ ଛାତ୍ରଛାତ୍ରୀଙ୍କ ନିକଟରେ ପହଞ୍ଚିବ । ଏହି ସ୍କିମ୍ ଅଧୀନରେ କେନ୍ଦ୍ର ସରକାର ରାଜ୍ୟ ଓ କେନ୍ଦ୍ରାଞ୍ଚଳକୁ ଶତକଡା ଶହେ ସହାୟତା ପ୍ରଦାନ କରିବେ । ଦେଖାଯାଇଥାଏ ରାଜ୍ୟ

ସରକାରମାନେ ମଧ୍ୟ ଏପ୍ରକାର ବୃତ୍ତି ପ୍ରଚଳନ କରିଥାନ୍ତି । ସେପରି ସ୍ଥଳେ ସେମାନେ ନିଜର ବୃତ୍ତି ବ୍ୟବସ୍ଥାକୁ ବଜାୟ ରଖି ଉକ୍ତ କେନ୍ଦ୍ରୀୟ ବୃତ୍ତି ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିପାରନ୍ତି ଅଥବା ଗୋଟିଏ ରାଜ୍ୟ ସରକାର କେନ୍ଦ୍ରୀୟ ବୃତ୍ତିର ପରିମାଣକୁ ଗ୍ରହଣ କରି ରାଜ୍ୟ ବୃତ୍ତିର ପରିମାଣକୁ ହ୍ରାସ କରିପାରନ୍ତି । ଏହି କେନ୍ଦ୍ରୀୟ ବୃତ୍ତି ପିଛା କେନ୍ଦ୍ର ସରକାରଙ୍କ ମୋଟ ବ୍ୟୟର ଶତକଡା ୧.୫କୁ କେନ୍ଦ୍ର ସରକାର ଅଲଗା ଭାବେ ମଞ୍ଜୁର କରି ପ୍ରଶାସନିକ ବ୍ୟୟ ରୂପେ ବିନିଯୋଗ କରାଇପାରନ୍ତି, ଏବଂ ରାଜ୍ୟ ସରକାରଙ୍କ ପ୍ରସ୍ତାବ କ୍ରମେ କେନ୍ଦ୍ର ସରକାର ସଂପୃକ୍ତ ରାଜ୍ୟ/ କେନ୍ଦ୍ରାଞ୍ଚଳକୁ ଏପ୍ରକାର ପ୍ରଶାସନିକ ବ୍ୟୟ ଯୋଗାଇ ଦେଇପାରିବେ ।

*ଯୋଗ୍ୟତା:* ଯେଉଁ ବାଳକ ବା ବାଳିକା ଅନୁସୂଚୀତ ଜନଜାତିର ହୋଇଥିବ, ତାଙ୍କ ପରିବାରର ବାର୍ଷିକ ଆୟ ଦୁଇଲକ୍ଷ ଟଙ୍କାରୁ ବେଶୀ ହୋଇନଥିବ, ଅନ୍ୟ କୌଣସି କେନ୍ଦ୍ରୀୟ ସହାୟତା ସ୍କିମ୍‌ରୁ କୌଣସି ପ୍ରାକ୍-ମାଟ୍ରିକ୍ ବୃତ୍ତି ପାଉନଥିବ, ତଥା ସରକାରୀ ସ୍କୁଲ୍ ବା ସରକାରୀ ସ୍ୱୀକୃତି ପ୍ରାପ୍ତ ସ୍କୁଲ୍ ଅଥବା କେନ୍ଦ୍ରୀୟ ବା ରାଜ୍ୟ ମାଧ୍ୟମିକ ଶିକ୍ଷା ବୋର୍ଡର ସ୍ୱୀକୃତି ଲାଭ କରିଥିବା ସ୍କୁଲରେ ନିୟମିତ ସର୍ବକ୍ଷଣ ଅଧ୍ୟୟନ କରୁଥିବେ ତେବେ ସେ ଏହି ପ୍ରାକ୍-ମାଟ୍ରିକ ଶିକ୍ଷାବୃତ୍ତି ପାଇବା ପାଇଁ ଯୋଗ୍ୟ ବିବେଚିତ ହେବ ।

*ବୃତ୍ତିର ପରିମାଣ:* ଏହି ବୃତ୍ତିର ପରିମାଣ ଅନ୍ତେବାସୀ (Hosteller) ଓ ଦିବାଧ୍ୟାୟୀ (Day Scholar)ଙ୍କ ପାଇଁ ଅଲଗା ଅଲଗା ହେବ । ମୁଖ୍ୟ ବୃତ୍ତି ମାସକୁ ଦିବାଧ୍ୟାୟୀଙ୍କ ପାଇଁ ୧୫୦ ଟଙ୍କା ଏବଂ ଅନ୍ତେବାସୀଙ୍କ ପାଇଁ ୩୫୦ଟଙ୍କା ମିଳିବ, ତଥା ବର୍ଷକୁ ପୁସ୍ତକାଦି ଏବଂ ଅନ୍ୟାନ୍ୟ ଖର୍ଚ୍ଚ ବାବଦ ଦିବାଧ୍ୟାୟୀଙ୍କ ପାଇଁ ୭୫୦ ଟଙ୍କା ଏବଂ ଅନ୍ତେବାସୀଙ୍କ ପାଇଁ ୧୦୦୦ଟଙ୍କା ମିଳିବ । ଏହାଛଡା ଘରୋଇ ବିଦ୍ୟାଳୟରେ ପଢୁଥିବା ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ପାଇଁ ଅତିରିକ୍ତ ଭତ୍ତାର ବ୍ୟବସ୍ଥା ମଧ୍ୟ ରହିଛି । ଏଠାରେ ଉଲ୍ଲେଖନୀୟ ଯେ, ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ କେନ୍ଦ୍ରୀୟ ସହାୟତା ପ୍ରାପ୍ତ ସ୍କିମ୍ 'ମାଧ୍ୟମିକ ଶିକ୍ଷା ପର୍ଯ୍ୟାୟରେ ଭିନ୍ନକ୍ଷମଙ୍କ ପାଇଁ ସର୍ବାନ୍ତର୍ଭୁକ୍ତ ଶିକ୍ଷା' (Centrally-sponsored Scheme of 'Inclusive Education of the Disabled at Secondary Stage'- IEDSS) ଅନୁଯାୟୀ ମାଧ୍ୟମିକ ଶିକ୍ଷା ଲାଭ କରୁଥିବା ଭିନ୍ନକ୍ଷମ ଛାତ୍ର / ଛାତ୍ରୀଙ୍କ ପାଇଁ ବର୍ଷକୁ ୩ହଜାର ଟଙ୍କା ଦିଆଯାଇଥାଏ । କିନ୍ତୁ ଏହି ସ୍କିମ୍ ଅଧୀନରେ ଅଣ-ସହାୟତାପ୍ରାପ୍ତ ଘରୋଇ ସ୍କୁଲରେ ପଢୁଥିବା ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ବୃତ୍ତି ମିଳିନଥାଏ । ସୁତରାଂ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ପ୍ରାକ୍-ମାଟ୍ରିକ୍ ବୃତ୍ତି ସ୍କିମ୍ ଅଧୀନରେ ସେମାନଙ୍କ ପାଇଁ ବୃତ୍ତିର ବ୍ୟବସ୍ଥା କରାଯାଇଛି । ଏହି ବୃତ୍ତିର ପରିମାଣ ନିମ୍ନମତେ- ଦୃଷ୍ଟିହୀନଙ୍କ ପାଇଁ ଜଣପିଛା ମାସକୁ ପଢାଖର୍ଚ୍ଚ ୧୬୦ଟଙ୍କା, ହଷ୍ଟେଲ୍‌ରେ ରହୁନଥିବା ଛାତ୍ର/ ଛାତ୍ରୀଙ୍କ ମାସିକ ପରିବହନ ବୃତ୍ତି ୧୬୦ଟଙ୍କା, ମାର୍ଗଦର୍ଶନ ସହାୟକ ପାଇଁ ମାସିକ ୧୬୦ଟଙ୍କା, ସହାୟକ ପାଇଁ ମାସିକ ୧୬୦ଟଙ୍କା ତଥା ମାନସିକ ଅନଗ୍ରସର ବା ମାନସିକ ରୁଗ୍ଣ ଛାତ୍ର/ଛାତ୍ରୀଙ୍କ ମାସିକ କୋଚିଂ ଭତ୍ତା ୨୪୦ଟଙ୍କା । ଗୋଟିଏ ଶିକ୍ଷାବର୍ଷର ୧୦ମାସ ପାଇଁ ବୃତ୍ତି ମିଳିପାରିବ । ବର୍ଷର ପହିଲା ଏପ୍ରିଲ୍ ବା ଯେଉଁ ମାସରେ ନାମଲେଖା ହେବ, ଏବଂ ଏହି ଦୁଇଟି ଭିତରୁ ଯେଉଁଟି ପରବର୍ତ୍ତୀ ତାରିଖ, ସେବେଠାରୁ ଯେଉଁମାସରେ ପରୀକ୍ଷା ଅନୁଷ୍ଠିତ ହେବ, ସେପର୍ଯ୍ୟନ୍ତ ବୃତ୍ତି ମିଳିବ । ଏହି ବୃତ୍ତି ଡାକଘର ବା ବ୍ୟାଙ୍କରେ ସଂପୃକ୍ତ ପ୍ରାର୍ଥୀଙ୍କ ନାମରେ ଖୋଲାଯାଇଥିବା ଆକାଉଣ୍ଟ ମାଧ୍ୟମରେ ବିତରଣ କରାଯିବ । କେନ୍ଦ୍ର ସରକାର ପ୍ରତିବର୍ଷ ଦୁଇଟି କିସ୍ତିରେ ରାଜ୍ୟ କେନ୍ଦ୍ରାଞ୍ଚଳ ମାନଙ୍କୁ ମଞ୍ଜୁର ଅର୍ଥରାଶି ରିଲିଜ୍ କରିବେ । ରାଜ୍ୟ ସରକାର ଯଥୋଚିତ ସମୟରେ ବୃତ୍ତି ଅର୍ଥକୁ ସମ୍ପୃକ୍ତ ପ୍ରାର୍ଥୀମାନଙ୍କୁ ପ୍ରଦାନ କରିବେ । ଯେଉଁସ୍ଥଳେ କୌଣସି କିସ୍ତି ପାଇଁ କେନ୍ଦ୍ରରୁ ଅର୍ଥରାଶି ରିଲିଜ୍ ହୋଇନଥିବ, ସେପରି ସ୍ଥଳେ ରାଜ୍ୟ ସରକାର ନିଜେ ସଂପୃକ୍ତ ପ୍ରାର୍ଥୀମାନଙ୍କୁ ନିଜ ପାଣ୍ଠିରୁ ବୃତ୍ତି ବିତରଣ କରିପାରିବେ ଏବଂ କେନ୍ଦ୍ରରୁ ଅର୍ଥରାଶି ରିଲିଜ୍ ହେବା ପରେ, ସେଥିରୁ ତାହା ଭରଣା କରିପାରିବେ ।

*ବୃତ୍ତିପାଇଁ ଆବେଦନ ପଦ୍ଧତି-* ଏକ ଆବେଦନ ସହିତ ନିମ୍ନୋକ୍ତ ଦଲିଲ୍‌ମାନ ଉପଲବ୍ଧ ହୋଇଥିବ (୧) ବିହିତ ଆବେଦନ ଫର୍ମ ପୂରଣ କରିବାକୁ ପଡିବ; ଏଥିପାଇଁ ବୃତ୍ତି ସକାଶେ ପ୍ରଥମ ଆବେଦନ ଏବଂ ବୃତ୍ତିର ନବୀକରଣ ପାଇଁ ଅଲଗା ଅଲଗା ଫର୍ମ ବିହିତ କରାଯାଇଛି, (୨) ସଂପୃକ୍ତ ପ୍ରାର୍ଥୀର ପାସପୋର୍ଟ ସାଇଜ୍ ଫଟୋ ଏବଂ ଏଥିରେ ପ୍ରାର୍ଥୀଙ୍କର ସ୍ୱାକ୍ଷର, (୩) ତହସିଲ୍‌ଦାର୍ ଠାରୁ ଅଧସ୍ତନ ହୋଇନଥିବା ଜଣେ ରାଜସ୍ୱ ଅଧିକାରୀଙ୍କ ଠାରୁ ମିଳିଥିବା ଅନୁସୂଚୀତ ଜନଜାତି ସାର୍ଟିଫିକେଟ୍‌ର ମୂଳ ଦଲିଲ୍, (୪) ପ୍ରାର୍ଥୀଙ୍କ ପିତାମାତା/ ଅଭିଭାବକ ଯଦି ଆତ୍ମନିଯୁକ୍ତ ହୋଇଥାନ୍ତି ତେବେ ସେ ନନ୍-ଜୁଡିସିଆଲ୍ ଷ୍ଟାମ୍ପ ପେପର୍ ଉପରେ ବିଭିନ୍ନ ସୂତ୍ରରୁ ତାଙ୍କର ଆୟର ସୂଚନା ଦେଇ ସାର୍ଟିଫିକେଟ୍ ଦେବେ ଏବଂ ଯଦି ସେ କାହାପାଖରେ ନିଯୁକ୍ତ ହୋଇଥାଆନ୍ତି, ତେବେ ସେହି ନିଯୁକ୍ତିକର୍ତ୍ତାଙ୍କ ଠାରୁ ତାଙ୍କର ଆୟ ସଂବନ୍ଧୀୟ ସାର୍ଟିଫିକେଟ୍ ଆଣି ଆବେଦନ ସହିତ ସଂଯୁକ୍ତ କରିଥିବେ । (୫) ଯଦି ସଂପୃକ୍ତ ପ୍ରାର୍ଥୀ ପୂର୍ବବର୍ଷ ଏହି ସ୍କିମ୍ ଅଧୀନରେ କୌଣସି ବୃତ୍ତି ପାଇଥିବେ, ତେବେ ସେ ଏ ବିଷୟ ସୂଚାଇବା ସହ ସଂପୃକ୍ତ ପ୍ରଧାନ ଶିକ୍ଷକଙ୍କ ସହ-ସ୍ୱାକ୍ଷର ଆବେଦନରେ ସ୍ଥାନିତ କରାଇଥିବେ । (୬) ଆବେଦନକୁ ସଂପୃକ୍ତ

ପ୍ରଧାନ ଶିକ୍ଷକଙ୍କ ନିକଟରେ ଦାଖଲ କରାଯିବ ଏବଂ ପ୍ରଧାନ ଶିକ୍ଷକ ଏହାକୁ ସଂପୃକ୍ତ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଇବେ । ଏଠାରେ ଉଲ୍ଲେଖନୀୟ ଯେ, ରାଜ୍ୟ ସରକାର ବ୍ଲକ୍ ବା ଜିଲ୍ଲା କର୍ତ୍ତୃପକ୍ଷଙ୍କୁ ଏହି ବୃତ୍ତି ପାଇଁ ପ୍ରାର୍ଥୀ ଚୟନର କ୍ଷମତା ଅର୍ପଣ କରିପାରନ୍ତି ।

***ତଦାରଖ ଓ ଅଭିଯୋଗ ପ୍ରତିକାର-*** ପ୍ରତି ରାଜ୍ୟ ସରକାର ଏବଂ କେନ୍ଦ୍ରାଞ୍ଚଳ ଏହି ସ୍କିମ୍‌ର କାର୍ଯ୍ୟକାରିତା ସଂବନ୍ଧରେ କେନ୍ଦ୍ର ନିକଟକୁ ତ୍ରୈମାସିକ ରିପୋର୍ଟ ପଠାଇବେ । ପ୍ରତି ଜିଲ୍ଲାର ଶିକ୍ଷାନୁଷ୍ଠାନ-ଓ୍ୱାରି ବୃତ୍ତିଧାରୀମାନଙ୍କର ତାଲିକା ୱେବ୍‌ସାଇଟ୍‌ରେ ସ୍ଥାନିତ ହେବ । ବୃତ୍ତିଧାରୀମାନଙ୍କର ତଥ୍ୟାବଳୀକୁ ଆଧାର ତଥ୍ୟଭଣ୍ଡାର ସହିତ ସଂଯୁକ୍ତ କରାଯିବା ପାଇଁ ପ୍ରୟାସ କରାଯିବ । ଏହି ପ୍ରକ୍ରିୟାରେ ପରିଲକ୍ଷିତ ହେଉଥିବା ବିଭ୍ରାଟ ଓ ବିଶୃଙ୍ଖଳାର ପ୍ରତିକାର ପାଇଁ ରାଜ୍ୟ ସରକାର ରାଜ୍ୟ ଏବଂ ଜିଲ୍ଲା ସ୍ତରରେ ଅଭିଯୋଗ ପ୍ରତିକାର ବ୍ୟବସ୍ଥା ଘୋଷଣା କରିବେ ।

**ଅନୁସୂଚୀତ ଜନଜାତିର ଛାତ୍ରଛାତ୍ରୀମାନଙ୍କୁ ମାଟ୍ରିକ୍-ପରବର୍ତ୍ତୀ ଶିକ୍ଷା ବୃତ୍ତି-** ଏହି ସ୍କିମ୍ ୧୯୪୪-୪୫ ମସିହାରେ ଚାଲୁ ହୋଇଥିଲା ଏବଂ ସେବେଠାରୁ ବିଭିନ୍ନ ସମୟରେ ସଂଶୋଧନ ହୋଇଆସୁଛି । ନିକଟତମ ସଂଶୋଧନ ଘଟିଛି ୧ ଏପ୍ରିଲ ୨୦୧୩ରେ । ମାଟ୍ରିକ୍ ପାସ୍ କଲା ପରେ ଦେଶ ଭିତରେ ସ୍ୱୀକୃତି ପ୍ରାପ୍ତ ଶିକ୍ଷାନୁଷ୍ଠାନରେ ବୈଷୟିକ, ଅଣବୈଷୟିକ ଏବଂ ଏପରିକି ଡାକମାଧ୍ୟମ ଏବଂ ଲଗାତାର ଶିକ୍ଷାକ୍ରମ ଅଧୀନରେ ଉଚ୍ଚଶିକ୍ଷା ପାଇଁ ଆଦିବାସୀ ଛାତ୍ରଛାତ୍ରୀମାନଙ୍କୁ ସଂପୂର୍ଣ୍ଣ ଆର୍ଥିକ ସହାୟତା ଯୋଗାଇଦେବା ଏହି କେନ୍ଦ୍ରୀୟ ସ୍କିମ୍‌ର ଉଦ୍ଦେଶ୍ୟ । ଏହି କେନ୍ଦ୍ରୀୟ ସ୍କିମ୍ ରାଜ୍ୟ ଓ କେନ୍ଦ୍ରାଞ୍ଚଳମାନଙ୍କ ଦ୍ୱାରା କାର୍ଯ୍ୟାନ୍ୱୀତ ହୋଇଥାଏ । ବାର୍ଷିକ ୨ଲକ୍ଷ ୫୦ହଜାର ଟଙ୍କା ପର୍ଯ୍ୟନ୍ତ ବାର୍ଷିକ ଆୟ ଥିବା ଅନୁସୂଚୀତ ଜନଜାତିର ପୁଅଝିଅମାନେ ଏହି ବୃତ୍ତି ଲାଭ ପାଇଁ ଯୋଗ୍ୟ ବିବେଚିତ ହେବେ । ଗୋଟିଏ ଦମ୍ପତିର ସମସ୍ତ ପିଲା ଏହି ସ୍କିମ୍ ଅଧୀନରେ ଯୋଗ୍ୟ ବିବେଚିତ ହେଲେ ସେମାନେ ବୃତ୍ତିଲାଭ କରିପାରିବାରେ କୌଣସି ବାଧା ନାହିଁ । ଏପରିକି ଚାକିରୀ କରୁଥିବା ବ୍ୟକ୍ତି ଚାକିରୀରୁ ଅବୈତନିକ ଛୁଟି ନେଇ ପାଠ ପଢ଼ିବା ପାଇଁ ଏହି ବୃତ୍ତି ପାଇ ପାରିବେ । ଦରମା, ଆବାସିକ ଓ ଖାଦ୍ୟପେୟ ଖର୍ଚ୍ଚ, ଭିନ୍ନକ୍ଷମ ପିଲାଙ୍କ ପାଇଁ ପଠନ ଭତ୍ତା, ଅଧ୍ୟୟନ ଗସ୍ତ ଖର୍ଚ୍ଚ, ନିବନ୍ଧ ଟାଇପିଂ ଓ ପ୍ରକାଶନ ଖର୍ଚ୍ଚ ତଥା ପୁସ୍ତକ ଖର୍ଚ୍ଚ ଇତ୍ୟାଦି ଏହି ସହାୟତା ଭିତରେ ଅନ୍ତର୍ଭୁକ୍ତ । ପୁସ୍ତକ ବ୍ୟାଙ୍କ୍ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରମାନଙ୍କୁ କେନ୍ଦ୍ରୀୟ ସହାୟତା ଯୋଗାଇଦେବା ମଧ୍ୟ ଏହି ସ୍କିମ୍‌ର ଅନ୍ତର୍ଭୁକ୍ତ ।

**ଅନୁସୂଚୀତ ଜନଜାତିର ଛାତ୍ରଛାତ୍ରୀମାନଙ୍କୁ ସର୍ବୋତ୍କୃଷ୍ଟ ଶିକ୍ଷା ପାଇଁ କେନ୍ଦ୍ରୀୟ ବୃତ୍ତି-** ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ୨୦୦୭-୦୮ରୁ ଅନୁସୂଚୀତ ଜନଜାତିର ଛାତ୍ରଛାତ୍ରୀମାନଙ୍କୁ ସର୍ବୋତ୍କୃଷ୍ଟ ଶିକ୍ଷାପ୍ରଦାନ ପାଇଁ କେନ୍ଦ୍ରୀୟ ବୃତ୍ତି (Top class education for ST students) ପ୍ରଚଳିତ ହୋଇଛି । କେନ୍ଦ୍ରୀୟ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ଦ୍ୱାରା ଅନୁସୂଚୀତ ଜାତିର ଛାତ୍ରଛାତ୍ରୀଙ୍କ ପାଇଁ ମଧ୍ୟ ଏକ ଅନୁରୂପ ବୃତ୍ତି ବ୍ୟବସ୍ଥା ପ୍ରଚଳିତ ରହିଛି । ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ଚିହ୍ନିତ ହୋଇଥିବା ଦେଶର ୨୧୩ଟି ଉତ୍କୃଷ୍ଟ ସରକାରୀ ଓ ଘରୋଇ ଶିକ୍ଷାନୁଷ୍ଠାନରେ ଦ୍ୱାଦଶ ଶ୍ରେଣୀ ପରେ ଗ୍ରାଜୁଏସନ୍ ଓ ପୋଷ୍ଟ-ଗ୍ରାଜୁଏସନ୍ ଶିକ୍ଷାଲାଭ ପାଇଁ ନାମ ଲେଖାଉଥିବା ଅନୁସୂଚୀତ ଜନଜାତିର ମେଧାବୀ ଛାତ୍ରଛାତ୍ରୀଙ୍କୁ ମନ୍ତ୍ରଣାଳୟରୁ ସିଧାସଳଖ ଏହି ବୃତ୍ତି ମିଳିବ । ପ୍ରତି ଚିହ୍ନିତ ଶିକ୍ଷାନୁଷ୍ଠାନରେ ୫ଜଣ ପର୍ଯ୍ୟନ୍ତ ବିଦ୍ୟାର୍ଥୀଙ୍କୁ ଏହି ବୃତ୍ତି ମିଳିପାରିବ, କିନ୍ତୁ ମୋଟ ଉପରେ ଜାତୀୟ ସ୍ତରରେ ବାର୍ଷିକ ୬୨୫ ସଂଖ୍ୟକ ବୃତ୍ତି ଭିତରେ ବୃତ୍ତିଧାରୀଙ୍କ ସଂଖ୍ୟା ସୀମିତ ରହିବ ।

ସଂପୃକ୍ତ ଛାତ୍ରର ପରିବାରର ମୋଟ ବାର୍ଷିକ ଆୟ ୨ଲକ୍ଷରୁ ଅଧିକ ହୋଇନଥିବ । ଏହି ବୃତ୍ତି ମଧ୍ୟରେ ତା'ର ମାସିକ ଦରମା, ରହିବା ଓ ଖାଇବା, ବହିପତ୍ର ଓ ଗୋଟିଏ କମ୍ପ୍ୟୁଟର୍‌ର ସୁବିଧା ଅନ୍ତର୍ଭୁକ୍ତ । ଚିହ୍ନଟ ହୋଇଥିବା ଶିକ୍ଷାନୁଷ୍ଠାନ ଭିତରେ ଇଞ୍ଜିନିଅରିଂ, ଚିକିତ୍ସା, ଆଇନ୍, ପରିଚାଳନା, ଏବଂ ବାଣିଜ୍ୟ ଇତ୍ୟାଦି ଶିକ୍ଷା ପ୍ରଦାନ କରୁଥିବା ଅନୁଷ୍ଠାନ ଅନ୍ତର୍ଭୁକ୍ତ । ପ୍ରତି ଶିକ୍ଷାନୁଷ୍ଠାନ ପ୍ରତି ବର୍ଷ ସର୍ବାଧିକ ୬୩୫ଟି ବୃତ୍ତି ପରିଚାଳନା କରିପାରିବେ । ଘରୋଇ ଶିକ୍ଷାନୁଷ୍ଠାନ କ୍ଷେତ୍ରରେ ପ୍ରତି ଛାତ୍ରକୁ ବାର୍ଷିକ ସର୍ବୋଚ୍ଚ ୨ଲକ୍ଷ ଏବଂ ପାଇଲଟ୍ ବିଦ୍ୟାର ଶିକ୍ଷାର୍ଥୀଙ୍କ ପାଇଁ ବାର୍ଷିକ ସର୍ବୋଚ୍ଚ ୩.୭୨ଲକ୍ଷ ଟଙ୍କାର ସହାୟତା ମିଳିବ । ଏହି ସହାୟତା ଭିତରେ ରହିବା-ଖାଇବା ଖର୍ଚ୍ଚ ମାସକୁ ୨୨୦୦ଟଙ୍କା, ବହି ଓ ଖାତାପତ୍ର ବାବଦକୁ ମାସକୁ ୩୦୦୦ ଟଙ୍କା, ଏବଂ ୪୫ହଜାର ଟଙ୍କା ଭିତରେ ଗୋଟିଏ ସର୍ବାଧୁନିକ କମ୍ପୁଟର୍ ପାଇଁ ଏକକାଳୀନ ଅର୍ଥରାଶି ଅନ୍ତର୍ଭୁକ୍ତ । ଯେଉଁମାନେ ଏହି ବୃତ୍ତି ପାଇଁ ଆଗ୍ରହୀ, ସେମାନେ ଯେଉଁ ଶିକ୍ଷାନୁଷ୍ଠାନରେ ନାମ ଲେଖାଇଥିବେ, ସେହି ଶିକ୍ଷନୁଷ୍ଠାନ ଜରିଆରେ ଆଦିବାସୀ ମନ୍ତ୍ରଣାଳୟକୁ ଆବେଦନ କରିପାରିବେ । ଏ ବିଷୟରେ ସବିଶେଷ ତଥ୍ୟାବଳୀ ଆଦିବାସୀ ମନ୍ତ୍ରଣାଳୟର ୱେବ୍‌ସାଇଟ୍ (***www.tribal.nic.in***)ରୁ ମିଳି ପାରିବ ।

**ନକ୍ସଲ-ପ୍ରଭାବିତ ଅଞ୍ଚଳରେ ଶିକ୍ଷାପ୍ରସାର ପାଇଁ ସ୍ୱତନ୍ତ୍ର ସ୍କିମ୍‌ସମୂହ-** କେନ୍ଦ୍ରୀୟ ଗୃହ ମନ୍ତ୍ରଣାଳୟ ଦ୍ୱାରା ଚିହ୍ନିତ ହୋଇଥିବା ନକ୍ସଲ-ପ୍ରଭାବିତ ଜିଲ୍ଲାମାନଙ୍କରେ ଆଦିବାସୀ ବାଳକ ଏବଂ ବାଳିକା

ମାନଙ୍କ ପାଇଁ ଅଲଗା ଅଲଗା **ଆଶ୍ରମ ସ୍କୁଲ୍ ନିର୍ମାଣ** ପାଇଁ କେନ୍ଦ୍ର ସରକାର ଶତକଡା ଶହେ ସହାୟତା ଯୋଗାଇଦେବେ । ୨୦୧୧-୧୨ ଆର୍ଥିକବର୍ଷରେ ଯୋଜନା କମିଶନ୍‌ଙ୍କ ସୁପାରିଶ୍ କ୍ରମେ **ସର୍ବଶିକ୍ଷା ଅଭିଯାନ** ଅଧୀନରେ କେନ୍ଦ୍ର ସରକାର ପୂର୍ବର ୩୫ଟି ବଦଳରେ ୬୦ଟି ନକ୍ସଲ୍-ପ୍ରଭାବିତ ଜିଲ୍ଲା ପାଇଁ କେତେକ ନୂତନ ବ୍ୟବସ୍ଥା ମଞ୍ଜୁର କରିଛନ୍ତି, ଯଥା-

- ନୂତନ ପ୍ରାଥମିକ ବିଦ୍ୟାଳୟ - ୨୪୪
- ନୂତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ - ୨୮୦
- ନୂତନ ଶିକ୍ଷକ ସଂଖ୍ୟା - ୨୦୩୬୯
- ପ୍ରାଥମିକ ବିଦ୍ୟାଳୟ ପାଇଁ ନୂତନ ଗୃହ ସଂଖ୍ୟା- ୭୭
- ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଇଁ ନୂତନ ଗୃହ ସଂଖ୍ୟା- ୨୬୫
- ଅତିରିକ୍ତ ଶ୍ରେଣୀଗୃହ ସଂଖ୍ୟା - ୨୮୧୩୮
- ଶୌଚାଳୟ ସଂଖ୍ୟା - ୧୨୭୫
- ସ୍ୱତନ୍ତ୍ର ବାଳିକା ଶୌଚାଳୟ ସଂଖ୍ୟା - ୨୧୦୧୧
- ପାନୀୟ ଜଳ ସୁବିଧା ସଂଖ୍ୟା - ୧୦୩୭

୨୦୦୯-୧୦ବର୍ଷରୁ କେନ୍ଦ୍ରୀୟ ସହାୟତା ପ୍ରାପ୍ତ **'ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନ'** ଚାଲୁ ରହିଛି, ଯାହାର ଉଦ୍ଦେଶ୍ୟ ହେଲା ୧୫-୧୬ ବର୍ଷ ବୟସର ସମସ୍ତ ବାଳକ-ବାଳିକାଙ୍କୁ ଉତ୍କୃଷ୍ଟ ମାନର ମାଧ୍ୟମିକ ଶିକ୍ଷା ସହଜ ଓ ସୁଲଭ ରୀତିରେ ଯୋଗାଇଦେବା । ଏହାର ଅନ୍ୟତମ ଅଗ୍ରାଧିକାର ହେଉଛି ନକ୍ସଲ ପ୍ରଭାବିତ ଅଞ୍ଚଳରେ ଏସ୍‌ସି, ଏସ୍‌ଟି ଏବଂ ସଂଖ୍ୟାଲଘୁ ଗୋଷ୍ଠୀର ପିଲାମାନଙ୍କ ନିକଟରେ ଏହାକୁ ପହଞ୍ଚାଇବା । ସ୍ଥାନୀୟ ସ୍ତରରେ କର୍ମଯୋଜନା ପ୍ରସ୍ତୁତି, ଅଧିକ ସଂଖ୍ୟକ ମହିଳା ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତି, ନାମଲେଖା ଅଭିଯାନ ଏବଂ ସ୍ୱତନ୍ତ୍ର କୋଚିଂ ବ୍ୟବସ୍ଥା ହେଉଛି ଏହି ସ୍କିମ୍‌ର କେତେକ ମୌଳିକ ବୈଶିଷ୍ଟ୍ୟ ।

ଜାତୀୟ ସାକ୍ଷରତା ମିଶନ୍‌ର ଏକ ନୂଆ ସଂସ୍କରଣ ହେଉଛି **'ସାକ୍ଷର ଭାରତ'**, ଯାହାକି ୮ ସେପ୍ଟେମ୍ବର ୨୦୦୯ରୁ ଚାଲୁ ହୋଇଛି । ଏହାର ମୂଳ ଲକ୍ଷ୍ୟ ହେଉଛି, ଗ୍ରାମାଞ୍ଚଳର ନିରକ୍ଷର ସାବାଳକ ମହିଳାମାନଙ୍କୁ ସାକ୍ଷର କରିବା । ୨୦୦୧ ଜନଗଣନା ଅନୁଯାୟୀ ଯେଉଁ ଜିଲ୍ଲାର ସାବାଳକ ସାକ୍ଷରତା ହାର ଶତକଡା ୫୦ ବା ତହିଁରୁ କମ୍, ତାହା ଏହି କାର୍ଯ୍ୟକ୍ରମ ଅଧୀନରେ ସାମିଲ୍ ହୋଇପାରିବ । କିନ୍ତୁ ନକ୍ସଲବାଦ ଦ୍ୱାରା ପ୍ରଭାବିତ ୩୫ଟି ଜିଲ୍ଲାରେ ଏହି କାର୍ଯ୍ୟକ୍ରମ ଚାଲୁ ହୋଇଛି, ଯଦିଓ ସେଥିମଧ୍ୟରୁ କୌଣସି ଜିଲ୍ଲାରେ ସାକ୍ଷରତା ହାର ଉପରୋକ୍ତ ସୀମା ଠାରୁ ଅଧିକ ହୋଇପାରେ ।

**ସର୍ବଶିକ୍ଷା** ଅଭିଯାନ ଅଧୀନରେ 'ଅଧାରୁ ପାଠ ଛାଡିବା' (ଉକ୍ସକ୍ଟକ୍କୁ-କ୍ସଙ୍କଷ) ସମସ୍ୟାର ମୁକାବିଲା ପାଇଁ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ତରଫରୁ ନକ୍ସଲ-ପ୍ରଭାବିତ ଅଂଚଳଗୁଡ଼ିକରେ ସ୍ଥାନୀୟ ଯୋଜନାକୁ ଭିତ୍ତି କରି ନିମ୍ନୋକ୍ତ ପଦକ୍ଷେପମାନ ଗ୍ରହଣ କରାଯାଉଛି-

- ନୂତନ ସ୍କୁଲ୍ ଖୋଲିବା ଏବଂ ନୂତନ/ ଅତିରିକ୍ତ ଶିକ୍ଷକ ନିଯୁକ୍ତି କରିବା,

- ଆବାସିକ ବିଦ୍ୟାଳୟ/ ହଷ୍ଟେଲ୍ ଖୋଲିବା- ୩୧୬୫୦ ଛାତ୍ରଛାତ୍ରୀଙ୍କ ପାଇଁ ଏଭଳି ୭୭ଟି ଆବାସିକ ବିଦ୍ୟାଳୟ/ ହଷ୍ଟେଲ୍ ଖୋଲାଯାଇଛି,

- ଷଷ୍ଠରୁ ଅଷ୍ଟମ ଶ୍ରେଣୀର ଛାତ୍ରୀମାନଙ୍କ ଆବାସିକ ଶିକ୍ଷା ପାଇଁ ୮୮୯ଟି କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଖୋଲାଯାଇଛି ,

- ଆଶ୍ରମ ସ୍କୁଲ୍ ଏବଂ ଏସ୍‌ସି/ଏସ୍‌ଟି ବିଭାଗ ଦ୍ୱାରା ପରିଚାଳିତ ସ୍କୁଲଗୁଡ଼ିକ ସହିତ ସଂଯୋଜନା ରକ୍ଷା କରାଯାଇ ସମସ୍ତ ସ୍କୁଲଗୁଡ଼ିକୁ ମାଗଣା ପାଠ୍ୟପୁସ୍ତକ, ମଧ୍ୟାହ୍ନ ଭୋଜନ, ଶିକ୍ଷକ ତାଲିମ୍, ସ୍କୁଲ୍ ରକ୍ଷାବେକ୍ଷଣ ପାଇଁ ଅର୍ଥମଞ୍ଜୁରି ତଥା ଶିକ୍ଷା ଉପକରଣ ଯୋଗାଣ ପାଇଁ ପଦକ୍ଷେପ ନିଆଯାଇଛି ,

- ବିଭିନ୍ନ ରାଜ୍ୟର ଆଦିବାସୀ ଜିଲ୍ଲାମାନଙ୍କରେ ତଳ ଶ୍ରେଣୀ ମାନଙ୍କରେ ବହୁଭାଷା ମାଧ୍ୟମରେ ଶିକ୍ଷା (ଗଙ୍କଷଝସ ଖସଭଶଙ୍କବକ୍ଷ ରଯଙ୍କମବଝସକ୍ସଭ -ଗଖର) କାର୍ଯ୍ୟକ୍ରମକୁ ପ୍ରୋତ୍ସାହନ କରିବା । ଓଡିଶାର ୧୦ଟି, ଆନ୍ଧ୍ରର ୮ଟି, ଝାରଖଣ୍ଡର ୫ଟି ଏବଂ ଛତିଶଗଡର ୭ଟି ଆଦିବାସୀ ଭାଷାରେ ଶିକ୍ଷା ପ୍ରଦାନ ଆରମ୍ଭ ହୋଇଯାଇଛି । ନିଜର ଗୃହ ଭାଷାରେ ଶିକ୍ଷା ପାଇବା ଫଳରେ ପିଲାମାନେ ରାଜ୍ୟର ସରକାରୀ ଭାଷାରେ ଶିକ୍ଷାଲାଭ ପାଇଁ ପ୍ରସ୍ତୁତ ହୋଇପାରୁଛନ୍ତି । ଆଦିବାସୀ ଭାଷାରେ ଶିକ୍ଷାଦାନ ପାଇଁ ଯୋଗ୍ୟତା ଥିବା ଶିକ୍ଷକମାନଙ୍କୁ ମଧ୍ୟ ନିଯୁକ୍ତି ଦିଆଯାଉଛି,

- ମଝିରେ ପଢା ଛାଡିଥିବା ଏବଂ କେବେଁ ସ୍କୁଲ୍ ମାଡିନଥିବା ପିଲାମାନଙ୍କୁ ସେମାନଙ୍କର ବୟସ ଭିତ୍ତିରେ ନିୟମିତ ସ୍କୁଲ୍‌ଗୁଡ଼ିକର ଉପଯୁକ୍ତ ଶ୍ରେଣୀରେ ଭର୍ତ୍ତି କରାଇବା ଉଦ୍ଦେଶ୍ୟରେ ସେମାନଙ୍କୁ ସ୍ୱତନ୍ତ୍ର କୋଚିଂ ଦେବା କାର୍ଯ୍ୟକ୍ରମରେ ୬,୫୯,୬୬୮ ଜଣ ପିଲାଙ୍କୁ ଜଡିତ କରାଯାଇପାରିଛି ଏବଂ ଏଥିଲାଗି ୩୩୨୮୦.୩୨ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି,

- ନକ୍ସଲବାଦ-ପ୍ରଭାବିତ ଜିଲ୍ଲା ମାନଙ୍କରେ ୨୦୧୧-୧୨ ଏବଂ ୨୦୧୨-୧୩ ଶିକ୍ଷାବର୍ଷ ଭିତରେ ୪୭,୯୦୯ ଜଣ ପିଲାମାନଙ୍କୁ ପରିବହନ ସୁବିଧା ଯୋଗାଇ ଦିଆଯାଇଛି ।

**ସ୍ୱଳ୍ପ-ସାକ୍ଷର ଅଞ୍ଚଳରେ ଆଦିବାସୀ ଝିଅମାନଙ୍କ ପାଇଁ ସ୍ୱତନ୍ତ୍ର ଶିକ୍ଷା ବିକାଶ ସ୍କିମ୍** -ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ଅଧୀନରେ ୨୦୦୮ରୁ ସ୍ୱଳ୍ପ-ସାକ୍ଷର ଅଞ୍ଚଳରେ ଆଦିବାସୀ ଝିଅମାନଙ୍କ ପାଇଁ ସ୍ୱତନ୍ତ୍ର ଶିକ୍ଷା ବିକାଶ ସ୍କିମ (Strengtening Education among Scheduled Tribe Girls in low literacy Districts) କାର୍ଯ୍ୟ କରୁଛି । ଏହି ସ୍କିମ୍ ଦେଶର ୧୨ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରାଞ୍ଚଳରେ ଚିହ୍ନିତ ହୋଇଥିବା ୫୪ଟି ଜିଲ୍ଲା ପାଇଁ ଉଦ୍ଦିଷ୍ଟ, ଯେଉଁଠି ଆଦିବାସୀ ଜନସଂଖ୍ୟା ଶତକଡା ୨୫ରୁ ଅଧିକ, ଯେଉଁଠି ଆଦିମ ଜନଜାତି ବାସ କରୁଥିବେ ଏବଂ ଆଦିବାସୀ ମହିଳାଙ୍କ ସାକ୍ଷରତା ହାର ଶତକଡା ୩୫ରୁ କମ୍ ଥିବ । ସେହିସବୁ ସ୍ଥାନରେ ସମସ୍ତ ଆଦିବାସୀ ବାଳିକାଙ୍କୁ ସ୍କୁଲରେ ଭର୍ତ୍ତି କରିବାର ଉଦ୍ଦେଶ୍ୟ ରଖି ଏହି ସ୍କିମ୍ ଚାଲୁ କରାଯାଇଛି । ବିଶେଷ କରି ନକ୍ସଲ ପ୍ରଭାବିତ ଅଞ୍ଚଳକୁ ଏହି ସ୍କିମ୍ ଅଧୀନରେ ଅଗ୍ରାଧିକାର ଦିଆଯିବ । ଏନ୍.ଜି.ଓ. ବା ସରକାର ପରିଚାଳିତ ସ୍ୱୟଂଶାସିତ ସଂସ୍ଥା ଦ୍ୱାରା ଏହା କାର୍ଯ୍ୟକାରୀ ହେବ । ଏହି କାର୍ଯ୍ୟକ୍ରମ ଅଧୀନରେ ନିମ୍ନୋକ୍ତ ବ୍ୟବସ୍ଥାମାନ କାର୍ଯ୍ୟକାରୀ ହେବ-

- ମଧ୍ୟମ ଓ ମାଧ୍ୟମିକ ସ୍କୁଲ୍ ତଥା ପଞ୍ଚାୟତ ସ୍ତରରେ ପ୍ରାଥମିକ ସ୍କୁଲରେ ନିୟମିତ ପଢିବା ପାଇଁ ହଷ୍ଟେଲ୍ ସୁବିଧା ;

- ୧୦୦ଜଣ ପ୍ରାଥମିକ ସ୍କୁଲ୍ ଛାତ୍ରୀ ଏବଂ ୧୫୦ଜଣ ମଧ୍ୟମ ଓ ହାଇସ୍କୁଲ୍ ଛାତ୍ରୀଙ୍କ ପାଇଁ ଗୋଟିଏ ଲେଖାଁ ହଷ୍ଟେଲ୍ (ସ୍କୁଲ୍ ନୁହେଁ) ଯଥାକ୍ରମେ ପଞ୍ଚାୟତ ଓ ବ୍ଲକ୍ ସ୍ତରରେ ପ୍ରତିଷ୍ଠା କରାଯିବ, ଏବଂ ଏହି ପ୍ରକାର ହଷ୍ଟେଲର ଦୂରତ୍ୱ ସମତଳ ଅଞ୍ଚଳରେ ଅଧ କିଲୋମିଟର୍ ଏବଂ ପାହାଡିଆ ଅଞ୍ଚଳରେ ୨ କିଲୋମିଟରରୁ ଅଧିକ ହେବନାହିଁ ;

- ଯେଉଁସ୍ଥଳେ ସର୍ବଶିକ୍ଷା ଅଭିଯାନ କିମ୍ବା ଅନ୍ୟ କୌଣସି ସରକାରୀ କାର୍ଯ୍ୟକ୍ରମ ଅଧୀନରେ ପରିଚାଳିତ ସ୍କୁଲ୍ ୫କିମି ଭିତରେ ନଥିବ, ସେପରି ସ୍ଥଳେ ଉଭୟ ସ୍କୁଲ ଓ ହଷ୍ଟେଲ୍ ନିର୍ମାଣ ପ୍ରସ୍ତାବ ବିଚାର କରାଯାଇପାରେ;

- ଯେଉଁସ୍ଥଳେ କସ୍ତୁରବା ଗାନ୍ଧି ବାଳିକା ବିଦ୍ୟାଳୟ ପ୍ରତିଷ୍ଠିତ ଥିବ, ସେପରି ସ୍ଥଳେ ତହିଁର ୫କିମି ବ୍ୟାସାର୍ଦ୍ଧ ଭିତରେ ପ୍ରସ୍ତାବିତ ହଷ୍ଟେଲ୍ ପତିଷ୍ଠା କରାଯିବ ନାହିଁ ;

- ଆଦିମ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ସଂଶୋଧିତ ସ୍କିମ୍ ଚାଲୁ ହେବା ପୂର୍ବରୁ ପ୍ରତିଷ୍ଠିତ ହୋଇଥିବା ଶୈକ୍ଷଣିକ ସଂସ୍ଥାଗୁଡିକ ପୂର୍ବବତ୍ ଚାଲୁରହିବ;

- ହଷ୍ଟେଲ୍ ପାଇଁ କୌଣସି ଗୃହ ନିର୍ମାଣ ପାଇଁ ଅର୍ଥମଞ୍ଜୁର କରାଯିବ ନାହିଁ । କାର୍ଯ୍ୟାନ୍ୱୟନକାରୀ ସଂସ୍ଥାର ନିଜସ୍ୱ ଗୃହ କିମ୍ବା ଭଡାଗୃହରେ ହଷ୍ଟେଲ୍ ଚାଲିବ । ଯଦି ସଂସ୍ଥାର ନିଜସ୍ୱ ଗୃହ ହୋଇଥାଏ, ତେବେ ଏହାର ଆନୁମାନିକ ବାର୍ଷିକ ଭଡାର ଶତକଡା ୩୦ ଅର୍ଥରାଶି ରକ୍ଷାବେକ୍ଷଣ ବାବଦକୁ ଦିଆଯିବ ;

- କୋଚିଂ ଓ ଟିଉସନ୍ ବାବଦ ପ୍ରାଥମିକ ଛାତ୍ରୀ ପାଇଁ ୧୦୦ଟଙ୍କା ଓ ମଧ୍ୟମ/ମାଧ୍ୟମିକ ଛାତ୍ରୀ ପାଇଁ ୨୦୦ଟଙ୍କାର ଅଧ୍ୟୟନ ଷ୍ଟାଇପେଣ୍ଡ୍ ଦିଆଯିବ ;

- ଦୈନିକ ଖର୍ଚ୍ଚ ବାବଦ ପ୍ରାଥମିକ ଛାତ୍ରୀ (୫ମ ଶ୍ରେଣୀ ପର୍ଯ୍ୟନ୍ତ)କୁ ମାସକୁ ୧୦୦ଟଙ୍କା ତଥା ମଧ୍ୟମ/ମାଧ୍ୟମିକ ଛାତ୍ରୀଙ୍କୁ ମାସକୁ ୨୦୦ଟଙ୍କା ଦିଆଯିବ ;

- ସପ୍ତମ ଓ ଦଶମ ଶ୍ରେଣୀ ପାସ୍ କଲାପରେ ସେମାନଙ୍କୁ ସାଇକେଲ୍ ଓ ଘଣ୍ଟା ଇତ୍ୟାଦି ପୁରସ୍କାର ଦିଆଯିବ ବୋଲି କୁହାଯାଇ ସେମାନଙ୍କୁ ଶିକ୍ଷା ପ୍ରତି ଆକର୍ଷଣ କରାଯିବ ;

- ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ସହତ ସମନ୍ୱୟ ରଖାଯାଇ ୩ୟ ଶ୍ରେଣୀ ପର୍ଯ୍ୟନ୍ତ ୫ଟି ପ୍ରମୁଖ ଆଦିବାସୀ ଭାଷାରେ ପାଠ୍ୟପୁସ୍ତକମାନ ରଚନା କରାଯିବ;

- କାର୍ଯ୍ୟକ୍ରମର ପରିଚାଳନାକୁ ତଦାରଖ ପାଇଁ ଅନୁଦାନ-ଗ୍ରହୀତା ସଂସ୍ଥା ଦ୍ୱାରା ପ୍ରତି ଅନ୍ତେବାସୀମାନଙ୍କର ପ୍ରତି ଗାଁରେ ଗୋଟିଏ ଲେଖା ମାତୃ କମିଟି ଗଠିତ ହେବ;

ଏହି କାର୍ଯ୍ୟକ୍ରମର ସୁଚାରୁ ପରିଚାଳନା ପାଇଁ ପ୍ରତି ଜିଲ୍ଲାରେ ଗୋଟିଏ ସ୍ୱେଚ୍ଛାସେବୀ ସଂଗଠନ ବା ସ୍ୱେଚ୍ଛାସେବୀ ସଂଗଠନ ମାନଙ୍କର ଏକ ସଂଘକୁ ଜିଲ୍ଲା ଶିକ୍ଷା ସହାୟକ ସଂସ୍ଥା ରୂପେ ଘୋଷଣା କରାଯିବ; ଏବଂ ଏହି ସଂସ୍ଥାକୁ ମନ୍ତ୍ରଣାଳୟ ସ୍ୱତନ୍ତ୍ର ଭାବେ ସହାୟତା ପ୍ରଦାନ କରିପାରନ୍ତି ।

## (୭) ସିମେଣ୍ଟ କଂକ୍ରିଟ୍ ରୋଡ୍ ସ୍କିମ୍

ରାଜ୍ୟର ଗ୍ରାମାଞ୍ଚଳରେ ଗ୍ରାମବାସୀମାନଙ୍କର ଜୀବନର ମାନଦଣ୍ଡ ଏବଂ ପରିମଳ ସ୍ଥିତିର ଉନ୍ନତି ଘଟାଇବା ଉଦ୍ଦେଶ୍ୟରେ ଅତୀତରେ ବିଭିନ୍ନ ସ୍କିମ୍ ଅଧୀନରେ ସିମେଣ୍ଟ୍ କଂକ୍ରିଟ୍ ରୋଡ୍‌ର ନିର୍ମାଣ କାର୍ଯ୍ୟକ୍ରମ କରା ହୋଇଆସୁଛି । ଏହା ସତ୍ତ୍ୱେ ରାଜ୍ୟର ସମସ୍ତ ଗ୍ରାମରେ ସିମେଣ୍ଟ୍ କଂକ୍ରିଟ୍ ରୋଡ୍ ନିର୍ମାଣ କରାଯାଇପାରିନାହିଁ । ଏହାକୁ ଦୃଷ୍ଟିରେ ରଖି ସବୁଗ୍ରାମରେ, ବିଶେଷ କରି ଆଦିମ ଆଦିବାସୀ ଓ ଏସ୍‌ଟି/ଏସ୍‌ସି ଅଧ୍ୟୁଷିତ ଗ୍ରାମସମୂହ ଉପରେ ଅଗ୍ରାଧିକାର ଦିଆଯାଇ ଉତ୍ତମ ମାନର ସିମେଣ୍ଟ୍ କଂକ୍ରିଟ୍ ରୋଡ୍‌ର ପ୍ରସାର କରାଇବା ଉଦ୍ଦେଶ୍ୟରେ ଓଡିଶା ସରକାରଙ୍କ ପଞ୍ଚାୟତ ରାଜ ବିଭାଗ ତରଫରୁ ଏକ ସ୍ୱତନ୍ତ୍ର ସ୍କିମ୍ ଚାଲୁ କରାଯାଇଛି । ଏହି ସ୍କିମ୍

ଅଧୀନରେ ସିମେଣ୍ଟ୍ କଂକ୍ରିଟ୍ ରୋଡ୍‌ର ନିର୍ମାଣ ପାଇଁ ନିମ୍ନୋକ୍ତ ମାନଦଣ୍ଡ ଧାର୍ଯ୍ୟ କରାଯାଇଛି-

- ରାସ୍ତାର ଚଉଡା ୩ ମିଟର ଓ ୩୫ ସେଣ୍ଟିମିଟର ହେବ ରାସ୍ତାର ପ୍ରତି ୫ମିଟର ଅନ୍ତରରେ ଗୋଟିଏ ଲେଖାଁ ପ୍ରସାରିତ ସଂଯୋଗସ୍ଥଳ ରହିବ ।

- ପ୍ଲେଟ୍ ଭାଇବ୍ରେଟର୍ ବିନା କଂକ୍ରଟ୍‌ର ଢଳେଇ ହେବ ନାହିଁ ।

- ଯଦି ରାସ୍ତାର ଦୈର୍ଘ୍ୟ ୧୦୦ମିଟରରୁ ଊର୍ଦ୍ଧ୍ୱ ହେବ, ତେବେ ୮-୧୦ ଟନ୍ ରୋଲର୍ ବ୍ୟବହାର କରାଯାଇ ରାସ୍ତାକୁ ସମତୁଲ କରାଯିବ ।

- ରାସ୍ତାକୁ ଶତକଡା ୩ ଭାଗ ସ୍ଲୋପି (କ୍ୟାମ୍ବରିଂ) କରିବା ପାଇଁ ପ୍ରୟାସ ରହିବ ।

- ଲଗାତାର ଅତି କମ୍‌ରେ ସାତଦିନ ଧରି ରୋଡ୍‌କୁ ନିଦାକିଆ (କ୍ୟୁରିଙ୍ଗ୍) କରିବା ପାଇଁ ସଂପୃକ୍ତ ଜେ.ଇ. / ଗ୍ରାମ ପଞ୍ଚାୟତ ବୈଷୟିକ ସହାୟକ ପ୍ରୟାସ କରିବେ ।

- ସଂପୃକ୍ତ ଜେ.ଇ. / ଗ୍ରାମ ପଞ୍ଚାୟତ ବୈଷୟିକ ସହାୟକ ପ୍ରସ୍ତାବିତ କାର୍ଯ୍ୟକ୍ଷେତ୍ରକୁ ବ୍ୟକ୍ତଗତ ଭାବେ ପରିଦର୍ଶନ କରିବେ ଏବଂ ଅନୁମୋଦିତ କର୍ମଯୋଜନା ଅନୁଯାୟୀ ରାସ୍ତାର ଡ୍ରଇଂ ପ୍ରସ୍ତୁତ କରିବେ ।

- କଂକ୍ରିଟ୍ ଢଳେଇ ସମୟରେ ଜେ.ଇ. / ଗ୍ରାମ ପଞ୍ଚାୟତ ବୈଷୟିକ ସହାୟକ କର୍ମସ୍ଥଳରେ ବ୍ୟକ୍ତିଗତ ଭାବେ ଉପସ୍ଥିତ ରହିବେ ଏବଂ ତାଙ୍କ ନିର୍ଦ୍ଦେଶ ଅନୁଯାୟୀ କଂକ୍ରିଟ୍ ମିକ୍‌ସଚର୍ ପ୍ରସ୍ତୁତ କରାଯିବ ।

- ବ୍ଲକ୍‌ର ଆସିଷ୍ଟାଣ୍ଟ୍ ଇଞ୍ଜିନିୟର୍ ପ୍ରତି ସିମେଣ୍ଟ କଂକ୍ରିଟ୍ ରୋଡ୍‌ର ଢଳେଇ ସମୟରେ ଅନ୍ତତଃ ଥରକ ପାଇଁ ପରିଦର୍ଶନ କରିବେ ।

*(ସୂତ୍ର - **Cement Concrete Road** http://www.odishapanchayat.gov.in/English/CCR.asp)*

***

### ଅଧ୍ୟାୟ-୫

# ବାଳୁତ ଅଧିକାର ପାଇଁ ବ୍ୟବସ୍ଥାବଳୀ

## ବାଳୁତ ଶ୍ରମ ନିବାରଣ ଓ ନିୟନ୍ତ୍ରଣ

### ସମ୍ବିଧାନର ବ୍ୟବସ୍ଥା

ଭାରତୀୟ ସମ୍ବିଧାନର ଧାରା ୨୪ରେ କୁହାଯାଇଛି ଯେ, "ଚଉଦ ବର୍ଷରୁ କମ୍ ବୟସର କୌଣସି ବାଳୁତକୁ କାରଖାନା ବା ଖଣିରେ ନିଯୁକ୍ତ କରାଯିବ ନାହିଁ ବା ଅନ୍ୟ କୌଣସି ବିପଦଶଙ୍କୁଳ ନିଯୁକ୍ତିରେ ନିୟୋଜିତ କରାଯିବ ନାହିଁ ।"

ଭାରତୀୟ ସମ୍ବିଧାନର ଭାଗ-୪ (ରାଷ୍ଟ୍ରନୀତି ପ୍ରଣୟନ ପାଇଁ ନିର୍ଦ୍ଦେଶାତ୍ମକ ନିୟମାବଳୀ) ଅଧୀନରେ ସ୍ଥାନିତ ହୋଇଥିବା 'ଧାରା ୩୯(ଇ)' ରେ କୁହାଯାଇଛି ଯେ, "ବିଶେଷ ଭାବେ ରାଷ୍ଟ୍ର ନିଜର ନିୟମକୁ ଏଭଳି ଢଙ୍ଗରେ ପ୍ରଣୟନ କରିବ, ଯାହା ଫଳରେ ଏକଥା ସୁନିଶ୍ଚିତ ହୋଇପାରିବ ଯେ, (ଇ) ଶ୍ରମିକଗଣ, ପୁରୁଷ ଓ ମହିଳାମାନଙ୍କର ସ୍ୱାସ୍ଥ୍ୟ ଓ ଶକ୍ତି ତଥା ବାଳୁତମାନଙ୍କର କୋମଳ ବୟସର ଦୁରୁପଯୋଗ ଘଟିବ ନାହିଁ ତଥା ନାଗରିକମାନେ ଆର୍ଥିକ ତାଡନାରୁ ଏଭଳି କୌଣସି ବୃତ୍ତି ଅବଲମ୍ବନ କରିବାକୁ ବାଧ୍ୟ ହେବେ ନାହିଁ, ଯାହାକି ତାଙ୍କର ବୟସ ବା ଶକ୍ତି ଦୃଷ୍ଟିରୁ ଅବାଂଛନୀୟ" ।

### ଆଇନ୍‌ଗତ ଓ ଅନ୍ୟାନ୍ୟ ପଦକ୍ଷେପ

୧୯୭୯ ମସିହାରେ ବାଳୁତ ଶ୍ରମ ସମସ୍ୟା ଅନୁଧ୍ୟାନ କରିବା ପାଇଁ ପ୍ରଥମେ କେନ୍ଦ୍ର ସରକାର ଗୁରୁପଦସ୍ୱାମୀ କମିଟି ଗଠନ କରିଥିଲେ । ଏହି କମିଟି କହିଥିଲେ ଯେ, ବାଳୁତ ଶ୍ରମ ଲୋକମାନଙ୍କର ଦାରିଦ୍ର୍ୟ ଓ ନିରକ୍ଷରତା ସହିତ ଜଡିତ ଥିବା ଏକ ସାମାଜିକ-ଆର୍ଥିକ ସମସ୍ୟା ହୋଇଥିବାରୁ ଆଇନ୍ ପ୍ରଣୟନ କରି ଏହାର ସଂପୂର୍ଣ୍ଣ ନିରାକରଣ ସମ୍ଭବ ନୁହେଁ । ସୁତରାଂ ବର୍ତ୍ତମାନ ସ୍ଥିତିରେ ଏକମାତ୍ର ବାସ୍ତବ ଉପାୟ ହେଉଛି, କେବଳ ବିପଦଶଙ୍କୁଳ ଶ୍ରମରେ ବାଳୁତ ନିଯୁକ୍ତିକୁ ନିଷିଦ୍ଧ କରି ଅନ୍ୟାନ୍ୟ କ୍ଷେତ୍ରରେ ଏହାକୁ ନିୟନ୍ତ୍ରଣ କରିବା । ଏହି କମିଟିର ସୁପାରିଶ୍ କ୍ରମେ ବାଳୁତ ଶ୍ରମ (ନିଷେଧ ଓ ନିୟନ୍ତ୍ରଣ) ଆଇନ୍ ୧୯୮୬ ପ୍ରଣୀତ ହୋଇଥିଲା ।

ଉକ୍ତ ଆଇନ୍‌ରେ ବିପଦଶଙ୍କୁଳ ଶ୍ରମ ଓ ପ୍ରକ୍ରିୟାଗୁଡିକର ଏକ ତାଲିକା ସ୍ଥାନିତ ହୋଇଛି, ଯାହାକି ଆଇନ୍ ଅଧୀନରେ ଗଠିତ ବାଳୁତ ଶ୍ରମ ବୈଷୟିକ ଉପଦେଷ୍ଟା କମିଟିର ପରାମର୍ଶ କ୍ରମେ ସେବେଠାରୁ ସଂପ୍ରସାରିତ ହୋଇଚାଲିଛି । ୧୯୮୭ରେ ବାଳୁତ ଶ୍ରମ ଉପରେ ଏକ ଜାତୀୟ ନୀତି ଘୋଷିତ ହେଲା, ଯାହାର ପ୍ରାଥମିକ ଲକ୍ଷ୍ୟ ହେଉଛି ବିପଦଶଙ୍କୁଳ ଶ୍ରମ ଓ ପ୍ରକ୍ରିୟାରେ ନିୟୋଜିତ ଥିବା ବାଳୁତ ଶ୍ରମିକମାନଙ୍କୁ ଥଇଥାନ କରିବା ।

### ଜାତୀୟ ନୀତି

ବାଳୁତ ଶ୍ରମ ଜାତୀୟ ନୀତିରେ ସ୍ଥାନିତ ହୋଇଥିବା କର୍ମ ଯୋଜନାର ପ୍ରମୁଖ ଦିଗଗୁଡିକ ହେଲା, ଆଇନ୍‌ଗତ ପଦକ୍ଷେପ - ବାଳୁତ ଶ୍ରମ ଆଇନ୍ ଓ ଅନ୍ୟାନ୍ୟ ସଂପୃକ୍ତ ଆଇନଗୁଡିକୁ ଏଭଳି କଡାକଡି କାର୍ଯ୍ୟକାରୀ କରିବା, ଯାହା 'ଳରେ ବିପଦଶଙ୍କୁଳ କ୍ଷେତ୍ରରେ ବାଳୁତମାନେ ନିଯୁକ୍ତ ହେବେନାହିଁ ଏବଂ ଅଣ-ବିପଦଶଙ୍କୁଳ କ୍ଷେତ୍ରରେ ସେମାନଙ୍କର କାର୍ଯ୍ୟକ୍ଷେତ୍ରର ବାତାବରଣକୁ ଆଇନ୍‌ର ବ୍ୟବସ୍ଥାଗୁଡିକ ଅନୁଯାୟୀ ଉନ୍ନତ କରାଯିବ । ଏହାଛଡା ଆଉ କେଉଁସବୁ ନିଯୁକ୍ତିକ୍ଷେତ୍ର ବାଳୁତର ସ୍ୱାସ୍ଥ୍ୟ ଓ ନିରାପତ୍ତାପାଇଁ କ୍ଷତିକାରକ, ସେଗୁଡିକୁ ଚିହ୍ନଟ କରିବା ପାଇଁ ଉଦ୍ୟମ ଜାରି ରହିବ ।

ଉନ୍ନୟନ କାର୍ଯ୍ୟକ୍ରମ- ବାଳୁତ ଶ୍ରମିକ ଓ ତାର ପରିବାରକୁ ସରକାରଙ୍କ ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ ଯୋଜନା ଭିତରେ ସାମିଲ୍ କରାଯିବ ।

ପ୍ରକଳ୍ପ ଭିତ୍ତିକ କର୍ମଯୋଜନା- ବାଳୁତ ଶ୍ରମର ବହୁଳତା ଥିବା ଅଞ୍ଚଳମାନଙ୍କରେ ବିଭିନ୍ନ ପ୍ରକଳ୍ପ ଆରମ୍ଭ କରାଯିବ । ତଦନୁଯାୟୀ ୧୯୮୮ରେ ଜାତୀୟ ବାଳୁତ ଶ୍ରମିକ ପ୍ରକଳ୍ପ (ଏନ୍.ସି.ଏଲ୍.ପି.)ର ଅୟମାରମ୍ଭ ହୋଇଥିଲା । ଏହି ପ୍ରକଳ୍ପ ଅନୁଯାୟୀ କାର୍ଯ୍ୟକ୍ଷେତ୍ରରୁ ମୁକ୍ତ କରାଯାଇଥିବା ବାଳୁତ ଶ୍ରମିକ ମାନଙ୍କ ପାଇଁ ସ୍ୱତନ୍ତ୍ର ବିଦ୍ୟାଳୟମାନ ପରିଚାଳିତ ହେବ । ଏ ପ୍ରକାର ବିଦ୍ୟାଳୟରେ ଭର୍ତ୍ତି ହେଉଥିବା ଜଣେ ବାଳୁତକୁ ଆନୁଷ୍ଠାନିକ/ ଅଣ-ଆନୁଷ୍ଠାନିକ ଶିକ୍ଷା ସହ ବୈଷୟିକ ତାଲିମ୍, ମାସକୁ ୧୦୦ଟଙ୍କାର ଷ୍ଟାଇପେଣ୍ଡ, ଅନୁପୂରକ ପୁଷ୍ଟିକାରକ ଖାଦ୍ୟ ତଥା ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷାର ସୁଯୋଗ ପ୍ରଦାନ କରାଯିବ, ଯାହା 'ଳରେ ନିୟମିତ ଶିକ୍ଷାସ୍ରୋତରେ ସେମାନଙ୍କୁ ସାମିଲ୍ କରିବା ସହଜ ହେବ ।

ଜିଲ୍ଲାପାଳମାନଙ୍କୁ ଏହି ସ୍କୁଲଗୁଡ଼ିକର ପରଚାଳନା ପାଇଁ ସରକାର ଅନୁଦାନ ରାଶି ଯୋଗାଇ ଦେଇଆସୁଛନ୍ତି ଏବଂ ଜିଲ୍ଲାପାଳ ଏନ୍.ଜି.ଓ.ମାନଙ୍କ ଜରିଆରେ ଏହି ସ୍କୁଲଗୁଡ଼ିକର ପରିଚାଳନା କରୁଛନ୍ତି ।

ରାଜ୍ୟ ସରକାରଙ୍କ ଭୂମିକା- ବାଳୁତ ଶ୍ରମ ମୂଳତଃ ରାଜ୍ୟ ସରକାରଙ୍କ ବିଷୟ ହୋଇଥିବାରୁ ବାଳୁତ ଶ୍ରମ ନିଯୁକ୍ତ କରୁଥିବା ସଂସ୍ଥାଗୁଡ଼ିକୁ ପରିଦର୍ଶନ ଓ ଚଢାଉ କରି ଆଇନ୍‌ର ଉଲ୍ଲଂଘନକାରୀଙ୍କୁ ଧରିବା ଓ ଦଣ୍ଡିତ କରିବା ସେମାନଙ୍କର କର୍ତ୍ତବ୍ୟ ।

## ବାଳୁତ ଶ୍ରମ (ନିଷେଧ ଓ ନିୟନ୍ତ୍ରଣ) ଆଇନ୍ ୧୯୮୬

- ମୋଟ୍ ୨୬ଟି ଧାରା ବିଶିଷ୍ଟ ଏହି ଆଇନ୍ ୪ ଭାଗରେ ବିଭକ୍ତ, ଯଥା ଭାଗ-୧, ଧାରା-୧ ଓ ୨(ପ୍ରାରମ୍ଭିକ); ଭାଗ-୨, ଧାରା ୩,୪ ଓ ୫ (ନିର୍ଦ୍ଦିଷ୍ଟ ଶ୍ରମକ୍ଷେତ୍ର ଓ ପ୍ରକ୍ରିୟାସମୂହରେ ବାଳୁତ ନିଯୁକ୍ତି ଉପରେ ନିଷେଧାଜ୍ଞା; ଭାଗ-୩, ଧାରା-୬ରୁ ୧୩ (ଯେଉଁ ପରିସ୍ଥିତିରେ ବାଳୁତମାନେ ଶ୍ରମ କରନ୍ତି, ତହିଁର ନିୟନ୍ତ୍ରଣ ); ଓ ଭାଗ-୪, ଧାରା ୧୪ରୁ ୨୬ (ବିବିଧ) ।

- ଏହି ଆଇନ୍ ଅନୁଯାୟୀ ୧୪ବର୍ଷ ପର୍ଯ୍ୟନ୍ତ କୌଣସି ବାଳୁତକୁ କାରଖାନା, ଖଣି ବା ଅନ୍ୟ କୌଣସି ବିପଦଶଙ୍କୁଳ ଶ୍ରମରେ ନିୟୋଜନ ନିଷିଦ୍ଧ ଅଟେ (ଧାରା-୩) । ଅନ୍ୟାନ୍ୟ ଶ୍ରମ କ୍ଷେତ୍ରରେ ବାଳୁତ ଶ୍ରମିକର କାର୍ଯ୍ୟର ପରିବେଶକୁ ନିୟନ୍ତ୍ରଣ କରାଯିବ । କିନ୍ତୁ ଯେଉଁସ୍ଥଳେ ଗୋଟିଏ ଶ୍ରମ-ଭିତ୍ତିକ କାର୍ଯ୍ୟ ପରିବାରର ଲୋକଙ୍କ ଦ୍ୱାରା ପରିଚାଳିତ ହେଉଥାଏ ବା ସରକାରଙ୍କ ଦ୍ୱାରା ପରିଚାଳିତ, ସ୍ୱୀକୃତି ପ୍ରାପ୍ତ ବା ସହାୟତା ପ୍ରାପ୍ତ ସ୍କୁଲ୍‌ରେ କୌଣସି ଶ୍ରମ-ଭିତ୍ତିକ କାର୍ଯ୍ୟ ଚାଲୁଥାଏ, ସେପରି ସ୍ଥଳେ ନିଯୁକ୍ତ ହେଉଥିବା ବାଳୁତମାନଙ୍କ ପ୍ରତି ଏହି ଆଇନ୍ ପ୍ରଯୁଜ୍ୟ ହେବନାହିଁ (ଧାରା-୩ର ପରନ୍ତୁକ) ।

- ମୂଳ ଆଇନ୍‌ର ଧାରା-୩ ଅନୁଯାୟୀ ଅନୁସୂଚୀରେ ସ୍ଥାନିତ ହୋଇଥିବା ଭାଗ-ଏ ଓ ଭାଗ-ବି ରେ ଯଥାକ୍ରମେ ସୂଚୀତ ହୋଇଥିବା ୭ଟି ଶ୍ରମକ୍ଷେତ୍ର ଓ ୧୮ଟି ଶ୍ରମପ୍ରକ୍ରିୟାରେ ବାଳୁତ ଶ୍ରମକୁ ନିଷିଦ୍ଧ କରାଯାଇଥିଲା । କେଉଁ କେଉଁ ନୂତନ କ୍ଷେତ୍ର ବା ପ୍ରକ୍ରିୟା ଗୁଡ଼ିକରେ ବାଳୁତ ଶ୍ରମ ନିଷିଦ୍ଧ କରାଯାଇ ପାରେ, ସେଥିପାଇଁ ପରାମର୍ଶ ଦେବାପାଇଁ କେନ୍ଦ୍ର ସରକାର ଗୋଟିଏ ବାଳୁତ ଶ୍ରମ ବୈଷୟିକ ଉପଦେଷ୍ଟା କମିଟି ଗଠନ କରିବେ (ଧାରା-୫) । କାଳକ୍ରମେ ନିଷିଦ୍ଧ କ୍ଷେତ୍ର ଓ ପ୍ରକ୍ରିୟାର ସଂଖ୍ୟା ଯଥାକ୍ରମେ ୧୫ (ଭାଗ-ଏ) ଓ ୫୭(ଭାଗ-ବି) ରେ ପହଞ୍ଚିଛି । ୨୦୦୬ରେ ଏହି ଆଇନ୍‌ର ଏକ ସଂଶୋଧନ ଅନୁଯାୟୀ ଘରୋଇ କାର୍ଯ୍ୟ ତଥା ହୋଟେଲ୍ ଓ ଢାବା ଇତ୍ୟାଦି ଭୋଜନାଳୟରେ ବାଳୁତ ଶ୍ରମକୁ ନିଷିଦ୍ଧ କରାଯାଇଛି ।

- ଯେଉଁସବୁ ଶ୍ରମକ୍ଷେତ୍ରରେ ବାଳୁତ ଶ୍ରମିକଙ୍କୁ ଆଇନତଃ ନିୟୋଜନ କରିହେବ, କୌଣସି ଠାରେ ଏକାଦିକ୍ରମେ ତିନି ଘଣ୍ଟାରୁ ଅଧିକ ସମୟ ତାକୁ ଖଟାଇ ହେବନି ଏବଂ ତିନିଘଣ୍ଟାରୁ ଅଧିକ ଖଟାଇବା ପୂର୍ବରୁ ତାକୁ ଗୋଟିଏ ଘଣ୍ଟାର ବିଶ୍ରାମ ଦେବାକୁ ପଡ଼ିବ । ବିଶ୍ରାମ ସମୟ ଓ କାର୍ଯ୍ୟରେ ଯୋଗଦାନ ପୂର୍ବରୁ ପ୍ରତୀକ୍ଷା ସମୟ ସମେତ ମୋଟ୍ ୬ଘଣ୍ଟାରୁ ଅଧିକ ସମୟ ଗୋଟିଏ ଦିନରେ ଜଣେ ବାଳୁତ ଖଟିବ ନାହିଁ । ସଂଧ୍ୟା ୭ଟାରୁ ସକାଳ ୮ଟା ଭିତରେ କୌଣସି ବାଳୁତକୁ ଶ୍ରମରେ ନିୟୋଜନ କରାଯିବ ନାହିଁ । କୌଣସି ବାଳୁତକୁ ନିର୍ଦ୍ଧାରିତ ସମୟ ସୀମା ବାହାରେ ଶ୍ରମ କରିବାକୁ ଅନୁମତି ଦିଆଯିବ ନାହିଁ । ଗୋଟିଏ ଦିନ ଭିତରେ ଜଣେ ବାଳୁତକୁ ଏକାଧିକ ସଂସ୍ଥାରେ ଶ୍ରମ କରିବାକୁ ଅନୁମତି ଦିଆଯିବ ନାହିଁ । (ଧାରା-୭) ।

- ସପ୍ତାହରେ ଗୋଟିଏ ପୁରା ଦିନ ଛୁଟି ଦେବାକୁ ପଡ଼ିବ ଏବଂ ଏହି ନିର୍ଦ୍ଦିଷ୍ଟ ଦିନ ସଂସ୍ଥାର ଏକ ସୁଦୃଶ୍ୟ ସ୍ଥାନରେ ବିଜ୍ଞାପିତ ହୋଇଥିବ ତଥା ତିନିମାସରୁ କମ୍ ସମୟ ଅବଧି ଭିତରେ ଏହି ଧାର୍ଯ୍ୟ ଦିନକୁ ବଦଳା ଯାଇପାରିବ ନାହିଁ । (ଧାରା-୮) ।

- ସଂପୃକ୍ତ ସରକାର ଏହି ଆଇନ୍‌ର କାର୍ଯ୍ୟକାରିତା ଉଦ୍ଦେଶ୍ୟରେ ଯଥାସଂଖ୍ୟକ ଇନ୍‌ସ୍ପେକ୍ଟର୍ ନିଯୁକ୍ତ କରିପାରନ୍ତି । (ଧାରା-୧୭) । ପ୍ରତି ସଂସ୍ଥା ସଂପୃକ୍ତ ଇନସ୍ପେକ୍ଟରଙ୍କୁ ଏକ ଲିଖିତ ଅବଗତି ଦାଖଲ କରିବେ, ଯେଉଁଥିରେ ସଂସ୍ଥାର ନାମ ଓ ଅବସ୍ଥିତି, ସଂସ୍ଥାର ପରିଚାଳନା ଭାର ପ୍ରକୃତ ପକ୍ଷେ ଯାହାଙ୍କ ଉପରେ ନ୍ୟସ୍ତ ଥିବ, କେଉଁ ଠିକଣାରେ ସଂସ୍ଥାଙ୍କ ସହ ଯୋଗାଯୋଗ କରାଯିବ ତଥା ସଂସ୍ଥାରେ ଯେଉଁପ୍ରକାର କାର୍ଯ୍ୟ ବା ଶ୍ରମ ପ୍ରକ୍ରିୟା ଚାଲୁଥିବ, ସେସବୁ ବିଷୟରେ ସୂଚନା ସ୍ଥାନିତ ହୋଇଥିବ । (ଧାରା-୯) ।

- ବାଳୁତ ଶ୍ରମିକଙ୍କୁ ନିୟୋଜିତ କରୁଥିବା ପ୍ରତି ସଂସ୍ଥା ଏକ ରେଜିଷ୍ଟର୍ ରଖିବେ, ଯେଉଁଥିରେ ପ୍ରତି ବାଳୁତ ଶ୍ରମିକଙ୍କ ନାମ ଓ ଜନ୍ମତାରିଖ, ସେ ଯେତିକି ଘଣ୍ଟା ପାଇଁ ଶ୍ରମ କରିବ ଏବଂ ଶ୍ରମ ଭିତରେ ଯେଉଁ ସମୟ ଅବଧି ପାଇଁ ବିଶ୍ରାମ ନେବ, ଏବଂ କେଉଁ ଧରଣର ଶ୍ରମରେ ସେ ନିଯୁକ୍ତ ସେ ସଂବନ୍ଧରେ ସୂଚନା ତଥା ବିହିତ ହେବା ମତେ ଅନ୍ୟ ଯେ କୌଣସି ସବିଶେଷ ସୂଚନା ଲିପିବଦ୍ଧ ହୋଇ ରହିବ । ଏହି ରେଜିଷ୍ଟର୍ ସଂସ୍ଥାରେ କାର୍ଯ୍ୟ ଚାଲୁଥିବା ବେଳେ ଇନ୍‌ସ୍ପେକ୍ଟରଙ୍କ ଦ୍ୱାରା ନିରୀକ୍ଷଣ ପାଇଁ ମୁକ୍ତ ରହିବ । (ଧାରା-୧୧) ।

- ରେଳବାଇ, ବନ୍ଦର ବା ଅନ୍ୟ ଯେ କୌଣସି ସଂସ୍ଥା ଧାରା-୩ (ବାଳୁତ ଶ୍ରମକୁ ନିଷେଧ) ଏବଂ ଧାରା-୧୪ (ଦଣ୍ଡବିଧାନ)ର ସାରାଂଶକୁ ଉଭୟ ସ୍ଥାନୀୟ ଓ ଇଂରାଜୀ ଭାଷାରେ ଲିପିବଦ୍ଧ କରି ଏକ ସୁଦୃଶ୍ୟ ସ୍ଥାନରେ ପ୍ରଦର୍ଶନ କରିବେ । (ଧାରା-୧୨) ।

- ଏହି ଆଇନର ଧାରା-୩କୁ ଉଲ୍ଲଂଘନ କରି ବାଳୁତ ଶ୍ରମିକଙ୍କୁ ନିୟୋଜିତ କରୁଥିବା ସଂସ୍ଥା ବା ବ୍ୟକ୍ତିଙ୍କ ବିରୁଦ୍ଧରେ ସର୍ବନିମ୍ନ ୩ମାସରୁ ସର୍ବାଧିକ ୧ବର୍ଷ ଜେଲ୍ ବା ସର୍ବନିମ୍ନ ୧୦ହଜାରରୁ ସର୍ବାଧିକ ୨୦ହଜାର ଟଙ୍କାର ଜୋରିମାନା ବା ଉଭୟ ଦଣ୍ଡ ଲାଗୁ ହୋଇପାରିବ । ଧାରା-୩ର ପୁନର୍ବାର ଉଲ୍ଲଂଘନ ଘଟାଇଲେ ସଂପୃକ୍ତ ବ୍ୟକ୍ତିଙ୍କୁ ସର୍ବନିମ୍ନ ୬ମାସରୁ ସର୍ବାଧିକ ୨ବର୍ଷ ଜେଲଦଣ୍ଡ ମିଳିପାରିବ । ଅନ୍ୟାନ୍ୟ ବ୍ୟବସ୍ଥାର ଉଲ୍ଲଂଘନ ଘଟାଇଲେ ଏକମାସ ପର୍ଯ୍ୟନ୍ତ ଜେଲଦଣ୍ଡ ବା ଏକ ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନା ବା ଉଭୟ ଦଣ୍ଡ ଲାଗୁ ହୋଇପାରିବ । (ଧାରା-୧୪) ।

- ଯେ କୌଣସି ବ୍ୟକ୍ତି, ପୋଲିସ୍ ଅଫିସର୍ ବା ଇନ୍ସପେକ୍ଟର୍ ଏହି ଆଇନର ଉଲ୍ଲଂଘନ ବିଷୟରେ କ୍ଷମତାପ୍ରାପ୍ତ ଅଦାଲତରେ କେଶ୍ ରଜୁ କରିପାରନ୍ତି । ଜଣେ ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍ ବା ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟ୍‌ଙ୍କ ଠାରୁ ଅଧସ୍ତନ କୌଣସି ଅଦାଲତ ଏଭଳି କେଶ୍ ବିଚାର କରିବେ ନାହିଁ । (ଧାରା-୧୬) ।

- କେନ୍ଦ୍ର ବା ରାଜ୍ୟ ସରକାର ବିଭିନ୍ନ ସଂସ୍ଥାରେ କାର୍ଯ୍ୟରତ ବାଳୁତ ଶ୍ରମିକମାନଙ୍କ ସ୍ୱାସ୍ଥ୍ୟ ଓ ନିରାପତ୍ତା ସ୍ୱାର୍ଥରେ ଏହି ଆଇନ୍ ଅଧୀନରେ ସୂଚୀତ ବିଷୟଗୁଡିକ ଉପରେ ନିୟମାବଳୀ ପ୍ରଣୟନ କରିପାରନ୍ତି । (ଧାରା-୧୮) । ୧୯୮୮ରେ କେନ୍ଦ୍ରୀୟ ନିୟମାବଳୀ ଘୋଷିତ ହୋଇଥିଲା, ଯେଉଁଥିରେ ବାଳୁତ ଶ୍ରମ ବୈଷୟିକ ଉପଦେଷ୍ଟା କମିଟିର ଗଠନ, ବୈଠକ ଓ କାର୍ଯ୍ୟାବଳୀ ସମ୍ବନ୍ଧରେ ବିସ୍ତୃତ ବ୍ୟବସ୍ଥା ସହିତ ପ୍ରତି ସଂସ୍ଥା ଦ୍ୱାରା ଅନୁରକ୍ଷଣୀୟ ରେଜିଷ୍ଟର (ଫର୍ମ-ଏ)ର ପ୍ରରୂପ ଓ ବିବଦମାନ ସ୍ଥିତିରେ ବୟସ ନିର୍ଦ୍ଧାରଣର ପଦ୍ଧତି ସଂବନ୍ଧରେ ଉପବିଧାନସମୂହ ସ୍ଥାନିତ ହୋଇଛି ।

- କେତେକ ପ୍ରଚଳିତ ଆଇନରେ ସଂଶୋଧନ ପାଇଁ ଏହି ଆଇନ୍ ପ୍ରସ୍ତାବନା କରିଛି, ଯଥା କାରଖାନା ଆଇନ୍ ୧୯୪୮, ଖଣି ଆଇନ୍ ୧୯୫୨, ପଣ୍ୟବାହୀ ଜାହାଜ ଚଳାଚଳ ଆଇନ୍ ୧୯୫୮ ଓ ମୋଟର ପରିବହନ ଶ୍ରମିକ ଆଇନ୍, ୧୯୬୧ । ଏହାଛଡା ଏହି ଆଇନର ଅନ୍ୟ କୌଣସି ଅତିକ୍ରମଣ କ୍ଷମତା ନାହିଁ । (ଧାରା-୨୦) ।

### କିଶୋର ନ୍ୟାୟ (ବାଳୁତଙ୍କ ଯତ୍ନ ଓ ସୁରକ୍ଷା) ଆଇନ୍

ଭାରତୀୟ ସମ୍ବିଧାନର ଧାରା ୧୫ (୩), ୩୯ (ଇ) ଏବଂ (ଏଫ୍) ଏବଂ ଧାରା ୪୫ ଓ ୪୭ ସମେତ ବିଭିନ୍ନ ପ୍ରାବଧାନଗୁଡିକ ବାଳୁତମାନଙ୍କର ସମସ୍ତ ପ୍ରକାର ଆବଶ୍ୟକତା ଯେପରି ପୂରଣ ହୁଏ ତଥା ସେମାନଙ୍କର ମୌଳିକ ମାନବିକ ଅଧିକାରଗୁଡିକ ଯେପରି ସମ୍ପୂର୍ଣ୍ଣ ରୂପେ ସୁରକ୍ଷିତ ରହେ, ତାହାକୁ ସୁନିଶ୍ଚିତ କରାଇବାର ପ୍ରାଥମିକ ଦାୟିତ୍ୱ ରାଷ୍ଟ୍ର ଉପରେ ନ୍ୟସ୍ତ ହୋଇଛି ।

**୨୦୦୦ ମସିହା ଆଇନ୍-** ପୂର୍ବରୁ ପ୍ରଚଳିତ ଥିବା କିଶୋର ଆଇନ୍, ୧୯୮୬ର କାର୍ଯ୍ୟକାରିତାର ଏକ ସମୀକ୍ଷାରୁ ଜଣାପଡିଥିଲା ଯେ, ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ତ ବା ଯତ୍ନ ଓ ସୁରକ୍ଷା ଲୋଡୁଥିବା ବାଳୁତମାନଙ୍କ ପ୍ରତି ଅଧିକ ଧ୍ୟାନ ଦେବାର ଆବଶ୍ୟକତା ଅଛି । ବୟସ୍କ ବ୍ୟକ୍ତିମାନଙ୍କ ପାଇଁ ଯେଉଁ ନ୍ୟାୟ ବ୍ୟବସ୍ଥା ଅଛି, ତାହା ଜଣେ କିଶୋର ବା ବାଳୁତ କ୍ଷେତ୍ରରେ ବା ସେମାନଙ୍କ ପାଇଁ ସକ୍ରିୟ ଥିବା ପୋଲିସ୍, ସ୍ୱେଚ୍ଛାସେବୀ ସଂଗଠନ, ସମାଜକର୍ମୀ ଅଥବା ପିତାମାତା ବା ଅଭିଭାବକଙ୍କ ସମେତ ଦେଶର କୌଣସି ବ୍ୟକ୍ତିଙ୍କ କ୍ଷେତ୍ରରେ ଉପଯୁକ୍ତ ବୋଲି ମନେ ହୁଏନାହିଁ । ବିଶେଷ କରି ପରିବାର, ସ୍ୱେଚ୍ଛାସେବୀ ସଂଗଠନସମୂହ ଏବଂ ଜନଗୋଷ୍ଠୀଙ୍କ ସମେତ ଅନୌପଚାରିକ ବ୍ୟବସ୍ଥାଗୁଡିକର ଏକ ବୃହତ୍ତର ସଂପୃକ୍ତିକୁ ସାକାର କରିବା ପାଇଁ ଏକ ନୂତନ ଆଇନ୍ ପ୍ରଣୟନ କରିବାର ଆବଶ୍ୟକତା ଅନୁଭବ କରାଗଲା । [ଦ୍ରଷ୍ଟବ୍ୟ- କିଶୋର ନ୍ୟାୟ (ବାଳୁତଙ୍କ ଯତ୍ନ ଓ ସୁରକ୍ଷା) ଆଇନ୍, ୨୦୦୦ର ଉଦ୍ଦେଶ୍ୟ ଓ କାରଣସମୂହ ଉପରେ ବୟାନ] ।

**୨୦୦୬ର ସଂଶୋଧନ-** କିନ୍ତୁ ୨୦୦୦ ମସିହା ଆଇନରେ କେତେକ ଆପତ୍ତିଜନକ ବ୍ୟବସ୍ଥା ଅଛି ବୋଲି ଦିଲ୍ଲୀ ହାଇକୋର୍ଟରେ ୨୦୦୧ରେ ଏକ ରିଟ୍ ଦାଖଲ ହୋଇଥିଲା ଏବଂ ହାଇକୋର୍ଟ ମଧ୍ୟ ଉକ୍ତ ଆଇନର ପୁନର୍ବିଚାର ସପକ୍ଷରେ ମତ ଦେଇଥିଲେ । ବିଭିନ୍ନ ମହଲରୁ ମତାମତ ସଂଗ୍ରହ କରାଗଲା ପରେ ୨୦୦୬ରେ ଏକ ସଂଶୋଧନ ଆଇନ୍ ଗୃହୀତ ହେଲା । କେନ୍ଦ୍ର ସରକାର ଏହି ସଂଶୋଧନ ଆଇନ୍ ସହିତ ସଂଗତି ରଖି ଆଦର୍ଶ ନିୟମାବଳୀ ପ୍ରଣୟନ କରିଛନ୍ତି ଏବଂ ଯେ ପର୍ଯ୍ୟନ୍ତ ରାଜ୍ୟ ଓ କେନ୍ଦ୍ରାଞ୍ଚଳ ମାନଙ୍କ ଦ୍ୱାରା ଏ କ୍ଷେତ୍ରରେ ନିୟମାବଳୀ ପ୍ରଣୀତ ନ ହୋଇଛି, ସେ ପର୍ଯ୍ୟନ୍ତ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ଆଦର୍ଶ ନିୟମାବଳୀ ପ୍ରଯୁଜ୍ୟ ରହିବ ।

## *ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ତ କିଶୋର*

### କିଶୋର ନ୍ୟାୟ ପରିଷଦ

- ପ୍ରତି ରାଜ୍ୟସରକାର ସଂଶୋଧନ ଆଇନ୍ ୨୦୦୬ର ପ୍ରାରମ୍ଭ ତାରିଖର ବର୍ଷକ ଭିତରେ ସରକାରୀ ଗେଜେଟ୍‌ରେ ବିଜ୍ଞପ୍ତି ପୂର୍ବକ ପ୍ରତି ଜିଲ୍ଲା ପାଇଁ ଏକ ବା ଏକାଧିକ କିଶୋର ନ୍ୟାୟ ପରିଷଦ ଗଠନ

କରିପାରନ୍ତି, ଏବଂ ଏହି ପରିଷଦଗୁଡିକ ଆଇନ୍ ସହିତ ଦ୍ୱନ୍ଦ୍ୱଗ୍ରସ୍ତ କିଶୋରମାନଙ୍କ ସନ୍ଦର୍ଭରେ ଆଇନ୍‌ରେ ଦର୍ଶୀତ ହୋଇଥିବା ମତେ କ୍ଷମତାମାନ ପ୍ରୟୋଗ କରିବେ ଦାୟିତ୍ୱସବୁ ସମ୍ପାଦନ କରିବେ ।

- ଗୋଟିଏ ପରିଷଦ ଜଣେ ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍ ବା ଯଥାସ୍ଥିତ ଜଣେ ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍ ଏବଂ ଅନ୍ତତଃ ଜଣେ ମହିଳା ସମେତ ଦୁଇଜଣ ସମାଜ କର୍ମୀଙ୍କୁ ନେଇ ଗଠିତ ହେବ, ଏବଂ ସେମାନଙ୍କୁ ନେଇ ଏକ ବିଚାରପୀଠ କାର୍ଯ୍ୟ କରିବ, ଏବଂ ଏତାଦୃଶ ପ୍ରତି ବିଚାରପୀଠଙ୍କର ସେହିସବୁ କ୍ଷମତା ରହିବ, ଯାହାକି ଫୌଜଦାରୀ କାର୍ଯ୍ୟବିଧି ସଂହିତା, ୧୯୭୩ ବଳରେ ଯଥାସ୍ଥିତି ଜଣେ ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍ ବା ଜଣେ ପ୍ରଥମ ଶ୍ରେଣୀ ବିଚାରବଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ଉପରେ ନ୍ୟସ୍ତ ହୋଇଥାଏ, ଏବଂ ପରିଷଦରେ ଥିବା ମାଜିଷ୍ଟ୍ରେଟ୍‌ଙ୍କୁ ମୁଖ୍ୟ ମାଜିଷ୍ଟ୍ରେଟ୍ ନାମରେ ପଦନାମିତ କରାଯିବ ।

- ବାଳୁତ ମନସ୍ତତ୍ତ୍ୱ ବା ବାଳୁତ କଲ୍ୟାଣ ସମ୍ବନ୍ଧରେ ସବିଶେଷ ଜ୍ଞାନ ବା ପ୍ରଶିକ୍ଷଣ ନଥିବା କୌଣସି ମାଜିଷ୍ଟ୍ରେଟ୍‌ଙ୍କୁ ପରିଷଦର ସଦସ୍ୟ ଭାବେ ନିଯୁକ୍ତ କରାଯିବ ନାହିଁ, ଏବଂ ବାଳୁତମାନଙ୍କ ସ୍ୱାସ୍ଥ୍ୟ, ଶିକ୍ଷା ଓ କଲ୍ୟାଣମୂଳକ କାର୍ଯ୍ୟାବଳୀରେ ଅନ୍ତତଃ ସାତବର୍ଷ ଧରି ସକ୍ରିୟ ଭାବେ ଜଡ଼ିତ ହୋଇ ନଥିବା କୋଣସି ସମାଜକର୍ମୀଙ୍କୁ ପରିଷଦର ସଦସ୍ୟ ଭାବରେ ନିଯୁକ୍ତ କରାଯିବ ନାହିଁ ।

- ରାଜ୍ୟ ସରକାର ଏକ ଅନୁସନ୍ଧାନ କଲା ପରେ ପରିଷଦର ଜଣେ ସଦସ୍ୟଙ୍କୁ କ୍ଷମତାର ଅପବ୍ୟବହାର, ନୈତିକ ଭ୍ରଷ୍ଟତା ବା ଲଗାତାର ଅନୁପସ୍ଥିତି କାରଣ ଭିତିରେ ବହିଷ୍କାର କରିପାରନ୍ତି ।

## *ଯତ୍ନ ଓ ସୁରକ୍ଷା ଲୋଡୁଥିବା ବାଳୁତ*

### ବାଳୁତ କଲ୍ୟାଣ କମିଟି-

- ରାଜ୍ୟ ସରକାର ପ୍ରତ୍ୟେକ ଜିଲ୍ଲା ପାଇଁ ଏକ ବା ଏକାଧିକ ବାଳୁତ କଲ୍ୟାଣ କମିଟି ଗଠନ କରିବେ, ଯେ କି ଯତ୍ନ ଓ ସୁରକ୍ଷା ଲୋଡୁଥିବା ବାଳୁତମାନଙ୍କ ପାଇଁ ଏହି ଆଇନ୍ ବଳରେ ନ୍ୟସ୍ତ କରାଯାଇଥିବା ଦାୟିତ୍ୱମାନ ସମ୍ପାଦନ କରିବେ ।

- ଏହି କମିଟି ଜଣେ ଅଧକ୍ଷ ଓ ଅନ୍ୟ ଚାରିଜଣ ସଦସ୍ୟଙ୍କୁ ନେଇ ଗଠିତ ହେବ, ଏବଂ ସେମାନଙ୍କ ଭିତରୁ ଅନ୍ୟୂନ ଜଣେ ମହିଳା ହୋଇଥିବେ ଓ ଅନ୍ୟ ଜଣେ ବାଳୁତମାନଙ୍କ ବିଷୟରେ ବିଶେଷଜ୍ଞ ହୋଇଥିବେ ।

- କମିଟି ଏକ ନ୍ୟାୟାଧିଶ ମଣ୍ଡଳୀ ରୂପେ କାର୍ଯ୍ୟ କରିବେ ଏବଂ କମିଟିର ସେହିସବୁ କ୍ଷମତା ରହିବ, ଯାହାକି ଫୌଜଦାରୀ କାର୍ଯ୍ୟବିଧି ଆଇନ୍, ୧୯୭୩ ଅନୁଯାୟୀ ଜଣେ ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍ ଅବା ଯଥାସ୍ଥିତି ଜଣେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ଠାରେ ନ୍ୟସ୍ତ କରାଯାଇଥାଏ ।

- କମିଟିର ବୈଠକ ବସିନଥିବା ସମୟରେ ଯତ୍ନ ଓ ସୁରକ୍ଷା ଲୋଡୁଥିବା ଜଣେ ବାଳୁତକୁ ନିରାପଦ ହେପାଜତ୍ କିମ୍ବା ଅନ୍ୟ କୌଣସି ପ୍ରକାର ଆଶ୍ରୟ ଦେବା ଉଦ୍ଦେଶ୍ୟରେ କମିଟିର ଯେ କୌଣସି ସଦସ୍ୟଙ୍କ ନିକଟରେ ହାଜର କରାଯାଇପାରେ ।

- ବାଳୁତମାନଙ୍କର ଯତ୍ନ, ସୁରକ୍ଷା, ଚିକିତ୍ସା, ବିକାଶ ଓ ଥଇଥାନ ତଥା ସେମାନଙ୍କର ମୌଳିକ ଆବଶ୍ୟକତାଗୁଡ଼ିକୁ ଯୋଗାଇଦେବା ତଥା ସେମାନଙ୍କର ମାନବିକ ଅଧିକାରସମୂହର ସୁରକ୍ଷା କରିବା କ୍ଷେତ୍ରରେ ଚୂଡ଼ାନ୍ତ କର୍ତ୍ତୃତ୍ୱ କମିଟିଙ୍କ ଠାରେ ନ୍ୟସ୍ତ ରହିବ ।

- ଜଣେ ପୋଲିସ୍ ଅଫିସର୍ ବା ସ୍ୱତନ୍ତ୍ର କିଶୋର ପୋଲିସ୍ ୟୁନିଟ୍ ବା ଜଣେ ପଦନାମିତ ପୋଲିସ୍ ଅଫିସର୍, ଜଣେ ସର୍ବଧାରଣ କର୍ମଚାରୀ, ଚାଇଲଡ୍ ଲାଇନ୍, କୌଣସି ପଞ୍ଜୀକୃତ ସ୍ୱେଚ୍ଛାସେବୀ ସଂଗଠନ ଅଥବା କୌଣସି ସ୍ୱେଚ୍ଛାସେବୀ ସଂସ୍ଥା, କୌଣସି ସମାଜ କର୍ମୀ ବା ସର୍ବସାଧାରଣ ମନୋଭାବାପନ୍ନ ବ୍ୟକ୍ତି, ବା ନିଜେ ବାଳୁତ ଯତ୍ନ ଓ ସୁରକ୍ଷା ଲୋଡୁଥିବା ଏକ ବାଳୁତକୁ କମିଟିଙ୍କ ସମ୍ମୁଖରେ ହାଜର କରିପାରନ୍ତି ।

- ଅନୁସନ୍ଧାନ ସମାପ୍ତ ନହେବା ପର୍ଯ୍ୟନ୍ତ ସଂପୃକ୍ତ ବାଳୁତକୁ 'ଶିଶୁଗୃହ'କୁ ପ୍ରେରଣ ଏବଂ ଅର୍ପଣ କରିବାର ପ୍ରଣାଳୀ ବିଷୟରେ ରାଜ୍ୟ ସରକାର ଏହି ଆଇନ୍ ସହ ସଂଗତି ରକ୍ଷାକରି ନିୟମାବଳୀ ପ୍ରଣୟନ କରିପାରନ୍ତି ।

## ବାଳୁତ ଅଧିକାର ସୁରକ୍ଷା କମିଶନ୍‌ସମୂହ

୨୦ ନଭେମ୍ବର ୧୯୮୯ରେ ବାଳୁତ ଅଧିକାରସମୂହ ଉପରେ ମିଳିତ ଜାତିସଂଘର ସମ୍ମିଳନୀରେ ଏକ ସଂକଳ୍ପ ଘୋଷିତ ହୋଇଥିଲା, ଯାହାକୁ ସି.ଆର୍.ସି. କୁହାଯାଉଛି । ୧୧ ଡିସେମ୍ବର ୧୯୯୨ରେ ବାଳୁତ ଅଧିକାରସମୂହ ଉପରେ ସଂକଳ୍ପ (ସି.ଆର୍.ସି.)କୁ ଭାରତ ନିଜର ସ୍ୱୀକୃତି ପ୍ରଦାନ କରିଥିଲା । ସି.ଆର୍.ସି. ହେଉଛି ଏକ ଆନ୍ତର୍ଜାତିକ ରାଜିନାମା ଯାହା ବଳରେ ପ୍ରତି ସ୍ୱାକ୍ଷରକାରୀ ରାଷ୍ଟ୍ର ଉକ୍ତ ସଂକଳ୍ପରେ ସୂଚୀତ ହୋଇଥିବା ବାଳୁତ ଅଧିକାରସମୂହର ସୁରକ୍ଷା ଉଦ୍ଦେଶ୍ୟରେ ସମସ୍ତ ଆବଶ୍ୟକ ପଦକ୍ଷେପମାନ ନେବା ପାଇଁ ଚୁକ୍ତିବଦ୍ଧ । ଏହାଛଡା ବାଳୁତମାନଙ୍କ ବିରୁଦ୍ଧରେ ଘଟୁଥିବା ଅପରାଧସମୂହ ତଥା ବାଳୁତ

ଅଧିକାରଗୁଡିକର ଉଲ୍ଲଂଘନର ଦ୍ରୁତ ବିଚାର ତଥା ତତ୍ ସଂକ୍ରାନ୍ତ ବା ଆନୁଷଙ୍ଗିକ ଉଦ୍ଦେଶ୍ୟସମୂହର ପୂରଣ ପାଇଁ ଜାତୀୟ ଓ ରାଜ୍ୟ ସ୍ତରରେ ବାଳୁତ ଅଧିକାର ସୁରକ୍ଷା କମିଶନମାନ ତଥା ବାଳୁତ ନ୍ୟାୟାଳୟସମୂହର ଗଠନ ଜରୁରୀ ମନେ ହେଲା । ତେଣୁ ଭାରତୀୟ ପ୍ରଜାତନ୍ତ୍ରର ୬୫ତମ ବର୍ଷରେ ସଂସଦ ଦ୍ୱାରା ବାଳୁତ ଅଧିକାର ସୁରକ୍ଷା କମିଶନସମୂହ ଆଇନ୍ ୨୦୦୫ ପ୍ରଣୟନ କରାଗଲା । ୨୦୦୬ ଜୁଲାଇ ୨୦୦୬ରେ ଏହି ଆଇନ୍ ଅଧୀନରେ କେନ୍ଦ୍ରୀୟ ନିୟମାବଳୀ ବିଜ୍ଞାପିତ କରାଗଲା ଏବଂ କେନ୍ଦ୍ରୀୟ ବାଳୁତ ଅଧିକାରସମୂହ କମିଶନ୍ ଗଠିତ ହୋଇ କାର୍ଯ୍ୟାରମ୍ଭ କଲା । ପ୍ରତି ରାଜ୍ୟ ଏହି ଆଇନର ନିର୍ଦ୍ଦେଶନା ମତେ ନିଜ ନିଜର ନିୟମାବଳୀ ପ୍ରଣୟନ କରିବା ସହିତ ରାଜ୍ୟ 'କମିଶନ୍ ମଧ୍ୟ ଗଠନ କରିବା ଆବଶ୍ୟକ । ଉଲ୍ଲେଖନୀୟ ଯେ, ଶିକ୍ଷା ଅଧିକାର ଆଇନ୍ ୨୦୦୯ ଲାଗୁ ହେବା ପରେ ପ୍ରତି ରାଜ୍ୟରେ ବାଳୁତ ଅଧିକାର କମିଶନ୍ ଗଠିତ ହେବା ଜରୁରୀ ହୋଇପଡିଛି, କାରଣ ଉକ୍ତ ୨୦୦୯ ଆଇନ୍ ଅଧୀନରେ ଅଭିଯୋଗ ଶୁଣାଣି ଓ 'ଇସଲାର କ୍ଷମତା ରାଜ୍ୟ ବାଳୁତ ଅଧିକାର କମିଶନଙ୍କ ଉପରେ ନ୍ୟସ୍ତ କରାଯାଇଛି ।

## ବାଳୁତ ଅଧିକାର ସୁରକ୍ଷା କମିଶନ୍

### ଜାତୀୟ କମିଶନଙ୍କ ଗଠନ

କେନ୍ଦ୍ର ସରକାର ବିଜ୍ଞପ୍ତି ବଳରେ ଏକ ସଂସ୍ଥା ଗଠନ କରିବେ ଯାହାର ନାମ ହେବ ଜାତୀୟ ବାଳୁତ ଅଧିକାର ସୁରକ୍ଷା କମିଶନ୍ । ଏହି କମିଶନରେ ବାଳୁତ କଲ୍ୟାଣ ଉପରେ କାର୍ଯ୍ୟ କରିଥିବା ଜଣେ ବିଶିଷ୍ଟ ବ୍ୟକ୍ତିଙ୍କୁ ଅଧ୍ୟକ୍ଷ ଭାବେ ତଥା ଅନ୍ତତଃ ଦୁଇଜଣ ମହିଳାଙ୍କ ସମେତ ଛ ଜଣ ଅଭିଜ୍ଞ ବ୍ୟକ୍ତିଙ୍କୁ ସଦସ୍ୟ ଭାବେ ନିଯୁକ୍ତ କରାଯିବ । କମିଶନର କାର୍ଯ୍ୟାଳୟ ଦିଲ୍ଲୀରେ ଅବସ୍ଥିତ ହେବ ।

### କମିଶନଙ୍କ କ୍ଷମତା

(ଏ) ବାଳୁତ ଅଧିକାରସମୂହର ସୁରକ୍ଷା ପାଇଁ ପ୍ରଚଳିତ ବିଭିନ୍ନ ଆଇନରେ ଥିବା ପ୍ରତିକାରମୂଳକ ବ୍ୟବସ୍ଥାଗୁଡିକୁ ଅନୁଧ୍ୟାନ ଓ ସମୀକ୍ଷା କରିବା ତଥା ସେଗୁଡିକର 'ଳପ୍ରଦ କାର୍ଯ୍ୟକାରିତା ପାଇଁ ଆବଶ୍ୟକ ପଦକ୍ଷେପଗୁଡିକୁ ସୁପାରିଶ୍ କରିବା;

(ବି) ଉପରୋକ୍ତ ପ୍ରତିକାରମୂଳକ ବ୍ୟବସ୍ଥାଗୁଡିକ କିପରି କାର୍ଯ୍ୟକାରୀ ହେଉଛି, ସେ ସମ୍ବନ୍ଧରେ ଅନ୍ୟୂନ ବର୍ଷକୁ ଥରେ କେନ୍ଦ୍ର ସରକାରଙ୍କ ନିକଟରେ ରିପୋର୍ଟ ଉପସ୍ଥାପନ କରିବ;

(ସି) ବାଳୁତ ଅଧିକାରର ଉଲ୍ଲଂଘନ ବିଷୟରେ ଅନୁସନ୍ଧାନ କରିବା ତଥା ସଂପୃକ୍ତ କେଶ୍ ଗୁଡିକ ଉପରେ କାର୍ଯ୍ୟବିଧି ଆରମ୍ଭ କରିବା;

(ଡି) ସନ୍ତ୍ରାସବାଦ, ସାଂପ୍ରଦାୟିକ ହିଂସା, ଦଙ୍ଗା, ପ୍ରାକୃତିକ ବିପର୍ଯ୍ୟୟ, ଘରୋଇ ହିଂସା, ଏଚ୍.ଆଇ.ଭି./ଏଡସ୍, ଚାଲାଣ, ଦୁର୍ବ୍ୟବହାର, ନିର୍ଯ୍ୟାତନା ଓ ଶୋଷଣ, ଅଶ୍ଳୀଳତା ଏବଂ ଯୌନବ୍ୟବସାୟ 'ଳରେ ପ୍ରଭାବିତ ବାଳୁତ ମାନେ ସେମାନଙ୍କର ଅଧିକାର ଉପଭୋଗ କରିବାରୁ ଯେଉଁସବୁ କାରଣରୁ ବଞ୍ଚିତ ହେଉଛନ୍ତି, ସେଗୁଡିକୁ ଅନୁଧ୍ୟାନ କରିବା ତଥା ଉପଯୁକ୍ତ ପ୍ରତିକାରମୂଳକ ପଦକ୍ଷେପଗୁଡିକୁ ସୁପାରିଶ୍ କରିବା;

(ଇ) ଦୁର୍ଦ୍ଦଶା-ଗ୍ରସ୍ତ ବାଳୁତ, ବଞ୍ଚିତ ଏବଂ ସମସ୍ୟା-କ୍ଲିଷ୍ଟ ବାଳୁତ, ଆଇନ୍ ସହିତ ଦ୍ୱନ୍ଦ୍-ରତ ବାଳୁତ ଏବଂ କିଶୋର, ପରିବାର-ହରା ବାଳୁତ ଏବଂ ବନ୍ଦୀମାନଙ୍କ ସନ୍ତାନଙ୍କ ସମେତ ସେହିସବୁ ବାଳୁତ, ଯେଉଁମାନଙ୍କ ପାଇଁ ସ୍ୱତନ୍ତ୍ର ଯତ୍ନ ଏବଂ ସୁରକ୍ଷାର ଆବଶ୍ୟକ ଅଛି, ସେମାନଙ୍କ ସମ୍ବନ୍ଧୀତ ବିଷୟଗୁଡିକୁ ଅନୁଧ୍ୟାନ କରିବା ତଥା ଉପଯୁକ୍ତ ପ୍ରତିକାରମୂଳକ ପଦକ୍ଷେପଗୁଡିକୁ ସୁପାରିଶ୍ କରିବା;

(ଏଫ୍) ବାଳୁତ ଅଧିକାର ସଂପର୍କୀତ ବିଭିନ୍ନ ଆନ୍ତର୍ଜାତିକ ବିଧିବିଧାନ ଏବଂ ବାଳୁତ ଅଧିକାର ସଂପର୍କୀତ ନୀତିସମୂହ, କାର୍ଯ୍ୟକ୍ରମ ଏବଂ ଅନ୍ୟାନ୍ୟ କାର୍ଯ୍ୟାବଳୀକୁ ସମୀକ୍ଷା କରିବା ତଥା ସେଗୁଡିକର 'ଳପ୍ରଦ କାର୍ଯ୍ୟକାରିତା ପାଇଁ ସୁପାରିଶ୍ ପ୍ରଦାନ କରିବା;

(ଜି) ବାଳୁତ ଅଧିକାର ବିଷୟରେ ଗବେଷଣା ଆୟୋଜନ କରିବା ଏବଂ ଏହାକୁ ପ୍ରୋତ୍ସାହନ ଦେବା;

(ଏଚ୍) ସମାଜର ବିଭିନ୍ନ ଜନଗୋଷ୍ଠୀ ଭିତରେ ବାଳୁତ ଅଧିକାର ସମ୍ବନ୍ଧରେ ଧାରଣାର ପ୍ରସାର କରିବା ତଥା ବାଳୁତ ଉପଲବ୍ଧ ଥିବା ପ୍ରତିକାର ମାର୍ଗଗୁଡିକ ସମ୍ବନ୍ଧରେ ସଚେତନତା ବୃଦ୍ଧିକୁ ପ୍ରୋତ୍ସାହନ ଦେବା;

(ଆଇ) ସରକାର ବା ବା ଅନ୍ୟ କୌଣସି କର୍ତ୍ତୃପକ୍ଷଙ୍କ ନିୟନ୍ତ୍ରଣରେ ଥିବା କୌଣସି କିଶୋର ଅଭିରକ୍ଷା ଗୃହ ବା ରହଣି ସ୍ଥାନ ବା ଆଶ୍ରୟ ଗୃହଗୁଡିକୁ ନିଜେ ନିରୀକ୍ଷଣ କରିବା ବା ନିରୀକ୍ଷଣ କରାଇବା ତଥା ଆବଶ୍ୟକ ଅନୁଯାୟୀ ପ୍ରତିକାରମୂଳକ ପଦକ୍ଷେପ ପାଇଁ ସଂପୃକ୍ତ କର୍ତ୍ତୃପକ୍ଷଙ୍କ ସହ ବିଚାରବିମର୍ଷ କରିବା;

(ଜେ) ଆଗତ ଅଭିଯୋଗ ଉପରେ ଅନୁସନ୍ଧାନ କରିବା ଓ ଉପୁଜିଥିବା ପ୍ରସଙ୍ଗମାନ ଉପରେ ସଂପୃକ୍ତ କର୍ତ୍ତୃପକ୍ଷଙ୍କ ସହ ବିଚାରବିମର୍ଷ କରିବା; ଏବଂ

(କେ) କମିଶନ୍ ଆବଶ୍ୟକ ମନେ କଲେ ବାଳୁତ ଅଧିକାରକୁ ପ୍ରୋତ୍ସାହନ ଉଦ୍ଦେଶ୍ୟରେ ଅନ୍ୟ ଯେ କୌଣସି ପକାର ପଦକ୍ଷେପ ନେଇ ପାରନ୍ତି ।

### ଅନୁସନ୍ଧାନ ସଂପର୍କୀତ କ୍ଷମତାସମୂହ-

- ଦେୱାନି କାର୍ଯ୍ୟବିଧି ସଂହିତା, ୧୯୦୮ ଅଧୀନରେ ଗୋଟିଏ ଦେୱାନି ଅଦାଲତର ଯେଉଁସବୁ କ୍ଷମତା ଥାଏ, କୌଣସି ପ୍ରାସଙ୍ଗିକ

ବିଷୟରେ କମିଶନ୍ ଅନୁସନ୍ଧାନ କଲାବେଳେ ସେ ମଧ୍ୟ ସେହି କ୍ଷମତାବଳୀର ଅଧିକାରୀ ରହିବେ, ଯଥା ସଂପୃକ୍ତ ବ୍ୟକ୍ତିଙ୍କୁ ସମନ୍ କରିବା; କୌଣସି ଏକ ଦଲିଲ୍‌କୁ ଖୋଜି ବାହାର କରିବା ଓ ପେଶ୍ କରିବା; ଆଫଡେଭିଟ୍ ଜରିଆରେ ସାକ୍ଷ୍ୟ ଗ୍ରହଣ କରିବା; ଯେ କୌଣସି କୋର୍ଟ ବା ଅଫିସ୍‌ରୁ କୌଣସି ଏକ ରେକର୍ଡ ବା ତହିଁର ନକଲ ତଲବ୍ କରିବା; ଏବଂ ସାକ୍ଷୀମାନଙ୍କୁ ଜେରା ଏବଂ ନଥିପତ୍ରଗୁଡିର ପରୀକ୍ଷଣ ପାଇଁ ସମନ୍ ଜାରି କରିବା ।

- କୌଣସି ଏକ କେଶ୍‌କୁ ଜଣେ ମାଜିଷ୍ଟ୍ରେଟ୍‌ଙ୍କ ନିକଟକୁ ଅଭିପ୍ରେରଣ କରିବା ପାଇଁ କମିଶନଙ୍କର କ୍ଷମତା ରହିବ, ଏବଂ ଯେଉଁ ମାଜିଷ୍ଟ୍ରେଟ୍‌ଙ୍କ ନିକଟକୁ ଉକ୍ତ କେଶ୍ ଅଭିପ୍ରେରଣ କରାଯାଇଛି, ସେ ସଂପୃକ୍ତ ଅଭିଯୋଗକୁ ଯଥାବିଧି ଶୁଣାଣି କରିବେ ।

## ଅନୁସନ୍ଧାନର ପରବର୍ତ୍ତୀ ପଦକ୍ଷେପସମୂହ :

ଏକ ଅନୁସନ୍ଧାନ ସମାପ୍ତ ହେବା ପରେ କମିଶନ୍ ନିମ୍ନଲିଖିତ କୋଣସି ପଦକ୍ଷେପ ଗ୍ରହଣ କରିପାରନ୍ତି, ଯଥା-

(୧) ଯଦି କୋଣସି ବାଳୁତ ଅଧିକାର ଉଲ୍ଲଂଘନ ଘଟିଥାଏ ତେବେ କମିଶନ୍ ସଂପୃକ୍ତ ସରକାର ବା କର୍ତ୍ତୃପକ୍ଷଙ୍କୁ ଆବଶ୍ୟକୀୟ ଅଭିଯୋଜନର କାର୍ଯ୍ୟବିଧି ଆରମ୍ଭ କରିବା ପାଇଁ ଅଥବା ନିଜେ ଉପଯୁକ୍ତ ମନେ କରୁଥିବା ଅନ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସୁପାରିଶ୍ କରିପାରନ୍ତି ।

(୨) ଯେଉଁସବୁ ନିର୍ଦ୍ଦେଶ, ଆଦେଶ ଏବଂ ରିଟ୍ ଜାରି କରିବା ଆବଶ୍ୟକ ବୋଲି ସଂପୃକ୍ତ କୋର୍ଟ ମନେ କରିବେ, ସେଗୁଡ଼ିକ ଜାରି କରିବା ପାଇଁ ସୁପ୍ରିମ୍ କୋର୍ଟ ଓ ସଂପୃକ୍ତ ହାଇକୋର୍ଟଙ୍କ ଆଶ୍ରୟ ଲୋଡିପାରନ୍ତି ।

(୩) ଯଦି ନିର୍ଯ୍ୟାତିତ ବା ତାଙ୍କର ପରିବାର ସଦସ୍ୟମାନଙ୍କୁ ଅନ୍ତର୍ବର୍ତ୍ତୀ ଉପଶମ ମଞ୍ଜୁରି କରିବା ଦରକାର ପଡୁଥାଏ, ତେବେ ସେଥିପାଇଁ ସଂପୃକ୍ତ ସରକାର ବା କର୍ତ୍ତୃପକ୍ଷଙ୍କୁ କମିଶନ୍ ସୁପାରିଶ୍ କରିପାରନ୍ତି ।

## ରାଜ୍ୟ ବାଳୁତ ଅଧିକାର ସୁରକ୍ଷା କମିଶନ୍

### ରାଜ୍ୟ କମିଶନ୍‌ଙ୍କ ଗଠନ

ରାଜ୍ୟ ସରକାର ବିଜ୍ଞପ୍ତି ବଳରେ ଏକ ସଂସ୍ଥା ଗଠନ କରିବେ ଯାହାର ନାମ ହେବ ଜାତୀୟ ବାଳୁତ ଅଧିକାର ସୁରକ୍ଷା କମିଶନ୍ । ଜାତୀୟ କମିଶନ୍ ଭଳି ରାଜ୍ୟ କମିଶନ୍‌ରେ ବାଳୁତ କଲ୍ୟାଣ ଉପରେ କାର୍ଯ୍ୟ କରିଥିବା ଜଣେ ବିଶିଷ୍ଟ ବ୍ୟକ୍ତିଙ୍କୁ ଅଧ୍ୟକ୍ଷ ଭାବେ ତଥା ଅନ୍ତତଃ ଦୁଇଜଣ ମହିଳାଙ୍କ ସମେତ ଛ ଜଣ ଅଭିଜ୍ଞ ବ୍ୟକ୍ତିଙ୍କୁ ସଦସ୍ୟ ଭାବେ ନିଯୁକ୍ତ କରାଯିବ ।

## ବାର୍ଷିକ ଏବଂ ସ୍ୱତନ୍ତ୍ର ରିପୋର୍ଟ ସମୂହ-

- ରାଜ୍ୟ କମିଶନ୍ ରାଜ୍ୟ ସରକାରଙ୍କୁ ଏକ ବାର୍ଷିକ ରିପୋର୍ଟ ଦାଖଲ କରିବେ ଏବଂ ଏହାଛଡା ଅନ୍ୟ କୌଣସି ଗୁରୁତ୍ୱପୂର୍ଣ୍ଣ ବିଷୟରେ ମଧ୍ୟ ସ୍ୱତନ୍ତ୍ର ରିପୋର୍ଟ ଦାଖଲ କରିପାରନ୍ତି ।

- ଏପରୋକ୍ତ ରିପୋର୍ଟଗୁଡିକୁ ରାଜ୍ୟ ସରକାର ରାଜ୍ୟର ଆଇନ୍ ସଭାରେ ଉପସ୍ଥାପନ କରାଇବେ ଏବଂ ଏଥିସହିତ ରିପୋର୍ଟର ସୁପାରିଶ୍ ଉପରେ ଗୃହୀତ ବା ପ୍ରସ୍ତାବିତ କାର୍ଯ୍ୟାନୁଷ୍ଠାନ ଉପରେ ଏକ ସ୍ମାରକ ପତ୍ର ସଂଲଗ୍ନ କରିବେ ତଥା ଯଦି କୌଣସି ସୁପାରିଶ୍‌କୁ ଅଗ୍ରାହ୍ୟ କରାହୋଇଥାଏ, ତେବେ ତହିଁର କାରଣ ଦର୍ଶାଇଥିବେ । ରାଜ୍ୟ ସରକାର ବିହିତ କରିପାରନ୍ତି ।

**ରାଜ୍ୟ କମିଶନ୍‌ଙ୍କ କ୍ଷମତା-** ଜାତୀୟ କମିଶନ୍ ଭଳି ରାଜ୍ୟ କମିଶନ୍‌ଙ୍କର ଅନୁରୂପ କ୍ଷମତାବଳୀ ରହିବ ।

## ବାଳୁତ ଅଦାଲତ

- ବାଳୁତଙ୍କ ବିରୁଦ୍ଧରେ ଅପରାଧସମୂହ ବା ବାଳୁତ ଅଧିକାରସମୂହର ଉଲ୍ଲଂଘନ ମାମଲାଗୁଡିକର ଦ୍ରୁତ ଫଇସଲା ଉଦ୍ଦେଶ୍ୟରେ ରାଜ୍ୟ ସରକାର ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ସହମତି କ୍ରମେ ବିଜ୍ଞପ୍ତି ବଳରେ ରାଜ୍ୟରେ ଉକ୍ତ ଅନ୍ତତଃ ଗୋଟିଏ ଅଦାଲତ ବା ପ୍ରତି ଜିଲ୍ଲା ପାଇଁ ଗୋଟିଏ କରି ଦୌରା ଅଦାଲତକୁ ବାଳୁତ ଅଦାଲତ ବୋଲି ବିନିର୍ଦ୍ଦିଷ୍ଟ କରିପାରନ୍ତି ।

- ପ୍ରତି ବାଳୁତ ଅଦାଲତ ପାଇଁ ରାଜ୍ୟ ସରକାର ବିଜ୍ଞପ୍ତି ବଳରେ ଏଭଳି ଜଣେ ସର୍ବସାଧାରଣ ଅଭିଯୋଜକଙ୍କୁ ବିନିର୍ଦ୍ଦିଷ୍ଟ କରିବେ, ଯେ କି ଜଣେ ଓକିଲ ଭାବେ ଅନ୍ତତଃ ୭ବର୍ଷର ଅଭିଜ୍ଞତା ଅର୍ଜନ କରିଥିବେ ଏବଂ ଅଦାଲତରେ ମୋକଦ୍ଦମା ପରିଚାଳନା ପାଇଁ ଜଣେ ସ୍ୱତନ୍ତ୍ର ଅଭିଯୋଜକ ଭାବେ ଭୂମିକା ସମ୍ପାଦନ କରିଥିବେ ।

***

## ଅଧ୍ୟାୟ-୬

# ମହିଳା ଓ ବାଳକଙ୍କ ବିରୁଦ୍ଧରେ ଯୌନ ଅପରାଧ ରୋକିବା ପାଇଁ ଓଡିଶା ସରକାରଙ୍କ ପଦକ୍ଷେପ

ବାଳକଙ୍କୁ ଯୌନ ଅପରାଧସମୂହରୁ ସୁରକ୍ଷା ଆଇନ୍ ୨୦୧୨ ଏବଂ ଫୌଜଦାରି ବିଧି ସଂଶୋଧନ ଆଇନ୍ ୨୦୧୩- ଉଭୟ ହେଉଛି ଫୌଜଦାରୀ ଆଇନ୍ ଏବଂ ନିକଟ ଅତୀତରେ ଉଭୟ ଆଇନ୍ ସଂସଦ ଦ୍ୱାରା ଗୃହୀତ ହୋଇଥିବାରୁ ଉଭୟଙ୍କ ଭିତରେ ଘନିଷ୍ଠ ସଂପର୍କ ରହିଛି । କେବଳ ସେତିକି ନୁହେଁ, ଫୌଜଦାରୀ ବିଧି ସଂଶୋଧନ ଆଇନ୍ ୨୦୧୩ର ଦଫା ୨୯ ବଳରେ ବାଳକଙ୍କୁ ଯୌନ ଅପରାଧସମୂହରୁ ସୁରକ୍ଷା ଆଇନ୍ ୨୦୧୨ର ଧାରା ୪୨ର ସଂଶୋଧନ ହୋଇସାରିଛି । ଏଠାରେ ଉଲ୍ଲେଖନୀୟ ଯେ, ଉପରୋକ୍ତ ଆଇନ୍ ଦ୍ୱୟର କାର୍ଯ୍ୟକାରିତା ପାଇଁ ଓଡିଶା ସରକାର କେତେକ ପଦକ୍ଷେପ ଗ୍ରହଣ କରିଛନ୍ତି, ଯାହାକି ଓଡିଶା କ୍ରାଇମ୍ ବ୍ରାଞ୍ଚ, ସିଆଇଡି, କଟକଙ୍କ ଦ୍ୱାରା ମହିଳାମାନଙ୍କ ବିରୁଦ୍ଧରେ ଅପରାଧ ଉପରେ ଏକ ସଂକଳନ (Compendium on Crime Against Women)ରେ ସୂଚୀତ ହୋଇଛି । ଯଦିଓ ସେଗୁଡିକର ବହୁଳାଂଶ ଏବେବି ଫାଇଲ୍‌ର ନାଳିଫିତା ଭିତରେ ଅଟକି ରହିଛି, କିନ୍ତୁ ସେଗୁଡିକ ଉପରେ ଜନସଚେତନତା ବୃଦ୍ଧି ପାଇପାରିଲେ ସରକାର ତଦ୍ୱାରା ସେଗୁଡିକୁ କାର୍ଯ୍ୟକାରୀ କରିବା ଦିଗରେ ଅଧିକ ତତ୍ପର ହୋଇପାରିବେ ।

ମହିଳା ଓ ବାଳକଙ୍କୁ ଯୌନ ଅପରାଧରୁ ସୁରକ୍ଷା ଦେବା ପାଇଁ ସଂସଦ ଦ୍ୱାରା ଗୃହୀତ ଉପରୋକ୍ତ ଆଇନ୍ ଦ୍ୱୟ ଉପରେ ଓଡିଶା ସରକାର ଯେଉଁ ସବୁ ପଦକ୍ଷେପ ନେଇଛନ୍ତି ସେଥି ମଧ୍ୟରୁ ନିମ୍ନୋକ୍ତ ବିଷୟ ଏଠାରେ ଆଲୋଚନା କରାଯାଉଛି-

- ଓଡିଶା ପୀଡିତ କ୍ଷତିଭରଣା ସ୍କିମ୍ ୨୦୧୨

- ଯୌନ ଅପରାଧସମୂହରୁ ବାଳକଙ୍କୁ ସୁରକ୍ଷା ଆଇନ୍ ୨୦୧୨

- ମହିଳାମାନଙ୍କ ବିରୁଦ୍ଧରେ ଘଟିତ ଅପରାଧଗୁଡିକ ଉପରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସମ୍ବୋଧିତ ବୈଠକ, ତା ୯.୧.୨୦୧୩

- ମହିଳାମାନଙ୍କ ବିରୁଦ୍ଧରେ ଘଟିତ ଅପରାଧଗୁଡିକ ଉପରେ ସଂପାଦିତ କାର୍ଯ୍ୟାନୁଷ୍ଠାନର ସମୀକ୍ଷା ପାଇଁ ତା ୨୨.୫.୨୦୧୩

- ମହିଳାମାନଙ୍କ ବିରୁଦ୍ଧରେ ଘଟୁଥିବା ଅପରାଧଗୁଡିକର ଅନୁସନ୍ଧାନ ପାଇଁ ଆଦର୍ଶ କାର୍ଯ୍ୟପଦ୍ଧତି

*- ପ୍ରଥମ ସର୍କୁଲାର୍ ତା ୩୦.୫.୨୦୧୩*

*- ଦ୍ୱିତୀୟ ସର୍କୁଲାର୍ ତା ୩୦.୬.୨୦୧୩*

**ଓଡିଶା ପୀଡିତ କ୍ଷତିଭରଣା ସ୍କିମ୍ ୨୦୧୨**

ଫୌଜଦାରି କାର୍ଯ୍ୟବିଧି ସଂହିତା ୧୯୭୩ର ୨୦୦୮ ସଂଶୋଧନ ବଳରେ ନୂତନ ଭାବେ ଭର୍ତ୍ତି କରାଯାଇଥିବା ଦଫା ୩୫୭-ଏ ଅନୁଯାୟୀ ଓଡିଶା ସରକାର କେନ୍ଦ୍ର ସରକାରଙ୍କ ସହ ସମନ୍ୱୟ ରକ୍ଷା କରି ଓଡିଶା ପୀଡିତ କ୍ଷତିଭରଣା ସ୍କିମ୍ ୨୦୧୨ (Odisha Victim Compensation Scheme 2012) ଚାଲୁ କରିଛନ୍ତି, ଯାହା ବଳରେ କୌଣସି ଅପରାଧ କାରଣରୁ କ୍ଷତି ବା ଆଘାତ ଭୋଗିଥିବା ତଥା ଥଇଥାନ ଆବଶ୍ୟକ କରୁଥିବା ଜଣେ ବ୍ୟକ୍ତିଙ୍କୁ ଆର୍ଥିକ ତଥା ଅନ୍ୟ ପ୍ରକାର ସାହାଯ୍ୟ ଯୋଗାଇ ଦିଆଯାଇପାରିବ । ୧୨ ଜୁଲାଇ ୨୦୧୨ରେ ରାଜ୍ୟ ସରକାରଙ୍କ ଗୃହ ବିଭାଗ ଦ୍ୱାରା ପ୍ରଣୀତ ହୋଇଥବା ଏହି ସ୍କିମ୍ ରାଜ୍ୟ ଗେଜେଟ୍‌ରେ ୨୫ ଜୁଲାଇ ୨୦୧୨ରେ ପ୍ରକାଶିତ ହୋଇଥିଲା, ଏବଂ ସେହି ଦିନ ଠାରୁ ସାରା ରାଜ୍ୟରେ ବଳବତ୍ତର ରହିଆସିଛି । ଏହା ବର୍ତ୍ତମାନ (୩୦ ନଭେମ୍ବର ୨୦୧୩) ସୁଦ୍ଧା ଦୁଇଥର ଗୃହ ବିଭାଗ ଦ୍ୱାରା ସଂଶୋଧନ ହୋଇସାରିଲାଣି; ପ୍ରଥମେ ତା ୨୭.୧୨.୨୦୧୨ ଓ ତା'ପରେ ତା ୧୩.୬.୨୦୧୩ରେ ଘୋଷିତ ବିଜ୍ଞପ୍ତି ବଳରେ । ଏହି ସ୍କିମ୍‌ରେ ୧୧ଟି ଧାରା ଓ ଗୋଟିଏ ଅନୁସୂଚୀ ରହିଛି ।

ଧାରା ୨(ଜି)ରେ 'ପୀଡିତ'ର ସଂଜ୍ଞାୟନ କରି କୁହାଯାଇଛି ଯେ, ୧ମତଃ ଯେଉଁ ବ୍ୟକ୍ତି ଅପରାଧର ଶୀକାର ହୋଇ କୌଣସି କ୍ଷତି ବା ଆଘାତ ସହିଥିବ; ୨ୟତଃ ଯଦି ଏଭଳି ବ୍ୟକ୍ତିଙ୍କର ମୃତ୍ୟୁ ଘଟେ, ତେବେ ତାଙ୍କ ଉପରେ ନିର୍ଭରଶୀଳ ବ୍ୟକ୍ତିମାନଙ୍କୁ ପୀଡିତ ବୋଲି ବିବେଚନା କରାଯିବ; ଏବଂ ୩ୟତଃ ଯେଉଁସ୍ଥଳେ ପୀଡିତ ଜଣେ ନାବାଳକ ହୋଇଥିବ, ସେପରି ସ୍ଥଳେ ତାଙ୍କର ପିତାମାତା ଅଥବା ପରିବାରର ନିର୍ଭରଶୀଳ ସଦସ୍ୟଙ୍କୁ ପୀଡିତ ରୂପେ ବିବେଚନା କରାଯିବ । ଧାରା-୩ ଅଧୀନରେ ପୀଡିତଙ୍କୁ ଆର୍ଥିକ ସାହାଯ୍ୟ ସହିତ ତା'ର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅନ୍ୟ କେତେକ ସହାୟତା ସେବା,

ଯଥା ଆଶ୍ରୟ, ପରାମର୍ଶ, ଡାକ୍ତରୀ ସାହାଯ୍ୟ, ଆଇନ୍ ସହାୟତା, ଶିକ୍ଷା ଓ ବୃତ୍ତିଗତ ତାଲିମ୍ ଯୋଗାଇ ଦିଆଯିବ । **ଧାରା-୪ (ପୀଡିତ କ୍ଷତିଭରଣା ପାଣ୍ଠି)** ଅନୁଯାୟୀ ରାଜ୍ୟରେ ଏକ ପୀଡିତ କ୍ଷତିଭରଣା ପାଣ୍ଠି (Victim Compensation Fund) ପ୍ରତିଷ୍ଠା କରାଯିବ, ଯାହାକି ରାଜ୍ୟ ଆଇନ୍ ସେବା କର୍ତ୍ତୃପକ୍ଷ (State Legal Services Authority)ର ସଚିବଙ୍କ ଦ୍ୱାରା ପରିଚାଳିତ ହେବ, କିନ୍ତୁ ଧାରା ୮(ଏ)[**ଜିଲ୍ଲା ଆଇନ୍ ସେବା କର୍ତ୍ତୃପକ୍ଷ**] ଅନୁଯାୟୀ ଏହି ପାଣ୍ଠିରୁ ସହାୟତା ପାଇଁ ପ୍ରତି ଜିଲ୍ଲା ସ୍ତରରେ ଥିବା ଜିଲ୍ଲା ଆଇନ୍ ସେବା କର୍ତ୍ତୃପକ୍ଷଙ୍କୁ ଆବେଦନ କରାଯିବ ଏବଂ ପ୍ରତି ଆବେଦନ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଉକ୍ତ ଜିଲ୍ଲା କର୍ତ୍ତୃପକ୍ଷ ହିଁ କ୍ଷମତାପ୍ରାପ୍ତ ରହିବେ । **ଧାରା ୪(ସି)** ଅନୁଯାୟୀ ଏହି ପାଣ୍ଠି ପାଇଁ ରାଜ୍ୟ ବଜେଟ୍‌ରେ ଅର୍ଥବରାଦ ସହିତ କେନ୍ଦ୍ର ଓ ରାଜ୍ୟ ସରକାର ତଥା ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଠାରୁ ଅନୁଦାନ ବା ଅନ୍ୟ ଯେ କୌଣସି ସୂତ୍ରରୁ ସାହାଯ୍ୟ ସଂଗ୍ରହ କରାଯିବ । **ଧାରା ୬ (ସ୍କିମ୍ ଅଧୀନରେ ସହାୟତା ପ୍ରଦାନ)ର ଉପଧାରା (ବି)** ଅନୁଯାୟୀ କେବଳ ଯେଉଁସବୁ କେଶ୍‌ରେ ଏଫ୍.ଆଇ.ଆର୍. ଦାଏର୍ କରାଯାଇଥିବ, ସେହିସବୁ କେଶ୍‌ର ପୀଡିତଙ୍କୁ ଉକ୍ତ ପାଣ୍ଠିରୁ ସହାୟତା ମିଳିବ । **ଧାରା-୭ ଅନୁଯାୟୀ ଏହି ସ୍କିମ୍ ପାଇଁ ଯୋଗ୍ୟ ବିବେଚିତ ହେବା ସକାଶେ ଆଉ କେତେକ ସର୍ତ୍ତ ପୂରଣ ହୋଇଥିବା ଜରୁରୀ**, ଯଥା ୧ମତଃ ସଂପୃକ୍ତ ପୀଡିତ କେନ୍ଦ୍ର ବା ରାଜ୍ୟ ସରକାର ଅଥବା କୌଣସି ବୀମା କମ୍ପାନୀର ଅନ୍ୟ କୌଣସି ସ୍କିମ୍ ଅଧୀନରେ ସେ କ୍ଷତିଭରଣା ପାଇନଥିବେ; ୨ୟତଃ ତାଙ୍କର ପରିବାରର ଆର୍ଥିକ ଅବସ୍ଥା ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଥିବ ବା ତାଙ୍କର ମର୍ଯ୍ୟାଦା ଓ ପରିଚୟ ଉପରେ ଗଭୀର ଆଞ୍ଚ ଲାଗିଥିବ ବା ତାଙ୍କର ଶାରୀରିକ ବା ମାନସିକ ଆଘାତର ଚିକିତ୍ସା ପାଇଁ ଖର୍ଚ୍ଚ ହୋଇଥିବା ବେଶ୍ ଅର୍ଥରାଶି କାରଣରୁ ତାଙ୍କର ପରିବାରର ଆର୍ଥିକ ସ୍ଥିତି ସଂକଟାପନ୍ନ ହୋଇପଡିଥିବ । ୩ୟତଃ ସଂପୃକ୍ତ ପୀଡିତ ବ୍ୟକ୍ତି ଅନୁସନ୍ଧାନରୁ ଆରମ୍ଭ କରି କେଶ୍‌ର ବିଚାରଣା ସମାପ୍ତ ହେବା ପର୍ଯ୍ୟନ୍ତ ପୋଲିସ୍ ଏବଂ ଅଭିଯୋକ୍ତାଙ୍କୁ ସହଯୋଗ କରିଥିବେ ।

ଏହାଛଡା ସ୍କିମ୍‌ର ଅନୁସୂଚୀ ପରେ **୪ଟି ସ୍ପଷ୍ଟୀକରଣ** ଦିଆଯାଇ ଆଉ କେତେକ ସର୍ତ୍ତାବଳୀର ଅବତାରଣା କରାଯାଇଛି । **୧ମ ସ୍ପଷ୍ଟୀକରଣ** ଅନୁଯାୟୀ ମହିଳା ପୀଡିତଙ୍କ ପ୍ରତି ଘଟିଥିବା ଯେଉଁ କ୍ଷୟକ୍ଷତି ଓ ପଙ୍ଗୁତା ଯୋଗୁଁ ତାଙ୍କ ଭିତରେ ଗୁରୁତର ମାନସିକ ଅଶାନ୍ତ ସୃଷ୍ଟି ହୋଇଥିବ ଏବଂ ଚାଲାଣ କେଶ୍‌ଗୁଡିକ ପରିପ୍ରେକ୍ଷୀରେ ବାଳୁତଙ୍କ ପ୍ରତି ଘଟିଥିବା ସାଧାରଣ ଆଘାତର ଆକଳନ ପାଇଁ ସିଡିଏମ୍‌ଓ (ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ)/ ଏସ୍‌ଡିଏମ୍‌ଓ (ସବ୍‌ଡିଭିଜନାଲ୍ ଚିକିତ୍ସା ଅଧିକାରୀ)ଙ୍କ ସାର୍ଟିଫିକେଟ୍ ସାଧାରଣତଃ ଚୂଡାନ୍ତ ପ୍ରମାଣ ରୂପେ କାର୍ଯ୍ୟ କରିବ, କିନ୍ତୁ ସଂପୃକ୍ତ କର୍ତ୍ତୃପକ୍ଷ ଲିଖିତ କାରଣ ଦର୍ଶାଇ ଏହି ସାର୍ଟିଫିକେଟ୍‌କୁ ଅଗ୍ରାହ୍ୟ କରିପାରନ୍ତି । **୨ୟ ସ୍ପଷ୍ଟୀକରଣ** ଅନୁଯାୟୀ ଧର୍ଷଣ ପରିପ୍ରେକ୍ଷୀରେ ଘଟଣାର ଆପାତ ସତ୍ୟତା ଜାଣିବା ପାଇଁ ସଂପୃକ୍ତ କର୍ତ୍ତୃପକ୍ଷ ଏଫ୍‌ଆଇଆର୍ ସମେତ ସିଡିଏମ୍‌ଓ /ଏସ୍‌ଡିଏମ୍‌ଓ ତଥା ତଦନ୍ତକାରୀ ଅଫିସରଙ୍କ ରିପୋର୍ଟ ମଗାଇ ପାରନ୍ତି, ଯାହାକି ଚୂଡାନ୍ତ ପ୍ରମାଣ ରୂପେ କାର୍ଯ୍ୟ କରିବ, କିନ୍ତୁ ସଂପୃକ୍ତ କର୍ତ୍ତୃପକ୍ଷ ଲିଖିତ କାରଣ ଦର୍ଶାଇ ଏପ୍ରକାର ପ୍ରମାଣକୁ ଅଗ୍ରାହ୍ୟ କରିପାରନ୍ତି । **୩ୟ ସ୍ପଷ୍ଟୀକରଣ** ଅନୁଯାୟୀ ପ୍ରବେଶାତ୍ମକ ଯୌନ ଆକ୍ରମଣ ଏବଂ ଗୁରୁତର ପ୍ରବେଶାତ୍ମକ ଯୌନ ଆକ୍ରମଣ ତଥା ଯୌନ ଆକ୍ରମଣ ଏବଂ ଗୁରୁତର ଯୌନ ଆକ୍ରମଣ ସଂପର୍କୀତ କେଶ୍ କ୍ଷେତ୍ରରେ ଏଫ୍‌ଆଇଆର୍ ସହିତ ସିଡିଏମ୍‌ଓ /ଏସ୍‌ଡିଏମ୍‌ଓଙ୍କ ରିପୋର୍ଟ ତଥା ତଦନ୍ତକାରୀ ଅଫିସରଙ୍କ ରିପୋର୍ଟ ଚୂଡାନ୍ତ ପ୍ରମାଣ ରୂପେ କାର୍ଯ୍ୟ କରିବ, କିନ୍ତୁ ସଂପୃକ୍ତ କର୍ତ୍ତୃପକ୍ଷ ଲିଖିତ କାରଣ ଦର୍ଶାଇ ଏପ୍ରକାର ପ୍ରମାଣକୁ ଅଗ୍ରାହ୍ୟ କରିପାରନ୍ତି । **୪ର୍ଥ ସ୍ପଷ୍ଟୀକରଣ** ଅନୁଯାୟୀ ଜଣେ ବାଳୁତକୁ ଯୌନ ନିର୍ଯ୍ୟାତନା ବା ଜଣେ ବାଳୁତକୁ ଅଶ୍ଳୀଳ ଯୌନ ପ୍ରଦର୍ଶନ ଉଦ୍ଦେଶ୍ୟରେ ବ୍ୟବହାର କେଶ୍‌ରେ ଘଟଣାର ଆପାତ ସତ୍ୟତା ନିର୍ଦ୍ଧାରଣ ପାଇଁ ଏଫ୍‌ଆଇଆର୍ ସମେତ ତଦନ୍ତକାରୀ ଅଧିକାରୀଙ୍କ ରିପୋର୍ଟ ଚୂଡାନ୍ତ ପ୍ରମାଣ ରୂପେ ବିବେଚିତ ହେବ, କିନ୍ତୁ ସଂପୃକ୍ତ କର୍ତ୍ତୃପକ୍ଷ ଲିଖିତ କାରଣ ଦର୍ଶାଇ ଏପ୍ରକାର ପ୍ରମାଣକୁ ଅଗ୍ରାହ୍ୟ କରିପାରନ୍ତି ।

ଧାରା ୮(ବି) **ଅନୁଯାୟୀ, ପୀଡିତଙ୍କୁ କ୍ଷତିଭରଣା ସଂକ୍ରାନ୍ତରେ ସଂପୃକ୍ତ ଜିଲ୍ଲା ଆଇନ୍ ସେବା କର୍ତ୍ତୃପକ୍ଷ ଯେଉଁସବୁ କର୍ତ୍ତବ୍ୟ ସଂପାଦନ କରିବେ**, ସେଗୁଡିକ ହେଲା, (ଏ) ପ୍ରତି ଆବେଦନକୁ ବିଚାର କରି ଆବଶ୍ୟକ ମତେ ଆର୍ଥିକ ଓ ଅନ୍ୟ ଧରଣର ସହୟତ ଯୋଗାଇଦେବା, (ବି) ବ୍ୟଥିତ ବ୍ୟକ୍ତିମାନଙ୍କ ପାଇଁ ମନସ୍ତାତ୍ତ୍ୱିକ, ଡାକ୍ତରୀ ଏବଂ ଆଇନଗତ ସେବା ଯୋଗାଇଦେବା, (ସି) ବ୍ୟଥିତ ମହିଳା ଏବଂ ସେ ଯଦି ବିବାହିତ ହୋଇଥାନ୍ତି, ତାଙ୍କର ପତିଙ୍କୁ ପରାମର୍ଶ ସହାୟତାର ବ୍ୟବସ୍ଥା କରିବା, (ଡି) ଆବଶ୍ୟକ ସମୟ ଅବଧି ପାଇଁ ବ୍ୟଥିତ ମହିଳାଙ୍କ ପାଇଁ ଆଶ୍ରୟସ୍ଥଳର ବ୍ୟବସ୍ଥା କରିବା, (ଇ) ସଂପୃକ୍ତ ବ୍ୟଥିତ ମହିଳା ଯଦି ନିଜର ଥଇଥାନ ପାଇଁ ଆବଶ୍ୟକ କରୁଥାନ୍ତି ତେବେ ତାଙ୍କ ପାଇଁ କୌଣସି ପ୍ରଚଳିତ ସ୍କିମ୍ ବା କାର୍ଯ୍ୟକ୍ରମ ଅଧୀନରେ ଶିକ୍ଷା ବା ବୃତ୍ତିଗତ ତାଲିମ୍‌ର ବ୍ୟବସ୍ଥା କରିବା, (ଏଫ୍) ଆବଶ୍ୟକ ସ୍ଥଳେ ପୀଡିତ ବ୍ୟକ୍ତିର ସୁରକ୍ଷା ପାଇଁ ସଂପୃକ୍ତ କର୍ତ୍ତୃପକ୍ଷମାନଙ୍କୁ ନିର୍ଦ୍ଦେଶ ଦେବା, (ଜି) ଫୌଜଦାରୀ କାର୍ଯ୍ୟବିଧି ସଂହିତାର ଦଂ। ୩୫୭-ଏ (୪) ଅଧୀନରେ ଯେତେବେଳେ ଜଣେ ପୀଡିତଙ୍କର ଆବେଦନକୁ ଭିତ୍ତି କରି ସଂପୃକ୍ତ ଅଦାଲତ କ୍ଷତିଭରଣା

ପାଇଁ ସଂପୃକ୍ତ ଜିଲ୍ଲା ଆଇନ୍ ସେବା କର୍ତ୍ତୃପକ୍ଷଙ୍କୁ ଏକ ଆଦେଶ ଜାରି କରିବେ, ସେପରି ସ୍ଥଳେ ଉକ୍ତ କର୍ତ୍ତୃପକ୍ଷ ସଂପୃକ୍ତ ସୂତ୍ରରୁ ଆବଶ୍ୟକ ତଥ୍ୟାବଳୀ ସଂଗ୍ରହ କରି ପୀଡିତଙ୍କ ପ୍ରତି ଘଟିଥିବା କ୍ଷୟକ୍ଷତିର ଆକଳନ କରି ତଦନୁଯାୟୀ କ୍ଷତିଭରଣା ସଂବନ୍ଧରେ ନିଜର ସୁପାରିଶ୍ କରିବେ, (ଏଚ୍) ସଂପୃକ୍ତ ଜିଲ୍ଲା କର୍ତ୍ତୃପକ୍ଷ ଯେଉଁସବୁ ବିଚାରକୁ ଆଧାର କରି କ୍ଷତିଭରଣାର ଅର୍ଥରାଶି ନିର୍ଦ୍ଧାରଣ କରିବେ, ସେଗୁଡିକ ହେଲା- ପୀଡିତଙ୍କ ପ୍ରତି ଘଟିଥିବା କ୍ଷୟକ୍ଷତି, ଡାକ୍ତରୀ ଚିକିତ୍ସା ପାଇଁ ଆବଶ୍ୟକ ନ୍ୟୂନତମ ଅର୍ଥରାଶି ଏବଂ ଶବସଂସ୍କାର ଭଳି ସମସ୍ତ ଆନୁଷଙ୍ଗିକ ବ୍ୟୟ ସମେତ ଥଇଥାନ ପାଇଁ ଆବଶ୍ୟକ ପଡୁଥିବା ନ୍ୟୂନତମ ଅର୍ଥରାଶି, (ଆଇ) ଜଣେ ପୀଡିତଙ୍କୁ ପ୍ରାପ୍ୟ ଅର୍ଥରାଶି ସ୍କିମ୍‌ର ଅନୁସୂଚୀରେ ଦର୍ଶୀତ ହୋଇଥିବା ସର୍ବାଧିକ ପରିମାଣର ଅର୍ଥରାଶି ଠାରୁ ଅଧିକ ହେବ ନାହିଁ, ଏବଂ (ଜେ) କ୍ଷତିଭରଣା ପାଇଁ ନିର୍ଦ୍ଧାରିତ ଅର୍ଥରାଶିକୁ ସଂପୃକ୍ତ ପୀଡିତଙ୍କୁ ପଇଠ କରାଯିବ ।

**ଧାରା ୯ରେ କ୍ଷତିଭରଣା ମଂଜୁରିର ସବିଶେଷ ପ୍ରକ୍ରିୟା ସ୍ଥିରୀକୃତ** ହୋଇଛି, ଯଥା (ଏ) ଗୋଟିଏ ଅଦାଲତର ସୁପାରିଶ୍ ଅଥବା ଫୌଜଦାରି କାର୍ଯ୍ୟବିଧି ସଂହିତାର ଦଫା ୩୫୭-ଏ ଅଧୀନରେ କ୍ଷତିଭରଣା ପାଇଁ ସଂପୃକ୍ତ ପୀଡିତର ଏକ ଆବେଦନ ହସ୍ତଗତ ହେଲା ପରେ ଜିଲ୍ଲା ଆଇନ୍ ସେବା କର୍ତ୍ତୃପକ୍ଷ ଆବଶ୍ୟକୀୟ ଯାଞ୍ଚ ସଂପାଦନ କରି ୨ମାସ ଭିତରେ ପ୍ରଦେୟ ଅର୍ଥରାଶି ନିର୍ଦ୍ଧାରଣ କରିବେ । (ବି) ଯେଉଁସ୍ଥଳେ ମୋକଦ୍ଦମାର ବିଚାରଣା କରୁଥିବା ସଂପୃକ୍ତ ଅଦାଲତ ଫୌଜଦାରି କାର୍ଯ୍ୟବିଧି ସଂହିତାର ଦଂ। ୩୫୭(୩) ଅଧୀନରେ ସଂପୃକ୍ତ ଅଭିଯୁକ୍ତଙ୍କୁ କୌଣସି କ୍ଷତିଭରଣା ରାଶି ପଇଠ କରିବା ପାଇଁ ଏକ ପରବର୍ତ୍ତୀ ତାରିଖରେ ଆଦେଶ ଦେଇଥିବେ, ସେପରି ସ୍ଥଳେ ପୀଡିତ ବ୍ୟକ୍ତି ପୂର୍ବରୁ ହାସଲ କରିଥିବା କ୍ଷତିଭରଣା ରାଶି ବା ଦଫା ୩୫୭(୩) ଅଧୀନରେ ଆଦେଶିତ ହୋଇଥିବା ଅର୍ଥରାଶି ଭିତରୁ ଯେଉଁଟା କମ୍, ତାହା ପୀଡିତ ବ୍ୟକ୍ତି ଫେରସ୍ତ କରିବେ । (ସି) ପ୍ରତି କେଶ୍‌ର ବିଶେଷତାକୁ ଭିତ୍ତି କରି କ୍ଷତିଭରଣା ରାଶି ନିର୍ଦ୍ଧାରିତ ହେବ, କିନ୍ତୁ ଏହା ଅନୁସୂଚୀରେ ଦର୍ଶୀତ ହୋଇଥିବା ସର୍ବୋଚ୍ଚ ରାଶିକୁ ଟପିବ ନାହିଁ । (ଡି) କ୍ଷତିଭରଣା ସଂପୃକ୍ତ ପୀଡିତ ବା ତାଙ୍କ ଉପରେ ନିର୍ଭରଶୀଳ ବ୍ୟକ୍ତିମାନଙ୍କୁ ପଇଠ କରାଯିବ । (ଇ) ଅନ୍ୟ କୌଣସି କେନ୍ଦ୍ରୀୟ ବା ରାଜ୍ୟ ସ୍କିମ୍ ଅଥବା ବୀମା ଭଳି କୌଣସି ସୂତ୍ରରୁ ଯଦି କିଛି କ୍ଷତିଭରଣା ମିଳିଥାଏ, ତେବେ ତାହାକୁ ଏହି ସ୍କିମ୍ ଅଧୀନସ୍ଥ କ୍ଷତିଭରଣା ବୋଲି ବିବେଚନା କରାଯିବ, ଏବଂ ଯଦି ସେସବୁ ସୂତ୍ରରୁ ମିଳିଥିବା ଅର୍ଥରାଶିର ମୋଟ ପରିମାଣ ଏହି ସ୍କିମ୍ ଅଧୀନରେ ପ୍ରାପ୍ୟ କ୍ଷତିଭରଣା ଠାରୁ କମ୍ ହେଉଥାଏ ତେବେ ଅବଶିଷ୍ଟ ପରିମାଣର ଅର୍ଥରାଶି ଏହି ସ୍କିମ୍ ଅଧୀନରେ ପଇଠ କରାଯିବ । (ଏଫ୍) ମୋଟରଯାନ ଦୁର୍ଘଟଣା ଜନିତ କ୍ଷତିପୂରଣ ବ୍ୟବସ୍ଥା ଏହି ସ୍କିମ୍‌ର ପରିସରଭୁକ୍ତ ନୁହେଁ । (ଜି) ଏସ୍‌ସି ଓ ଏସ୍‌ଟି (ନିର୍ଯ୍ୟାତନାର ପ୍ରତିଷେଧ) ଆଇନ୍ ୧୯୮୯ କିମ୍ବା ନାଗରିକ ଅଧିକାର ସୁରକ୍ଷା ଆଇନ୍ ୧୯୫୫ ଅଧୀନସ୍ଥ କ୍ଷତିପୂରଣ ଏହି ସ୍କିମ୍‌ର ପରିସରଭୁକ୍ତ ନୁହେଁ । (ଏଚ୍) ତା ୨୭.୧୨.୨୦୧୨ ସଂଶୋଧନ ବଳରେ ଉଚ୍ଛେଦ କରାଯାଇଛି । (ଆଇ) କ୍ଷତିଭରଣା ଅର୍ଥରାଶି ଦୁଇଟି କିସ୍ତିରେ ଦିଆଯିବ, ପ୍ରଥମେ କେଶ୍‌ର ବିଚାର ଆରମ୍ଭ ହେବା ମାତ୍ରେ, ଏବଂ ତା'ପରେ କେଶ୍‌ର ପରିସମାପ୍ତି ଘଟିଲେ । (ଜେ) ପୀଡିତର କଷ୍ଟଲାଘବ ପାଇଁ ଜିଲ୍ଲା ଆଇନ୍ ସେବା କର୍ତ୍ତୃପକ୍ଷ ସଂପୃକ୍ତ ଥାନାର ଭାରପ୍ରାପ୍ତ ଅଧିକାରୀଙ୍କ ପାହ୍ୟାର ଅଧସ୍ତନ ହୋଇନଥିବା ଜଣେ ପୋଲିସ୍ ଅଫିସର୍ ଅଥବା ସଂପୃକ୍ତ ଅଞ୍ଚଳର ମାଜିଷ୍ଟ୍ରେଟ୍‌ଙ୍କ ସାର୍ଟିଫିକେଟ୍ ଭିତ୍ତିରେ ପୀଡିତଙ୍କୁ ମାଗଣା ପ୍ରାଥମିକ ଚିକିତ୍ସା ବା ଡାକ୍ତରୀ ସୁବିଧାସୁଯୋଗ ଅଥବା ଅନ୍ୟ ଯେ କୌଣସି ମଧ୍ୟବର୍ତ୍ତୀ ସହାୟତା ଯୋଗାଇଦେବେ । (କେ) ସମସ୍ତ କ୍ଷତିଭରଣା ଅର୍ଥରାଶି ପୀଡିତଙ୍କୁ ଚେକ୍ ମାଧ୍ୟମରେ ପଇଠ କରାଯିବ । (ଏଲ୍) ଯୌନ ଅପରାଧସମୂହରୁ ବାଳୁତଙ୍କ ସୁରକ୍ଷା ଆଇନ୍ ୨୦୧୨ର ଧାରା ୩୩(୮) ଅଧୀନରେ ସଂପୃକ୍ତ ସ୍ୱତନ୍ତ୍ର ଅଦାଲତଙ୍କ ଦ୍ୱାରା ଆଦେଶିତ କ୍ଷତିଭରଣା ଅର୍ଥରାଶି ଏହି ସ୍କିମ୍ ଅଧୀନରେ ପରିଚାଳିତ ପାଣ୍ଠିରୁ ପଇଠ କରାଯିବ । ପ୍ରକାଶ ଥାଉକି, ଏହି ବ୍ୟବସ୍ଥା ରାଜ୍ୟ ଗୃହ ବିଭାଗର ବିଜ୍ଞପ୍ତି ତା ୧୩.୬.୨୦୧୩ ବଳରେ ଭର୍ତ୍ତି କରାଯାଇଛି ।

ଏଠାରେ ଉଲ୍ଲେଖନୀୟ ଯେ, ସ୍କିମ୍‌ର **ଧାରା ୧୦(ସମୟସୀମା)** ଅନୁଯାୟୀ ଫୌଜଦାରି କାର୍ଯ୍ୟବିଧି ସଂହିତାର ଦଫା ୩୫୭ଏ(୪) ଅଧୀନରେ ପ୍ରଯୁଜ୍ୟ କ୍ଷତିଭରଣା ପାଇଁ ଆବେଦନ ଅପରାଧ ଘଟିବାର ଏକବର୍ଷ ଅତିକ୍ରାନ୍ତ ହେବା ପରେ ଗ୍ରହଣୀୟ ହେବନାହିଁ । **ଧାରା ୧୧ (ଅପିଲ୍)** ଅନୁଯାୟୀ ଯଦି କ୍ଷତିଭରଣା ପାଇଁ ଏକ ଆବେଦନକୁ ଜିଲ୍ଲା ଆଇନ୍ ସେବା କର୍ତ୍ତୃପକ୍ଷ ଖାରଜ କରିଦେବା ଫଳରେ ସଂପୃକ୍ତ ପୀଡିତ ବ୍ୟକ୍ତି ବ୍ୟଥିତ ହୁଅନ୍ତି ତେବେ ସେ ୯୦ଦିନ ଭିତରେ ରାଜ୍ୟ ଆଇନ୍ ସେବା କର୍ତ୍ତୃପକ୍ଷଙ୍କ ନିକଟରେ ଅପିଲ୍ କରିପାରିବେ ଏବଂ ସ୍ଥଳ ବିଶେଷରେ ରାଜ୍ୟ କର୍ତ୍ତୃପକ୍ଷ ହୃଦ୍‌ବୋଧ କଲେ, ଲିଖିତ କାରଣ ଦର୍ଶାଇ ସମୟସୀମା ଅତିକ୍ରାନ୍ତ ହେଲା ପରେ ମଧ୍ୟ ଅପିଲ୍ ଗ୍ରହଣ କରିପାରିବେ ।

## ଅନୁସୂଚୀ

| କ୍ର.ସଂ. | କ୍ଷୟକ୍ଷତିର ସବିଶେଷ ତଥ୍ୟ | କ୍ଷତିଭରଣା ପାଇଁ ସର୍ବାଧିକ ଅର୍ଥରାଶି (ଟଙ୍କା ଆକାରରେ) |
|---|---|---|
| ୧. | ପ୍ରାଣହାନି | ମୃତ ବ୍ୟକ୍ତି ରୋଜଗାରକ୍ଷମ ହୋଇଥିଲେ ୧,୫୦,୦୦୦/, ଏବଂ ରୋଜଗାରକ୍ଷମ ହୋଇନଥିଲେ ୭୫,୦୦୦/- |
| ୨. | ଶରୀରର କୌଣସି ଅଙ୍ଗପ୍ରତ୍ୟଙ୍ଗର ହାନି ଘଟିଥିବା ଫଳରେ ଯଦି ଶତକଡା ୮୦ ବା ତଦୁର୍ଦ୍ଧ୍ୱ ପଙ୍ଗୁତା ସୃଷ୍ଟି ହୋଇଥାଏ (ଏସିଡ୍ ଆକ୍ରମଣ ସମେତ) | ରୋଜଗାରକ୍ଷମ ବ୍ୟକ୍ତି ପିଛା ୧,୦୦,୦୦୦/-, ଏବଂ ରୋଜଗାରକ୍ଷମ ହୋଇନଥିବା ବ୍ୟକ୍ତି ପିଛା ୫୦,୦୦୦/- |
| ୩. | ଶରୀରର କୌଣସି ଅଙ୍ଗପ୍ରତ୍ୟଙ୍ଗର ହାନି ଘଟିଥିବା ଫଳରେ ଯଦି ଶତକଡା ୪୦ ବା ତଦୁର୍ଦ୍ଧ୍ୱ ଅଥଚ ଶତକଡା ୮୦ରୁ କମ୍ ପଙ୍ଗୁତା ସୃଷ୍ଟି ହୋଇଥାଏ (ଏସିଡ୍ ଆକ୍ରମଣ ସମେତ) | ୪୦,୦୦୦/- |
| ୪. | ଶରୀରର କୌଣସି ଅଙ୍ଗପ୍ରତ୍ୟଙ୍ଗର ହାନି ଘଟିଥିବା ଫଳରେ ଯଦି ଶତକଡା ୪୦ରୁ କମ୍ ପଙ୍ଗୁତା ସୃଷ୍ଟି ହୋଇଥାଏ | ୧୦,୦୦୦/- |
| ୫. | ମାନବ-ଚାଲାଣ ଫଳରେ ମହିଳା ଓ ଶିଶୁଙ୍କ ପ୍ରତି ଘଟିଥିବା କ୍ଷୟକ୍ଷତି କାରଣରୁ ସେମାନଙ୍କର ମାନସିକ କ୍ଳେଶ | ୧୦,୦୦୦/- |
| ୬. | ଜଣେ ଶିଶୁ ପୀଡିତଙ୍କୁ ଘଟିଥିବା ସାଧାରଣ ଆଘାତ | ୧୦,୦୦୦/- |
| ୭. | ଧର୍ଷଣ | ୧,୫୦,୦୦୦/- |
| ୮. | ଶିଶୁ ପୀଡିତ ପ୍ରତି ଘଟିଥିବା ପ୍ରବେଶାତ୍ମକ ଯୌନ ଆକ୍ରମଣ ଏବଂ ଗୁରୁତର ପ୍ରବେଶାତ୍ମକ ଯୌନ ଆକ୍ରମଣ | ୧,୫୦,୦୦୦/- |
| ୯. | ଶିଶୁ ପୀଡିତ ପ୍ରତି ଘଟିଥିବା ଯୌନ ଆକ୍ରମଣ ଏବଂ ଗୁରୁତର ଯୌନ ଆକ୍ରମଣ | ୫୦,୦୦୦/- |
| ୧୦. | ଶିଶୁ ପ୍ରତି ଯୌନ ନିର୍ଯ୍ୟାତନା ଏବଂ ଶିଶୁକୁ ଅଶ୍ଳୀଳ କାରବାର ପାଇଁ ବ୍ୟବହାର କରିବା | ୨୦,୦୦୦/- |

*(ସୂତ୍ର- ଓଡିଶା ସରକାରଙ୍କ ଗୃହ ବିଭାଗ ବିଜ୍ଞପ୍ତି ତା ୧୨ ଜୁଲାଇ ୨୦୧୨, ଓଡିଶା ଗଜେଟ୍‌ରେ ପ୍ରକାଶିତ ତା ୨୫ ଜୁଲାଇ ୨୦୧୨ http://homeorissa.gov.in/SchemesAndProjects/CHR-VCS-0001-27686-dt.29.07.2013.pdf)*

ଯୌନ ଅପରାଧସମୂହରୁ ବାଳୁତଙ୍କୁ ସୁରକ୍ଷା ଆଇନ୍ ୨୦୧୨
(ସର୍କୁଲାର୍ ତା ୧୭.୧୦.୨୦୧୨)

ଓଡିଶା ପୋଲିସ୍ , କ୍ରାଇମ୍ ବ୍ରାଞ୍ଚ, ସିଆଇଡି ବିଭାଗ
କ୍ରାଇମ୍ ବ୍ରାଞ୍ଚ ସର୍କୁଲାର୍ ସଂଖ୍ୟା ୧୨/୨୦୧୨

**No. 40293/CID-SRW Date: 17.10.2012**

**ପ୍ରାପ୍ତେଷୁ,**

ସମସ୍ତ ଜିଲ୍ଲା ଏସ୍‌ପି କଟକ ଓ ରାଉରକେଲାର ସୁପରିନ୍‌ଟେଣ୍ଡେଣ୍ଟ୍ ଅ', ରେଲ୍‌ୱେ ପୋଲିସ୍/ କଟକ ଓ ଭୁବନେଶ୍ୱରର ଡିସିପି

**ବିଷୟ- ଯୌନ ଅପରାଧସମୂହରୁ ବାଳୁତଙ୍କୁ ସୁରକ୍ଷା ଆଇନ୍ ୨୦୧୨ (୨୦୧୨ର ଆଇନ୍ ସଂଖ୍ୟା)**

ବାଳୁତମାନଙ୍କ ବିରୁଦ୍ଧରେ ଯୌନ ବଳାତ୍କାର ଜନିତ ସମସ୍ୟାବଳୀର ପ୍ରତିକାର ଦେଶର ବିଧିବିଧାନରେ ଫଳପ୍ରଦ ଏବଂ ପର୍ଯ୍ୟାପ୍ତ ଭାବେ ସ୍ଥାନିତ ହୋଇପାରିନାହିଁ । ଅନେକ ଗୁଡିଏ ଅପରାଧ ପାଇଁ ଦଣ୍ଡବିଧାନ କୋହଳ ଥିଲା ଅଥବା ଆଦୌ ନଥିଲା । ସୁତରାଂ

ସମ୍ବିଧାନର ଧାରା ୧୫ ଏବଂ ଧାରା ୩୯ ତଥା ଭାରତ ସ୍ୱାକ୍ଷର କରିଥିବା ମିଳିତ ଜାତିସଂଘର ବାଳୁତ ଅଧିକାରସମୂହ ଘୋଷଣାନାମା ଅନୁଯାୟୀ ଜୁନ୍ ୨୦୧୨ରେ ଯୌନ ଅପରାଧସମୂହରୁ ବାଳୁତଙ୍କୁ ସୁରକ୍ଷା ଆଇନ୍ ୨୦୧୨ ପ୍ରଣୀତ ହୋଇଥିଲା ଏବଂ ଏହାର ଉଦ୍ଦେଶ୍ୟ ଥିଲା ଯୌନ ବଳାତ୍କାର, ନିର୍ଯ୍ୟାତନା ତଥା ଅଶ୍ଳୀଳତା ସଂବନ୍ଧୀତ ଅପରାଧସମୂହରୁ ବାଳୁତଙ୍କୁ ସର୍ବାତ୍ମକ ଏବଂ ସର୍ବୋତ୍କୃଷ୍ଟ ସୁରକ୍ଷା ପ୍ରଦାନକୁ ସୁନିଶ୍ଚିତ କରିବା।

ଉକ୍ତ ଆଇନର ନିମ୍ନୋକ୍ତ ବୈଶିଷ୍ଟ୍ୟମାନ ରହିଛି –

- ଆଇନର ଧାରା ୨ ଅନୁଯାୟୀ 'ବାଳୁତ' କହିଲେ ୧୮ବର୍ଷରୁ କମ୍ ଜଣେ ବ୍ୟକ୍ତି ।

- ଆଇନ୍‌ର ଧାରା ୪ ଅନୁଯାୟୀ ପ୍ରବେଶାତ୍ମକ ଯୌନ ବଳାତ୍କାର (Penetrative Sexual Assault) ପାଇଁ ଅନ୍ୟୁନ ୭ ବର୍ଷର ଜେଲ୍‌ଦଣ୍ଡ, ଯାହାକି ଆଜୀବନ ମଧ୍ୟ ହୋଇପାରେ ।

- ଗୁରୁତର ପ୍ରବେଶାତ୍ମକ ଯୌନ ବଳାତ୍କାର (Aggravated Penetrative Sexual Assault) କହିଲେ ଏହା ଭିତରେ ଅନ୍ତର୍ଭୁକ୍ତ ହେବ ଜଣେ ପୋଲିସ୍ ଅଫିସର୍, ସାମରିକ ବା ସୁରକ୍ଷା ବାହିନୀର ଜଣେ ସଦସ୍ୟ, ସର୍ବସାଧାରଣ କର୍ମଚାରୀ ଇତ୍ୟାଦିଙ୍କ ଦ୍ୱାରା ବାଳୁତଙ୍କ ଉପରେ ଯୌନ ବଳାତ୍କାର । ଏପ୍ରକାର ଯୌନ ବଳାତ୍କାର ପାଇଁ ଅନ୍ୟୁନ ୧୦ବର୍ଷର ଜେଲ୍‌ଦଣ୍ଡ, ଯାହାକି ଆଜୀବନ ହୋଇପାରେ ।

- ଯୌନ ବଳାତ୍କାର (Sexual Assault)ର ସଂଜ୍ଞା ଅନୁଯାୟୀ ଜଣେ ବାଳୁତର କୌଣସି ନିଭୃତ ଅଙ୍ଗ (Private part)କୁ ସ୍ପର୍ଶ କରିବା ବା ଯୌନ ପୂର୍ଣ୍ଣ ଉଦ୍ଦେଶ୍ୟରେ ଏପରି କାର୍ଯ୍ୟ କରିବା, ଯାହା ଫଳରେ ଯୌନ ସ୍ପର୍ଶ ହେଉଥିବ, କିନ୍ତୁ ପ୍ରବେଶ ହୋଇନଥାଇ ପାରେ । ଆଇନ୍‌ର ଧାରା ୮ ଅଧୀନରେ ଯୌନ ବଳାତ୍କାର ପାଇଁ ଜେଲ୍‌ଦଣ୍ଡ ହେଉଛି ଅନ୍ୟୁନ ୩ବର୍ଷ, ଯାହାକି ୫ବର୍ଷ ପର୍ଯ୍ୟନ୍ତ ସଂପ୍ରସାରିତ ହୋଇପାରେ ।

- ଆଇନ୍‌ର ଧାରା ୯ ଅଧୀନରେ ଗୁରୁତର ଯୌନ ବଳାତ୍କାର (Aggravated Sexual Assault)କୁ ସଂଜ୍ଞାୟନ କରାଯାଇଛି, ଯାହା ଭିତରେ ଅନ୍ତର୍ଭୁକ୍ତ ହେବ ଜଣେ ପୋଲିସ୍ ଅଫିସର୍, ସାମରିକ ବା ସୁରକ୍ଷା ବାହିନୀର ଜଣେ ସଦସ୍ୟ, ସର୍ବସାଧାରଣ କର୍ମଚାରୀ ଇତ୍ୟାଦିଙ୍କ ଦ୍ୱାରା ଏପରି ଅପରାଧ ଘଟିତ ହେବା । ଆଇନ୍‌ର ଧାରା ୧୦ ଅଧୀନରେ ଗୁରୁତର ଯୌନ ବଳାତ୍କାର ପାଇଁ ଅନ୍ୟୁନ ୫ବର୍ଷର ଜେଲ୍‌ଦଣ୍ଡ, ଯାହାକି ୭ବର୍ଷ ପର୍ଯ୍ୟନ୍ତ ସଂପ୍ରସାରିତ ହୋଇପାରେ ।

- ଆଇନ୍‌ର ଧାରା ୧୩ ଅଧୀନରେ ବାଳୁତକୁ ଅଶ୍ଳୀଳ କାରବାର ପାଇଁ ବ୍ୟବହାର (Use of Child for Pornographic purposes)ର ସଂଜ୍ଞାୟନ କରାଯାଇଛି, ଏବଂ ଧାରା ୧୪ ଅଧୀନରେ ଏଥିପାଇଁ ସର୍ବାଧିକ ୭ବର୍ଷର ଜେଲ୍‌ଦଣ୍ଡ ରଖାଯାଇଛି ।

- ଗୋଟିଏ ଘଟିତ ଅପରାଧ ବା ଗୋଟିଏ ଅପରାଧ ଘଟିବାକୁ ଯାଉଥିବାର ଆଶଙ୍କା ବିଷୟରେ ସ୍ୱତନ୍ତ୍ର କିଶୋର ପୋଲିସ୍ ୟୁନିଟ୍ ବା ସ୍ଥାନୀୟ ପୋଲିସ୍ ନିକଟରେ ରିପୋର୍ଟ ଦାଏର୍ କରିହେବ । ସ୍ୱତନ୍ତ୍ର କିଶୋର ପୋଲିସ୍ ୟୁନିଟ୍ (Special Juvenile Police Unit) ବା ସ୍ଥାନୀୟ ପୋଲିସ୍ ୨୪ଘଣ୍ଟା ଭିତରେ ସେହି ବିଷୟକୁ ବାଳୁତ କଲ୍ୟାଣ କମିଟି (Child Welfare Committee) ଏବଂ ସ୍ୱତନ୍ତ୍ର କୋର୍ଟ ନିକଟରେ ରିପୋର୍ଟ କରିବେ ।

- ଗୋଟିଏ ପୀଡିତ ବାଳୁତ ବିଷୟରେ ସଂପୂର୍ଣ୍ଣ ଏବଂ ନିର୍ଭୁଲ୍ ସୂଚନା ନଥାଇ ସେହି ବାଳୁତ ବିଷୟରେ ଗଣମାଧ୍ୟମରେ ରିପୋର୍ଟ କରିବା ଫଳରେ ସଂପୃକ୍ତ ବାଳୁତର ସୁନାମ ଉପରେ ଆଞ୍ଚ ଆସିପାରେ ଅଥବା ତା'ର ବ୍ୟକ୍ତିଗତ ଗୋପନୀୟତା (Privacy)ର ଉଲ୍ଲଂଘନ ଘଟିପାରେ । ଏଭଳି ରିପୋର୍ଟ ପ୍ରକାଶନକୁ ଧାରା ୨୩ରେ ନିଷିଦ୍ଧ କରାଯାଇଛି । ପୁଣି ଏଭଳି ରିପୋର୍ଟ ଯଦି କେଉଁଠି ପ୍ରକାଶ ପାଏ ତେବେ ସେଥିରେ ସଂପୃକ୍ତ ବାଳୁତର ପରିଚୟକୁ ପ୍ରକାଶ କରାଯିବ ନାହିଁ ।

- ଧାରା ୨୮ ବଳରେ ଏହି ଆଇନ୍ ଅଧୀନସ୍ଥ ଅପରାଧସମୂହର ବିଚାରଣା ପାଇଁ ପ୍ରତି ଜିଲ୍ଲାର ଦୌରା କୋର୍ଟକୁ ସ୍ୱତନ୍ତ୍ର କୋର୍ଟ ରୂପେ ପଦନାମିତ କରାଯାଇଛି ।

- ଆଇନ୍‌ର ଧାରା ୩, ୫, ୭ ଏବଂ ୯ ଅଧୀନରେ ଦଣ୍ଡନୀୟ କୌଣସି ଅପରାଧରେ ଯଦି ଜଣେ ବ୍ୟକ୍ତି ଅଭିଯୁକ୍ତ ହୁଅନ୍ତି, ତେବେ ଧାରା ୨୯ ଅନୁଯାୟୀ ସେହି ଅଭିଯୁକ୍ତଙ୍କ ବିରୁଦ୍ଧରେ ଏକ ପୂର୍ବାନୁମାନ (Presumption) କାଏମ୍ ରହିବ ।

- ପ୍ରତି ସ୍ୱତନ୍ତ୍ର କୋର୍ଟରେ ମୋକଦ୍ଦମାର ପରିଚାଳନା ଉଦ୍ଦେଶ୍ୟରେ ଆଇନ୍‌ର ଧାରା ୩୨ ଅଧୀନରେ ସ୍ୱତନ୍ତ୍ର ସରକାରୀ ଅଭିଯୋଜକମାନଙ୍କୁ ନିୟୋଜିତ କରାଯିବ ।

- ଆଇନ୍‌ର ଧାରା ୩୭ ଅନୁଯାୟୀ କେଶ୍‌ର ବିଚାରଣା ରୁଦ୍ଧ ପ୍ରକୋଷ୍ଠ ଭିତରେ ଏବଂ ସଂପୃକ୍ତ ବାଳୁତର ପିତାମାତା ବା ସେହି ବାଳୁତର ଆସ୍ଥା ଓ ବିଶ୍ୱାସ ଭାଜନ ହେଉଥିବା ଅନ୍ୟ କୌଣସି ବ୍ୟକ୍ତିଙ୍କ ଉପସ୍ଥିତିରେ ପରିଚାଳିତ ହେବ ।

- ଏହି ଆଇନ୍‌ର ବ୍ୟବସ୍ଥାବଳୀର କାର୍ଯ୍ୟକାରିତାକୁ ତଦାରଖ କରିବା ପାଇଁ ଜାତୀୟ ବାଳୁତ ଅଧିକାରସମୂହ ସୁରକ୍ଷା କମିଶନ୍ (National

Commission for Protection of Child Rights) ଏବଂ ରାଜ୍ୟ ବାଳୁତ ଅଧିକାରସମୂହ ସୁରକ୍ଷା କମିଶନ୍ (State Commission for Protection of Child Rights) କ୍ଷମତାପ୍ରାପ୍ତ ହୋଇଛନ୍ତି ।

ଏତଦ୍ୱାରା ଅନୁରୋଧ କରାଯାଉଛି ଯେ, ଯୌନ ଅପରାଧସମୂହରୁ ବାଳୁତଙ୍କୁ ସୁରକ୍ଷା ଆଇନ୍ ୨୦୧୨ର ବ୍ୟବସ୍ଥାବଳୀକୁ ସମସ୍ତ କ୍ଷେତ୍ରୀୟ ଏବଂ ବରିଷ୍ଠ ଅଫିସରଙ୍କ ଭିତରେ ପ୍ରସାରଣ କରାଯିବା ଆବଶ୍ୟକ, ଯାହା ଫଳରେ ସେମାନେ ପୋଲିସ୍ ନିକଟରେ ରିପୋର୍ଟ ହେଉଥିବା ପ୍ରତି ବାଳୁତ ବିରୋଧୀ ଅପରାଧ କ୍ଷେତ୍ରରେ ଆଇନ୍‌ର ବ୍ୟବସ୍ଥାବଳୀକୁ ପ୍ରୟୋଗ ପାଇଁ ଅନୁପ୍ରେରିତ ହୋଇପାରିବେ । ଏତଦ୍ୱାରା ପୁଣି ମଧ୍ୟ ଅନୁରୋଧ କରାଯାଉଛି ଯେ, ଏହି ଆଇନ୍‌ର ବ୍ୟବସ୍ଥାବଳୀ ସଂବନ୍ଧରେ ପୋଲିସ୍ ଅଫିସରମାନଙ୍କୁ ଅଭିପ୍ରେତ କରିବା ପାଇଁ ରେଞ୍ଜ୍ ବା ଜିଲ୍ଲା ସ୍ତରରେ ଉପଯୁକ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉ ।

ସମନ୍ୱିତ ମାନବ-ଚାଲାଣ ବିରୋଧୀ ୟୁନିଟ୍ (Anti-Human Trafficking Units)ଗୁଡ଼ିକର କର୍ମଚାରୀଗଣ ଏହି ଆଇନ୍ ଅଧୀନସ୍ଥ କେଶ୍‌ଗୁଡ଼ିକ ସଂବନ୍ଧରେ ସୂଚନା ସଂଗ୍ରହ ତଥା ଅନୁସନ୍ଧାନ ପ୍ରକ୍ରିୟାରେ ଘନିଷ୍ଠ ଭାବେ ଜଡ଼ିତ ହେବା ଉଚିତ୍ ।

ସ୍ୱାକ୍ଷର/ ବି.କେ. ଶର୍ମା,

ଏଡିଜି/ ସିଆଇଡି- ସିବି, ଓଡ଼ିଶା

***(ସୂତ୍ର- ପୃଷ୍ଠା/ ୫୧-୫୪, Compndium on Crime Aganst Women, by CID, Crime Branch, Odisha)***

## ମହିଳାମାନଙ୍କ ବିରୁଦ୍ଧରେ ଘଟିତ ଅପରାଧଗୁଡ଼ିକ ଉପରେ ଗ୍ରହଣୀୟ କାର୍ଯ୍ୟଧାରା ଉପରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସମ୍ବୋଧିତ ବୈଠକ ତା ୯.୧.୨୦୧୩ର ବିବରଣୀ

ମହିଳାମାନଙ୍କ ବିରୁଦ୍ଧରେ ଘଟିତ ଅପରାଧଗୁଡ଼ିକ ଉପରେ କେଉଁ କାର୍ଯ୍ୟଧାରା ଗ୍ରହଣ କରାଯିବ, ତତ୍ ସଂପର୍କୀତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିବା ପାଇଁ ତା ୯.୧.୨୦୧୩ରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଏକ ବୈଠକକୁ ସମ୍ବୋଧିତ କରିଥିଲେ । ଏହି ବୈଠକରେ ଉପସ୍ଥିତ ଥିବା ସଦସ୍ୟମାନଙ୍କର ତାଲିକା ସଂଶ୍ଲିଷ୍ଟ ନଥି-୧ରେ ସ୍ଥାନିତ ହୋଇଛି । ସବିଶେଷ ଆଲୋଚନା ପରେ ନିମ୍ନୋକ୍ତ ନିଷ୍ପତ୍ତିମାନ ଗୃହୀତ ହୋଇଛି ।

୧. ମହିଳାମାନଙ୍କ ବିରୁଦ୍ଧରେ ଅପରାଧର ଅଭିଯୋଗ ମିଳିବା ମାତ୍ରେ ଏହା ଉପରେ ଏତଲା (ଏଫ୍‌ଆଇଆର୍) ତୁରନ୍ତ ପଂଜିକରଣ ହେବ । ପୀଡିତା ରାଜ୍ୟର ଯେ କୌଣସି ପୋଲିସ୍ ଥାନାରେ ଏଫ୍‌ଆଇଆର୍ ଦରଜ କରିପାରିବେ । ଏଫ୍‌ଆଇଆର୍ ମିଳିବା ପରେ ତାହାକୁ ଅନୁସନ୍ଧାନ ପାଇଁ ସଂପୃକ୍ତ ପୋଲିସ୍ ଥାନାକୁ ସ୍ଥାନାନ୍ତର କରି ଦିଆଯିବ ।

୨. ଧର୍ଷଣ, ବଳାତ୍କାର ଇତ୍ୟାଦି ଜଡ଼ିତ ଅପରାଧଗୁଡ଼ିକୁ ତୁରନ୍ତ ଅନୁସନ୍ଧାନ କରାଯିବ ଏବଂ ୬୦ ଦିନ ଭିତରେ କୋର୍ଟରେ ଅଭିଯୋଗପତ୍ର (ଚାର୍ଯ୍ୟସିଟ୍) ଦାଖଲ ହେବ ।

୩. ପ୍ରତି ଜିଲ୍ଲାରେ ପୋଲିସ୍ ତତ୍ତ୍ୱାବଧାରକ (ଏସ୍‌ପି)/ ଉପ-ତତ୍ତ୍ୱାବଧାରକ (ଡିଏସ୍‌ପି)ଙ୍କ ଅଫିସ୍‌ରେ ଗୋଟିଏ ଲେଖାଁ ମହିଳା ସେଲ୍ ଗଠିତ ହେବ । ଏହି ସେଲ୍ ମହିଳାମାନଙ୍କ ବିରୁଦ୍ଧରେ ଘଟୁଥିବା ସମସ୍ତ ଅପରାଧର କେଶ୍‌ଗୁଡ଼ିକୁ ତଦାରଖ କରିବ ।

୪. ସମସ୍ତ ୫୩୭ଟି ପୋଲିସ୍ ଥାନାରେ ଥିବା ମହିଳା ଓ ଶିଶୁ ଡେସ୍କକୁ କ୍ରିୟାଶୀଳ କରାଯିବ । ଏହି ଡେସ୍କରେ ଥିବା କର୍ମଚାରୀଙ୍କ ଭିତରୁ ଅନ୍ତତଃ ଜଣେ ମହିଳା ହୋଇଥିବେ । ପ୍ରତି ଥାନାର ମହିଳା ଓ ଶିଶୁ ଡେସ୍କ ଜଣେ ସବ୍-ଇନସ୍ପେକ୍ଟରଙ୍କ ଦ୍ୱାରା ପରିଚାଳିତ ହେବ । ଏହି ଉଦ୍ଦେଶ୍ୟରେ ୫୩୭ଟି ନୂଆ ସବ୍-ଇନସ୍ପେକ୍ଟର ପଦବୀ ସୃଷ୍ଟି କରାଯିବ ।

୫. ମହିଳାମାନଙ୍କ ବିରୁଦ୍ଧରେ ଅପରାଧ କେଶ୍‌ଗୁଡ଼ିକୁ ଦ୍ରୁତ ଗତି (ଫାଷ୍ଟ ଟ୍ରାକ୍)ରେ ବିଚାର କରିବା ପାଇଁ ଜିଲ୍ଲା ଏବଂ ଦୌରା ଜଜ୍‌ଙ୍କୁ ନିର୍ଦ୍ଦେଶ ଦେବା ସକାଶେ ମାନ୍ୟବର ହାଇକୋର୍ଟଙ୍କୁ ଅନୁରୋଧ କରାଯିବ । ଏପ୍ରକାର କେଶ୍‌ଗୁଡ଼ିକର ବିଚାର ପାଇଁ ପ୍ରତି ଜିଲ୍ଲାରେ ଅନ୍ତତଃ ଗୋଟିଏ କୋର୍ଟ କାର୍ଯ୍ୟ କରିବ । ଏହି କୋର୍ଟଗୁଡ଼ିକ ଧର୍ଷଣ, ଧର୍ଷଣ ଓ ହତ୍ୟା, ଯୌତୁକ ସଂପର୍କୀତ ଅପରାଧ ଇତ୍ୟାଦି କେଶ୍‌ଗୁଡ଼ିକ ଉପରେ କାର୍ଯ୍ୟ କରିବ । ନିଜର ଦାୟିତ୍ୱବୋଝର ସୀମା ଭିତରେ ରହି ଏହି କୋର୍ଟଗୁଡ଼ିକ ଅନ୍ୟାନ୍ୟ କେଶ୍‌ଗୁଡ଼ିକ ଉପରେ କାର୍ଯ୍ୟ କରିପାରିବ ।

୬. ମହିଳାମାନଙ୍କ ବିରୁଦ୍ଧରେ ଘଟୁଥିବା ମର୍ମନ୍ତୁଦ ଅପରାଧଗୁଡ଼ିକ ପ୍ରରିପ୍ରେକ୍ଷୀରେ ସଂପୃକ୍ତ କେଶ୍‌ର ମର୍ମନ୍ତୁଦତାକୁ ଭିତ୍ତି କରି ପୋଲିସ୍ ଡିଜି ସ୍ୱତନ୍ତ୍ର ସରକାରୀ ଅଭିଯୋଜକ (ସ୍ପେସିଆଲ୍ ପବ୍ଲିକ୍ ପ୍ରସିକ୍ୟୁଟର୍) ନିୟୋଜନ କରିପାରନ୍ତି । ରାଜ୍ୟ ଫରେନ୍ସିକ ସାଇନ୍ସ ଲାବୋରେଟରିଜ୍, ଆଞ୍ଚଳିକ ଫରେନ୍ସିକ ସାଇନ୍ସ ଲାବୋରେଟରିଜ୍ ଏବଂ ଜିଲ୍ଲା ଫରେନ୍ସିକ ସାଇନ୍ସ ଲାବୋରେଟରିଜ୍‌କୁ ଶକ୍ତିଶାଳୀ କରାଯିବ । ଅତିରିକ୍ତ ପଦବୀ ସୃଷ୍ଟି କରାଯିବ ଏବଂ ବକେୟା

କେଶ୍‌ଗୁଡିକର ଫଇସଲା ପାଇଁ କେତେକ ଅସ୍ଥାୟୀ ପଦବୀ ସୃଷ୍ଟି କରାଯିବ ।

୭. ବିଶେ କରି ସହରାଞ୍ଚଳରେ ପୋଲିସ୍ ପେଟ୍ରୋଲିଂ ବୃଦ୍ଧି କରାଯିବ । ଏହି ଉଦ୍ଦେଶ୍ୟରେ ପିସିଆର୍ ଭ୍ୟାନ୍ ଏବଂ ମୋଟର୍ ସାଇକେଲ୍‌ଗୁଡିକୁ ବିନିଯୋଗ କରାଯିବ ।

୮. ମହିଳା ଏବଂ ବାଳୁତମାନଙ୍କ ବିରୁଦ୍ଧରେ ଘଟୁଥିବା ଅପରାଧ ସଂପର୍କୀତ ଅଭିଯୋଗ ଗ୍ରହଣ ପାଇଁ ଏକ ଉତ୍ସର୍ଗୀକୃତ ହେଲପ୍‌ଲାଇନ୍ ପ୍ରତିଷ୍ଠା କରାଯିବ ।

୯. ନୂତନ ପଦବୀମାନ ସୃଷ୍ଟି କରାଯାଇ ସମନ୍ୱିତ ମାନବ-ଚାଲାଣ ପ୍ରତିରୋଧ ୟୁନିଟ୍‌ଗୁଡିକୁ ଶକ୍ତିଶାଳୀ କରାଯିବ । ମହିଳା ଓ ବାଳୁତମାନଙ୍କୁ ସହାୟତା ପ୍ରଦାନ ଉଦ୍ଦେଶ୍ୟରେ ସୁରକ୍ଷା ଅଧିକାରୀ ଭାବେ କାର୍ଯ୍ୟ କରିବା ପାଇଁ ପ୍ରତି ଜିଲ୍ଲାରେ ଗୋଟିଏ ଅତିରିକ୍ତ ଡିଏସ୍‌ପିଡବ୍ଲ୍ୟୁ ପଦବୀ ସୃଷ୍ଟି କରାଯିବ । ଜିଲ୍ଲା ପୋଲିସ୍ ଅଫିସ୍‌ରେ ଥିବା ମହିଳା ସେଲ୍ ସହିତ ସେମାନେ ସଂଯୁକ୍ତ ରହିବେ ।

ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଅର୍ପଣ ବୈଠକ ସମାପିତ ହୋଇଥିଲା ।

**ସ୍ୱା- ପ୍ରମୁଖ ସଚିବ, ଗୃହ ବିଭାଗ**

***(ସୂତ୍ର- ପୃଷ୍ଠା ୪୧-୪୨, Compndium on Crime Aganst Women, by CID, Crime Branch, Odisha)***

## ମହିଳାମାନଙ୍କ ବିରୁଦ୍ଧରେ ଘଟିତ ଅପରାଧଗୁଡିକ ଉପରେ ସଂପାଦିତ କାର୍ଯ୍ୟାନୁଷ୍ଠାନର ସମୀକ୍ଷା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସମ୍ବୋଧିତ ବୈଠକ ତା ୨୨.୫.୨୦୧୩ର ବିବରଣୀ

ମହିଳାମାନଙ୍କ ବିରୁଦ୍ଧରେ ଘଟିତ ଅପରାଧଗୁଡିକ କ୍ଷେତ୍ରରେ ସଂପାଦିତ କାର୍ଯ୍ୟାନୁଷ୍ଠାନର ସମୀକ୍ଷା ପାଇଁ ତା ୯.୧.୨୦୧୩ରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଏକ ବୈଠକକୁ ସମ୍ବୋଧିତ କରିଥିଲେ । ଏହି ବୈଠକରେ ଉପସ୍ଥିତ ଥିବା ସଦସ୍ୟମାନଙ୍କର ତାଲିକା ସଂଶ୍ଲିଷ୍ଟ ନଥି-୧ରେ ସ୍ଥାନିତ ହୋଇଛି ।

୧. ଏହା ପୂର୍ବରୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ତା ୯.୧.୨୦୧୩ରେ ସଂବୋଧିତ ହୋଇଥିବା ଏକ ବୈଠକରେ ମହିଳାମାନଙ୍କ ବିରୁଦ୍ଧରେ ଘଟୁଥିବା ଅପରାଧଗୁଡିକ ସଂକ୍ରାନ୍ତୀୟ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା । ଉକ୍ତ ବୈଠକରେ ଗୃହୀତ ନିଷ୍ପତ୍ତିଗୁଡିକ ଉପରେ ସଂପାଦିତ କାର୍ଯ୍ୟାନୁଷ୍ଠାନ ଉପରେ ପ୍ରଥମେ ସମୀକ୍ଷା କରାଯାଇଥିଲା । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ବିଭିନ୍ନ ବିଷୟରେ ନିମ୍ନମତେ ଅବଗତ କରାଯାଇଥିଲା ।

୧.୧ ମହିଳାମାନଙ୍କ ବିରୁଦ୍ଧରେ ଘଟିତ ଅପରାଧଗୁଡିକ ଉପରେ ଅଭିଯୋଗଗୁଡକୁ ତୁରନ୍ତ ପଂଜୀକରଣ ପାଇଁ ନିର୍ଦ୍ଦେଶାବଳୀ ଇସୁ କରାଯାଇଛି । ରାଜ୍ୟ ଭିତରେ ଥିବା ଯେ କୌଣସି ପୋଲିସ୍ ଥାନାରେ ସଂପୃକ୍ତ ପୀଡିତା ଏଫ୍‌ଆଇଆର୍ ଦାଏର୍ କରିପାରିବେ । ଏଫ୍‌ଆଇଆର୍ ମିଳିବା ପରେ ତାହାକୁ ଅନୁସନ୍ଧାନ ପାଇଁ ସଂପୃକ୍ତ ପୋଲିସ୍ ଥାନାକୁ ସ୍ଥାନାନ୍ତର କରି ଦିଆଯିବ । ୨୦୧୨ର ସମଗ୍ର ବର୍ଷ ଭିତରେ ମୋଟ ୧୪୫୮ଟି କେଶ୍ ପଞ୍ଜୀକରଣ ହୋଇଥିବା ବେଳେ ୨୦୧୩ବର୍ଷର ପ୍ରଥମ ୪ମାସ ଭିତରେ ୫୫୧ଟି ଧର୍ଷଣ କେଶ୍ ରଜୁ ହୋଇସାରିଛି । ମୁକ୍ତ ଓ ତୁରନ୍ତ ପଞ୍ଜୀକରଣ ବ୍ୟବସ୍ଥା ଫଳରେ କେଶ୍ ପଞ୍ଜୀକରଣ କ୍ଷେତ୍ରରେ ଶତକଡା ୧୩ ବୃଦ୍ଧି ଘଟିପାରିଛି । ଏହା ସ୍ଥିର ହୋଇଥିଲା ଯେ, ମହିଳାମାନଙ୍କ ବିରୁଦ୍ଧରେ ଘଟିତ ଅପରାଧ ସଂକ୍ରାନ୍ତୀୟ କେଶ୍ ଗୁଡିକୁ ତ୍ୱରାନ୍ୱିତ ଭାବେ ଅନୁସନ୍ଧାନ କରାଯିବ ଏବଂ ୬୦ଦିନ ଭିତରେ ଚାର୍ଯ୍ୟସିଟ୍ ଦାଖଲ କରାଯିବ । ତା ୧.୧.୨୦୧୩ରୁ ତା ୩୦.୪.୨୦୧୩ ଭିତରେ ପଂଜୀକୃତ ହୋଇଥିବା ୫୫୧ଟି ଧର୍ଷଣ କେଶ୍ ଭିତରୁ ୬୨ଟି କେଶ୍‌ର ଚାର୍ଯ୍ୟସିଟ୍ ୬୦ଦିନ ଭିତରେ ଦାଖଲ ହୋଇପାରିଛି । ସେହିପରି ଉକ୍ତ ସମୟ ଅବଧି ଭିତରେ ପଂଜୀକୃତ ହୋଇଥିବା ୧୫୬୩ଟି ବଳାତ୍କାର କେଶ୍ ଭିତରୁ ୫୯୦ଟି କେଶ୍‌ର ଚାର୍ଯ୍ୟସିଟ୍ ୬୦ଦିନ ଭିତରେ ଦାଖଲ ହୋଇପାରିଛି ।

୧.୨ ବାରିପଦା ଟାଉନ୍ ପୋଲିସ୍ ଥାନା ଇଲାକାରେ ଘଟିଥିବା ଏକ ଗଣଧର୍ଷଣ କେଶ୍‌ର ସମସ୍ତ ୬ଜଣ ଅପରାଧୀ ଗିରଫ ହେବାର ୧୦ଦିନ ପରେ ଚାର୍ଯ୍ୟସିଟ୍ ଦାଖଲ ହୋଇଥିଲା । ସେହିପରି ବରଗଡ ଜିଲ୍ଲାର ଭେଡେନ୍ ପୋଲିସ୍ ଥାନାର କେଶ୍ ନମ୍ବର ୧୫/୨୦୧୩, ଯାହାକି ଏକ ନାବାଳିକାକୁ ଧର୍ଷଣ ଉପରେ ରଜୁ ହୋଇଥିଲା, ତହିଁର ଚାର୍ଯ୍ୟସିଟ୍ ୬ ଦିନ ଭିତରେ ଦାଖଲ ହୋଇଥିଲା ।

୧.୩ ମୋଟ ୫୩୭ଟି ପୋଲିସ୍ ଥାନା ଭିତରୁ ୫୨୯ଟିରେ ମହିଳା ଓ ଶିଶୁ ଡେସ୍କ ଗଠିତ ହୋଇସାରିଛି । ୫ଟି ପୋଲିସ୍ ଥାନା, ଯଥା କଟକର ୟୁପିଡିରେ ସିଡିଏ ଫେଜ୍-୨ ଏବଂ ସିଆର୍‌ଆର୍‌ଆଇ, ଭୁବନେଶ୍ୱର ୟୁପିଡିରେ ଉତ୍ତରା ଏବଂ ଏୟାରପୋର୍ଟ ଏବଂ ରାୟଗଡା ଜିଲ୍ଲାରେ ଅଣ୍ଡରାକାଞ୍ଚରେ ଏପର୍ଯ୍ୟନ୍ତ ତାହା କ୍ରିୟାଶୀଳ

ହୋଇପାରିନାହିଁ । କେତେକ ସ୍ଥାନରେ ପୋଲିସ୍ ଥାନା ପାଇଁ ସ୍ଥାୟୀ ଗୃହ ଉପଲବ୍ଧ ହୋଇପାରିନାହିଁ, ଯଥା ପେପରମେଟ୍‌ଲା, କୋଡାମ୍ବ ଏବଂ ପଦିଆ । ୫୩୭ଟି ନୂଆ ସବ୍‌ଇନ୍‌ସ୍ପେକ୍ଟର୍ ପଦବୀ ସୃଷ୍ଟି ପାଇଁ ପ୍ରୟାସ ଜାରି ରହିଛି । ଅର୍ଥବିଭାଗର ସହମତି ମିଳିବା ପରେ ତାହାକୁ ମଞ୍ଜୁରି ଦିଆଯିବ । ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ଜଣାଇଲେ ଯେ, ଏଥିପାଇଁ ଅର୍ଥ ବିଭାଗର ସହମତି ଶୀଘ୍ର ମିଳିଯିବ ।

୧.୪ ସମସ୍ତ ଜିଲ୍ଲା ପୋଲିସ୍ ଅଫିସ୍‌ଗୁଡିକରେ ମହିଳା ସେଲ୍ ଗଠିତ ହୋଇସାରିଛି । ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା ଜିଲ୍ଲା ମହିଳା ସେଲ୍ ସହିତ ଜିଲ୍ଲା ସୁରକ୍ଷା ଅଫିସର୍ ସଂଯୁକ୍ତ ହୋଇସାରିଛନ୍ତି, ଦ୍ରଷ୍ଟବ୍ୟ ବିଭାଗୀୟ ଚିଠି ନମ୍ବର ୭୬୯୧ ତା ୫.୪.୨୦୧୩ ।

୧.୫ ନୂଆ ୩୪ଟି ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ କୋର୍ଟ ସୃଷ୍ଟି କରାହୋଇଛି, ଯାହା ଫଳରେ ପ୍ରତି ଜିଲ୍ଲା ପାଇଁ ଅନ୍ୟୁନ ଗୋଟିଏ କୋର୍ଟ ଉପଲବ୍ଧ ହୋଇପାରୁଛି । ମହିଳାମାନଙ୍କ ବିରୁଦ୍ଧରେ ଘଟିତ ଅପରାଧ କେଶଗୁଡିକର ତ୍ୱରାନ୍ୱିତ ବିଚାରଣା ପାଇଁ ପ୍ରତି ଜିଲ୍ଲାରେ ଅନ୍ତତଃ ଗୋଟିଏ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍‌ଙ୍କ କୋର୍ଟକୁ ଚିହ୍ନଟ କରିବା ପାଇଁ ମାନ୍ୟବର ହାଇକୋର୍ଟଙ୍କୁ ଅନୁରୋଧ କରାଯାଇଛି । ଏହା ଭିତରେ ମାନ୍ୟବର ହାଇକୋର୍ଟ ୩୦ଟି ଜିଲ୍ଲାର ସିଭିଲ୍ କୋର୍ଟ ଗୁଡିକର ସମସ୍ତ ରେଜିଷ୍ଟ୍ରାର୍‌ମାନଙ୍କୁ ମହିଳାମାନଙ୍କ ବିରୁଦ୍ଧରେ ଘଟିତ ଅପରାଧଗୁଡିକୁ ଫାଷ୍ଟ-ଟ୍ରାକ୍ ଭିତ୍ତିରେ ବିଚାର କରିବା ପାଇଁ ସହକାରୀ ଦୌରା ଜଜ୍ ଭାବେ କାର୍ଯ୍ୟ କରିବା ପାଇଁ କର୍ତ୍ତୃତ୍ୱ ପ୍ରଦାନ କରିସାରିଛନ୍ତି । ପୁଣି ମଧ୍ୟ ମହିଳାମାନଙ୍କ ବିରୁଦ୍ଧରେ ଘଟିତ ଅପରାଧଗୁଡିକୁ ବିଚାର କରିବା ପାଇଁ ପ୍ରତି ଜିଲ୍ଲାରେ ଗୋଟିଏ କରି ଜେଏମ୍‌ଏଫସି (ଜୁଡିସିଆଲ୍ ମାଜିଷ୍ଟ୍ରେଟ୍ ଫାଷ୍ଟ କ୍ଲାସ୍)ଙ୍କ କୋର୍ଟକୁ ଚିହ୍ନିତ କରିବା ସକାଶେ ମାନ୍ୟବର ହାଇକୋର୍ଟଙ୍କୁ ଅନୁରୋଧ କରାହୋଇଛି । ଏହି କୋର୍ଟଗୁଡିକ ସେମାନଙ୍କର ବଳକା ସମୟରେ ଅନ୍ୟାନ୍ୟ କେଶଗୁଡିକୁ ବିଚାର କରିପାରନ୍ତି ।

୧.୬ ସରକାରୀ ଅଭିଯୋଜକମାନଙ୍କର ସ୍ଥାୟୀ କାଡର୍ ବ୍ୟବସ୍ଥାକୁ ମଜବୁତ୍ କରିବା ପାଇଁ ପଦକ୍ଷେପମାନ ନିଆସରିଛି । ୧୧ ଜଣ ସରକାରୀ ଅଭିଯୋଜକ, ୨୬ଜଣ ଅତିରିକ୍ତ ସରକାରୀ ଅଭିଯୋଜକ ଏବଂ ୨୦୭ଜଣ ସହକାରୀ ସରକାରୀ ଅଭିଯୋଜକ ମାନଙ୍କୁ ନିଯୁକ୍ତି ଦେବା ପାଇଁ ଓଡିଶା ପବ୍ଲିକ୍ ସର୍ଭିସ୍ କମିଶନଙ୍କୁ ଅନୁରୋଧ କରାଯାଇଛି ।

୧.୭ ରାଜ୍ୟ ଫରେନ୍ସିକ ସାଇନ୍‌ସ ଲାବୋରେଟରିକୁ ଅଧିକ ମଜବୁତ୍ କରିବା ପାଇଁ ପଦକ୍ଷେପମାନ ନିଆଯିବା ଆରମ୍ଭ ହୋଇଛି । ଆଞ୍ଚଳିକ ଫରେନ୍ସିକ ସାଇନ୍‌ସ ଲାବୋରେଟରି ଗୁଡିକ ମଜବୁତ୍ ହୋଇସାରିଛି । ୨୧ଟି ନୂଆ ଜିଲ୍ଲା ଏଫ୍.ଏସ୍.ଏଲ୍. ଖୋଲାଯିବା ପାଇଁ ମଞ୍ଜୁରି ମିଳିସାରିଛି । ଏହା କାର୍ଯ୍ୟକାରୀ ହେବା ପରେ ମୋଟ ୩୬ଟି ପୋଲିସ୍ ଜିଲ୍ଲାରେ ପ୍ରତି ଜିଲ୍ଲା ପାଇଁ ଗୋଟିଏ ଲେଖାଁ ଏଫ୍.ଏସ୍.ଏଲ୍. ଉପଲବ୍ଧ ହୋଇପାରିବ । ରାଜ୍ୟ, ଆଞ୍ଚଳିକ ଓ ଜିଲ୍ଲା ଏଫ୍.ଏସ୍.ଏଲ୍. ଗୁଡିକୁ ମଜବୁତ୍ କରିବା ପାଇଁ ୧୦୮ଟି ନୂତନ ପଦବୀ ସୃଷ୍ଟି କରାଯାଇଛି । ଏହାଛଡା, ନମୂନା ପରୀକ୍ଷା କ୍ଷେତ୍ରରେ ବକେୟା ସଂପାଦନକୁ ଦୃଷ୍ଟିରେ ରଖି ୧୧୦ଟି ଅସ୍ଥାୟୀ ପଦବୀ ସୃଷ୍ଟି କରାଯାଇଛି ।

୧.୮ ମହିଳାମାନଙ୍କ ବିରୁଦ୍ଧରେ ଘଟିତ ଅପରାଧ ସଂବନ୍ଧରେ ଅଭିଯୋଗ ଦାଏର୍ ପାଇଁ ନିଶୁଳ୍କ ନମ୍ବର ୧୦୯୧ ପ୍ରତିଷ୍ଠା କରାଯାଇଛି । ବର୍ତ୍ତମାନ ମୋଟ ୬ଟି ମହିଳା ପୋଲିସ୍ ଥାନାରେ ଏହି ସଂବନ୍ଧୀତ କଲ୍‌ଗୁଡିକୁ ଗ୍ରହଣ କରାଯାଇପାରୁଛି ।

୨.୧ ଷାଠିଏ ଦିନ ଭିତରେ ତ୍ୱରାନ୍ୱିତ ଅନୁସନ୍ଧାନ ଓ ଚାର୍ଯ୍ୟସିଟ୍ ଦାଖଲ ପାଇଁ ପଦକ୍ଷେପମାନ ନଆସରିଛି । କେବଳ ଅସାଧାରଣ ସ୍ଥିତିରେ, ଯେଉଁଠି ଷାଠିଏ ଦିନ ଭିତରେ ଚାର୍ଯ୍ୟସିଟ୍ ଦାଖଲ କରିବା ସମ୍ଭବ ନୁହେଁ ସେପରି ସ୍ଥଳେ ସଂପୃକ୍ତ ଆଇଆଇସି ଏକ ନିର୍ଦ୍ଦିଷ୍ଟ ଅବଧି ପାଇଁ ସମୟସୀମା ବୃଦ୍ଧି କରିବା ସପକ୍ଷରେ ସବିଶେଷ ଯୌକ୍ତିକତା ଦର୍ଶାଇ ଏସ୍‌ପିଙ୍କ ନିକଟକୁ ଏକ ପ୍ରସ୍ତାବ ପଠାଇବେ ଏବଂ ଏସ୍‌ପି ଏ ପ୍ରକାର ଅନୁରୋଧକୁ ବିଚାର କରିପାରନ୍ତି ଏବଂ ଲିଖିତ କାରଣମାନ ଦର୍ଶାଇ ଅତିରିକ୍ତ ସମୟ ଅବଧି ମଞ୍ଜୁର କରିପାରନ୍ତି

୨.୨ ସ୍ପର୍ଶକାତର କେଶ୍‌ଗୁଡିକରେ ସ୍ୱତନ୍ତ୍ର ସରକାରୀ ଓକିଲମାନଙ୍କୁ ସାଧାରଣ ସର୍ତ୍ତାବଳୀ ଭିତ୍ତିରେ ନିଯୋଜନ କରିବା ପାଇଁ ରାଜ୍ୟ ପୋଲିସ୍ ମୁଖ୍ୟାଳୟ ପୋଲିସ୍ ଡିଜିଙ୍କୁ କର୍ତ୍ତୃତ୍ୱ ଅର୍ପଣ ପାଇଁ ଏକ ପ୍ରସ୍ତାବ ରଖିବେ ଏବଂ ଏପ୍ରକାର କର୍ତ୍ତୃତ୍ୱ ଅର୍ପଣ ଆଇନ୍ ବିଭାଗ ସହ ପରାମର୍ଶ କ୍ରମେ ସଂପାଦିତ ହେବ ।

୨.୩ ସ୍ପର୍ଶକାତର କେଶ୍‌ଗୁଡିକରେ ମହିଳା ସ୍ୱତନ୍ତ୍ର ସରକାରୀ ଓକିଲମାନଙ୍କୁ ନିଯୋଜିତ କରିବାର ସମ୍ଭାବନା ଦିଗରେ ପ୍ରଚେଷ୍ଟା କରାଯାଇପାରେ ।

୨.୪ ପରିଦର୍ଶନ କାର୍ଯ୍ୟ ସଂପାଦନ ପାଇଁ ପ୍ରତି ଜିଲ୍ଲା ମହିଳା ସେଲ୍‌କୁ ଗୋଟିଏ ଲେଖାଁ ଗାଡି ଯୋଗାଇ ଦିଆଯିବ ।

୨.୫ ସମନ୍ୱିତ ମାନବ-ଚାଲାଣ ପ୍ରତିରୋଧ ୟୁନିଟ୍‌ଗୁଡ଼ିକ ପାଇଁ ସ୍ୱତନ୍ତ୍ର କର୍ମଚାରୀ ବାହିନୀ ସୃଷ୍ଟି କରାଯିବ । ଏହି ସଂକ୍ରାନ୍ତରେ ଅର୍ଥ ବିଭାଗ ତରଫରୁ ଲୋଡ଼ା ଯାଇଥିବା ସୂଚନାବଳୀ ଜିଲ୍ଲା ପୋଲିସ୍ ମୁଖ୍ୟାଳୟଗୁଡ଼ିକରୁ ସଂଗ୍ରହ କରାଯିବ ଏବଂ ତୁରନ୍ତ ଦାଖଲ କରାଯିବ ।

୨.୬ ମହିଳାମାନଙ୍କ ବିରୁଦ୍ଧରେ ଘଟିତ ଅପରାଧଗୁଡ଼ିକର ଫାଷ୍ଟ-ଟ୍ରାକ୍ ଭିତ୍ତିକ ବିଚାର ପାଇଁ ପ୍ରତି ଜିଲ୍ଲାରେ ଗୋଟିଏ ଅତିରିକ୍ତ ଏବଂ ଜିଲ୍ଲା ଦୌରା ଜଜ୍ କୋର୍ଟ, ଗୋଟିଏ ସହକାରୀ ଦୌରା ଜଜ୍ କୋର୍ଟ ଏବଂ ଗୋଟିଏ ଜୁଡ଼ିସିଆଲ୍ ମାଜିଷ୍ଟ୍ରେଟ୍ ଫାଷ୍ଟ କ୍ଲାସ୍ କୋର୍ଟକୁ ଚିହ୍ନଟ କରାଯିବା ସଂବନ୍ଧରେ ମାନ୍ୟବର ହାଇକୋର୍ଟଙ୍କ ସହ ବିଚାରବିମର୍ଷ କରାଯିବ ।

୨.୭ ଯେଉଁସବୁ ସର୍ବସାଧାରଣ ସ୍ଥାନରେ ବହୁସଂଖ୍ୟକ ଲୋକ ଆତଯାତ କରିଥାନ୍ତି, ଯଥା ମଲ୍, ସିନେମା ହଲ୍, ମଲ୍ଟିପ୍ଲେକ୍ସ, ବଡ଼ବଡ଼ ବିପଣନ କେନ୍ଦ୍ର, ବସ୍ ଷ୍ଟାଣ୍ଡ ଏବଂ ସିଟି ବସ୍ ଗୁଡ଼ିକରେ ସିସିଟିଭି ବ୍ୟବସ୍ଥାକୁ ବାଧ୍ୟତାମୂଳକ କରାଯାଇପାରେ ।

ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଅର୍ପଣ ପରେ ବୈଠକ ସମାପିତ ହୋଇଥିଲା ।

**ପ୍ରମୁଖ ସଚିବ, ଗୃହ ବିଭାଗ**

***(ସୂତ୍ର- ପୃଷ୍ଠା ୪୫-୪୮, Compndium on Crime Aganst Women, by CID, Crime Branch, Odisha)***

## ମହିଳାମାନଙ୍କ ବିରୁଦ୍ଧରେ ଘଟୁଥିବା ଅପରାଧଗୁଡ଼ିକର ଅନୁସନ୍ଧାନ ପାଇଁ ଆଦର୍ଶ କାର୍ଯ୍ୟପଦ୍ଧତି (Standard Operating Procedure for Investigation into Crime against Women)

ମହିଳାମାନଙ୍କ ବିରୁଦ୍ଧରେ ଅପରାଧ ଉପରେ ଏକ ସଂକଳନ (Compendium on Crime Against Women) ଓଡ଼ିଶା କ୍ରାଇମ୍ ବ୍ରାଞ୍ଚ, ସିଆଇଡି, କଟକ ଦ୍ୱାରା ପ୍ରକାଶିତ ହୋଇଛି । ଏଥିରେ ନିମ୍ନୋକ୍ତ ନଥିମାନ ସ୍ଥାନ ପାଇଛି, ଯଥା-

- ଫୌଜଦାରି ବିଧି (ସଂଶୋଧନ) ଆଇନ୍ ୨୦୧୩
- ତା ୯.୧.୨୦୧୩ରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସଂବୋଧିତ ବୈଠକର ବିବରଣୀ
- ତା ୨୨.୫.୨୦୧୩ରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସଂବୋଧିତ ବୈଠକର ବିବରଣୀ
- ଯୌନ ଅପରାଧସମୂହରୁ ବାଳୁତଙ୍କ ସୁରକ୍ଷା ଆଇନ୍ ୨୦୧୨ ଉପରେ କ୍ରାଇମ୍ ବ୍ରାଞ୍ଚ ସର୍କୁଲାର୍
- ମହିଳାମାନଙ୍କ ବିରୁଦ୍ଧରେ ଘଟିତ ଅପରାଧଗୁଡ଼ିକର ଅନୁସନ୍ଧାନ ପାଇଁ ଆଦର୍ଶ କାର୍ଯ୍ୟପଦ୍ଧତି ଉପରେ ଦୁଇଟି ପୋଲିସ୍ ସର୍କୁଲାର୍ ଅର୍ଡର (ସଂଖ୍ୟା ୩୩୮/୨୦୧୩ ଏବଂ ସଂଖ୍ୟା ୩୪୩ / ୨୦୧୩)

ଏଠାରେ ଉଲ୍ଲେଖନୀୟ ଯେ, ମହିଳାମାନଙ୍କ ବିରୁଦ୍ଧରେ ଘଟୁଥିବା ଅପରାଧଗୁଡ଼ିକର ଅନୁସନ୍ଧାନ ପାଇଁ ଆଦର୍ଶ କାର୍ଯ୍ୟପଦ୍ଧତି ଉପରେ ଓଡ଼ିଶା ପୋଲିସ୍‌ର କ୍ରାଇମ୍ ବ୍ରାଞ୍ଚର ଅପରାଧ ଅନୁସନ୍ଧାନ ବିଭାଗ ତରଫରୁ ସମସ୍ତ ଜିଲ୍ଲା ଏସ୍‌ପି/ କଟକ ଓ ଭୁବନେଶ୍ୱରର ଡିସିପି/ କଟକ ଓ ରାଉରକେଲାର ସୁପରିନ୍‌ଟେଣ୍ଡେଣ୍ଟ ଅଫ୍ ରେଲ୍‌ୱେ ପୋଲିସ୍‌ଙ୍କ ନିକଟକୁ ପୋଲିସ୍ ଡିଜି ଶ୍ରୀ ପ୍ରକାଶ ମିଶ୍ରଙ୍କ ଦ୍ୱାରା ଭିନ୍ନ ଭିନ୍ନ ତାରିଖରେ ଦୁଇଟି ସର୍କୁଲାର୍ ଜାରି କରାଯାଇଛି । ପ୍ରଥମଟି ହେଉଛି ପୋଲିସ୍ ସର୍କୁଲାର୍ ଅର୍ଡର୍ ନମ୍ବର ୩୩୮/୨୦୧୩ ତା ୩୦.୫.୨୦୧୩ ଏବଂ ଦ୍ୱିତୀୟଟି ହେଉଛି ପୋଲିସ୍ ସର୍କୁଲାର୍ ଅର୍ଡର୍ ନମ୍ବର ୩୪୩/୨୦୧୩ ତା ୩୦.୬.୨୦୧୩ । ଏଠାରେ ଉଲ୍ଲେଖନୀୟ ଯେ, ୧ମ ସର୍କୁଲାରଟି ଫୌଜଦାରି ବିଧି ସଂଶୋଧନ ଅର୍ଡିନାନ୍ସ ୨୦୧୩କୁ ଆଧାର କରି ପ୍ରସାରିତ ହୋଇଥିଲା, ଏବଂ ସେହି କାରଣରୁ ସେଥିରେ ଅର୍ଡିନାନ୍ସର ପରିଭାଷା ଅନୁଯାୟୀ 'ଧର୍ଷଣ' (Rape) ପରିବର୍ତ୍ତେ 'ଯୌନ ଆକ୍ରମଣ' (Sexual Assault) ଅଭିବ୍ୟକ୍ତି ବ୍ୟବହୃତ ହୋଇଥିଲା ଏବଂ ତାହା ପୁଣି ଲିଙ୍ଗ ନିରପେକ୍ଷ ଅର୍ଥରେ । ଏଠାରେ ଉଲ୍ଲେଖନୀୟ ଯେ, ଉକ୍ତ ଅର୍ଡିନାନ୍ସ ଉପରେ ସଂସଦରେ ବିତର୍କ ହୋଇ ଆଇନ୍‌ରେ ପରିଣତ ହେଲାବେଳେ ପୁଣି 'ଧର୍ଷଣ' ଶବ୍ଦ ଏବଂ ତାହା ସହିତ ସାଧାରଣତଃ କେବଳ ମହିଳାଙ୍କ ବିରୁଦ୍ଧରେ ପୁରୁଷଙ୍କ ଦ୍ୱାରା ଯୌନ ଅପରାଧ ଘଟିପାରେ ବୋଲି ପୂର୍ବ ପ୍ରଚଳିତ କାନୁନୀ ଧାରଣା ପୁନଃ ସ୍ଥାପିତ ହେଲା । ତେଣୁ ଏଠାରେ ୨ୟ ସର୍କୁଲାର୍‌ର ବିଷୟବସ୍ତୁର ଅବତାରଣା ଅଧିକ ପ୍ରାସଙ୍ଗିକ ହେବ । କିନ୍ତୁ ୨ୟ ସର୍କୁଲାର୍ ଉପରେ ଧ୍ୟାନନିବେଶ କରିବା ପୂର୍ବରୁ ୧ମ ସର୍କୁଲାର୍‌ରେ ସ୍ଥାପିତ ହୋଇଥିବା କେତେକ ପ୍ରାସଙ୍ଗିକ ବ୍ୟବସ୍ଥା ଉପରେ ଆଲୋକପାତ କରିବା ଆବଶ୍ୟକ ମନେହୁଏ ।

***ପ୍ରଥମ ସର୍କୁଲାର୍ ତା ୩୦.୫.୨୦୧୩***

ଓଡ଼ିଶା ପୋଲିସ୍ ଡିଜି ଶ୍ରୀ ପ୍ରକାଶ ମିଶ୍ରଙ୍କ ଦ୍ୱାରା ସ୍ୱାକ୍ଷରିତ ଏହି ସର୍କୁଲାର୍‌ର ବିଷୟବସ୍ତୁ ହେଉଛି, ମହିଳାମାନଙ୍କ ବିରୁଦ୍ଧରେ ଘଟୁଥିବା

ଅପରାଧଗୁଡିକର ଦ୍ୱରାନ୍ୱିତ ଅନୁସନ୍ଧାନ ଏବଂ ଅଭିଯୋଜନ (Prompt investigation and prosecution of crime against crime) । ଏଥିରେ ପ୍ରଥମେ କୁହାଯାଇଛି ଯେ, ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସଂବୋଧିତ ବୈଠକର ନିଷ୍ପତ୍ତି ଅନୁଯାୟୀ ସମସ୍ତଙ୍କୁ ଅବଗତ କରାଇ ଦିଆଯାଇଛି ଯେ, ମହିଳାମାନଙ୍କ ବିରୁଦ୍ଧରେ ଘଟୁଥିବା ଅପରାଧଗୁଡିକର ଦ୍ୱରାନ୍ୱିତ ଅନୁସନ୍ଧାନ କରାଯିବ ଏବଂ ଷାଠିଏ ଦିନ ଭିତରେ କୋର୍ଟରେ ଚାର୍ଜସିଟ୍ ଦାଖଲ ହେବ । ସାଧାରଣତଃ ମହିଳାମାନଙ୍କ ବିରୁଦ୍ଧରେ ଘଟୁଥିବା ଅପରାଧସମୂହ ଭିତରେ ଯେଉଁସବୁ ଅପରାଧ ଅନ୍ତର୍ଭୁକ୍ତ ହେବ, ସେଗୁଡିକ ହେଲା, ଧର୍ଷଣ (ଯୌନ ଆକ୍ରମଣ), ଅପହରଣ/ହରଣଚାଳ, ବଳାତ୍କାର, ଅଶ୍ଳୀଳ ମନ୍ତବ୍ୟ, ଯୌତୁକ ହତ୍ୟା, ଯୌତୁକ ଆତ୍ମହତ୍ୟା, ଯୌତୁକ ନିର୍ଯ୍ୟାତନା ଓ ଯୌତୁକ ବ୍ୟତିରେକେ ନିର୍ଯ୍ୟାତନା ।

ତା ୩ ଫେବୃଆରି ୨୦୧୩ରୁ ବଳବତ୍ତର ହୋଇଥିବା ଫୌଜଦାରି ବିଧି (ସଂଶୋଧନ) ଆଇନ୍ ୨୦୧୩ ଦ୍ୱାରା ଭାରତୀୟ ଦଣ୍ଡ ସଂହିତାରେ ବ୍ୟାପକ ସଂଶୋଧନ ଘଟିସାରିଛି ଏବଂ ଅନେକ ଗୁଡିଏ ନୂତନ ଅପରାଧର ଅବତାରଣା କରାଯାଇଛି, ଯଥା-

(୧) ଏସିଡ୍ ଆକ୍ରମଣ, ଯାହାକି ଦଫା ୩୨୬ଏ ଅଧୀନରେ ଦଣ୍ଡନୀୟ, କିନ୍ତୁ ଲିଙ୍ଗନିରପେକ୍ଷ,

(୨) ସର୍ବସାଧାରଣରେ ମହିଳାଙ୍କୁ ବିବସ୍ତ୍ର କରିବା, ଯାହାକି ଦଂ। ୩୫୪ବି ଅଧୀନରେ ଦଣ୍ଡନୀୟ

(୩) ଗୋପନ ଦୃଷ୍ଟିଶୃଙ୍ଗାର (Voyeurism), ଯାହାକି ଦଫା ୩୫୪ ଅଧୀନରେ ଦଣ୍ଡନୀୟ

(୪) ଅନୁଧାବନ (Stalking), ଯାହାକି ଦଫା ୩୫୪ଡି ଅଧୀନରେ ଦଣ୍ଡନୀୟ

(୫) ଧର୍ଷଣ ସଂପର୍କୀତ ବିଧିରେ ମଧ୍ୟ ସାମଗ୍ରୀକ ସଂଶୋଧନ ଏବଂ ଦଫା ୩୭୬ଏ, ୩୭୬ବି, ୩୭୬ସି, ୩୭୬ଡି ଓ ୩୭୬ଇ ର ପୁନଃସଂଜ୍ଞାୟନ

ଏକଥା ସତ ଯୌନ ବଳାତ୍କାର, ଯୌତୁକ ମୃତ୍ୟୁ ଏବଂ ମହିଳା ଚାଲାଣ ଭଳି କେତେକ କେଶ୍‌ରେ ୬୦ଦିନ ଭିତରେ ଏକ ସର୍ବାତ୍ମକ ଅନୁସନ୍ଧାନ ସମାପନ କରିବା ସମ୍ଭବ ହୋଇନପାରେ । ଏଭଳି କ୍ଷେତ୍ରରେ ସମୟସୀମାର ସଂପ୍ରସାରଣ ପାଇଁ ଉପଯୁକ୍ତ କାରଣମାନ ଦର୍ଶାଇ ସଂପୃକ୍ତ ଆଇଓ ସଂପୃକ୍ତ ଜିଲ୍ଲା ଏସ୍‌ପି/ଡିସିପିଙ୍କ ନିକଟରୁ ମଞ୍ଜୁରି ପାଇବା ପାଇଁ ଅନୁରୋଧ ଜଣାଇବେ ଏବଂ ଏସ୍‌ପି/ଡିସିପି ଉକ୍ତ ଅନୁରୋଧକୁ ସବିଶେଷ ଯାଞ୍ଚ କଲାପରେ ଲିଖିତ କାରଣମାନ ଦର୍ଶାଇ ଅତିରିକ୍ତ ସମୟ ସପକ୍ଷରେ ଅନୁମତି ଦେଇପାରନ୍ତି । ଏଭଳି ସମୟସୀମା ସଂପ୍ରସାରଣ ପାଇଁ ଆବେଦନକୁ ଗତାନୁଗତିକ ଅନୁମତି ଦେବା ପରିବର୍ତ୍ତେ ତାହାକୁ କେବଳ ଅସାଧାରଣ କେଶ୍‌ଗୁଡିକ କ୍ଷେତ୍ରରେ ଦିଆଯାଇପାରେ ଏବଂ ଏହା ସପକ୍ଷରେ ପର୍ଯ୍ୟାପ୍ତ ଯଥାର୍ଥତା ରହିଥିବା ଆବଶ୍ୟକ । କିନ୍ତୁ ତ୍ୱରିତ ଅନୁସନ୍ଧାନର ଅର୍ଥ ନୁହେଁ ଯେ, ଅନୁସନ୍ଧାନର ଗୁଣାତ୍ମକତାକୁ ଅଣଦେଖା କରିବାକୁ ପଡିବ । ମହିଳାମାନଙ୍କ ବିରୁଦ୍ଧରେ ଅପରାଧ କେଶ୍‌ଗୁଡିକୁ ବରିଷ୍ଠ ଏସ୍‌ଆଇ ବା ଇନ୍‌ସ୍ପେକ୍ଟରମାନଙ୍କ ଉପରେ ଏବଂ ତାହାପୁଣି ଯଥାସମ୍ଭବ ମହିଳା ଅଫିସରମାନଙ୍କ ଉପରେ ନ୍ୟସ୍ତ କରବାକୁ ପଡିବ । ଏହିସବୁ କେଶ୍‌ଗୁଡିକୁ ଏସ୍‌ଡିପିଓ/ ଏସିପିଙ୍କ ଦ୍ୱାରା ସ୍ୱୟଂଚାଳିତ ଭାବେ ଏବଂ ଦ୍ୱରାନ୍ୱିତ ଗତିରେ ତଦାରଖ କରାଯିବା ଉଚିତ୍ ଏବଂ ସେମାନେ ସଂପୃକ୍ତ ଅପରାଧୀର ଗିରଫ ବିଷୟ ସହିତ ଅନୁସନ୍ଧାନର ଦୈନନ୍ଦିନ ଅଗ୍ରଗତି ସହିତ ନିଜକୁ ଜଡିତ ରଖିବେ । ସମସ୍ତ ଏସ୍‌ଆର୍ (ସ୍ପେଶିଆଲ୍ ରିପୋର୍ଟ) କେଶ୍‌ରେ ସଂପୃକ୍ତ ଅନୁସନ୍ଧାନ କାର୍ଯ୍ୟ କୌଣସି ତ୍ରୁଟିରେ ଆକ୍ରାନ୍ତ ନୁହେଁ ବୋଲି ଯାଞ୍ଚ ଦ୍ୱାରା ପ୍ରତୀତ ହେବା ପରେ ହିଁ ଚାର୍ଯ୍ୟସିଟ୍ ଦାଖଲ ପାଇଁ ଅର୍ଡର୍ ଇସ୍ୟୁ ହୋଇପାରିବ ।

କେଶ୍‌ଗୁଡିକର ଅଭିଯୋଜନ ଉପରେ ସମସ୍ତ ଏସ୍‌ପି ଏବଂ ଡିସିପି ଉପଯୁକ୍ତ ଧ୍ୟାନ ଦେବା ଜରୁରୀ । ଯୌନ ବଳାତ୍କାର, ଅପହରଣ, ହରଣଚାଳ, ଯୌତୁକ ହତ୍ୟା, ଏସିଡ୍ ଆକ୍ରମଣ, ମହିଳାଙ୍କୁ ବିବସ୍ତ୍ର କରିବ। ଏବଂ ମହିଳା ଚାଲାଣ ଭଳି କେଶ୍‌ରେ ଜଣେ ହୋଲ୍‌ଡିଂ ଆଇଓ ନିୟୋଜିତ ହେବା ଦରକାର ଏବଂ ଏହିସବୁ କେଶ୍‌ର ବିଚାରଣାରେ ଦୈନନ୍ଦିନ ଅଗ୍ରଗତିକୁ ନିଘା ସହକାରେ ଅନୁଧ୍ୟାନ କରିବାକୁ ପଡିବ । କୌଣସି ଏକ କେଶ୍‌ର ସ୍ପର୍ଶକାତରତାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ସରକାରୀ ଅଭିଯୋଜକ (ଝକ୍କୁରସବକ୍ଷ ଟଙ୍କଭକ୍ଷସମ ଟଙ୍କକ୍କୁଷରମାଙ୍କଷକ୍କୁଷ) ନିଯୋଜନ ପାଇଁ କ୍ରାଇମ୍ ବ୍ରାଞ୍ଚ ନିକଟରେ ପ୍ରସ୍ତାବ ଦାଖଲ କରାଯାଇପାରେ । ଗୋଟିଏ କେଶ୍‌ର ବିଚାରଣାରେ ଅଗ୍ରଗତି ଏବଂ ତହିଁର 'ଇସଲା ସଂବନ୍ଧରେ କ୍ରାଇମ୍ ବ୍ରାଞ୍ଚଙ୍କ ନିକଟକୁ ନିୟମିତ ରିପୋର୍ଟ ପଠାଯିବା ଉଚିତ୍ ।

***ଦ୍ୱିତୀୟ ସର୍କୁଲାର୍ ତା ୩୦.୬.୨୦୧୩***

ଓଡିଶା ପୋଲିସ୍, କ୍ରାଇମ୍ ବ୍ରାଞ୍ଚ, ଅପରାଧ ଅନୁସନ୍ଧାନ ବିଭାଗ

ପୋଲିସ୍ ସର୍କୁଲାର୍ ଅର୍ଡର୍ ୩୪୩/୨୦୧୩

**No. 27143/SR'W** **Date: 30.06.2013**

ପ୍ରାପ୍ତେଷୁ,

ସମସ୍ତ ଜିଲ୍ଲା ଏସ୍‌ପି/ କଟକ ଓ ଭୁବନେଶ୍ୱରର ଡିସିପି/ କଟକ ଓ ରାଉରକେଲାର ସୁପରିନ୍‌ଟେଣ୍ଡେଣ୍ଟ ଅଫ୍ ରେଲୱେ ପୋଲିସ୍

**ବିଷୟ- ମହିଳାମାନଙ୍କ ବିରୁଦ୍ଧରେ ଘଟୁଥିବା ଅପରାଧଗୁଡିକର ଅନୁସନ୍ଧାନ ପାଇଁ ଆଦର୍ଶ କାର୍ଯ୍ୟପଦ୍ଧତି (Standard Operating Procedure for Investigation into Crime against Women)**

ପ୍ରାରମ୍ଭ -

ସାଧାରଣ ଭାବେ ମହିଳାମାନଙ୍କ ବିରୁଦ୍ଧରେ ଘଟୁଥିବା ଅପରାଧସମୂହ ଏବଂ ବିଶେଷ କରି ଧର୍ଷଣ ଉପରେ ଆମେ ସବୁଠୁଁ ବେଶୀ ଧ୍ୟାନ ଦେବା ଜରୁରୀ । ଅନୁସନ୍ଧାନର ଗୁଣାତ୍ମକତା ବୃଦ୍ଧି ତଥା ଅଭିଯୁକ୍ତଙ୍କୁ ଦଣ୍ଡବିଧାନର ହାରବୃଦ୍ଧି ପାଇଁ ବର୍ତ୍ତମାନ ଏକ ଆଦର୍ଶ ଆଦର୍ଶ କାର୍ଯ୍ୟପଦ୍ଧତିକୁ ଏତଦ୍ୱାରା ବିହିତ କରାଯାଉଛି, ଯାହାକୁ ସମସ୍ତ ସଂପୃକ୍ତ ପକ୍ଷମାନେ ନିଷ୍ଠାପର ଭାବେ ଅନୁପାଳନ କରିବା ପାଇଁ ବାଧ୍ୟ ଅଟନ୍ତି ।

୧. ଏଫ୍‌ଆଇଆର୍ ପଞ୍ଜିକରଣ-

ମହିଳାମାନଙ୍କ ବିରୁଦ୍ଧରେ ଘଟୁଥିବା ଅପରାଧସମୂହର ତୁରନ୍ତ ପଞ୍ଜିକରଣ କରିବା କ୍ଷେତ୍ରରେ କୌଣସି ଟେକ୍‌ନିକାଲ୍ କାରଣ ପ୍ରତିବନ୍ଧକ ହେବା ଉଚିତ୍ ନୁହେଁ । ଏପ୍ରକାର ଅପରାଧ ସଂବନ୍ଧରେ ଏକ ସୂଚନା ମିଳିବା ସଙ୍ଗେସଙ୍ଗେ ଫୌଜଦାରି କାର୍ଯ୍ୟବିଧି ସଂହିତାର ଦଫା ୧୫୪ ଅନୁଯାୟୀ ଏତଲା ବା ଏଫ୍‌ଆଇଆର୍‌କୁ ରେକର୍ଡ କରିବା ବାଧ୍ୟତାମୂଳକ ଅଟେ । ଯେହେତୁ ଏଫ୍‌ଆଇଆର୍ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ଦଲିଲ୍, ଏହାକୁ ସର୍ବାଧିକ ଯତ୍ନ ଓ ଧ୍ୟାନର ସହିତ ପ୍ରସ୍ତୁତ କରିବାକୁ ପଡିବ ଏବଂ ସମସ୍ତ ପ୍ରାସଙ୍ଗିକ ସୂଚନା ବା ତଥ୍ୟାବଳୀ, ଯାହାକି ଅପରାଧ ସହିତ ପ୍ରତ୍ୟକ୍ଷ ଭାବେ ସଂପର୍କୀତ ବା ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ଭାବେ କାର୍ଯ୍ୟ କରିପାରେ, ସେଗୁଡିକୁ ସେଥିରେ ସ୍ଥାନିତ କରିବାକୁ ହେବ । ପୀଡିତା ରାଜ୍ୟର ଯେ କୌଣସି ପୋଲିସ୍ ଥାନାରେ ଏଫ୍‌ଆଇଆର୍ ଦାଏର୍ କରିପାରନ୍ତି ଏବଂ ତାହା ଅନୁସନ୍ଧାନ ଉଦ୍ଦେଶ୍ୟରେ ପରବର୍ତ୍ତୀ ସମୟରେ ସଂପୃକ୍ତ ଥାନାକୁ ସ୍ଥାନାନ୍ତର କରାଯାଇପାରିବ । ଦଫା ୧୫୪ର ପରନ୍ତୁକରେ କୁହାଯାଇଛି ଯେ, ଯେଉଁସ୍ଥଳେ ଅପରାଧ ଯୋଗୁଁ ପୀଡିତା ମହିଳା ନିଜେ ଅପରାଧ ସଂବନ୍ଧରେ ସୂଚନା ଦେବେ, ତାଙ୍କୁ ରେକର୍ଡ କରିବାର ଦାୟିତ୍ୱ ଜଣେ ମହିଳା ପୋଲିସ୍ ଅଫିସର୍ ବା ଯେ କୌଣସି ମହିଳା ଅଫିସରଙ୍କର ।

୨. ଅନୁସନ୍ଧାନ-

*(ଏ) ଅନୁସନ୍ଧାନକାରୀ ଅଧିକାରୀଗଣ-*

ଯେତେଦୂର ସମ୍ଭବ, ମହିଳାମାନଙ୍କ ବିରୁଦ୍ଧରେ ଘଟୁଥିବା ଅପରାଧର ଅନୁସନ୍ଧାନ ଜଣେ ମହିଳା ଅଧିକାରୀଙ୍କ ଦ୍ୱାରା ପରିଚାଳିତ ହେବ । ଆବଶ୍ୟକ ସ୍ଥଳେ ୩ରୁ ୪ଜଣ ପୋଲିସ୍ କର୍ମଚାରୀଙ୍କୁ ନେଇ ଅନୁସନ୍ଧାନ ଦଳ ଗଠିତ ହେବ ଏବଂ ସେମାନଙ୍କ ଭିତରୁ ଜଣେ ମୁଖ୍ୟ ଅନୁସନ୍ଧାନକାରୀ ଅଫିସର୍ ଭାବେ ପଦନାମିତ ହେବେ । ସେହି ଦଳରେ ଅନ୍ତତଃ ଜଣେ ମହିଳା ଅଫିସର୍ ଥିବେ । ଧର୍ଷଣ କେଶ୍‌କୁ ସାଧାରଣତଃ ଭାରପ୍ରାପ୍ତ ଇନ୍‌ସ୍‌ପେକ୍ଟର୍ (ଆଇଆଇସି) ବା ବରିଷ୍ଠ ସବ୍-ଇନସ୍‌ପେକ୍ଟର୍ ଅନୁସନ୍ଧାନ କରିବେ ।

*(ବି) ପୀଡିତାଙ୍କ ପ୍ରତି ବ୍ୟବହାର-*

(୧) ପୀଡିତାଙ୍କ ପ୍ରତି ଅତ୍ୟନ୍ତ ସହାନୁଭୂତି ଏବଂ ସଂବେଦନଶୀଳତା ସହ ଆଚରଣ କରାଯିବ । ପୀଡିତାଙ୍କ ପ୍ରତି ଅତ୍ୟନ୍ତ ଭଦ୍ରୋଚିତ ବ୍ୟବହାର କରାଯିବ । ପୀଡିତାଙ୍କୁ କୋଣସି ବିରକ୍ତିକର କିମ୍ବା ଅଶାଳୀନ ପ୍ରଶ୍ନ ପଚରାଯିବ ନାହିଁ । ମାନସିକ ଆଘାତରୁ ପୀଡିତାଙ୍କୁ ମୁକ୍ତ କରିବା ଏବଂ ସେ ଅନୁସନ୍ଧାନରେ ସହଯୋଗ କରିବା ପାଇଁ ତାଙ୍କୁ ପ୍ରସ୍ତୁତ କରିବା କ୍ଷେତ୍ରରେ ଏନ୍‌ଜିଓମାନେ ବେଶ୍ ସହାୟକ ହୋଇପାରିବେ । ପୀଡିତାଙ୍କର ମର୍ଯ୍ୟାଦା ରକ୍ଷା ସହିତ ପୀଡିତା ଯେପରି କୌଣସି ବିରକ୍ତିକର ପରିସ୍ଥିତିର ସମ୍ମୁଖୀନ ନହୁଅନ୍ତି, ସେଥିପ୍ରତି ଯତ୍ନବାନ୍ ହେବା ଉଚିତ୍ ।

(୨) ପୀଡିତାଙ୍କ ସହ କଥାବାର୍ତ୍ତା ବେଳେ ତାଙ୍କର ମନସ୍ତତ୍ତ୍ୱକୁ ସାବଧାନତା ସହକାରେ ଲକ୍ଷ୍ୟ କରିବା ଉଚିତ୍ ଏବଂ ତାଙ୍କ ଠାରୁ ଏଭଳି ଭାବେ ସୂଚନା ସଂଗ୍ରହ କରାଯିବ ଯାହା ଫଳରେ ତାଙ୍କ ଭିତରେ ଶାନ୍ତି ଓ ସନ୍ତୁଳନ ବଜାୟ ରହିବ । ଯଥା ସମ୍ଭବ ଶୀଘ୍ର ସଂପୃକ୍ତ ଘଟଣାର ଏକ ଉପଯୁକ୍ତ ବିବରଣୀ ସିଧା ଏବଂ ସରଳ ଭାଷାରେ ତଥା ସୂଚନାଦାତାଙ୍କ ନିଜ ଶବ୍ଦାବଳୀକୁ ବ୍ୟବହାର କରି ଲିପିବଦ୍ଧ କରାଯିବ । ନିଜର ମୌଖିକ ବୟାନ ଦେବା ବେଳେ ଯଦି ଅଭିଯୋକ୍ତା କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ଉପରେ ସନ୍ଦେହ ପ୍ରକାଶ କରନ୍ତି ଅଥବା ଅଭିଯୋଗ ଆଣନ୍ତି, ତେବେ କେଉଁ କାରଣକୁ ଭିତ୍ତି କରି ଏଭଳି ସନ୍ଦେହ ଉପୁଜିଛି, ତାହାକୁ ଖୋଜି ବାହାର କରିବା ଉଚିତ୍ ।

(୩) ପୀଡିତାଙ୍କୁ ପୋଲିସ୍ ଥାନାକୁ ଡ଼କାଯିବା ଉଚିତ୍ ନୁହେଁ । ଆଇଓ ସାଦା ପୋଷାକରେ ତାଙ୍କ ଘରକୁ ଯାଇ ତାଙ୍କର ସଂପର୍କୀୟ/ ପରିବାରର ଲୋକଙ୍କ ଉପସ୍ଥିତିରେ ତାଙ୍କ ଠାରୁ ତଥ୍ୟାବଳୀ ସଂଗ୍ରହ କରିବେ । ସିଆରପିସିର ଦଫା ୧୫୭(ବି) ଅନୁଯାୟୀ ପୀଡିତାଙ୍କର ବାସଗୃହରେ ଅଥବା ତାଙ୍କ ଦ୍ୱାରା ମନୋନୀତ ଏକ ସ୍ଥାନରେ ପିତାମାତା ବା ଅଭିଭାବକ ବା ନିକଟ ସଂପର୍କୀୟ ବା ଜଣେ ସ୍ଥାନୀୟ ସମାଜ କର୍ମୀଙ୍କ ଉପସ୍ଥିତିରେ ତାଙ୍କର ବୟାନ୍‌କୁ ଲିପିବଦ୍ଧ କରାଯିବ ।

(୪) ଯେତେବେଳେ ଜରୁରୀ ଏବଂ ଆବଶ୍ୟକ ମନେହେବ, ସେତେବେଳେ ସିଆରପିସିର ଦଫା ୧୬୪ ଅଧୀନରେ ପୀଡିତାଙ୍କର ବୟାନ୍‌କୁ ଲିପିବଦ୍ଧ କରିବା ପାଇଁ ଉଦ୍ୟମ ହେବା ଉଚିତ୍ । ତାଙ୍କର ବୟାନ୍‌କୁ ଲିପିବଦ୍ଧ କଲାବେଳେ ନିଶ୍ଚିତ ରୂପେ ଭିଡିଓଗ୍ରାଫି କରାଯିବ ।

(୫) ଆଇଓ ଡାକ୍ତରୀ ମାଇନା ଫର୍ମ ପୂରଣ କଲା ପରେ ତୁରନ୍ତ ପୀଡିତା ଓ ଅଭିଯୁକ୍ତଙ୍କୁ ଡାକ୍ତରୀ ମାଇନା ପାଇଁ ପଠାଯିବା ଉଚିତ୍ ।

(୬) ଅଠର ବର୍ଷରୁ ଉର୍ଦ୍ଧ୍ୱ ଜଣେ ଧର୍ଷଣ ପୀଡିତା ମହିଳାଙ୍କୁ କେବଳ ତାଙ୍କର ଲିଖିତ ସମ୍ମତି ପରେ ଡାକ୍ତରୀ ମାଇନା କରାଯାଇପାରିବ ଏବଂ ଅଠର ବର୍ଷରୁ କମ୍ ଜଣେ ଧର୍ଷଣ ପୀଡିତା ମହିଳାଙ୍କୁ ତାଙ୍କ ପିତାମାତା/ ଅଭିଭାବକଙ୍କ ଲିଖିତ ସମ୍ମତି ପରେ ଡାକ୍ତରୀ ମାଇନା କରାଯାଇପାରିବ ।

(୭) ଯେତେଦୂର ସମ୍ଭବ, ଜଣେ ପୀଡିତାଙ୍କୁ ଜଣେ ମହିଳା ଡାକ୍ତରଙ୍କ ଦ୍ୱାରା ଡାକ୍ତରୀ ମାଇନା କରାଯିବ ।

(୮) ସିଆରପିସିର ଦଫା ୧୬୪ଏ ଅନୁଯାୟୀ ଯେଉଁସ୍ଥଳେ ଧର୍ଷଣ ବା ଧର୍ଷଣ ପାଇଁ ଉଦ୍ୟମର ଅଭିଯୋଗ କାରଣରୁ ପୀଡିତା ହୋଇଥିବା ଜଣେ ମହିଳାଙ୍କର ଶରୀରକୁ ଜଣେ ମେଡିକାଲ୍ ବିଶେଷଜ୍ଞଙ୍କ ଦ୍ୱାରା ପରୀକ୍ଷା ପାଇଁ ପ୍ରସ୍ତାବ ଆଗତ ହୋଇଥିବ, ସେପରି ସ୍ଥଳେ ସେହି ପରୀକ୍ଷା ସରକାର ବା ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ପରିଚାଳିତ ଏକ ଡାକ୍ତରଖାନାରେ ନିଯୁକ୍ତ ଥିବା ଜଣେ ପଂଜିକୃତ ମେଡିକାଲ୍ ଡାକ୍ତରଙ୍କ ଦ୍ୱାରା ଏବଂ ତାଙ୍କ ଅନୁପସ୍ଥିତିରେ ଅନ୍ୟ ଯେ କୌଣସି ପଂଜିକୃତ ମେଡିକାଲ୍ ଡାକ୍ତରଙ୍କ ଦ୍ୱାରା ସମ୍ପାଦିତ ହେବ, କିନ୍ତୁ ଏପରି ପରୀକ୍ଷା ପାଇଁ ପୀଡିତା ମହିଳା ନିଜେ ସମ୍ମତି ଦେଇଥିବେ ନଚେତ୍ ତାଙ୍କ ତରଫରୁ ସମ୍ମତି ପ୍ରକାଶ ପାଇଁ କର୍ତ୍ତୃତ୍ୱପ୍ରାପ୍ତ ହୋଇଥିବା ବ୍ୟକ୍ତି ସମ୍ମତି ଦେଇଥିବେ । ଅପରାଧ ଘଟିବା ସଂବନ୍ଧରେ ସୂଚନା ମିଳିବାର ୨୪ଘଣ୍ଟା ଭିତରେ ସଂପୃକ୍ତ ମହିଳାଙ୍କୁ ଉକ୍ତ ମେଡିକାଲ୍ ଡାକ୍ତରଙ୍କ ନିକଟକୁ ପଠାଇ ଦିଆଯିବ ।

***(ସି) ଅପରାଧର ଘଟଣାସ୍ଥଳ ପରିଦର୍ଶନ-***

(୧) ଅପରାଧର ଘଟଣାସ୍ଥଳକୁ ସୁରକ୍ଷିତ ରଖିବା ଆଇଓଙ୍କର ଏକ ସର୍ବାଗ୍ର କର୍ତ୍ତବ୍ୟ ହେବ, ଯାହା ଫଳରେ ଉପଲବ୍ଧ ଆଭାସଗୁଡିକ ଯେପରି ନଷ୍ଟ ହୋଇନଯାଏ ।

(୨) ଅପରାଧ ଘଟଣାସ୍ଥଳରୁ ମୂଲ୍ୟବାନ ଆଭାସଗୁଡିକର ନିରୀକ୍ଷଣ ଏବଂ ସଂଗ୍ରହ ଗୋଟିଏ କେଶ୍‌ର ସଫଳ ଅନୁସନ୍ଧାନ ଓ ଅଭିଯୋଜନରେ ଏକ ବଳିଷ୍ଠ ଭୂମିକା ଗ୍ରହଣ କରିଥାଏ । ଅପରାଧ ଘଟଣାସ୍ଥଳକୁ ଲଗାତାର ତନତନ ନିରୀକ୍ଷଣ କରାଯିବା ଉଚିତ୍ ଏବଂ ଘଟଣାସ୍ଥଳରୁ ସର୍ବାଧିକ ପ୍ରମାଣ ସଂଗ୍ରହ ପାଇଁ ସର୍ବାତ୍ମକ ଉଦ୍ୟମ ହେବା ଉଚିତ୍ । ଘଟଣାସ୍ଥଳରୁ ଫିଙ୍ଗର/ଫୁଟପ୍ରିଣ୍ଟ୍ ତଥା ପରିଲକ୍ଷିତ ଅନ୍ୟାନ୍ୟ ସନ୍ଦିଗ୍ଧ ବସ୍ତୁସମୂହ, ଯଥା କେଶ, ରକ୍ତ, ବୀର୍ଯ୍ୟ, ଶରୀରରୁ ନିର୍ଗତ କୌଣସି ତରଳ ପଦାର୍ଥ, ଗହଣା ଇତ୍ୟାଦିକୁ ସଂଗ୍ରହ କରିବା ପାଇଁ ବୈଜ୍ଞାନିକ ଦଳକୁ ନିଶ୍ଚିତ ରୂପେ ନିୟୋଜନ କରାଯିବ ।

(୩) ଏକତ୍ରୀତ ଓ ସଂଗୃହୀତ ନମୂନାଗୁଡିକୁ ଯଥାରୀତି ପ୍ୟାକ୍ ଏବଂ ସିଲ୍ କରି ସୁରକ୍ଷିତ ରଖାଯିବା ଉଚିତ୍ ଏବଂ ଯଥାସମ୍ଭବ ଶୀଘ୍ର ଫରେନ୍‌ସିକ୍ ସାଇନ୍ସ ଲାବୋରେଟରି (ଏଫଏସ୍‌ଏଲ୍)କୁ ରାସାୟନିକ ବିଶ୍ଳେଷଣ ପାଇଁ ପଠାଯିବା ଉଚିତ୍ । ଏହି ପ୍ରସଙ୍ଗରେ ଏଫଏସ୍‌ଏଲ୍‌କୁ ନମୂନା ପ୍ରେରଣ ସଂବନ୍ଧରେ କ୍ରାଇମ୍ ବ୍ରାଞ୍ଚ ସର୍କୁଲାର୍ ନଂ ୧/୯୨ ତା ୨.୧୧.୧୯୯୨ରେ ସ୍ଥାନିତ ନିର୍ଦ୍ଦେଶକୁ ନିଶ୍ଚିତ ରୂପେ ନିଷ୍ଠାର ସହିତ ଅନୁପାଳନ କରାଯିବ ।

(୪) ଅପରାଧର ଘଟଣାସ୍ଥଳକୁ ସବୁ କୋଣରୁ ଫଟୋ ଉଠାଇବା ଅତ୍ୟନ୍ତ ଆବଶ୍ୟକ ଅଟେ ।

(୫) ନିର୍ଦ୍ଦିଷ୍ଟ ଘଟଣାସ୍ଥଳର ମାନଚିତ୍ର ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ଦଲିଲ୍ । ଘଟଣାସ୍ଥଳରେ ପରିଲକ୍ଷିତ ବସ୍ତୁଗୁଡିକ ଭିତରେ ଦୂରତ୍ୱକୁ ସୂଚାଉଥିବା ଏହି ମାନଚିତ୍ରକୁ ନିଶ୍ଚିତ ରୂପେ ଯଥାର୍ଥ ଭାବେ ପ୍ରସ୍ତୁତ କରାଯିବ । ଆବଶ୍ୟକ ସ୍ଥଳେ ଏଥିରେ ସାକ୍ଷୀମାନଙ୍କ ଉପସ୍ଥିତି ନିଶ୍ଚିତ ରୂପେ ଚିହ୍ନିତ ହେବ ।

**୩. ଧର୍ଷଣ କେଶ୍‌ଗୁଡିକର ତଦାରଖ-**

ତଦାରଖ କାର୍ଯ୍ୟ ଏସ୍‌ପି ବା ଅତିରିକ୍ତ ଏସ୍‌ପିଙ୍କ ଦ୍ୱାରା ସମ୍ପାଦିତ ହେବା ଶ୍ରେୟସ୍କର ହେବ । ଯେଉଁସବୁ ଜିଲ୍ଲାରେ ଅଧିକ ସଂଖ୍ୟକ କେଶ୍ ଥାଏ, ଜଣେ ଡିଏସ୍‌ପି ତଦାରଖ କରିପାରନ୍ତି । ଏହା ଆଶା କରାଯାଉଛି ଯେ, ଯେଉଁ ସବୁ କେଶ୍‌କୁ ଡିଏସ୍‌ପି ତଦାରଖ କରିବେ, ସେସବୁ କ୍ଷେତ୍ରରେ

ଏସ୍‌ପି ନିଘା ସହକାରେ ସଂପୃକ୍ତ ଅନୁସନ୍ଧାନର ଅଗ୍ରଗତିକୁ ତତ୍ତ୍ୱାବଧାନ କରିବେ । ଏହି ସଂକ୍ରାନ୍ତରେ କ୍ରାଇମ୍ ବ୍ରାଞ୍ଚ ସର୍କୁଲାର୍ ସଂଖ୍ୟା ୧/୯୨ ତା ୨.୧୧.୧୯୯୨ ପ୍ରତି ଦୃଷ୍ଟି ଆକର୍ଷଣ କରାଯାଉଛି, ଯେଉଁଥିରେ ଧର୍ଷଣ କେଶ୍‌ଗୁଡିକରେ ଜଣେ ଅଭିଯୁକ୍ତ ନିର୍ଦ୍ଦୋଶରେ ଖଲାସ ହୋଇଯିବାର କାରଣମାନ ଏବଂ ପ୍ରତିକାରାତ୍ମକ ପଦକ୍ଷେପସମୂହ ସୂଚୀତ ହୋଇଛି ।

୪. ପ୍ରମାଣ ସଂଗ୍ରହ-

*ଏ) ଯେଉଁସ୍ଥଳେ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ପୀଡିତା ଜାଣିଥିବେ-*

(୧) ସମସ୍ତ ସ୍ଥିତିକୁ ଯତ୍ନର ସହ ଯାଞ୍ଚ କଲାପରେ ତଥା ପୀଡିତାଙ୍କର ମାନସିକ ଆଘାତକୁ ସର୍ବଦା ଦୃଷ୍ଟିରେ ରଖି ପୀଡିତାଙ୍କ ଦ୍ୱାରା ଦର୍ଶୀତ ତଥ୍ୟାବଳୀକୁ ଖଣ୍ଡନ ବା ସମର୍ଥନ କରାଯିବ ।

(୨) ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ପଚରାଉଚରା କରିବା ପାଇଁ ଅଭିଜ୍ଞ ପୋଲିସ୍ ଅଫିସରଙ୍କ ସହାୟତା ନିଆଯାଇପାରିବ ।

(୩) ସନ୍ଦିଗ୍ଧ ବ୍ୟକ୍ତିର ଶରୀରରେ ପରିଲକ୍ଷିତ ଆଘାତ ଚିହ୍ନ, କଟାଚିହ୍ନ, ଭଙ୍ଗାଚିହ୍ନ ବା ନଖଚିହ୍ନ ଇତ୍ୟାଦିର ଆଘାତ ତାଲିକା ସହିତ ତାକୁ ଡାକ୍ତରୀ ମାଇନା ପାଇଁ ପଠାଯିବା ଉଚିତ୍ ।

(୪) ଅପରାଧ ଘଟାଇବା ବେଳେ ଅଭିଯୁକ୍ତ ବ୍ୟକ୍ତି ପିନ୍ଧିଥିବା ବ୍ୟକ୍ତିଗତ ପୋଷାକକୁ ଜବତ୍ କରାଯିବ ଏବଂ ପରୀକ୍ଷା ପାଇଁ ଫରେନ୍ସିକ ସାଇନ୍ସ ଲାବୋରେଟରିକୁ ପଠାଯିବା ଉଚିତ୍ ।

(୫) ଯେଉଁ ଅପରାଧ ସଂବନ୍ଧରେ ଅଭିଯୋଗ ପେଶ୍ ହୋଇଛି ତାହା ଘଟାଇବା ପାଇଁ ଅଭିଯୁକ୍ତ ବ୍ୟକ୍ତିର ଶାରୀରିକ କ୍ଷମତା ଅଛି କି ନାହିଁ ତାହା ଜାଣିବା ପାଇଁ ତାକୁ ଡାକ୍ତରୀ ମାଇନା କରାଯିବା ଉଚିତ୍ ।

(୬) ଉଭୟ ଅଭିଯୁକ୍ତ ଓ ପୀଡିତାଙ୍କର ବୟସର ନଥିଭୁକ୍ତ ପ୍ରମାଣ ସଂଗ୍ରହ କରାଯିବା ଉଚିତ୍ ଏବଂ ଯଦି ବୟସ ସଂବନ୍ଧରେ ଅନ୍ୟ କୌଣସି ପ୍ରମାଣ ଉପଲବ୍ଧ ନହୁଏ ତେବେ ଅସ୍ଥିବିକାଶ ପରୀକ୍ଷା (Ossification Test) କରାଯିବା ଉଚିତ୍ ।

*ବି) ଯେଉଁସ୍ଥଳେ ସନ୍ଦିଗ୍ଧ ବ୍ୟକ୍ତି ଅଜଣା ହୋଇଥିବେ-*

(୧) ପୀଡିତାଙ୍କ ଠାରୁ ଅଭିଯୁକ୍ତ ବ୍ୟକ୍ତିର ବର୍ଣ୍ଣନା ନିର୍ଦ୍ଧାରଣ କରିବା ଉଚିତ୍ ଏବଂ ସନ୍ଦିଗ୍ଧ ବ୍ୟକ୍ତିର ଏକ ଚିତ୍ର ତୁରନ୍ତ ଏସ୍‌ସିଆରବି (State Crime Record Bureau) ଦ୍ୱାରା ପ୍ରସ୍ତୁତ ହୋଇ ପ୍ରସାରିତ ହେବା ଉଚିତ୍ ।

(୨) ଅଭିଯୁକ୍ତକୁ ଖୋଜି ବାହାର କରିବା ପାଇଁ ୱାୟାରଲେସ୍ ମାଧ୍ୟମରେ ଏକ ବାର୍ତ୍ତା ପ୍ରସାରିତ ହେବା ଉଚିତ୍ ।

(୩) ସ୍ଥାନୀୟ ଇଲାକାରେ ଗୋପନରେ ତଥା ଖୋଲାଖୋଲି ଭାବେ ସନ୍ଦିଗ୍ଧ ବ୍ୟକ୍ତିକୁ ଖୋଜାଖୋଜି ଚାଲୁ ରହିବା ଉଚିତ୍ ।

(୪) ଯେତେବେଳେ ଅଭିଯୁକ୍ତଙ୍କୁ ଗିରଫ କରାଯିବ, ସେତେବେଳେ ତୁରନ୍ତ ତାଙ୍କୁ ଚିହ୍ନଟ ପରୀକ୍ଷା (Test Identification) ପାଇଁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯିବା ଉଚିତ୍ । ଏହି ଚିହ୍ନଟ କାର୍ଯ୍ୟ ପାଇଁ ଏକ ସଅଳ ତାରିଖ ଧାର୍ଯ୍ୟ କରିବା ପାଇଁ ସଂପୃକ୍ତ କୋର୍ଟଙ୍କୁ ଅନୁରୋଧ କରାଯିବ । ଅଭିଯୁକ୍ତଙ୍କୁ କୋର୍ଟ ସମ୍ମୁଖରେ ଦାଖଲ କଲାବେଳେ ତାଙ୍କର ମୁଖ ଯେପରି ଆବୃତ ରୁହେ ତାହାକୁ ସୁନିଶ୍ଚିତ କରିବାକୁ ପଡିବ ।

*ସି) ଅନ୍ୟାନ୍ୟ ପ୍ରମାଣସମୂହକୁ ସଂଗ୍ରହ କରିବା -*

(୧) ପୀଡିତାଙ୍କର ଚିତ୍କାର ଶୁଣି ଯଦି ଜଣେ ସାକ୍ଷୀ ଘଟଣାସ୍ଥଳରେ ପହଞ୍ଚିଥିବେ, ତାଙ୍କୁ ନିଶ୍ଚିତ ରୂପେ ପରୀକ୍ଷା କରାଯିବ ଏବଂ ତାଙ୍କର ବୟାନ୍‌ଗୁଡିକୁ ଲିପିବଦ୍ଧ କରାଯିବ ।

(୨) ଯେଉଁ ବ୍ୟକ୍ତିଗଣଙ୍କ ନିକଟରେ ପୀଡିତା ଜଣକ ଘଟଣାଟି ଘଟିବା ପରେ ପରେ ସେହି ଘଟଣାକୁ ବର୍ଣ୍ଣନା କରିଥିବେ, ସେମାନଙ୍କୁ ନିଶ୍ଚିତ ରୂପେ ପରୀକ୍ଷା କରାଯିବ ଏବଂ ସେମାନଙ୍କୁ ସାକ୍ଷୀ ରୂପେ ବିବେଚନା କରାଯିବ ।

୫. ପୀଡିତାଙ୍କର ଥଇଥାନ -

(୧) ଜଣେ ମହିଳା ପୀଡିତାଙ୍କର ଥଇଥାନ ପାଇଁ ସହାୟତା ପ୍ରଦାନ ଆବଶ୍ୟକ । ଚାରି ପ୍ରକାର ଥଇଥାନକୁ ସୁନିଶ୍ଚିତ କରିବାକୁ ପଡିବ, ଯଥା ଶାରିରୀକ, ମାନସିକ, ମନସ୍ତାତ୍ତ୍ୱିକ ଏବଂ ସାମାଜିକ ।

(୨) ଜଣେ ପୀଡିତା ସାମାଜିକ ବିଦ୍ରୁପ ତଥା ପରିବାରରୁ ବାସନ୍ଦର ସମ୍ମୁଖୀନ ହେବାକୁ ପଡିଥାଏ । ତାଙ୍କୁ ଏବଂ ତାଙ୍କର ପରିବାରବର୍ଗଙ୍କୁ ଆବଶ୍ୟକୀୟ ପରାମର୍ଶ ସେବା ଯୋଗାଇଦେବା

(୩) ଓଡିଶା ପୀଡିତ / ପୀଡିତା କ୍ଷତିଭରଣା ସ୍କିମ୍- ୨୦୧୨ ଅଧୀନରେ ଜଣେ ପୀଡିତା କ୍ଷତିଭରଣା ପାଇବାକୁ ହକ୍‌ଦାର; ଏହି ସ୍କିମ୍ ଓଡିଶା ସରକାରଙ୍କ ଗୃହବିଭାଗ ଦ୍ୱାରା ଦୁଇଥର, ଯଥା ବିଜ୍ଞପ୍ତି ସଂଖ୍ୟା 49915/ CDHR dt. 27.12.2012 ଏବଂ ବିଜ୍ଞପ୍ତି ସଂଖ୍ୟା 21390/ C&HR dt. 13.06.2013 ବଳରେ ସଂଶୋଧିତ ହୋଇସାରିଛି । ଏହି ସ୍କିମ୍ ଅଧୀନରେ କ୍ଷତିଭରଣା ପାଇବାର ବ୍ୟବସ୍ଥାବଳୀ ସଂବନ୍ଧରେ ପୀଡିତାଙ୍କୁ ଅବହିତ କରାଯିବା ଉଚିତ୍ ।

**୬. ଗଣମାଧ୍ୟମଗୁଡ଼ିକର ଉପଯୋଗ-**

ଯୌନ ଅପରାଧଗୁଡ଼ିକ ବ୍ୟାପକ ଭାବେ ଗଣମାଧ୍ୟମ ଏବଂ ସର୍ବସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରିଥାଏ । କୌଣସି ଯୌନ ଅପରାଧ ସଂବନ୍ଧରେ ଗଣମାଧ୍ୟମଙ୍କୁ ଅବହିତ କରିବା ସମୟରେ ପୀଡ଼ିତାଙ୍କର ପରିଚୟ ପ୍ରକାଶ କରଯିବା ଉଚିତ୍ ହେବନାହିଁ । କୌଣସି ପରିସ୍ଥିତିରେ ବି ପୀଡ଼ିତାଙ୍କୁ ଗଣମାଧ୍ୟମ ସାମନାରେ ହାଜର କରାଇବା ଉଚିତ୍ ନୁହେଁ । କେବଳ ପ୍ରାଧିକୃତ ଅଫିସରମାନେ ହିଁ ଗଣମାଧ୍ୟମକୁ ସୂଚନା ଦେବା ଉଚିତ୍ ।

**୭. ଚାର୍ଯ୍ୟସିଟ୍ ଏବଂ ବିଚାରପ୍ରକ୍ରିୟା –**

(୧) ଗୋଟିଏ କେଶ୍‌ର ପଂଜୀକରଣ ତାରିଖରୁ ଯଥାସମ୍ଭବ ଷାଠିଏ ଦିନ ଭିତରେ ଅଭିଯୋଗ-ଫର୍ଦ୍ଦ (ଚାର୍ଯ୍ୟସିଟ୍) ଦାଖଲ ହେବା ବିଧେୟ ।

(୨) ଯଦି କୌଣସି ଯଥୋଚିତ କାରଣରୁ ଅନୁସନ୍ଧାନର ଅବଧି ଷାଠିଏ ଦିନକୁ ଅତିକ୍ରାନ୍ତ କରିବାର ଆବଶ୍ୟକତା ଦେଖାଦିଏ, ତେବେ ଏଥିପାଇଁ ସଂପୃକ୍ତ ଜିଲ୍ଲା/ ସଂସ୍ଥାର ଏସ୍‌ପିଙ୍କ ଠାରୁ ନିଶ୍ଚିତ ରୂପେ ଲିଖିତ ଅନୁମତି ଆଣିବାକୁ ପଡ଼ିବ । କେବଳ ମାତ୍ର ବିଳମ୍ବର କାରଣଗୁଡ଼ିକୁ ପରୀକ୍ଷା କଲାପରେ ଏସ୍‌ପି ଉପରୋକ୍ତ ଅନୁମତି ମଞ୍ଜୁର କରିବେ, ଗତାନୁଗତିକ ରୀତିରେ ନୁହେଁ । ଏହି ପରିପ୍ରେକ୍ଷୀରେ ପୋଲିସ୍ ସର୍କୁଲାର୍ ଅର୍ଡର୍ ଚଉଡ଼ ୩୩୮/୨୦୧୩ କୁ ଅନୁଧ୍ୟାନ କରାଯାଇପାରେ ।

(୩) ଅଭିଯୋଗ ଫର୍ଦ୍ଦ ଦାଖଲ କରିବା ପୂର୍ବରୁ ଆବଶ୍ୟକ ମତେ ଯଥା ସ୍ଥଳରେ ପିପି/ ଏପିପି ମାନଙ୍କର ମତାମତ ନିଆଯାଇପାରେ ।

(୪) କେଶ୍‌ର ବିଚାରଣାରେ ଅଗ୍ରଗତିକୁ ତଦାରଖ କରିବା ପାଇଁ ଜଣେ ଅଫିସରଙ୍କୁ ହୋଲ୍‌ଡିଂ ଆଇଓ ଭାବେ ନିୟୋଜିତ କରାଯିବା ଉଚିତ୍ । ସବୁଠୁଁ ଭଲ, ସେ ଯଦି ସଂପୃକ୍ତ କେଶ୍‌ର ଆଇଓ ହୋଇଥାନ୍ତି । ସେ କେଶ୍ ବିଚାରର ପ୍ରତି ତାରିଖର ଅଗ୍ରଗତି ସଂକ୍ରାନ୍ତୀୟ ରିପୋର୍ଟକୁ ସୁପରଭାଇଜିଂ ଅଫିସର୍ ବା ଏସ୍‌ପିଙ୍କ ନିକଟରେ ଦାଖଲ କରିବା ଉଚିତ୍ ।

(୫) କେତେକ ସ୍ପର୍ଶକାତର କେଶ୍‌ର ପରିଚାଳନା ପାଇଁ ସ୍ୱତନ୍ତ୍ର ଓକିଲଙ୍କୁ ନିୟୋଜିତ କରାଯାଇପାରେ ଏବଂ ଏଥିପାଇଁ ସଂପୃକ୍ତ ଓକିଲଙ୍କ ସମ୍ମତି ସହ ତାଙ୍କର ନିୟୋଜନ ସଂକ୍ରାନ୍ତୀୟ ସର୍ତ୍ତାବଳୀ ବହନ କରିଥିବା ଏକ ପ୍ରସ୍ତାବ ସଂପୃକ୍ତ ଏସ୍‌ପି ସିଆଇଡି, କ୍ରାଇମ୍‌ବ୍ରାଞ୍ଚଙ୍କ ନିକଟକୁ ପଠାଇପାରନ୍ତି ।

(୬) ସମନ୍ ଅନୁଯାୟୀ ଯଥା ସମୟରେ ସଂପୃକ୍ତ କୋର୍ଟରେ ସାକ୍ଷୀମାନଙ୍କ ହାଜିରାକୁ ସୁନିଶ୍ଚିତ କରାଯିବା ଉଚିତ୍ । ସମନ୍ ପ୍ରେରଣ ପ୍ରକ୍ରିୟାକୁ ତଦାରଖ କରାଯିବା ଉଚିତ୍ ।

(୭) ସାକ୍ଷୀମାନଙ୍କୁ ଉପଯୁକ୍ତ ରୀତିରେ ଅବହିତ କରିବା ଏବଂ ସେମାନଙ୍କର ସ୍ମୃତିକୁ ଉଜାଗର କରିବା ଉଚିତ୍, ଯାହା ଫଳରେ ସେମାନେ ସଂପୃକ୍ତ କୋର୍ଟ ସମ୍ମୁଖରେ ନିର୍ଭୁଲ୍ ଏବଂ ନିର୍ଭୀକ ଭାବେ ନିଜର ବକ୍ତବ୍ୟ ପେଶ୍ କରିପାରିବେ ।

(୮) କେଶ୍‌ବିଚାର ପ୍ରକ୍ରିୟାରେ ପୀଡ଼ିତା ଏବଂ ସାକ୍ଷୀମାନଙ୍କ ନିରାପତ୍ତା ଏବଂ ସୁରକ୍ଷାକୁ ସୁନିଶ୍ଚିତ କରଯିବା ଉଚିତ୍ ।

**ସ୍ୱା/ ପ୍ରକାଶ ମିଶ୍ର, ପୋଲିସ୍ ମହାନିର୍ଦ୍ଦେଶକ, ଓଡ଼ିଶା, କଟକ**

## ପ୍ରାଥମିକ ସୂଚନା ବିବରଣୀ (ଏଫ୍ ଆଇ.ଆର.)

### First Information Report (FIR)

ଅପରାଧର ଏକ ଘଟଣା ଘଟିବା ସଂଗେ ସଂଗେ ଆମେ ସ୍ଥାନୀୟ ପୋଲିସ୍ ଥାନାରେ ଏହା ଜଣାଇବାକୁ ପଡ଼ିଥାଏ । ଅଭିଯୋଗକାରୀର ବୟାନ୍‌କୁ ଭିତ୍ତିକରି ଥାନାରେ ଏକ ବିବରଣୀ ବିଧିବଦ୍ଧ ଭାବେ ଲିପିବଦ୍ଧ କରାଯାଏ । ଏହାକୁ ପ୍ରାଥମିକ ସୂଚନା ବିବରଣୀ ବା ଏ୍.ଆଇ.ଆର୍. କୁହାଯାଏ ।

### ପ୍ରାଥମିକ ସୂଚନା ବିବରଣୀ ବା ଏଫ୍.ଆଇ.ଆର୍.ର ନମୁନା ପ୍ରରୂପ

(ଫୌଜଦାରୀ କାର୍ଯ୍ୟବିଧି ସଂହିତାର ୧୫୪ ଧାରା ଅନୁଯାୟୀ)

୧. ଜିଲ୍ଲା ........... ଥାନା ........ ବର୍ଷ ........

ଏତଲା ନମ୍ବର .......... ତାରିଖ .............

୨. (କ) ଆଇନ୍ ......... ଦଫା.......

(ଖ) ଆଇନ୍............ଦଫା ...........

(ଗ) ଆଇନ୍............ଦଫା ...........

(ଘ) ଅନ୍ୟାନ୍ୟ ଆଇନ୍‌ର ଦଫାସମୂହ . . . . . . . . . . . . .

୩. (କ) ସାଧାରଣ ଡାଏରୀ ପଞ୍ଜିକରଣ ନମ୍ବର ...... ସମୟ .........

(ଖ) ଘଟିତ ଅପରାଧଟି କଣ ?

ଦିନ ............... ତାରିଖ ............. ସମୟ

(ଗ) ଥାନାରେ ବିବରଣୀଟି କେତେବେଳେ ଗ୍ରହଣ ପହଞ୍ଚିଲା

ତାରିଖ ............ ସମୟ ....... ସାଧାରଣ ଡାଏରୀ ପୃଷ୍ଠା ନମ୍ବର ..........

୪. ବିବରଣୀ ଟି କେଉଁ ରୀତିରେ ଦାଖଲ ହୋଇଛି - ମୌଖିକ / ଲିଖିତ

୫. ଅପରାଧର ସ୍ଥାନ :

(କ) ଥାନାଠାରୁ କେତେ ଦୂର ......... ଦିଗ .........

(ଖ) ଠିକଣା ......

ବିଟ୍ ନଂ. ............

(ଗ) ଯଦି ଥାନାର ଇଲାକା ବାହାରେ ହୋଇଥିବ, ତେବେ ସଂପୃକ୍ତ ଥାନା-

ନାମ .............. ଜିଲ୍ଲା ...............

୬. ଅଭିଯୋଗକାରୀ / ଏତଲାକାରୀ-

(କ) ନାମ :

(ଖ) ବାପା / ସ୍ୱାମୀଙ୍କ ନାମ :

(ଗ) ଜନ୍ମ ତାରିଖ . . . . .. . . ବର୍ଷ . . . . . . . . . .

(ଘ) ଜାତୀୟତା :

(ଙ) ଠିକଣା :

୭. ଜଣା / ଅଜଣା / ସନ୍ଦେହାଧୀନ ଅଭିଯୁକ୍ତ ସମ୍ବନ୍ଧରେ ସବିଶେଷ ସୂଚନା :

୮. ଅଭିଯୋଗକାରୀ/ଏତଲାକାରୀଙ୍କ ଦ୍ୱାରା ଏତଲା ଦେବାରେ ବିଳମ୍ବର କାରଣ :

୯. ଚୋରୀ ହୋଇଥିବା ବା ସମ୍ପୃକ୍ତ ସମ୍ପତ୍ତି ସମ୍ବନ୍ଧରେ ସବିଶେଷ ବର୍ଣ୍ଣନ :

(ଆବଶ୍ୟକ ପଡିଲେ ଅତିରିକ୍ତ କାଗଜ ଯୋଡନ୍ତୁ)

୧୦. ହଜିଥିବା କିମ୍ବା ଚୋରି ହୋଇଯାଇଥିବା ସମ୍ପତ୍ତିର ମୋଟ୍ ମୂଲ୍ୟ :

୧୧. ଅସ୍ୱାଭାବିକକ ମୃତ୍ୟୁର ମାମଲା, ପଞ୍ଚନାମା :

୧୨. ଏଫ୍.ଆଇ.ଆର୍.ର ବିଷୟବସ୍ତୁ, ଯଦି ଦରକାର ପଡ଼େ କାଗଜ ଯୋଡନ୍ତୁ :

୧୩. ଉଲ୍ଲିଖିତ ଏତଲା ଭିତ୍ତିରେ ତଦନ୍ତ ଆରମ୍ଭ ହୋଇଯାଇଛି/ ତଦନ୍ତ ପାଇଁ ଆଦେଶ ଦିଆଯାଇଛି, ସେହି ମାମଲାର ଯାହାକି ପଞ୍ଜିକୃତ ହୋଇଛି ଦଫା. . . . . . . . . . ... ରେ ।

ମାମଲାଟି . . . . . . . . . . . . . . . . . . ଥାନାକୁ ତଦନ୍ତ ପାଇଁ ସ୍ଥାନାନ୍ତରଣ କରାଯାଇଛି ।

ଏତଲାଟିକୁ ବଡ ପାଟିରେ ଅଭିଯୋଗକାରୀ/ଏତଲାକାରୀକୁ ପଢ଼ାଇ ଶୁଣାଇ ଦିଆଯାଇଛି ଏବଂ ସେ ଏହା ଠିକ୍ ଅଛି ବୋଲି କହିବା ପରେ ସେହି ବ୍ୟକ୍ତିଙ୍କୁ ଏହାର ଏକ ଅବିକଳ ନକଲ ମାଗଣାରେ ପ୍ରଦାନ କରାଗଲା ।

ଥାନାର ଭାରପ୍ରାପ୍ତ ଅଧିକାରୀଙ୍କ ସ୍ୱାକ୍ଷର

ନାମ : ପଦବୀ : ନମ୍ବର (ଯଦି ଥାଏ) :

ଅଭିଯୋଗକାରୀ/ ଏତଲାକାରୀ ଙ୍କ ଦସ୍ତଖତ / ଟିପଚିହ୍ନ . . . . . . .

## ସହାୟକ କର୍ମୀମାନଙ୍କ ଜାଣିବା ପାଇଁ କେତେକ ଜରୁରୀ କଥା :

ମାମଲାଟି କେଉଁ ଦଫାରେ ରଜୁ ହେଲା ? ଏହି ଦଫାର ବିଶଦ୍ ବିବରଣୀ ଏବଂ ଏହା ପ୍ରଯୁଜ୍ୟ କି ନା ? ଏ ବିଷୟରେ ସତର୍କ ରହିବା ଜରୁରୀ, କାରଣ ଏକ ମକଦ୍ଦମାର ସଫଳତା ନିର୍ଭର କରୁଛି ସଠିକ୍ ଦଫାରେ ଏହା ରଜୁ ହୋଇଛି କି ନାହିଁ, ତାହା ଉପରେ । ଧରନ୍ତୁ ଯୌତୁକ ଜନିତ ହତ୍ୟା ମାମଲାଟି ଭାରତୀୟ ଦଣ୍ଡବିଧି ସଂହିତା (ଆଇ.ପି.ସି.)ର ଦଫା ୩୦୪(ବି) ଅଧୀନରେ ରଜୁ ହେବା କଥା, କିନ୍ତୁ ଅପରାଧୀଙ୍କୁ ସାହାଯ୍ୟ କରିବା ବା ମାମଲାଟିକୁ ଦୁର୍ବଳ କରିଦେବା ମତଲବ୍ ରଖି ଏହାକୁ ଫୌଜଦାରୀ କାର୍ଯ୍ୟବିଧି ସଂହିତାର ଦଫା ୧୭୬ ଅଧୀନରେ ଥାନାବାଲା ଦରଜ କରିଦେଇପାରନ୍ତି, କାରଣ ଏହି ଦଫାଟି 'ସନ୍ଦେହଜନକ ପରିସ୍ଥିତିରେ ମୃତ୍ୟୁ' କ୍ଷେତ୍ରରେ ଲାଗୁ ହୋଇଥାଏ । ଥାନାବାଲାଙ୍କର ଏପ୍ରକାର ଏପଟ ସେପଟ କରିବାର ଅପଚେଷ୍ଟା ପ୍ରତି ଆମେ ହୁସିଆର ରହିବା ଦରକାର । ଯଦି ଆମେ ପ୍ରଥମରୁ ଦଫା ବିଷୟରେ ସତର୍କ ରହିପାରିବା, ତେବେ ଅପରାଧୀଙ୍କୁ ନ୍ୟାୟାଳୟରେ ଦଣ୍ଡିତ କରିପାରିବା ସମ୍ଭାବନା ଅଧିକ ରହିବ ।

### କେଶ୍ ଦାଏର୍ ପ୍ରଣାଳୀ

### How to register a Case

ଆମେ ଯେତେବେଳେ କୋଣସି ଅନ୍ୟାୟ ବା ଅବିଚାର ବିରୁଦ୍ଧରେ ଏକ କେଶ୍ ରଜୁ କରିବାକୁ ଚାହୁଁ, ସେତେବେଳେ ପ୍ରଥମେ ଆମକୁ କୌଣସି ଜଣେ ପ୍ରଗତିଶୀଳ ଆଇନଜୀବି ବା ଅଭିଜ୍ଞ ସମାଜକର୍ମୀଙ୍କ ସହ ପରାମର୍ଶ କରି ଠିକ୍ କରିବାକୁ ପଡିବ, କେଉଁ ଆଇନ୍‌ର କେଉଁ ଧାରା ଅଧୀନରେ ଆମେ ଥାନାରେ, ଅଦାଲତରେ କିମ୍ବା ସଂପୃକ୍ତ ପ୍ରଶାସନିକ ଦପ୍ତରରେ ଅଭିଯୋଗ ପତ୍ର ଦାଖଲ କରିବୁ । ବିଶେଷ କରି ନିମ୍ନୋକ୍ତ ଆବଶ୍ୟକତା ପ୍ରତି ଦୃଷ୍ଟି ଦେବାକୁ ପଡିବ -

- ଯଦି ଥାନାରେ ଅଭିଯୋଗ କରିବାକୁ ପଡେ, ତେବେ ଲିଖିତ ଆକାରରେ ଏହାକୁ ଦାଖଲ କରିବାକୁ ପଡ଼ିବ ।

- ଯେଉଁ ଲିଖିତ ଅଭିଯୋଗ ଦାଖଲ କରାଗଲା, ତହିଁର ଏକ ପ୍ରାପ୍ତି ସ୍ୱୀକାର ରସିଦ୍ ସେହି ଦପ୍ତରରୁ ଆଣିବା ପାଇଁ ଆମେ ଯେମିତି ଭୁଲି ନଯାଉଁ ।

- ଆମର ଅଭିଯୋଗ ପଂଜିକୃତ ହୋଇଗଲେ ଆମେ ଏହି ତିନୋଟି ବିଷୟରେ ସବୁବେଳେ ମନେ ରଖିବା, ଯଥା ପ୍ରଥମତଃ ଆମର ଅଭିଯୋଗ ସଂଖ୍ୟାଟି କ'ଣ, ଏବଂ ଦ୍ୱିତୀୟତଃ କେଉଁ ଦଫା ବା ଦଫାସମୂହ ଅଧୀନରେ ଆମର ଅଭିଯୋଗ ପଂଜିକୃତ ହୋଇଛି ଏବଂ ତୃତୀୟତଃ ଆମେ ଦାଖଲ କରିଥିବା ଅଭିଯୋଗଟିକୁ ଉପଯୁକ୍ତ ଦଫା ଅନୁସାରେ ଲିପିବଦ୍ଧ କରାଯାଇଛି କି ନା ।

- ଏହା ପରେ ସାକ୍ଷୀ ତଥା ପ୍ରମାଣଗୁଡିକର ତାଲିକା ପୋଲିସ୍‌କୁ ଦେବାକୁ ପଡ଼ିବ ।

- ଅଭିଯୁକ୍ତଙ୍କ ବିରୁଦ୍ଧରେ ଥରେ ଅଭିଯୋଗ ଫର୍ଦ୍ଦ ଅଦାଲତରେ ଦାଖଲ ହେବାମାତ୍ରେ କେଶ୍ ସଂଖ୍ୟାର ପରିବର୍ତ୍ତନ ଘଟିଥାଏ । ଏପର୍ଯ୍ୟନ୍ତ ଥିଲା ଅପରାଧ ସଂଖ୍ୟା, ବର୍ତ୍ତମାନ ଠାରୁ ଏହା ପରିଚିତ ହେବ କେଶ୍ ସଂଖ୍ୟା ଦ୍ୱାରା । ଆମକୁ ଏହି କେଶ୍ ସଂଖ୍ୟା ମନେ ରଖିବାକୁ ପଡିବ ।

- ଯଦି ଅଭିଯୁକ୍ତ କିମ୍ବା ତାଙ୍କ ତରଫରୁ କେହି ବ୍ୟକ୍ତି ଅଭିଯୋଗକାରୀ କିମ୍ବା ତାଙ୍କର ସହଯୋଗୀଙ୍କୁ ଆକ୍ରମଣ କରନ୍ତି ବା ଧମକଚମକ ଦିଅନ୍ତି, ତେବେ ଏ ବିଷୟରେ ସୂଚନା ତୁରନ୍ତ ବିଚାରପତି ଏବଂ ପୋଲିସ ଥାନାକୁ ଜଣାଇବାକୁ ପଡ଼ିବ ।

# କେଶ୍‌ର କାର୍ଯ୍ୟବିଧି ପ୍ରକ୍ରିୟା

**(Proceedings for Case Disposal)**

ଅନୁସନ୍ଧାନ କାର୍ଯ୍ୟଆରମ୍ଭ

↓

ଅଭିଯୁକ୍ତଙ୍କର ଅଦାଲତରେ ହାଜର ହେବା ବାଧ୍ୟତାମୂଳକ

↓

ସରକାରୀ ସାକ୍ଷୀମାନଙ୍କୁ ଜେରା

↓

- ଯଦି ପ୍ରାଥମିକ ଅନୁସନ୍ଧାନରେ ଅଭିଯୁକ୍ତ ନିର୍ଦ୍ଦୋଷ ପ୍ରମାଣିତ ହୁଅନ୍ତି, ତେବେ ସେ ଖଲାସ ହୁଅନ୍ତି ।
- ଯଦି ପ୍ରାଥମିକ ଅନୁସନ୍ଧାନରେ ଅଭିଯୁକ୍ତ ଦୋଷୀ ପ୍ରମାଣିତ ହୁଅନ୍ତି, ତାଙ୍କ ବିରୋଧରେ ଅଭିଯୋଗ ପତ୍ର ଦାଖଲ କରାଯାଏ ।

↓

- ଯଦି ଅଭିଯୁକ୍ତ ଏହି ପର୍ଯ୍ୟାୟରେ ଅପରାଧ ସ୍ୱୀକାର କରନ୍ତି ତେବେ ଦଣ୍ଡବିଧାନ ଘୋଷଣା କରାଯାଏ ।
- ଯଦି ଅଭିଯୁକ୍ତ ଅପରାଧ ସ୍ୱୀକାର ନକରନ୍ତି ତେବେ ସାକ୍ଷୀମାନଙ୍କୁ ଜେରା କରାଯାଏ ।

↓

ପ୍ରତିବାଦୀ ପକ୍ଷର ସାକ୍ଷୀମାନଙ୍କୁ ଜେରା

↓

ଉଭୟ ଅଭିଯୁକ୍ତ ଓ ଅଭିଯୋକ୍ତାଙ୍କ ବୟାନ ଶୁଣାଯାଏ

| |
|---|
| ଯଦି ଅଭିଯୁକ୍ତ ଦୋଷୀ ପ୍ରମାଣିତ ନହେବେ, ତେବେ ସେ ଖଲାସ ହୋଇଯିବେ । |

| |
|---|
| ଯଦି ଅଭିଯୁକ୍ତ ଦୋଷୀ ପ୍ରମାଣିତ ହେବେ, ତେବେ ସେ ଦଣ୍ଡିତ ହେବେ ତେବେ ସେ ଦଣ୍ଡିତ ହେବେ । |

↓

ଏହା ଅଭିଯୁକ୍ତଙ୍କୁ ଜଣାଇ ଦିଆଯାଏ

↓

ଦଣ୍ଡ ବିଧାନ ଘୋଷିତ ହୁଏ

ଅଧ୍ୟାୟ-୭

# ସୂଚନା ଅଧିକାର ଆଇନ୍ ୨୦୦୫, କେନ୍ଦ୍ରୀୟ ନିୟମାବଳୀ ଏବଂ ଓଡିଶା ନିୟମାବଳୀ – ଏକ ପୁନର୍ପୌନିକ ଜିଜ୍ଞାସା

## ପ୍ରଶ୍ନ-୧ : ସୂଚନା ଅଧିକାର ଆଇନ୍ କାହିଁକି ଗୁରୁତ୍ୱପୂର୍ଣ୍ଣ ?

ସୂଚନା ଅଧିକାର ଆଇନ୍ ୧୫ ଜୁନ୍ ୨୦୦୫ରେ ବିଜ୍ଞାପିତ ହେବା ସହିତ କେବଳ ଜାମ୍ମୁ ଓ କାଶ୍ମୀରକୁ ଛାଡି ଓଡିଶା ସମେତ ସମଗ୍ର ଦେଶରେ ଆଂଶିକ ଭାବେ ବଳବତ୍ତର ହୋଇଥିଲା । ୧୨୦ଦିନର ଅନ୍ତର୍ବର୍ତ୍ତୀ ବ୍ୟବଧାନ ପରେ ଏହା ୧୨ ଅକ୍ଟୋବର ୨୦୦୫ରେ ସଂପୂର୍ଣ୍ଣ ଭାବେ ବଳବତ୍ତର ହେଲା । ଆଇନ୍‌ର ନିର୍ଦ୍ଦେଶନା ମତେ ଉଭୟ କେନ୍ଦ୍ର ଓ ଓଡିଶା ସମେତ ବିଭିନ୍ନ ରାଜ୍ୟ ସରକାରମାନେ ଆଇନ୍‌ର ବ୍ୟବସ୍ଥାଗୁଡିକୁ କାର୍ଯ୍ୟକାରୀ କରିବା ପାଇଁ ନିଜ ନିଜର ନିୟମାବଳୀ ଜାରି କଲେ । ପ୍ରତି ଜନ କର୍ତ୍ତୃପକ୍ଷ ସ୍ୱୟଂଚାଳିତ ହୋଇ ନିଜନିଜର କାର୍ଯ୍ୟକଳାପ ବିଷୟରେ ସର୍ବସାଧାରଣଙ୍କ ସମ୍ମୁଖରେ ସବିଶେଷ ତଥ୍ୟାବଳୀ ପ୍ରସାରଣ କରିବେ ତଥା ଜଣେ ନାଗରିକ କୌଣସି ନିର୍ଦ୍ଦିଷ୍ଟ ବିଷୟରେ ସୂଚନା ପାଇଁ ଦରଖାସ୍ତ କରିବା ମାତ୍ରେ ତାଙ୍କୁ ବିହିତ ପଦ୍ଧତିରେ ତାହା ଯୋଗାଇ ଦେବେ ବୋଲି ଆଇନ୍ ସେମାନଙ୍କ ଉପରେ ବୈଧାନିକ ଦାୟିତ୍ୱ ନ୍ୟସ୍ତ କରିଛି । ଏହି ଆଇନ୍‌ର ପ୍ରାକ୍-କଥନରେ କୁହାଯାଇଛି ଯେ, ଭାରତୀୟ ପ୍ରଜାତନ୍ତ୍ର ତଥା ଏହାର ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ଠିକ୍ ଭାବେ କାର୍ଯ୍ୟ କରିବାକୁ ହେଲେ ଗୋଟିଏ ପଟରେ ଦରକାର ଏକ ତଥ୍ୟସମୃଦ୍ଧ ନାଗରିକ ସମାଜ ଏବଂ ଅନ୍ୟ ପଟରେ ଜନ କର୍ତ୍ତୃପକ୍ଷମାନଙ୍କର କାର୍ଯ୍ୟଶୈଳୀରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ । ପୁଣି ଏହି ଆଇନ୍ ବର୍ତ୍ତମାନ ଆମ ଦେଶର ଉତ୍ତରୋତ୍ତର ଅଗ୍ରଗତିରେ ଏକ ପ୍ରମୁଖ ବାଧା ରୂପେ ଦେଖା ଦେଇଥିବା ଦୁର୍ନୀତିକୁ ରୋକିବା ପାଇଁ ମଧ୍ୟ ଅଭିପ୍ରେତ । ଏହାଛଡା ଏହା ଆଉ ଏକ ଦୃଷ୍ଟିରୁ ମଧ୍ୟ ଅଭୂତପୂର୍ବ- ସରକାରୀ ଗୋପନୀୟତା ଆଇନ୍ ୧୯୨୩ ବା ରାଷ୍ଟ୍ରର ଅନ୍ୟ ବିଧିବିଧାନରେ ଯଦି ଏହି ନୂତନ ଆଇନ୍ ସହିତ କିଛି ଅସଂଗତି ଥିବ, ତେବେ ଏହି ନୂତନ ଆଇନ୍‌ର ବ୍ୟବସ୍ଥାମାନ ହିଁ ପ୍ରାଧାନ୍ୟ ଲାଭ କରିବ । ପୁଣି, ବିହିତ ପଦ୍ଧତିରେ ଜନକର୍ତ୍ତୃପକ୍ଷମାନେ ଯେପରି ସୂଚନାବଳୀର ପ୍ରସାରଣ ଓ ହସ୍ତାନ୍ତର କରିବା ପାଇଁ ଉତ୍ତରଦାୟୀ ରହିବେ, ସେଥିପାଇଁ ଆଇନ୍ ଦୋଷୀ ଅଧିକାରୀମାନଙ୍କ ବିରୁଦ୍ଧରେ କଠୋର ଦଣ୍ଡବିଧାନ ସହିତ ସ୍ଥଳ ବିଶେଷରେ ବ୍ୟଥିତ ନାଗରିକମାନଙ୍କୁ କ୍ଷତିପୂରଣ ଓ ମାଗଣା ସୂଚନା ପ୍ରଦାନର ବ୍ୟବସ୍ଥା ରଖିଛି ।

## ପ୍ରଶ୍ନ-୨ : 'ସୂଚନା' କ'ଣ ?

ସୂଚନା କହିଲେ, ସେହି ସମସ୍ତ ଧରଣର ସାମଗ୍ରୀ, ଯାହା ଭିତରେ ଅନ୍ତର୍ଭୁକ୍ତ ରହିଛି ରେକର୍ଡ, ଡକୁମେଣ୍ଟ, ମେମୋ, ଇମେଲ୍, ମତାମତ, ପରାମର୍ଶ, ପ୍ରେସ୍ ବିବୃତ୍ତି, ପରିପତ୍ର (ସର୍କୁଲାର୍), ଅର୍ଡର, ଲଗ୍‌ବୁକ୍, ଚୁକ୍ତିନାମା, ବିବରଣୀ (ରିପୋର୍ଟ), କାଗଜପତ୍ର, ନମୂନା (ସାମ୍ପଲ୍), ଢାଞ୍ଚା(ମଡେଲ୍), ଇଲେକ୍ଟ୍ରନିକ୍ ମାଧ୍ୟମରେ ଉପଲବ୍ଧ ହେଉଥିବା ତଥ୍ୟରାଜି, ତଥା କୌଣସି ଘରୋଇ ସଂସ୍ଥା ସଂବନ୍ଧୀୟ ସୂଚନା, ଯାହାକି ବର୍ତ୍ତମାନ ବଳବତ୍ତର ଥିବା କୌଣସି ଆଇନ୍ ବଳରେ ଜନକର୍ତ୍ତୃପକ୍ଷଙ୍କ ନିକଟରେ ଉପଲବ୍ଧ ହୋଇପାରେ । *ଧାରା-୨(ଏଫ୍)* ।

## ପ୍ରଶ୍ନ-୩: 'ସୂଚନା ଅଧିକାର' କ'ଣ ?

'ସୂଚନାର ଅଧିକାର' କହିଲେ ଯେ କୌଣସି ଜନ କର୍ତ୍ତୃପକ୍ଷଙ୍କ ଅଧୀନରେ ବା ନିୟନ୍ତ୍ରଣରେ ଥିବା ସୂଚନାକୁ ଜାଣିବାର ଅଧିକାର, ଏବଂ ଏହି ଅଧିକାର ଭିତରେ ନିମ୍ନୋକ୍ତ ଅଧିକାରମାନ ଅନ୍ତର୍ଭୁକ୍ତ-

(୧) କୌଣସି କାର୍ଯ୍ୟ, ଡକୁମେଣ୍ଟ ବା ରେକର୍ଡକୁ ନିରୀକ୍ଷଣ (ଇନ୍‌ସ୍ପେକ୍‌ସନ୍) କରିବା;

(୨) ଡକୁମେଣ୍ଟ ବା ରେକର୍ଡଗୁଡିକରୁ ନୋଟ୍, ଖଣ୍ଡିତାଂଶ ବା ପ୍ରମାଣୀକୃତ ନକଲ ସଂଗ୍ରହ କରିବା;

(୩) କୋଣସି ସାମଗ୍ରୀର ପ୍ରମାଣୀକୃତ ନମୂନା ସଂଗ୍ରହ କରିବା;

(୪) ଯେଉଁଠି ସଂଶ୍ଳିଷ୍ଟ ସୂଚନା କମ୍ପ୍ୟୁଟର୍ ବା ଅନ୍ୟ କୌଣସି ଯନ୍ତ୍ରକୌଶଳରେ ସଂଚିତ ଥିବ, ସେପରି ସ୍ଥଳେ ଡିସ୍କ, ଫ୍ଲପି, ଟେପ୍, ଭିଡିଓ କ୍ୟାସେଟ୍ ବା ଅନ୍ୟକୌଣସି ଇଲେକ୍ଟ୍ରନିକ୍ ମାଧ୍ୟମରେ ଅଥବା ଛପାକ୍ଷରରେ ସେହି ସୂଚନାକୁ ହାସଲ କରିବା । *ଧାରା-୨(ଜେ)* ।

## ପ୍ରଶ୍ନ-୪: ଏହି ଆଇନ୍ ଅଧୀନରେ କେଉଁ ଜନକର୍ତ୍ତୃପକ୍ଷମାନେ ଉତ୍ତରଦାୟୀ ରହିବେ ?

'ଜନ କର୍ତ୍ତୃପକ୍ଷ' କହିଲେ ଯେ କୌଣସି କର୍ତ୍ତୃପକ୍ଷ, ସଂଗଠନ ବା ସ୍ୱାୟତ୍ତ-ଶାସନ ସଂସ୍ଥା (ଗ୍ରାମ ପଞ୍ଚାୟତ ବା ମ୍ୟୁନିସିପାଲିଟି ଭଳି),

ଯାହାକି ସମ୍ବିଧାନ ବଳରେ, କିମ୍ବା ସଂସଦ ବା ରାଜ୍ୟ ଆଇନ୍‌ସଭା ଦ୍ୱାରା ପ୍ରଣୀତ କୌଣସି ଆଇନ୍ ବଳରେ, କିମ୍ବା କେନ୍ଦ୍ର ବା ରାଜ୍ୟ ସରକାରଙ୍କ ବିଜ୍ଞପ୍ତି ବା ଆଦେଶ ବଳରେ ପ୍ରତିଷ୍ଠିତ ବା ଗଠିତ ହୋଇଥିବ । ପୁଣି 'ଜନ କର୍ତ୍ତୃପକ୍ଷ'ର ସଂଜ୍ଞା ଭିତରେ ମଧ୍ୟ ଅନ୍ତର୍ଭୁକ୍ତ ହେବ ସେହି ସମସ୍ତ ସଂସ୍ଥା ଓ ବେସରକାରୀ ସଂସ୍ଥା, ଯାହାକି କେନ୍ଦ୍ର ବା ରାଜ୍ୟ ସରକାରଙ୍କ ମାଲିକାନାଧୀନ ବା ନିୟନ୍ତ୍ରିତ ହେଉଥିବ ବା କୌଣସି ଉଦ୍ଦେଶ୍ୟରେ ପ୍ରତ୍ୟେକ୍ଷ ବା ପରୋକ୍ଷରେ ସରକାରୀ ପାଣ୍ଠିରୁ ଅର୍ଥପୁଷ୍ଟ ହୋଇଥିବ । *ଧାରା-୨(ଏଚ୍)* । ଏଠାରେ ଉଲ୍ଲେଖନୀୟ ଯେ, କେଉଁ ସରକାର ନିୟନ୍ତ୍ରଣ କରୁଛନ୍ତି, ତାହା ଭିତ୍ତିରେ ଦେଶର ସମସ୍ତ 'ଜନ କର୍ତ୍ତୃପକ୍ଷ'ଙ୍କୁ ଦୁଇଭାଗରେ ବିଭକ୍ତ କରଯାଇପାରେ, ଯଥା କେନ୍ଦ୍ରୀୟ ଜନ କର୍ତ୍ତୃପକ୍ଷ (ଉଦାହରଣ- ରାଷ୍ଟ୍ରାୟତ୍ତ ବ୍ୟାଙ୍କ, ପୋଷ୍ଟ ଅଫିସ୍, ବି.ଏସ୍.ଏନ୍.ଏଲ୍., ରେଲୱେ, ଏବଂ କେନ୍ଦ୍ରୀୟ ମନ୍ତ୍ରଣାଳୟ ଓ ବିଭାଗସମୂହ) ଏବଂ ରାଜ୍ୟ ଜନକର୍ତ୍ତୃପକ୍ଷ (ଉଦାହରଣ- ଗ୍ରା:ପ:, ବ୍ଲକ୍, ଜିଲ୍ଲା କାର୍ଯ୍ୟାଳୟ, ଓ ରାଜ୍ୟ ନିର୍ଦ୍ଦେଶାଳୟ ଓ ବିଭାଗ ସମୂହ) ।

## ପ୍ରଶ୍ନ-୫: ଗୋଟିଏ ଜନକର୍ତ୍ତୃପକ୍ଷ ପାଇଁ କେଉଁ ଅଁିସରଗଣ ନିଯୁକ୍ତ ହେବେ ଏବଂ କେଉଁ ଉଦ୍ଦେଶ୍ୟରେ ?

ଏହି ଆଇନ୍‌ର ବ୍ୟବସ୍ଥାଗୁଡ଼ିକୁ ଯଥାର୍ଥ ଢଙ୍ଗରେ କାର୍ଯ୍ୟକାରୀ କରାଇବା ପାଇଁ ପ୍ରତି ଜନକର୍ତ୍ତୃପକ୍ଷ ଏହି ଆଇନ୍ ଘୋଷିତ ହେବାର ୧୦୦ ଦିନ ଭିତରେ, ଅର୍ଥାତ୍ ୨୨ ସେପ୍ଟେମ୍ବର ୨୦୦୫ ସୁଦ୍ଧା ନିଜର ଅଁିସରମାନଙ୍କ ଭିତରୁ ପ୍ରତି ପ୍ରଶାସନିକ ଶାଖା ଓ କାର୍ଯ୍ୟାଳୟରେ ଆବଶ୍ୟକ ମତେ ଯଥା ସଂଖ୍ୟକ ଜନସୂଚନା ଅଧିକାରୀ ଓ ସହକାରୀ ଜନସୂଚନା ଅଧିକାରୀଙ୍କୁ ପଦନାମିତ କରିବେ । ଜନସୂଚନା ଅଧିକାରୀଙ୍କର ମୌଳିକ କର୍ତ୍ତବ୍ୟ ହେବ ସୂଚନା ପ୍ରଦାନ କରିବା, ଏବଂ ସହକାରୀ ଜନସୂଚନା ଅଧିକାରୀଙ୍କର ମୌଳିକ କର୍ତ୍ତବ୍ୟ ହେବ ନାଗରିକମାନଙ୍କ ଠାରୁ ଦରଖାସ୍ତ ଓ ଅପିଲ୍‌ମାନ ଗ୍ରହଣ କରି ସେଗୁଡ଼ିକୁ ଯଥାସ୍ଥିତି ଜନସୂଚନା ଅଧିକାରୀ ବା ଅପିଲ୍ ଅଧିକାରୀ ବା ସଂପୃକ୍ତ ସୂଚନା କମିଶନ୍‌ଙ୍କ ନିକଟକୁ ତୁରନ୍ତ ପଠାଇବା । ପ୍ରତି ଜନକର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟରେ ଜଣେ ବରିଷ୍ଠ ଅଧିକାରୀଙ୍କୁ ୧ମ ଅପିଲ୍ କର୍ତ୍ତୃପକ୍ଷ ଭାବେ ପଦନାମିତ କରାଯିବ, ଯେ କି ସଂପୃକ୍ତ ଜନସୂଚନା ଅଧିକାରୀଙ୍କ ବିରୁଦ୍ଧରେ ଆଗତ ୧ମ ଅପିଲ୍‌କୁ ବିଚାର କରିବେ । ଯେଉଁସ୍ଥଳେ ଜନସୂଚନା ଅଧିକାରୀ ବା ସହକାରୀ ଜନସୂଚନା ଅଧିକାରୀ ଅନୁପସ୍ଥିତ ଥିବେ, ସେପରି ସ୍ଥଳେ ଅନ୍ୟ ଯେଉଁ ଅଧିକାରୀଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଥିବ, ସେ ଯଥାସ୍ଥିତି ଉକ୍ତ ଦୁଇ ଅଧିକାରୀଙ୍କ ଦାୟିତ୍ୱ ସମ୍ପାଦନ କରିବେ । *ଧାରା-୫* ।

## ପ୍ରଶ୍ନ-୬: ସ୍ୱୟଂ-ପ୍ରକଟନୀୟ ସୂଚନା କ'ଣ ?

ଜନ କର୍ତ୍ତୃପକ୍ଷମାନେ ନାଗରିକମାନଙ୍କୁ ଦୁଇ ପ୍ରକାର ସୂଚନା ଦେବା ପାଇଁ ଆଇନ୍ କହିଛି, ଯଥା ସ୍ୱୟଚାଳିତ ହୋଇ ସୂଚନାସମୂହର ବିତରଣ କରିବା ତଥା ଏକ ଦରଖାସ୍ତର ଉତ୍ତରରେ ସୂଚନା ପ୍ରଦାନ କରିବା । ପ୍ରଥମ ଧରଣର ସୂଚନାବଳୀ ହେଉଛି ସଂପୃକ୍ତ ଜନ କର୍ତ୍ତୃପକ୍ଷଙ୍କ ସଂଗଠନ ସଂବନ୍ଧୀୟ ୧୭ ପ୍ରକାର ବିଷୟ ଉପରେ ସବିଶେଷ ତଥ୍ୟାବଳୀ, ଯେଉଁଗୁଡ଼ିକୁ ଆଇନ୍ ବିଜ୍ଞପ୍ତି ହେବାର ୧୨୦ ଦିନ ଭିତରେ ଅର୍ଥାତ୍ ୧୨ ଅକ୍ଟୋବର ୨୦୦୫ ସୁଦ୍ଧା ସ୍ଥାନୀୟ ଭାଷାରେ ଓ ବିଭିନ୍ନ ଲୋକପ୍ରିୟ ମାଧ୍ୟମରେ ସ୍ୱୟଂ-ଚାଳିତ ହୋଇ ସେମାନେ ପ୍ରକାଶ କରିବେ । କୌଣସି ବ୍ୟକ୍ତି ଚାହିଁବା ମାତ୍ରେ ଏହି ସୂଚନାବଳୀକୁ ସେ ନିରୀକ୍ଷଣ (ଇନ୍‌ସ୍ପେକ୍ସନ୍) ଓ ସଂଗ୍ରହ କରିପାରିବେ ଓ ଏହି ସୂଚନାବଳୀ ତାଙ୍କୁ ମାଗଣାରେ ବା କେବଳ ମୁଦ୍ରଣ ବ୍ୟୟ ବିନିମୟରେ ଯୋଗାଇ ଦିଆଯିବ । ପ୍ରତି ଜନ କର୍ତ୍ତୃପକ୍ଷଙ୍କ ଦ୍ୱାରା ସୂଚନାବଳୀର ସ୍ୱୟଂ-ପ୍ରକାଶନର ଉଦ୍ଦେଶ୍ୟ ହେଲା, ନାଗରିକମାନଙ୍କୁ ସଂପୃକ୍ତ କର୍ତ୍ତୃପକ୍ଷଙ୍କ ସଂବନ୍ଧୀୟ ନିମ୍ନୋକ୍ତ ବିଷୟରେ ସବିଶେଷ ଭାବେ ଅବଗତ କରାଇବା, ଯଥା କର୍ତ୍ତୃପକ୍ଷର ପ୍ରତିଷ୍ଠା ବା ଗଠନର ଲକ୍ଷ୍ୟ, ଏହାର କର୍ମଚାରୀମାନଙ୍କର କ୍ଷମତା ଓ ଦାୟିତ୍ୱସମୂହ, ନିଷ୍ପତ୍ତି-ଗ୍ରହଣ ପାଇଁ ଅନୁସୃତ ପଦ୍ଧତି, ତଦାରଖ ଓ ଉତ୍ତରଦାୟିତ୍ୱକୁ ସୁନିଶ୍ଚିତ କରିବାର ବ୍ୟବସ୍ଥା, ପ୍ରତି କାର୍ଯ୍ୟ ସଂପାଦନ ପାଇଁ ବିହିତ ମାନଦଣ୍ଡସମୂହ, ଏହାର ବିଧିବିଧାନ, ଏହାର ନିୟନ୍ତ୍ରଣ ଅଧୀନରେ ଥିବା ସୂଚନାବଳୀର ପ୍ରକାରଭେଦ, ପଲିସି ନିର୍ଦ୍ଧାରଣ ଓ କାର୍ଯ୍ୟାନ୍ୱୟନ କ୍ଷେତ୍ରରେ ସର୍ବସାଧାରଣଙ୍କ ସହ ପରାମର୍ଶ କରିବା ପାଇଁ ଅନୁସୃତ ବ୍ୟବସ୍ଥା, ଅଫିସ୍ ମଧ୍ୟରେ କାର୍ଯ୍ୟ କରୁଥିବା କମିଟିମାନ ଏବଂ ସେଗୁଡ଼ିକର ବୈଠକ ଓ ନିଷ୍ପତ୍ତିଗୁଡ଼ିକ ସର୍ବସାଧାରଣଙ୍କ ପାଇଁ ଉନ୍ମୁକ୍ତ କି ନା, ସମସ୍ତ ଅଫିସର୍ ଓ କର୍ମଚାରୀଙ୍କ ବିଷୟରେ ତଥ୍ୟାବଳୀ, ପ୍ରତି ଅଫିସର୍ ଓ କର୍ମଚାରୀଙ୍କୁ ମିଳୁଥିବା ମାସିକ ଦରମା, ଭତ୍ତା ଓ ଅନ୍ୟାନ୍ୟ ସୁବିଧାସୁଯୋଗ, ପ୍ରତି ଉପସଂସ୍ଥାର ଯୋଜନାମାନ ଓ ପ୍ରତି ଯୋଜନା ପିଛା ଅର୍ଥବ୍ୟୟ, ସମସ୍ତ ସହାୟତା କାର୍ଯ୍ୟକ୍ରମ ବିଷୟରେ ସୂଚନା ଓ ପ୍ରତି କାର୍ଯ୍ୟକ୍ରମର ହିସାବ ଓ ହିତାଧିକାରୀ ତାଲିକା, ସଂପୃକ୍ତ କର୍ତ୍ତୃପକ୍ଷଙ୍କ ଠାରୁ ରିହାତି, ପରମିଟ୍ ବା ଅନୁମତି ହାସଲ କରିଥିବା ବ୍ୟକ୍ତିବିଶେଷଙ୍କର ସବିଶେଷ ବିବରଣୀ, ଇଲେକ୍ଟ୍ରନିକ ମାଧ୍ୟମଗୁଡ଼ିକ (କମ୍ପୁଟର, ଭିଡିଓ, ଇଣ୍ଟରନେଟ୍ ଇତ୍ୟାଦି)ରେ ଉପଲବ୍ଧ ସୂଚନାବଳୀ, ସୂଚନା ଆଶାୟୀ ନାଗରିକମାନଙ୍କ ପାଇଁ ଉପଲବ୍ଧ ସୁବିଧସୁଯୋଗ, ତଥା ଜନସୂଚନା ଅଧିକାରୀଙ୍କର ନାମ, ପଦବୀ ଓ ଅନ୍ୟାନ୍ୟ ବିବରଣ । ସ୍ୱୟଂ-ପ୍ରକଟନୀୟ ସୂଚନାବଳୀକୁ ଅନ୍ତତଃ ବର୍ଷକୁ ଥରେ ନବୀକରଣ କରାଯିବ ।*ଧାରା-୪(୧-ବି)* ।

**ପ୍ରଶ୍ନ-୭: ଜନ କର୍ତ୍ତୃପକ୍ଷମାନଙ୍କର ଅନ୍ୟାନ୍ୟ ସ୍ୱୟଂଚାଳିତ କର୍ତ୍ତବ୍ୟମାନ କ'ଣ?**

- ଗୁରୁତ୍ୱପୂର୍ଣ୍ଣ ନୀତିଗୁଡ଼ିକର ପ୍ରଣୟନ କଲାବେଳେ ବା ସର୍ବସାଧାରଣଙ୍କୁ ପ୍ରଭାବିତ କରୁଥିବା ନିଷ୍ପତ୍ତିମାନ ଗ୍ରହଣ କଲାବେଳେ ସମସ୍ତ ପ୍ରାସଙ୍ଗିକ ତଥ୍ୟାବଳୀକୁ ପ୍ରକାଶନ କରିବା । *ଧାରା-୪(୧-ସି)।*

- ପ୍ରତି ପ୍ରଶାସନିକ ବା କଳ୍ପ-ନ୍ୟାୟିକ ନିଷ୍ପତ୍ତିର ଯୌକ୍ତିକତା ବିଷୟରେ ପ୍ରଭାବିତ ସର୍ବସାଧାରଣଙ୍କୁ ଅବଗତ କରାଇବା । *ଧାରା-୪(୧-ଡି)।*

- ସ୍ୱୟଂଚାଳିତ ହୋଇ ସର୍ବସାଧାରଣଙ୍କୁ ମଝିରେ ମଝିରେ ତଥା ବିଭିନ୍ନ ମାଧ୍ୟମରେ ଯଥାସମ୍ଭବ ଅଧିକ ସୂଚନାବଳୀ ଯୋଗାଇଦେବା, ଯାହା ଫଳରେ ସୂଚନା ହାସଲ ପାଇଁ ସେମାନେ ଏହି ଆଇନ୍‌କୁ ବ୍ୟବହାର କରିବାର ଆବଶ୍ୟକତା ସର୍ବନିମ୍ନ ହୋଇପଡ଼ିବ । *ଧାରା-୪(୨)।*

- ପ୍ରତି ସୂଚନାକୁ ଏମିତି ବ୍ୟାପକ ଭାବେ, ଏମିତି ପ୍ରକାରରେ ଓ ଏମିତି ପଦ୍ଧତିରେ ପ୍ରସାରଣ କରାଯିବ, ଯାହା ଫଳରେ ସର୍ବସାଧାରଣଙ୍କ ଦ୍ୱାରା ଏହାକୁ ହାସଲ କରିବା ସହଜସାଧ୍ୟ ହୋଇଯିବ । *ଧାରା-୪(୩)।*

**ପ୍ରଶ୍ନ-୮: ନାଗରିକଙ୍କ ଦ୍ୱାରା ସ୍ୱୟଂପ୍ରକଟନୀୟ ସୂଚନାର ହାସଲ ପାଇଁ ଓଡ଼ିଶା ସରକାର କିଛି ସ୍ୱତନ୍ତ୍ର ବ୍ୟବସ୍ଥା କରିଛନ୍ତି କି?**

- ଆଇନ୍‌ର ଧାରା ୪(୧-ବି) ଅଧୀନସ୍ଥ ସୂଚନାବଳୀକୁ ସଂଗ୍ରହ ଓ ନିରୀକ୍ଷଣ ସକାଶେ ଏକ ଜନ କର୍ତ୍ତୃପକ୍ଷଙ୍କ ଅଫିସ୍‌କୁ ଆସୁଥିବା ନାଗରିକମାନଙ୍କ ସଂବନ୍ଧରେ ସବିଶେଷ ବିବରଣୀ ଲିପିବଦ୍ଧ କରି ରଖିବା ପାଇଁ ଏକ ରେଜିଷ୍ଟର୍ ରଖାଯିବ । *ନିୟମ-୨(୨), ଓଡ଼ିଶା ସୂଚନା ଅଧିକାର (ସଂଶୋଧନ) ନିୟମାବଳୀ ୨୦୦୬।*

- ପ୍ରତି ଜନ କର୍ତ୍ତୃପକ୍ଷ ଫର୍ମ-ଏଫ୍‌ରେ ଏକ ରେଜିଷ୍ଟର୍ ରଖିବେ, ଯେଉଁଥିରେ ଧାରା-୬(୧) ଅଧୀନରେ ମିଳିଥିବା ଓ ଫଇସଲା ହୋଇଥିବା ଦରଖାସ୍ତଗୁଡ଼ିକ ବିଷୟରେ ସବିଶେଷ ତଥ୍ୟାବଳୀ ଲିପିବଦ୍ଧ ହେବ ଏବଂ ଏହି ରେଜିଷ୍ଟର୍ ସର୍ବସାଧାରଣଙ୍କ ନିରୀକ୍ଷଣ ପାଇଁ ଠିକ୍ ସେମିତି ଉନ୍ମୁକ୍ତ ରହିବ, ଯେମିତି କି ଆଇନ୍‌ର ଧାରା ୪(୧-ବି) ଅଧୀନସ୍ଥ ସ୍ୱୟଂ-ପ୍ରକଟନୀୟ ସୂଚନାବଳୀ ଉନ୍ମୁକ୍ତ ରହିବା କଥା । *ନିୟମ-୨(୧), ଓଡ଼ିଶା ସୂଚନା ଅଧିକାର (ସଂଶୋଧନ) ନିୟମାବଳୀ ୨୦୦୬।*

- ପ୍ରତି ବିଭାଗର ନିୟନ୍ତ୍ରଣ ଅଧୀନରେ ଥିବା ପ୍ରତି ପ୍ରଶାସନିକ ଶାଖାର ଜନସୂଚନା ଅଧିକାରୀଙ୍କ କାର୍ଯ୍ୟାଳୟ ସାମନାରେ ଏହିସବୁ ସୂଚନାବଳୀ ସୁଦୃଶ୍ୟ ଭାବେ ପ୍ରଦର୍ଶୀତ ହେବ, ଯଥା (୧) ଜନସୂଚନା ଅଧିକାରୀଙ୍କ ନାମ ଓ ପଦବୀ, (୨) ଅପିଲ୍ କର୍ତ୍ତୃପକ୍ଷଙ୍କ ନାମ ଓ ପଦବୀ । *ପାରା ୧୫-ବି, ମୁଖ୍ୟ ଶାସନ ସଚିବ, ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରସାରିତ କ୍ରିୟାନ୍ୱୟନ ମାର୍ଗଦର୍ଶୀକା, ୨୮ ଅକ୍ଟୋବର ୨୦୦୫।*

- ସୂଚନା ପାଇଁ ଆବେଦକଙ୍କ ସଂଖ୍ୟା ନ୍ୟୂନ କରିବାକୁ ହେଲେ ଯଥାସମ୍ଭବ ଅଧିକ ସୂଚନାକୁ ସ୍ୱୟଂଚାଳିତ ରୀତିରେ ପ୍ରସାରଣ କରିବା ଉପରେ ସର୍ବାଧିକ ଅଗ୍ରାଧିକାର ଦିଆଯିବା ଉଚିତ୍ । *ପାରା ୧୬, ମୁଖ୍ୟ ଶାସନ ସଚିବ, ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରସାରିତ କ୍ରିୟାନ୍ୱୟନ ମାର୍ଗଦର୍ଶୀକା, ୨୮ ଅକ୍ଟୋବର ୨୦୦୫।*

- "ଅଗ୍ରୀମ ପ୍ରକାଶନ- ସୂଚନା ଅଧିକାର ଆଇନ୍‌ର ଧାରା-୪ର ବ୍ୟବସ୍ଥା ଅନୁଯାୟୀ ପ୍ରତି ଜନ କର୍ତ୍ତୃପକ୍ଷ ୧୨.୧୦.୨୦୦୫ ସୁଦ୍ଧା ୧୭ଟି ବିଷୟରେ ସୂଚନାବଳୀକୁ ସ୍ୱେଚ୍ଛାକୃତ ଭାବେ ପ୍ରକଟନ କରିବା ଆବଶ୍ୟକ । ସୂଚନାବଳୀକୁ ସର୍ବାଧିକ ପରିମାଣରେ ସ୍ୱେଚ୍ଛାକୃତ ଭାବେ ପ୍ରକଟନ କରିବା ଦିଗରେ ପଦକ୍ଷେପମାନ ନିଆଯିବା ଆବଶ୍ୟକ, ଯାହା ଫଳରେ ସୂଚନା ହାସଲ ପାଇଁ ଦରଖାସ୍ତ କରିବାର ପ୍ରବଣତାକୁ ବେଶ୍ ହ୍ରାସ କରିହେବ" । *ପାରା-୩, ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ୨୨.୮.୨୦୦୫ରେ ଅନୁଷ୍ଠିତ କେନ୍ଦ୍ରୀୟ କ୍ରିୟାନ୍ୱୟନ କମିଟି ବୈଠକର ବିବରଣୀ ।*

**ପ୍ରଶ୍ନ-୯: ସୂଚନା ପାଇଁ କେମିତି ଦରଖାସ୍ତ ଓ ଦରଖାସ୍ତ ଫି ଦାଖଲ କରିହେବ?**

ଆଇନ୍ ଅନୁଯାୟୀ ସୂଚନା ପାଇବା ପାଇଁ ଜଣେ ନାଗରିକଙ୍କ ଦ୍ୱାରା ଦାଖଲ ହୋଇଥିବା ଦରଖାସ୍ତର ଉତ୍ତରରେ ସଂପୃକ୍ତ ଜନସୂଚନା ଅଧିକାରୀଙ୍କୁ ସୂଚନା ଯୋଗାଇଦେବାକୁ ପଡ଼ିବ । ଏହା ଉଲ୍ଲେଖନୀୟ ଯେ, *ଆଇନ୍‌ର ଧାରା-୬(୨)* ଅନୁଯାୟୀ ଦରଖାସ୍ତକାରୀ ନିଜ ଦରଖାସ୍ତରେ 'କେବଳ ଯୋଗାଯୋଗ ପାଇଁ ଆବଶ୍ୟକ ହେଉଥିବା ଠିକଣା ଛଡ଼ା ଅନ୍ୟ କୌଣସି ବ୍ୟକ୍ତିଗତ ବିବରଣୀ' ପ୍ରକାଶ କରିବାର ଆବଶ୍ୟକତା ନାହିଁ । କିନ୍ତୁ *ଓଡ଼ିଶା ସୂଚନା ଅଧିକାର ନିୟମାବଳୀ ୨୦୦୫ ଅଧୀନରେ ବିହିତ ୧୧-ସ୍ତମ୍ଭ ବିଶିଷ୍ଟ ବାଧ୍ୟତାମୂଳକ ଫର୍ମ-ଏ* ଅନୁଯାୟୀ ଅନ୍ୟ ତଥ୍ୟାବଳୀ ସହିତ ଜଣେ ଦରଖାସ୍ତକାରୀଙ୍କୁ ସଂପୃକ୍ତ ସ୍ତମ୍ଭଗୁଡ଼ିକ ପାର୍ଶ୍ୱରେ 'ପିତା/ସ୍ୱାମୀ, ସ୍ଥାୟୀ ଠିକଣା ଓ ପରିଚୟର ପ୍ରମାଣପତ୍ର' ସୂଚୀତ କରିବାକୁ ପଡ଼ିବ ତଥା ନିଜର ନାଗରିକତ୍ୱର ପରିଚୟର ପ୍ରମାଣ ପାଇଁ ଭୋଟର୍ କାର୍ଡ ବା ପାସ୍‌ପୋର୍ଟର ନକଲ

ଦରଖାସ୍ତରେ ସଂଲଗ୍ନ କରିବାକୁ ପଡିବ । ଏଠାରେ ପୁଣି ଉଲ୍ଲେଖନୀୟ ଯେ, କେନ୍ଦ୍ରୀୟ ସୂଚନା ଅଧିକାର ନିୟମାବଳୀ ୨୦୧୨ର ନିୟମ ୩ ଅନୁଯାୟୀ ଗୋଟିଏ ଦରଖାସ୍ତରେ ସାଧାରଣତଃ ପାଞ୍ଚଶହର ଊର୍ଦ୍ଧ୍ୱ ଶବ୍ଦାବଳୀ ବ୍ୟବହୃତ ହୋଇନଥିବ, କିନ୍ତୁ କୌଣସି ଦରଖାସ୍ତରେ ଏହାଠାରୁ ଅଧିକ ସଂଖ୍ୟକ ଶବ୍ଦ ବ୍ୟବହୃତ ହୋଇଥିବାର ଆଳ ଭିତ୍ତିରେ କୌଣସି ଦରଖାସ୍ତକୁ ଖାରଜ କରାଯାଇପାରିବ ନାହିଁ । ଉଭୟ କେନ୍ଦ୍ର ଓ ଓଡିଶା ନିୟମାବଳୀରେ ବି.ପି.ଏଲ୍. ବ୍ୟକ୍ତିମାନଙ୍କ ପାଇଁ ଦରଖାସ୍ତ ଫିସ୍ ଛାଡ କରାଯାଇଛି *(ଆଇନ୍‌ର ଧାରା ୭-୫)* । । କିନ୍ତୁ ଜଣେ ବି.ପି.ଏଲ୍. ଦରଖାସ୍ତକାରୀ ନିଜର ବିପିଏଲ୍ ସ୍ଥିତିର ପ୍ରମାଣକୁ ଦରଖାସ୍ତ ସହିତ ସଂଲଗ୍ନ କରିବେ ***(କେନ୍ଦ୍ରୀୟ ସୂଚନା ଅଧିକାର ନିୟମାବଳୀ ୨୦୧୨ର ନିୟମ-୫ ଏବଂ ଓଡିଶା ସୂଚନା ଅଧିକାର ନିୟମାବଳୀ ୨୦୦୫ର ନିୟମ ୪-୧)*** । ସେମାନଙ୍କୁ ଛାଡି ଅନ୍ୟମାନେ ଦରଖାସ୍ତ ସହିତ ୧୦ଟଙ୍କାର ଦରଖାସ୍ତ ଫିସ୍ ପଇଠ କରିବେ । ଯଦି କେନ୍ଦ୍ରୀୟ ଜନ କର୍ତ୍ତୃପକ୍ଷଙ୍କ ନିକଟକୁ ଦରଖାସ୍ତ ହେଉଥିବ, ତେବେ ଦରଖାସ୍ତ ଫିସ୍ ସଂପୃକ୍ତ ଦପ୍ତରର ଆକାଉଣ୍ଟସ୍ ଅଫିସରଙ୍କୁ ସମ୍ବୋଧନ କରି ନଗଦ ଅର୍ଥ ବା ବ୍ୟାଙ୍କର୍ ଚେକ୍/ଡିମାଣ୍ଡ ଡ୍ରାଫ୍ଟ ବା ଆଇ.ପି.ଓ. ଜରିଆରେ ଦାଖଲ ହୋଇପାରିବ, ନତୁବା ଯଦି ଦରଖାସ୍ତଟି ଓଡିଶା ସରକାରଙ୍କ କୌଣସି ଜନ କର୍ତ୍ତୃପକ୍ଷଙ୍କ ପାଇଁ ଉଦ୍ଦିଷ୍ଟ ହୋଇଥାଏ, ତେବେ ଦରଖାସ୍ତ ଫିସ୍‌କୁ ଜନସୂଚନା ଅଧିକାରୀ (ପି.ଆଇ.ଓ.)ଙ୍କୁ ନଗଦ ଅର୍ଥ ବା ଟ୍ରେଜେରି ଚାଲାଣ ଜରିଆରେ ଦାଖଲ କରିହେବ । ଟ୍ରେଜେରି ଚାଲାଣରେ ଅର୍ଥପଇଠର ଶିରୋନାମା ହେଲା, "0070-Other Administrative Services-60-Other Services-101-Receipt from Central Government for Administration of Central Acts and Regulations-9916710-Fees & Fines under Right to Information Act, 2005" ***(ଅନୁଚ୍ଛେଦ-୪, ଓଡିଶା ଚିଫ୍ ସେକ୍ରେଟାରୀଙ୍କ ଦ୍ୱାରା ଜାରି ହୋଇଥିବା 'କ୍ରିୟାନ୍ୱୟନ ମାର୍ଗଦର୍ଶୀକା', ୨୮ ଅକ୍ଟୋବର, ୨୦୦୫)***

## ପ୍ରଶ୍ନ-୧୦ : ସୂଚନାର ମୂଲ୍ୟ ବାବଦ କିଛି ଫିସ୍ ଦେବାକୁ ପଡିବ କି ?

ଆଇନ୍‌ର ଧାରା ୭(୧) ଓ ଧାରା ୭(୩) ଅନୁଯାୟୀ ମୁଦ୍ରଣ କିମ୍ବା ଇଲେକ୍ଟ୍ରନିକ୍ ମାଧ୍ୟମରେ ସୂଚନା ବାବଦ ଫିସ୍ ଓ ଅତିରିକ୍ତ ଫିସ୍ ଦେବାକୁ ପଡିବ । ଉଭୟ କେନ୍ଦ୍ରୀୟ ଓ ଓଡିଶା ନିୟମାବଳୀ ଅନୁଯାୟୀ ଫର୍ଦ୍ଦ ୨ଟଙ୍କା, ତଥା ସି.ଡି. ବାବଦକୁ ୫୦ଟଙ୍କା ଫିସ୍ ଦେବାକୁ ପଡିବ । ଧାରା-୬(୧) ଅଧୀନରେ ନିରୀକ୍ଷଣ (ଇନସ୍ପେକ୍ସନ୍) ପାଇଁ ଉଭୟ କେନ୍ଦ୍ର ଓ ଓଡିଶା ନିୟମାବଳୀରେ ପ୍ରଥମ ଘଣ୍ଟା ମାଗଣା ହୋଇଥିବା ବେଳେ କେନ୍ଦ୍ର କ୍ଷେତ୍ରରେ ଦ୍ୱିତୀୟ ଘଣ୍ଟା ପାଇଁ ମାତ୍ର ୫ଟଙ୍କା କିନ୍ତୁ ଓଡିଶା କ୍ଷେତ୍ରରେ ୨୦ଟଙ୍କା ଧାର୍ଯ୍ୟ କରାଯାଇଛି । ଧାରା-୪(୪) ଅଧୀନରେ ସୂଚନାର ମୂଲ୍ୟ କି ନିରୀକ୍ଷଣ ପାଇଁ ଓଡିଶା ନିୟମାବଳୀରେ କୌଣସି ଫିସ୍ ବିହିତ ହୋଇନଥିବା ବେଳେ କେନ୍ଦ୍ରୀୟ ସୂଚନା ଅଧିକାର ନିୟମାବଳୀ ୨୦୧୨ର ନିୟମ ୪ ଅନୁଯାୟୀ ସୂଚନା ବାବଦ ମୂଲ୍ୟ ଧାରା ୭ (୧) ଓ (୫) ସହିତ ଅଭିନ୍ନ ବୋଲି ଧାର୍ଯ୍ୟ ହୋଇଛି । ସୁତରାଂ ଓଡିଶା ପରିପ୍ରେକ୍ଷୀରେ ଆଇନ୍‌ର ଧାରା-୪(୪) ଅନୁଯାୟୀ ଧାରା-୪ ଅଧୀନସ୍ଥ ସୂଚନା ବା ନିରୀକ୍ଷଣର ସୁବିଧା ମାଗଣାରେ ବା କେବଳ ଚେକକୁ ଦାମ୍ ବିନିମୟରେ ଉପଲବ୍ଧ ହେବ । ଧାରା ୭(୫)ର ପରନ୍ତୁକ ଅନୁଯାୟୀ କେନ୍ଦ୍ରୀୟ ନିୟମାବଳୀ ବିପିଏଲ୍ ବ୍ୟକ୍ତିମାନଙ୍କ ପାଇଁ ତିନୋଟି ଫିସ୍ (ଦରଖାସ୍ତ ଫିସ୍, ସୂଚନା ଫସ୍ ଓ ଅତିରିକ୍ତ ସୂଚନା ଫିସ୍) ସହିତ ସ୍ୱୟଂପ୍ରକଟନୀୟ ସୂଚନା ଫିସ୍ ଛାଡ କରିଛି (ସୁଚନା ଅଧିକାର ନିୟମାବଳୀ ୨୦୧୨ର ନିୟମ ୪), କିନ୍ତୁ ଓଡିଶାରେ ସେମାନଙ୍କ ପାଇଁ କେବଳ ଦରଖାସ୍ତ ଫିସ୍ ଛାଡ କରାଯାଇ ଅନ୍ୟ ସମସ୍ତ ଫସ୍ ଆଦାୟ କରାହେଉଛି, ଯଦିଓ ବିପିଏଲ୍ ବ୍ୟକ୍ତିଙ୍କ ଠାରୁ ସୂଚନାର ମୂଲ୍ୟ ବାବଦ ଫିସ୍ ଆଦାୟ କରିବାକୁ ପଡିବ ବୋଲି ଓଡିଶା ନିୟମାବଳୀରେ କୌଣସି ଉଲ୍ଲେଖ ନାହିଁ ।

## ପ୍ରଶ୍ନ-୧୧ : ଯଦି ଦରଖାସ୍ତଟି ଯଥୋଚିତ ଜନ କର୍ତ୍ତୃପକ୍ଷଙ୍କ ବ୍ୟତୀତ ଅନ୍ୟ ଏକ ଜନ କର୍ତ୍ତୃପକ୍ଷଙ୍କ ନିକଟରେ ଦାଖଲ ହୋଇଥାଏ ?

ଏଭଳି ସ୍ଥିତିରେ ଯେଉଁ ଜନକର୍ତ୍ତୃପକ୍ଷଙ୍କ ନିକଟରେ ଦରଖାସ୍ତଟି ଦାଖଲ ହୋଇଛି, ସେ ଦରଖାସ୍ତ ମିଳିବାର ୫ଦିନ ମଧ୍ୟରେ ତାହାକୁ ସେହି ଜନ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଇଦେବେ, ଯାହାଙ୍କ ନିକଟରେ ଆବେଦିତ ସୂଚନା ଉପଲବ୍ଧ ଥିବ । ଦରଖାସ୍ତର ଏଭଳି ସ୍ଥାନାନ୍ତରଣ ସମ୍ବନ୍ଧରେ ଦରଖାସ୍ତକାରୀଙ୍କୁ ସଙ୍ଗେସଙ୍ଗେ ଅବଗତ କରାଇଦିଆଯିବ । *ଧାରା ୬(୩)* ।

## ପ୍ରଶ୍ନ-୧୨ : ଆବେଦିତ ସୂଚନାକୁ ଯୋଗାଇଦେବାର କିଛି ସମୟ-ସୀମା ଅଛି କି ?

ହଁ । ଆବେଦିତ ସୂଚନାର ବିଷୟବସ୍ତୁ ତଥା କେଉଁ ଜନ କର୍ତ୍ତୃପକ୍ଷଙ୍କ ନିକଟରେ ଦରଖାସ୍ତ କରାଯାଇଛି, ତାହା ଭିତ୍ତିରେ ନାଗରିକମାନଙ୍କ ଦରଖାସ୍ତର ଉତ୍ତର ଦେବା ପାଇଁ ଭିନ୍ନ ଭିନ୍ନ ସମୟସୀମା ନିର୍ଦ୍ଧାରଣ କରାଯାଇଛି । ଆଗରୁ ସୂଚୀତ ହୋଇଛି, ସ୍ୱୟଂ-ପ୍ରକଟନୀୟ ସୂଚନାବଳୀ ଆବେଦକଙ୍କୁ ସଙ୍ଗେସଙ୍ଗେ ମିଳିବା ବିଧେୟ *(ଧାରା-୪-୪)* । ଆବେଦିତ

ସୂଚନା ପରିପ୍ରେକ୍ଷୀରେ ଜଣେ ଜନସୂଚନା ଅଧିକାରୀ ସାଧାରଣତଃ ଦରଖାସ୍ତ ମିଳିବାର ୩୦ଦିନ ଭିତରେ ସୂଚନା ଯୋଗାଇଦେବେ ଅଥବା ଦରଖାସ୍ତଟିକୁ ଖାରଜ କରିବେ । ଯଦି ସୂଚନାଟି ଜୀବନ ବା ସ୍ୱାଧୀନତା ସଂବନ୍ଧୀତ ହୋଇଥାଏ, ତେବେ ତାହା ଦରଖାସ୍ତ ମିଳିବାର ୪୮ ଘଣ୍ଟା ଭିତରେ ଯୋଗାଇ ଦିଆଯିବ *(ଧାରା ୭-୧)*। ଯେଉଁସ୍ଥଳେ ଦରଖାସ୍ତଟି ସହକାରୀ ଜନସୂଚନା ଅଧିକାରୀଙ୍କ ନିକଟରେ ଦାଖଲ ହୋଇଥିବ, ସେପରି ସ୍ଥଳେ ସୂଚନାଟି ଯୋଗାଇଦେବା ପାଇଁ ଅତିରିକ୍ତ ୫ଦିନ ଲାଗିବ *(ଧାରା ୫-୨)* । ଯଦି ସୂଚନାଟି ୩ୟ ପକ୍ଷ ସଂବନ୍ଧୀତ, ତେବେ ସଂପୃକ୍ତ ଜନସୂଚନା ଅଧିକାରୀ ଦରଖାସ୍ତର ଉତ୍ତର ଦେବା ପାଇଁ ସର୍ବାଧିକ ୪୦ ଦିନ ନେଇପାରନ୍ତି *(ଧାରା ୧୧-୩)* । ଯେଉଁସ୍ଥଳେ ଗୋଟିଏ ବିଜ୍ଞାପିତ ହୋଇଥିବା ସୁରକ୍ଷା ଓ ଗୁଇନ୍ଦା ସଂସ୍ଥା ନିକଟରୁ ମାନବିକ ଅଧିକାରର ଉଲ୍ଲଂଘନ ବିଷୟରେ ସୂଚନା ଆବେଦିତ ହୋଇଥିବ, ସେପରି ସ୍ଥଳେ, କେବଳ ରାଜ୍ୟ ସୂଚନା କମିଶନ୍‌ଙ୍କ ଅନୁମୋଦନ ମିଳିବା ପରେ ଆବେଦନ ତାରିଖର ୪୫ଦିନ ଭିତରେ ସୂଚନା ଯୋଗାଇ ଦିଆଯିବ' *(ଧାରା ୨୪-୪)*। କିନ୍ତୁ ଏହିସବୁ ସଂସ୍ଥା ନିକଟରୁ ଦୁର୍ନୀତି ସଂବନ୍ଧୀୟ ସୂଚନା ଆବେଦନ ମିଳିବାର ତିରିଶ ଦିନ ଭିତରେ ଯଥାବିଧି ଯୋଗାଇ ଦିଆଯିବ ।

## ପ୍ରଶ୍ନ-୧୩: ପି.ଆଇ.ଓ. ବା ଏ.ପି.ଆଇ.ଓ.ଙ୍କ ଠାରୁ କି କି ଅତିରିକ୍ତ ସହାୟତା ମିଳିପାରିବ ?

ସୂଚନା ଚାହୁଁଥିବା ପ୍ରତି ନାଗରିକଙ୍କୁ ପି.ଆଇ.ଓ. ଯଥୋଚିତ ସହାୟତା ଯୋଗାଇଦେବେ *(ଧାରା ୫-୩)* । ଯେଉଁସ୍ଥଳେ ଜଣେ ନାଗରିକ ସୂଚନା ପାଇଁ ନିଜର ଦରଖାସ୍ତ ଲେଖିବା ବା ସଂପୃକ୍ତ ଫର୍ମ ପୂରଣ ପାଇଁ ଅକ୍ଷମ, ସେପରି ସ୍ଥଳେ ସେ ସଂପୃକ୍ତ ପି.ଆଇ.ଓ.ଙ୍କ ସହାୟତା ଲୋଡିବେ, ଏବଂ ସେହି ପି.ଆଇ.ଓ. ଉକ୍ତ ଆବେଦକଙ୍କର ମୌଖିକ ଅନୁରୋଧକୁ ଲିଖିତ ରୂପ ଦେବାରେ ଯଥୋଚିତ ସାହାଯ୍ୟ ଯୋଗାଇଦେବେ *(ଧାରା ୬-୧ର ପରନ୍ତୁକ)* । ଯେଉଁସ୍ଥଳେ ଜଣେ ଆବେଦକଙ୍କର ବୋଧେନ୍ଦ୍ରିୟ-ଅକ୍ଷମତା ରହିଛି, ସେପରି ସ୍ଥଳେ ତାଙ୍କୁ ସୂଚନା ହାସଲ କରିବାରେ ଏବଂ ଏପରିକି ନିରୀକ୍ଷଣ (ଇନ୍‌ସ୍ପେକ୍ସନ୍) କରିବାରେ ପି.ଆଇ.ଓ. ଯଥୋଚିତ ସାହାଯ୍ୟ ଯୋଗାଇଦେବେ *(ଧାରା ୭-୪)* । ଏହାଛଡା ପ୍ରତି ଜନ କର୍ତ୍ତୃପକ୍ଷ ଜଣେ ଲେଖାଁ ସହକାରୀ ଜନସୂଚନା ଅଧିକାରୀ ବା ଏ.ପି.ଆଇ.ଓ.ଙ୍କୁ ପଦନାମିତ କରିବେ, ଯାହାଙ୍କର କାର୍ଯ୍ୟ ହେବ ସୂଚନା ପାଇଁ ଦରଖାସ୍ତ ବା ଅପିଲ୍‌ଗୁଡିକୁ ଗ୍ରହଣ କରି ଯଥାସ୍ଥିତି ପି.ଆଇ.ଓ. ବା ପ୍ରଥମ ଅପିଲ୍ କର୍ତ୍ତୃପକ୍ଷ ବା ସୂଚନା କମିଶନ୍‌ଙ୍କ ନିକଟକୁ ଯଥାଶୀଘ୍ର ପଠାଇବେ *(ଧାରା ୫-୨)* । ଦରଖାସ୍ତକାରୀ ବା ଅପିଲ୍‌କାରୀଙ୍କୁ ବିଭିନ୍ନ ପ୍ରକାର ସହାୟତା ଯୋଗାଇବାର କର୍ତ୍ତବ୍ୟରେ ପି.ଆଇ.ଓ. ବା ଏ.ପି.ଆଇ.ଓ. ଅବହେଳା କଲେ, ତାଙ୍କ ବିରୁଦ୍ଧରେ ସଂପୃକ୍ତ ସୂଚନା କମିଶନ୍‌ଙ୍କ ସମ୍ମୁଖରେ ଅଭିଯୋଗ ଅଣାଯାଇପାରିବ *(ଧାରା ୧୮-୧)* । ଜଣେ ପି.ଆଇ.ଓ.ଙ୍କ ଠାରୁ କି କି ସହାୟତା ମିଳିପାରିବ, ସେ ବିଷୟ ସରକାରଙ୍କ ତରଫ'ରୁ ପ୍ରକାଶିତ ହେବାକୁ ଥିବା ମାର୍ଗଦର୍ଶୀକାରେ ସ୍ଥାନିତ ହେବ *(ଧାରା ୨୬-୩ଡି)* ।

## ପ୍ରଶ୍ନ-୧୪ : ସୂଚନା ପାଇଁ ଗୋଟିଏ ଦରଖାସ୍ତର ଉତ୍ତରରେ ପି.ଆଇ.ଓ. କ'ଣ ଜଣାଇବେ ?

ଓଡିଶା ସୂଚନା ଅଧିକାର ନିୟମାବଳୀ ୨୦୦୫ ଅନୁଯାୟୀ ପି.ଆଇ.ଓ. ଦରଖାସ୍ତର ଏକ ପ୍ରାପ୍ତିସ୍ୱୀକାର ରସିଦ ପଠାଇବେ ଏବଂ ଦରଖାସ୍ତକାରୀଙ୍କର ପରିଚୟରେ ସନ୍ତୁଷ୍ଟ ହେବା ପରେ ଦରଖାସ୍ତକାରୀଙ୍କୁ ସୂଚନାର ମୂଲ୍ୟ ବାବଦ କେତେ ଟଙ୍କା ନଗଦ ଆକାରରେ ପଇଠ କରିବାକୁ ପଡିବ ସେ ବିଷୟରେ ଯଥାଶୀଘ୍ର ଫର୍ମ-ବି ରେ ଜଣାଇବେ *(ନିୟମ ୪-୨)* । କିନ୍ତୁ ମୂଳ ଆଇନ୍ ଅନୁଯାୟୀ, ପି.ଆଇ.ଓ. ଯେଉଁ ଅବଗତି ପତ୍ର ପଠାଇବେ ସେଥିରେ ଦେୟ ଅର୍ଥରାଶିର ସବିଶେଷ ହିସାବ, ପ୍ରଦତ୍ତ ସୂଚନା ଉପରେ ଦରଖାସ୍ତକାରୀଙ୍କର ଅପିଲ୍ ପାଇଁ ଅଧିକାର ସହିତ ସଂପୃକ୍ତ ଅପିଲ୍ କର୍ତ୍ତୃପକ୍ଷଙ୍କର ସବିଶେଷ ଠିକଣା ମଧ୍ୟ ସ୍ଥାନିତ ହୋଇଥିବ *(ଧାରା ୭-୩)* । ପି.ଆଇ.ଓ. ଯେ କୌଣସି ଦରଖାସ୍ତକୁ ଧାରା-୮ ଅଧୀନସ୍ଥ କୌଣସି ଅବ୍ୟାହତି ଅଥବା ଧାରା-୯ ଅଧୀନରେ ଜଣେ ବେସରକାରୀ ବ୍ୟକ୍ତିଙ୍କର କପିରାଇଟ୍ ଉଲ୍ଲଂଘନର କାରଣ ଦର୍ଶାଇ ଖାରଜ କରିପାରନ୍ତି *(ଧାରା ୭-୧)*। ଏହାଛଡା ଯେଉଁସ୍ଥଳେ ପି.ଆଇ.ଓ. ମନେ କରିବେ ଯେ, ଆବେଦିତ ରେକର୍ଡର ଏକ ଖଣ୍ଡାଂଶ ସୂଚନା ପ୍ରକଟନରୁ ଅବ୍ୟାହତି ପାଇଛି, ସେପରି ସ୍ଥଳେ ସେ ସଂପୃକ୍ତ ଦରଖାସ୍ତକୁ ଆଂଶିକ ଗ୍ରହଣ ବା ଅନ୍ୟ କଥାରେ କହିଲେ ଆଂଶିକ ଖାରଜ କରିପାରନ୍ତି *(ଧାରା ୧୦)* । ପୁଣି ଯେଉଁସ୍ଥଳେ ଦରଖାସ୍ତଟି ୩ୟ ପକ୍ଷର ସୂଚନା ସହିତ ସଂପର୍କୀତ, ସେପରି ସ୍ଥଳେ ପି.ଆଇ.ଓ. ଦରଖାସ୍ତକୁ ଗ୍ରହଣ ବା ଖାରଜ କରିପାରନ୍ତି, କିନ୍ତୁ ସେ ଏ ବିଷୟରେ ନିଷ୍ପତ୍ତି ନେବା ପୂର୍ବରୁ ସଂପୃକ୍ତ ୩ୟ ପକ୍ଷଙ୍କ ସହ ପରାମର୍ଶ କରିଥିବେ *(ଧାରା ୧୧)*। ଆହୁରି ପୁଣି, ଆଇନ୍‌ର ଧାରା-୨୪ ଅଧୀନରେ ବିଜ୍ଞାପିତ ହୋଇଥିବା ସୁରକ୍ଷା ଓ ଗୁଇନ୍ଦା ସଂସ୍ଥାମାନଙ୍କୁ ମିଳିଥିବା ଆପେକ୍ଷିକ ଅବ୍ୟାହତିର କାରଣ ଦର୍ଶାଇ ଜଣେ ସେଭଳି ସଂସ୍ଥାର ଜଣେ ପି.ଆଇ.ଓ. ଗୋଟିଏ ଦରଖାସ୍ତକୁ ଖାରଜ କରିପାରନ୍ତି, କିନ୍ତୁ ଏଠାରେ ଉଲ୍ଲେଖନୀୟ ଯେ, ଦୁର୍ନୀତି ବା ମାନବାଧିକାର

ଉଲ୍ଲଂଘନ ବିଷୟରେ ସୂଚନା ଏହି ସଂସ୍ଥାମାନଙ୍କରୁ ମିଳିପାରିବ *(ଧାରା ୨୪)*। ପୁଣି ଯେଉଁସ୍ଥଳେ ଦରଖାସ୍ତକାରୀ ଚାହିଁଥିବା ରୀତିରେ ସୂଚନା ପ୍ରଦାନ କଲେ ସଂପୃକ୍ତ ଜନ କର୍ତ୍ତୃପକ୍ଷଙ୍କ ସମ୍ବଳର ମାତ୍ରାଧିକ ଅପଚୟ ଘଟିବ ଅଥବା ସଂପୃକ୍ତ ରେକର୍ଡର ସୁରକ୍ଷା ବିପନ୍ନ ହେବାର ଆଶଙ୍କା ଥିବ, ସେପରି ସ୍ଥଳେ <u>ପି.ଆଇ.ଓ.</u> ସଂପୃକ୍ତ ଦରଖାସ୍ତକାରୀଙ୍କୁ ତଦନୁଯାୟୀ ଅବଗତ କରାଇବେ *(ଧାରା ୭-୯)*। କିନ୍ତୁ ଓଡିଶା ସରକାରଙ୍କ ଅଧୀନସ୍ଥ ଜଣେ <u>ପି.ଆଇ.ଓ.</u> ଫର୍ମ-ସି (ଖାରଜ)ରେ ସୂଚୀତ ହୋଇଥିବା ୯ଟି କାରଣ ଭିତରୁ କୌଣସିଟିକୁ ଦର୍ଶାଇ ଦରଖାସ୍ତକୁ ଖାରଜ କରିପାରନ୍ତି, ଏବଂ ସେହିସବୁ କାରଣ ଭିତରେ ଅଛି, ଦରଖାସ୍ତ ଫର୍ମଟି ଠିକ୍ ଭାବେ ପୂରଣ ହୋଇନି, ଦରଖାସ୍ତକାରୀଙ୍କର ପରିଚୟ ସନ୍ତୋଷଜନକ ନୁହେଁ, ସଂପୃକ୍ତ ସୂଚନାଟି ୱେବ୍‌ସାଇଟ୍‌ରେ ଉପଲବ୍ଧ ଅଛି ତଥା ଅନ୍ୟ ଯେ କୌଣସି କାରଣରୁ ଇତ୍ୟାଦି *(ଓଡିଶା ସୂଚନା ଅଧିକାର ନିୟମାବଳୀ ୨୦୦୫ ଅଧୀନରେ ଖାରଜ ପାଇଁ ବିହିତ ଫର୍ମ-ସି)*। ଯେଉଁସ୍ଥଳେ ବିହିତ ସମୟସୀମା ଭିତରେ <u>ପି.ଆଇ.ଓ.ଙ୍କ</u> ଠାରୁ କୌଣସି ଉତ୍ତର ମିଳିବନାହିଁ, ସେପରି ସ୍ଥଳେ ଉକ୍ତ ଦରଖାସ୍ତଟି ପ୍ରତ୍ୟାଖ୍ୟାତ ହୋଇଯାଇଛି ବୋଲି ବିବେଚିତ ହେବ *(ଧାରା ୭-୨)*, ଏବଂ ତାହା ପରେ ଦରଖାସ୍ତକାରୀ ଉକ୍ତ ବିବେଚ୍ୟ ପ୍ରତ୍ୟାଖ୍ୟାନ ବିରୁଦ୍ଧରେ ସଂପୃକ୍ତ ସୂଚନା କମିଶନ୍‌ଙ୍କ ସମ୍ମୁଖରେ ଧାରା ୧୮ ଅଧୀନରେ ଅଭିଯୋଗ ଅଥବା ଧାରା ୧୯(୧) ଅଧୀନରେ ପ୍ରଥମ ଅପିଲ୍ କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ପ୍ରଥମ ଅପିଲ୍ କରିପାରନ୍ତି। ପୁଣି ଯେଉଁସ୍ଥଳେ <u>ପି.ଆଇ.ଓ.</u> ଗୋଟିଏ ଦରଖାସ୍ତକୁ ଖାରଜ କରିବାକୁ ଚାହିଁବେ, ସେ ସଂପୃକ୍ତ ଦରଖାସ୍ତକାରୀଙ୍କୁ ଏଭଳି ଖାରଜର କାରଣମାନ ଓ କେଉଁ ସମୟସୀମା ଭିତରେ ଉକ୍ତ ଖାରଜ ବିରୁଦ୍ଧରେ ଅପିଲ୍ କରିହେବ ତଥା ଅପିଲ୍ କର୍ତ୍ତୃପକ୍ଷଙ୍କ ସବିଶେଷ ଠିକଣା ଇତ୍ୟାଦି ବିହିତ ସମୟସୀମା ଭିତରେ ଜଣାଇବେ *(ଧାରା ୭-୮)*।

## ପ୍ରଶ୍ନ-୧୫: ଏମିତି କୌଣସି ସୂଚନା ଅଛି କି, ଯାହାକୁ ପ୍ରକାଶନରୁ ଅବ୍ୟାହତି ଦିଆଯାଇଛି ?

ଯେ କୌଣସି ଜନ କର୍ତ୍ତୃପକ୍ଷଙ୍କ ଠାରୁ ଯେ କୌଣସି ସୂଚନା ମାଗିବା ପାଇଁ ଜଣେ ନାଗରିକର ଅଧିକାର ରହିଛି, କିନ୍ତୁ ମନେ ରଖିବା ଉଚିତ୍, ଆଇନ୍ ଅନୁଯାୟୀ କେତେକ ଧରଣର ସୂଚନା ଅଛି, ଯାହାକୁ <u>ପି.ଆଇ.ଓ.</u> ପ୍ରକାଶ କରିବା ପାଇଁ ବାଧ୍ୟ ନୁହଁନ୍ତି ଓ ଆଉ କେତେକ ଧରଣର ସୂଚନା ଅଛି, ଯାହାକୁ କେବଳ କେତେକ ସର୍ତ୍ତ ଅଧୀନରେ ପ୍ରକାଶ କରିପାରନ୍ତି। ଏହାସତ୍ତ୍ୱେ, ଏହି ଆଇନ୍‌ରେ ଏକ ସର୍ବାତିକ୍ରମଣ ବ୍ୟବସ୍ଥା ଅଛି- ଯଦି ସଂସଦ ମାଗିଲେ ଗୋଟିଏ ସୂଚନା ଦିଆଯାଇପାରୁଛି, ତେବେ ସେହି ସୂଚନା ଜଣେ ବ୍ୟକ୍ତି ମାଗିଲେ, ତାଙ୍କୁ ମନା କରାଯାଇପାରିବ ନାହିଁ *(ଧାରା ୮-୧ର ପରନ୍ତୁକ)*। ଏଠାରେ ଉଲ୍ଲେଖନୀୟ, ୧୦ପ୍ରକାର ସୂଚନା ରହିଛି, ଯାହାକୁ ସାଧାରଣତଃ ପ୍ରକଟନରୁ ଅବ୍ୟାହତି ଦିଆଯାଇଛି, ଯଥା ଯାହାର ପ୍ରକଟନ ଫଳରେ ଭାରତର ସାର୍ବଭୌମତ୍ୱ ଓ ନିରାପତ୍ତା ଉପରେ ପ୍ରତିକୂଳ ପ୍ରଭାବ ପଡିବ, ଯାହାର ପ୍ରକାଶନକୁ କୌଣସି ଅଦାଲତ ପ୍ରତ୍ୟକ୍ଷ ଭାବେ ନିଷେଧ କରିଛନ୍ତି, ଯାହାର ପ୍ରକଟନ ଆଇନ୍‌ସଭାର ସ୍ୱାଧିକାରକୁ କ୍ଷୁର୍ଣ୍ଣ କରିବ, ଯାହାର ପ୍ରକଟନ ଫଳରେ ବ୍ୟବସାୟିକ ଗୋପନୀୟତା କ୍ଷୁର୍ଣ୍ଣ ହେବ, ଯାହାର ପ୍ରକଟନ ବିଶ୍ୱାସ-ଆଧାରିତ ସଂପର୍କ ଉପରେ ଆଞ୍ଚ ଆଣିବ, ଯେଉଁ ଗୋପନୀୟ ସୂଚନା ବିଦେଶୀ ସରକାରଙ୍କ ଠାରୁ ପ୍ରାପ୍ତ, ଯାହାର ପ୍ରକଟନ ଜଣେ ବ୍ୟକ୍ତିର ଜୀବନ ବା ନିରାପତ୍ତାକୁ ବିପନ୍ନ କରିପାରେ, ଯାହାର ପ୍ରକଟନ ଫଳରେ ଅନୁସନ୍ଧାନ ବା ଅପରାଧୀଙ୍କ ବିରୁଦ୍ଧରେ ଅଭିଯୋଜନର ପ୍ରକ୍ରିୟା ବ୍ୟାହତ ହୋଇପାରେ, ଯେଉଁ ସୂଚନା କ୍ୟାବିନେଟ୍‌ର ଅସଂପୂର୍ଣ୍ଣ ଆଲୋଚନାର ଅଂଶବିଶେଷ ହୋଇଥିବ ଏବଂ ଯେଉଁ ସୂଚନର ପ୍ରକଟନ 'ଳରେ ବ୍ୟକ୍ତିର ଏକାନ୍ତତା କ୍ଷୁର୍ଣ୍ଣ ହେବ *(ଧାରା ୮-୧)*। କିନ୍ତୁ ଏହିସବୁ ଅବ୍ୟାହତି ସତ୍ତ୍ୱେ ଅଥବା ସରକାରୀ ଗୋପନୀୟତା ଆଇନ୍ ୧୯୨୩ରେ ଥିବା ବିଭିନ୍ନ ବାରଣ ସତ୍ତ୍ୱେ, ଗୋଟିଏ ଜନ କର୍ତ୍ତୃପକ୍ଷ ସେହିସବୁ ସୂଚନାକୁ ପ୍ରକଟନ କରିପାରନ୍ତି, ଯାହାର ପ୍ରକଟନ ଫଳରେ ସାର୍ବଜନୀନ ସ୍ୱାର୍ଥ କ୍ଷତିଗ୍ରସ୍ତ ହେବା ଠାରୁ ଅଧିକ ଉପକୃତ ହେବ *(ଧାରା ୮-୨)*। ପୁଣି, ଯଦି ସୂଚନାଟି ଦରଖାସ୍ତ ତାରିଖର ୨୦ବର୍ଷ ପୂର୍ବରୁ ଘଟିତ କୌଣସି ବିଷୟ ବା ଘଟଣା ସଂପର୍କୀତ ହୋଇଥାଏ, ତେବେ ପ୍ରକଟନରୁ ଅବ୍ୟାହତି ଲାଭ କରିଥିବା ରାଷ୍ଟ୍ରର ସାର୍ବଭୌମତ୍ୱ ଓ ନିରାପତ୍ତା, ଆଇନ୍‌ସଭାର ସ୍ୱାଧିକାର ଏବଂ କ୍ୟାବିନେଟ୍ କାଗଜପତ୍ର ସଂପର୍କୀତ ସୂଚନାବଳୀକୁ ଛାଡି ଅନ୍ୟ ସବୁ ସୂଚନା ପ୍ରକଟନ ହୋଇପାରିବ *(ଧାରା ୮-୩)*।

## ପ୍ରଶ୍ନ-୧୬: ଏପରି କୌଣସି ଜନ କର୍ତ୍ତୃପକ୍ଷ ଅଛନ୍ତି କି, ଯେ କି ସୂଚନା ଅଧିକାର ଆଇନ୍‌ର ପରିସର ବାହାରେ ?

ହଁ। *ଆଇନ୍‌ର ଧାରା-୨୪* ଅନୁଯାୟୀ କେନ୍ଦ୍ର ସରକାର ଏପର୍ଯ୍ୟନ୍ତ ୨୨ଟି ସୁରକ୍ଷା ଓ ଗୁଇନ୍ଦା ସଂସ୍ଥାକୁ ବିଜ୍ଞାପିତ କରିଛନ୍ତି, ଯେଉଁମାନଙ୍କ ତାଲିକା *ଆଇନ୍‌ର ୨ୟ ଅନୁସୂଚୀ*ରେ ସ୍ଥାନିତ ହୋଇଛି ଏବଂ ଓଡିଶା ସରକାର ଏଭଳି ୫ଟି ସଂସ୍ଥାକୁ ବିଜ୍ଞାପିତ କରିଛନ୍ତି, ଯଥା ସ୍ପେଶାଲ୍ ବ୍ରାଞ୍ଚ, ସ୍ପେଶାଲ୍ ଇଣ୍ଟେଲିଜେନ୍ସ ଉଇଙ୍ଗ୍, ସ୍ପେଶାଲ୍ ଅପରେସନସ୍ ଗ୍ରୁପ୍, କ୍ରାଇମ୍ ବ୍ରାଞ୍ଚ ଓ ଡିଷ୍ଟ୍ରିକ୍ଟ ଇଣ୍ଟେଲିଜେନ୍ସ ବ୍ୟୁରୋ *(ବିଜ୍ଞପ୍ତି ନଂ ପିସି-୧୦୬/୨୦୦୫-୨୯୦୮୬/ଆଇପିଆର୍ ତା ୨୯ ଅକ୍ଟୋବର*

***୨୦୦୪)*** । କିନ୍ତୁ ଏହି ସମସ୍ତ ସଂସ୍ଥା ଦୁର୍ନୀତି ଓ ମାନବିକ ଅଧିକାର ଉଲ୍ଲଂଘନ ସଂପର୍କୀତ ସୂଚନା ଦେବାକୁ ବାଧ୍ୟ । ମାନବିକ ଅଧିକାର ଉଲ୍ଲଂଘନର ଅଭିଯୋଗ ସଂପର୍କୀତ ଏକ ସୂଚନା ସଂପୃକ୍ତ ସୂଚନା କମିଶନଙ୍କ ଅନୁମୋଦନ କ୍ରମେ ଦରଖାସ୍ତ ଦାଖଲର ସର୍ବାଧିକ ୪୫ଦିନ ଭିତରେ ଦିଆଯିବ । କିନ୍ତୁ ଦୁର୍ନୀତିର ଅଭିଯୋଗ ସଂକ୍ରାନ୍ତ ସୂଚନାକୁ ଧାରା ୭-୧ରେ ନିର୍ଦ୍ଧାରିତ ସମୟ-ସୀମା ୩୦ଦିନ ଭିତରେ ଦିଆଯିବ ।

## ପ୍ରଶ୍ନ- ୧୭: ଘରୋଇ ବା ବେସରକାରୀ ସଂସ୍ଥାମାନଙ୍କ କ୍ଷେତ୍ରରେ ଏହି ଆଇନ୍ ପ୍ରଯୁଜ୍ୟ କି ?

ଆଇନ୍‌ର ଧାରା-୨(ଏଫ୍)ରେ 'ସୂଚନା'ର ସଂଜ୍ଞାୟନ କରାଯିବା ବେଳେ କୁହାଯାଇଛି ଯେ, ଗୋଟିଏ ଘରୋଇ (ପ୍ରାଇଭେଟ୍) ସଂସ୍ଥା ସମ୍ବନ୍ଧରେ ସେହିସବୁ ସୂଚନା, ଯାହାକି ବର୍ତ୍ତମାନ ବଳବତ୍ତର ଥିବା କୌଣସି ଆଇନ୍ ଅନୁଯାୟୀ ଗୋଟିଏ ଜନ କର୍ତ୍ତୃପକ୍ଷଙ୍କ ଦ୍ୱାରା ହାସଲ କରାଯାଇ ପାରିବ, ତାହା ସୂଚନାର ସଂଜ୍ଞା ଭିତରେ ଅନ୍ତର୍ଭୁକ୍ତ ରହିବ, ଅର୍ଥାତ୍ ସେ ପ୍ରକାର ସୂଚନାକୁ ମଧ୍ୟ ହାସଲ କରିବାର ଅଧିକାର ଜଣେ ନାଗରିକର ରହିଛି । କିନ୍ତୁ ସେ ପ୍ରକାର ସୂଚନାକୁ ହାସଲ କରିବା ପାଇଁ ଆଗ୍ରହୀ ନାଗରିକଙ୍କୁ ସଂପୃକ୍ତ ଜନ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରିବାକୁ ପଡିବ । ପୁଣି ଧାରା-୨(ଜି)ରେ 'ଜନ କର୍ତ୍ତୃପକ୍ଷ'ର ସଂଜ୍ଞାୟନ କରାଯିବା ପ୍ରସଙ୍ଗରେ କୁହାଯାଇଛି ଯେ, ସେହିସବୁ ବେସରକାରୀ ସଂସ୍ଥା (ଏନ୍.ଜି.ଓ.)ଙ୍କୁ 'ଜନ କର୍ତ୍ତୃପକ୍ଷ' ବୋଲି ବିବେଚନା କରାଯିବ, ଯେଉଁମାନେ ସମୁଚିତ ସରକାରଙ୍କ ପାଣ୍ଠିରୁ ପ୍ରତ୍ୟେକ୍ଷ ବା ପରୋକ୍ଷରେ ଯଥେଷ୍ଟ ଭାବେ ଅର୍ଥପୁଷ୍ଟ ହୋଇଥାନ୍ତି । ଅର୍ଥାତ୍ ଏପ୍ରକାର ଏନ୍.ଜି.ଓ. ନିଜେ ଏହି ଆଇନ୍ ଅନୁଯାୟୀ ସରକାରୀ ଜନକର୍ତ୍ତୃପକ୍ଷଙ୍କ ଭଳି ସୂଚନା ଦେବା ପାଇଁ ଉତ୍ତରଦାୟୀ ରହିବେ । କିନ୍ତୁ ଏଠାରେ ବ୍ୟବହୃତ ଦୁଇଟି ଶବ୍ଦ 'ପରୋକ୍ଷ' ଓ 'ଯଥେଷ୍ଟ'ର କୌଣସି ସବିଶେଷ ବ୍ୟାଖ୍ୟା ଆଇନ୍ କିମ୍ବା ନିୟମାବଳୀରେ ନଥିବାରୁ କେଉଁ କେଉଁ ଏନ୍.ଜି.ଓ. ଜନ କର୍ତ୍ତୃପକ୍ଷ ଭାବେ ବିବେଚିତ ହେବେ ତାହା ନେଇ ବିବଦମାନ ସ୍ଥିତି ଲାଗି ରହିଛି । ଇତି ମଧ୍ୟରେ ଓଡିଶା ସରକାରଙ୍କ ଯୋଜନା ଓ ସମନ୍ୱୟ ବିଭାଗ ତରଫରୁ ୨୮ ଅଗଷ୍ଟ ୨୦୦୯ରେ ଏକ ବିଜ୍ଞପ୍ତି ପ୍ରକାଶ କରାଯାଇ କୁହାଗଲା ଯେ, ସରକାରୀ ଅନୁଦାନ ଲାଭ କରୁଥିବା ଓଡିଶାର ଏନ୍.ଜି.ଓ. ମାନେ ଏବେଠାରୁ ଜନ କର୍ତ୍ତୃପକ୍ଷ ଭାବେ ବିବେଚିତ ହେବେ, ନିଜ ନିଜ ଦପ୍ତରରେ ଜନସୂଚନା ଅଧିକାରୀ ଓ ପ୍ରଥମ ଅପିଲ୍ ଅଧିକାରୀ ନିଯୁକ୍ତ କରିବେ । କିନ୍ତୁ ଏଠାରେ ଉଲ୍ଲେଖନୀୟ ଯେ, ଜାତୀୟ ସ୍ତରରେ ସୂଚନା ଅଧିକାର ଆଇନ୍ ୨୦୦୫ ଲାଗୁ ହେବା ପରେ ପରେ ଓଡିଶାର ତଦାନୀନ୍ତନ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ୨୨.୦୮.୨୦୦୫ରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ସଚିବ-ସ୍ତରୀୟ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା ଯେ, ନିର୍ଦ୍ଦିଷ୍ଟ ଭାବେ ରାଜ୍ୟର କେଉଁ ଏନ୍.ଜି.ଓ. ମାନେ ଜନକର୍ତ୍ତୃପକ୍ଷ ଭାବେ ବିବେଚିତ ହେବେ, ସେମାନଙ୍କୁ ଯୋଜନା ଓ ସମନ୍ୱୟ ବିଭାଗ ଚିହ୍ନଟ କରିବ ***(ଅନୁଚ୍ଛେଦ ୧-ଏ-୯)***, ଯାହାକି ଏପର୍ଯ୍ୟନ୍ତ କରା ହୋଇପାରିନି ।

## ପ୍ରଶ୍ନ-୧୮ : ସୂଚନା ଅଧିକାର ଆଇନ୍ ଅଧୀନରେ ସ୍ଥାନିତ ହୋଇଥିବା ଅପିଲ୍ ପ୍ରକ୍ରିୟାଟି କ'ଣ ?

- ସୂଚନା ପାଇଁ ଆବେଦକମାନଙ୍କ ଆପତ୍ତିର ସମାଧାନ ପାଇଁ ଏହି ଆଇନ୍ ଦୁଇ ପ୍ରକାର ବ୍ୟବସ୍ଥା ସ୍ଥାନିତ କରିଛି, ଯଥା ଧାରା-୧୮ ଅଧୀନରେ ସଂପୃକ୍ତ ସୂଚନା କମିଶନଙ୍କ ନିକଟରେ ପ୍ରତ୍ୟକ୍ଷ ଅଭିଯୋଗ ଦାଖଲ, ଏବଂ ଧାରା ୧୯ ଅଧୀନରେ ଯଥାକ୍ରମେ ୧ମ ଅପିଲ୍ କର୍ତ୍ତୃପକ୍ଷ ଓ ୨ୟ ଅପିଲ୍ କର୍ତ୍ତୃପକ୍ଷ ବା ସୂଚନା କମିଶନଙ୍କ ନିକଟରେ ୧ମ ବା ୨ୟ ଅପିଲ୍ ଦାଖଲ । କେନ୍ଦ୍ରୀୟ କିମ୍ବା ରାଜ୍ୟ ସୂଚନା କମିଶନଙ୍କ ନିକଟରେ ଅଭିଯୋଗ ଦାଖଲ ପାଇଁ କୌଣସି ଫର୍ମାଟ୍ ବିହିତ ହୋଇନାହିଁ । ଅଥଚ କେନ୍ଦ୍ରୀୟ ସୂଚନା କମିଶନଙ୍କ ନିକଟରେ ଏକ ଫର୍ମାଟ୍‌ରେ ଅପିଲ୍ କରିବାକୁ ପଡିବ ତଥା ଅପିଲ୍ ସହିତ କେତେକ ଦଲିଲ୍ ସଂଲଗ୍ନ କରିବାକୁ ପଡିବ, ଯଥା କେନ୍ଦ୍ରୀୟ ଜନସୂଚନା ଅଧିକାରୀଙ୍କ ନିକଟରେ ଦାଖଲ ହୋଇଥିବା ଦରଖାସ୍ତର ନକଲ, ଉକ୍ତ ଅଧିକାରୀଙ୍କ ନିକଟରୁ ଯଦି କୌଣସି ଉତ୍ତର ମିଳିଥାଏ, ତେବେ ତହିଁର ନକଲ, ୧ମ ଅପିଲ୍ କର୍ତ୍ତୃପକ୍ଷଙ୍କ ନିକଟରେ ଦାଖଲ ହୋଇଥିବା ଅପିଲ୍‌ର ନକଲ, ଉକ୍ତ କର୍ତ୍ତୃପକ୍ଷଙ୍କ ଠାରୁ ଯଦି କୌଣସି ଆଦେଶ ମିଳିଥାଏ ତହିଁର ନକଲ, ଅପିଲ୍‌କର୍ତ୍ତା ନିଜର ଅପିଲ୍ ପାଇଁ ନିର୍ଭର କରିଥିବା ଅନ୍ୟାନ୍ୟ ଦଲିଲ୍‌ର ନକଲ, ଏବଂ ଅପିଲ୍‌ସହିତ ସଂଲଗ୍ନ କରାଯାଇଥିବା ଦଲିଲ୍‌ଗୁଡିକର ଏକ ସୂଚୀପତ୍ର ***(ନିୟମ ୮, ସୂଚନା ଅଧିକାର ନିୟମାବଳୀ ୨୦୧୨)*** । କିନ୍ତୁ ଏହି ନିୟମାବଳୀର ନିୟମ-୧୦ରେ ସ୍ପଷ୍ଟ କରିଦିଆଯାଇଛି ଯେ, କମିଶନଙ୍କ ନିକଟରେ ଦାଖଲ ହୋଇଥିବା ଏକ ଅପିଲ୍ ବିହିତ ଫର୍ମାଟ୍ ଅନୁଯାୟୀ ପ୍ରସ୍ତୁତ ହୋଇନଥିବାର କାରଣ ଦର୍ଶାଇ ଏହାକୁ ଖାରଜ କରାଯାଇ ପାରିବନାହିଁ । କୌଣସି ଅପିଲ୍ ଦାଖଲ ପାଇଁ କେନ୍ଦ୍ର ସରକାର ସୂଚନା ଅଧିକାର ନିୟମାବଳୀ ୨୦୧୨ରେ କୌଣସି ଫିସ୍ ବିହିତ କରିନାହାନ୍ତି । କିନ୍ତୁ ଓଡିଶା ସୂଚନା ଅଧିକାର ନିୟମାବଳୀ ଅନୁଯାୟୀ ୧ମ ଓ ୨ୟ ଅପିଲ୍ ପାଇଁ ଯଥାକ୍ରମେ ଫର୍ମ-ଡି ଓ ଫର୍ମ-ଇ ସହିତ କୋର୍ଟ ଫିଷ୍ଟାମ୍ପ୍ ମାଧ୍ୟମରେ ୨୦ଟଙ୍କା ଓ ୨୫ଟଙ୍କାର ଫିସ୍ ବିହିତ କରାଯାଇଛି ଏବଂ ବି.ପି.ଏଲ୍.

ବ୍ୟକ୍ତିମାନଙ୍କୁ ଅପିଲ୍ ଫିସ୍‌ରୁ ଛାଡ କରାଯାଇଛି *(ଓଡ଼ିଶା ନିୟମାବଳୀ ୨୦୦୫ର ନିୟମ ୭-୪)* ।

- ଜନ କର୍ତ୍ତୃପକ୍ଷ ବା ପି.ଆଇ.ଓ.ଙ୍କ ଆଚରଣରେ ଯଦି ଜଣେ ନାଗରିକ କ୍ଷୁବ୍ଧ ହୁଅନ୍ତି, ତେବେ ସେ ସିଧାସଳଖ ଯଥାସ୍ଥିତି କେନ୍ଦ୍ରୀୟ ବା ରାଜ୍ୟ ସୂଚନା କମିଶନଙ୍କ ନିକଟରେ ଧାରା-୧୮ ଅଧୀନରେ ଏକ ଅଭିଯୋଗ ଦାଖଲ କରିପାରନ୍ତି । ସଂପୃକ୍ତ କମିଶନ୍ ଚାହିଁଲେ ଯେ କୌଣସି ଅଭିଯୋଗ ସଂକ୍ରାନ୍ତରେ ଏକ ଅନୁସନ୍ଧାନ ଆରମ୍ଭ କରିପାରନ୍ତି ଏବଂ ଏହି ଅନୁସନ୍ଧାନ ପରିଚାଳନା କଲାବେଳେ ପ୍ରତିପକ୍ଷ ବା ସାକ୍ଷୀଙ୍କ ଉପସ୍ଥିତି ଅଥବା ସାକ୍ଷ୍ୟ ବା କୌଣସି ଦଲିଲର ଦାଖଲକୁ ସୁନିଶ୍ଚିତ କରିବା ପାଇଁ କମିଶନଙ୍କୁ ଦେଓ୍ୱାନି ଅଦାଲତର ସଂପୃକ୍ତ କ୍ଷମତାମାନ ନ୍ୟସ୍ତ କରାଯାଇଛି *(ଧାରା ୧୮-୩)* ।

- ଯେଉଁସ୍ଥଳେ ଜଣେ ବ୍ୟକ୍ତି ସୂଚନା ପାଇଁ ଦରଖାସ୍ତ କରିବାର ବିହିତ ସମୟସୀମା ଭିତରେ ଉତ୍ତର ନପାଆନ୍ତି ବା ପି.ଆଇ.ଓ.ଙ୍କ ଉତ୍ତରରେ ଅସନ୍ତୁଷ୍ଟ ହୁଅନ୍ତି, ତେବେ ସେ ୩୦ଦିନ ଭିତରେ ୧ମ ଅପିଲ୍ କର୍ତ୍ତୃପକ୍ଷଙ୍କ ନିକଟରେ ୧ମ ଅପିଲ୍ କରିପାରିବେ । ୧ମ ଅପିଲ୍ କର୍ତ୍ତୃପକ୍ଷ ଚାହିଁଲେ ଉକ୍ତ ୩୦ଦିନର ସମୟସୀମା ଅତିକ୍ରାନ୍ତ ହେବାପରେ ମଧ୍ୟ ଅପିଲ୍‌କୁ ଗ୍ରହଣ କରିପାରନ୍ତି । ୧ମ ଅପିଲ୍ ଦାଖଲ ହେବା ତାରିଖର ୩୦ଦିନ ଭିତରେ, ନଚେତ୍ ସର୍ବାଧିକ ୪୫ଦିନ ଭିତରେ ଏହା ଫଇସଲା ହେବ *(ଧାରା ୧୯-୧ ଓ ଧାରା ୧୯-୬)* ।

- ଯେଉଁସ୍ଥଳେ ଜଣେ ଆବେଦକ ୧ମ ଅପିଲ୍‌ର ନିଷ୍ପତ୍ତିରେ ଅସନ୍ତୁଷ୍ଟ ହେବେ, ସେପରି ସ୍ଥଳେ ସେ ଉକ୍ତ ନିଷ୍ପତ୍ତି ଯେଉଁ ତାରିଖ ସୁଦ୍ଧା ମିଳିବା କଥା ବା ଯେଉଁ ତାରିଖରେ ମିଳିଛି, ତହିଁର ୯୦ଦିନ ଭିତରେ ସଂପୃକ୍ତ ସୂଚନା କମିଶନଙ୍କ ନିକଟରେ ୨ୟ ଅପିଲ୍ ଦାଖଲ କରିପାରିବେ । ଯଦି କମିଶନ୍ ଚାହିଁବେ, ତେବେ ସେ ଉକ୍ତ ୯୦ଦିନର ସମୟସୀମା ଅତିକ୍ରାନ୍ତ ହେବା ପରେ ମଧ୍ୟ ୨ୟ ଅପିଲ୍‌କୁ ଗ୍ରହଣ କରିପାରିବେ *(ଧାରା ୧୯-୩)* । କିନ୍ତୁ ୧ମ ଅପିଲ୍ ଫଇସଲା ପାଇଁ ଯେମିତି ସମୟସୀମା ରହିଛି, ସେପରି କୌଣସି ସମୟସୀମା ୨ୟ ଅପିଲ୍ କ୍ଷେତ୍ରରେ ବିହିତ ହୋଇନାହିଁ ।

- ଯେ କୌଣସି ଅପିଲ୍ କାର୍ଯ୍ୟବିଧିରେ ଜଣେ ଆବେଦକଙ୍କ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିବା ଯେ ଯଥାର୍ଥ ଥିଲା, ତହିଁର ପ୍ରମାଣ ଭାର ସଂପୃକ୍ତ ପି.ଆଇ.ଓ.ଙ୍କ ଉପରେ ନ୍ୟସ୍ତ ରହିବ *(ଧାରା ୧୯-୫ ଓ ଧାରା ୨୦-୧)* । ଏହି କାରଣରୁ ଉଭୟ କେନ୍ଦ୍ର ଓ ଓଡ଼ିଶା ସରକାରଙ୍କ ଦ୍ୱାରା ବିଜ୍ଞାପିତ ହୋଇଥିବା ଅପିଲ୍ କାର୍ଯ୍ୟବିଧି ନିୟମାବଳୀରେ ଅଭିଯୋଗକାରୀ କି ଅପିଲ୍‌କାରୀଙ୍କ ଉପସ୍ଥିତିକୁ ଇଚ୍ଛାଧୀନ ରଖାଯାଇଛି ।

## ପ୍ରଶ୍ନ-୧୯ : ସୂଚନା କମିଶନ୍‌ମାନଙ୍କୁ ଯୋଗାଯୋଗ କରିବାର ଠିକଣା କ'ଣ ?

*କେନ୍ଦ୍ରୀୟ ସୂଚନା କମିଶନ୍‌ଙ୍କ ଠିକଣା-*

Central Information Commission,

August Kranti Bhavan, Bhikaji Cama Place, New Delhi - 110 066 and

Old JNU Campus, New Delhi - 110 067, Phone:011-26161137 Fax: 26186536, Website: http://www.cic.gov.in

*ଓଡ଼ିଶା ସୂଚନା କମିଶନ୍‌ଙ୍କ ଠିକଣା-*

Orissa Information Commission,

Block B1, Toshali Plaza, Satyanagar, Bhubaneswar-751007, Orissa

E-mail: orissasoochana@ori.nic.in, Tel: 0674-2570561, Helpline No: 18003456777

Website: http://orissasoochanacommission.nic.in

## ପ୍ରଶ୍ନ-୨୦ : ସୂଚନା କମିଶନ୍‌ଙ୍କର କି କି କ୍ଷମତା ରହିଛି ?

ଗୋଟିଏ ଅଭିଯୋଗ ବା ଅପିଲ୍ ଉପରେ ନିଷ୍ପତ୍ତି ନେବା କ୍ଷେତ୍ରରେ କମିଶନ୍ ନିମ୍ନୋକ୍ତ କ୍ଷମତାମାନ ପ୍ରୟୋଗ କରିପାରିବେ -

(ଏ) ସଂପୃକ୍ତ ଜନ କର୍ତ୍ତୃପକ୍ଷଙ୍କୁ ଆଇନ୍‌ର ବ୍ୟବସ୍ଥାଗୁଡ଼ିକୁ ପାଳନ କରିବା ପାଇଁ ଆବଶ୍ୟକୀୟ ନିର୍ଦ୍ଦେଶ ଦେଇପାରିବେ, ଯଥା (୧) ଏକ ସମୁଚିତ ରୀତିରେ ସୂଚନା ଯୋଗାଇଦେବା; (୨) ଆବଶ୍ୟକ ସ୍ଥଳେ ପି.ଆଇ.ଓ.ଙ୍କୁ ଅବସ୍ଥାପନ କରିବା; (୩) କେତେକ ନିର୍ଦ୍ଦିଷ୍ଟ ଧରଣର ସୂଚନାକୁ ପ୍ରକାଶନ କରିବା; (୪) ରେକର୍ଡସମୂହକୁ ସାଇତି ରଖିବା କ୍ଷେତ୍ରରେ ଅନୁସୃତ ପଦ୍ଧତିରେ ଉନ୍ନତୀକରଣ ଘଟାଇବା; (୫) ଅଫିସରମାନଙ୍କ ପାଇଁ ସୂଚନା ଅଧିକାର ପ୍ରଶିକ୍ଷଣର ବ୍ୟବସ୍ଥା କରିବା ; ତଥା (୬) ସଂଗଠନର ବାର୍ଷିକ ରିପୋର୍ଟ ଯୋଗାଇଦେବା ;

(ବି) ସଂପୃକ୍ତ ଅଭିଯୋକ୍ତା ଯଦି କିଛି କ୍ଷତି ସହିଥାନ୍ତି, ତେବେ ତାଙ୍କୁ କ୍ଷତିପୂରଣ ପାଇଁ ସଂପୃକ୍ତ ଜନ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇପାରିବେ;

(ସି) ଏହି ଆଇନ୍ ଅଧୀନରେ ଥିବା ଦଣ୍ଡବ୍ୟବସ୍ଥା ଲାଗୁ କରିପାରିବେ; ଏବଂ

(ଡି) ଏକ ଆବେଦନକୁ ଖାରଜ କରିପାରିବେ । *(ଧାରା ୧୯-୮)* ।

(ଇ) ଯଥାସ୍ଥିତି କେନ୍ଦ୍ରୀୟ ସୂଚନା କମିଶନ୍ ବା ରାଜ୍ୟ ସୂଚନା କମିଶନ୍ ନିଜ 'ଫସଲା ବିଷୟରେ ଉଭୟ ଅଭିଯୋକ୍ତା ଏବଂ ଜନ କର୍ତ୍ତୃପକ୍ଷଙ୍କ ନିକଟକୁ ନୋଟିସ୍ କରିବେ, ଯେଉଁଥିରେ ଅପିଲ୍ କରିବା ପାଇଁ ଅଧିକାର ଅଛି କି ନାହିଁ, ତାହା ସୂଚୀତ ହୋଇଥିବ । *(ଧାରା ୧୯-୮)*।

ଏହାଛଡା, ସରକାରଙ୍କ ମନ୍ତ୍ରଣାଳୟ/ବିଭାଗଗୁଡିକରୁ ମିଳିଥିବା ତଥ୍ୟାବଳୀ ଭିତ୍ତିରେ କେନ୍ଦ୍ରୀୟ ବା ରାଜ୍ୟ କମିଶନ୍ ଯଥାସ୍ଥିତି ଜାତୀୟ ବା ରାଜ୍ୟ ସ୍ତରରେ ସୂଚନା ଅଧିକାର ଆଇନ୍‌ର ସ୍ଥିତି ବିଷୟରେ ଏକ ଚିଠା ରିପୋର୍ଟ ପ୍ରସ୍ତୁତ କରିବେ, ଯାହାକୁ ସଂପୃକ୍ତ ସରକାର ଚୂଡାନ୍ତ ରୂପ ଦେବା ପରେ ଯଥାସ୍ଥିତି ସଂସଦ ବା ରାଜ୍ୟ ଆଇନ୍‌ସଭାରେ ଉପସ୍ଥାପନ କରିବେ । ପୁଣି ଯେଉଁସ୍ଥଳେ ଏକ ଜନ କର୍ତ୍ତୃପକ୍ଷ ଆଇନ୍‌ର ଭାଷା ବା ଭାବକୁ ଉଲ୍ଲଂଘନ କରିଛନ୍ତି ବୋଲି କମିଶନଙ୍କର ହୃଦ୍‌ବୋଧ ହେବ, ସେପରି ସ୍ଥଳେ ଉକ୍ତ ଜନ କର୍ତ୍ତୃପକ୍ଷଙ୍କୁ ଆଇନ୍‌ର ଅନୁପାଳନ ସ୍ୱାର୍ଥରେ ନିଜକୁ ସଂଶୋଧନ ପାଇଁ ପରାମର୍ଶ ଦେବେ *(ଧାରା ୨୫)*।

## ପ୍ରଶ୍ନ-୨୧: ସୂଚନା ଅଧିକାର ଆଇନ୍ ଅଧୀନରେ କିଛି ଦଣ୍ଡ ବ୍ୟବସ୍ଥା ରହିଛି କି?

- ହଁ । ଯେଉଁସ୍ଥଳେ କମିଶନ୍ ଗୋଟିଏ ଅଭିଯୋଗ ବା ଅପିଲ୍‌କୁ ବିଚାର କଲାବେଳେ ମନେ କରିବେ ଯେ, ସଂପୃକ୍ତ ପି.ଆଇ.ଓ. ଜାଣିଶୁଣି ଗୋଟିଏ ଦରଖାସ୍ତକୁ ଗ୍ରହଣ କରିବା ପାଇଁ ମନା କରିଛନ୍ତି ବା ବିହିତ ସମୟସୀମା ଭିତରେ ସୂଚନା ଦେଇନାହାନ୍ତି ବା ମନ୍ଦ ଉଦ୍ଦେଶ୍ୟ ରଖି ସୂଚନା ପାଇଁ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିଛନ୍ତି ବା ଜାଣିଶୁଣି ଅସତ୍ୟ, ଅସଂପୂର୍ଣ୍ଣ ବା ବିଭ୍ରାନ୍ତିକର ସୂଚନା ଦେଇଛନ୍ତି ବା ସଂପୃକ୍ତ ସୂଚନାକୁ ନଷ୍ଟ କରିଦେଇଛନ୍ତି ବା ସୂଚନା ହାସଲ ପ୍ରକ୍ରିୟାକୁ କୌଣସି ପ୍ରକାରେ ବାଧାଗ୍ରସ୍ତ କରିଛନ୍ତି, ତେବେ ସଂପୃକ୍ତ ଦରଖାସ୍ତଟି ଗ୍ରହଣ ହେବା ପର୍ଯ୍ୟନ୍ତ ବା ଆବେଦିତ ସୂଚନାକୁ ପ୍ରକଟନ କଲା ପର୍ଯ୍ୟନ୍ତ ପ୍ରତି ଦିନର ବିଳମ୍ବ ପାଇଁ ୨୫୦ଟଙ୍କା ହିସାବରେ ସର୍ବାଧିକ ୨୫ହଜାର ଟଙ୍କାର ଜୋରିମାନା ପି.ଆଇ.ଓ.ଙ୍କ ଉପରେ ଲାଗୁ କରିପାରିବେ *(ଧାରା ୨୦-୧)*।

- ପୁଣି ଯେଉଁସ୍ଥଳେ ଗୋଟିଏ ଅଭିଯୋଗ ବା ଅପିଲ୍‌କୁ ବିଚାର କଲାବେଳେ କମିଶନ୍ ମନେ କରିବେ ଯେ, ଜଣେ ପିଆଇଓ ସୂଚନା ପ୍ରଦାନ କ୍ଷେତ୍ରରେ ଲଗାତାର ଆଇନ୍‌ର ବ୍ୟବସ୍ଥାଗୁଡିକୁ ଉଲ୍ଲଂଘନ କରିଚାଲିଛନ୍ତି, ସେପରି ସ୍ଥଳେ କମିଶନ୍ ସେହି ପି.ଆଇ.ଓ.ଙ୍କ ବିରୁଦ୍ଧରେ ତାଙ୍କ ପାଇଁ ପ୍ରଯୁଜ୍ୟ ଚାକିରୀ ନିୟମାବଳୀ ଅନୁଯାୟୀ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ ସୁପାରିଶ୍ କରିପାରିବେ *(ଧାରା ୨୦-୨)*।

ପ୍ରତି ଅପିଲ୍ କାର୍ଯ୍ୟବିଧିରେ ପ୍ରମାଣଭାର ଅଭିଯୁକ୍ତ ପିଆଇଓଙ୍କ ଉପରେ ନ୍ୟସ୍ତ ରହିବ, କିନ୍ତୁ ତାଙ୍କ ବିରୁଦ୍ଧରେ କୌଣସି ଦଣ୍ଡବିଧାନ ଘୋଷଣା କରିବା ପୂର୍ବରୁ ତାଙ୍କର ବକ୍ତବ୍ୟ ଶୁଣାଇବା ପାଇଁ ତାଙ୍କୁ ସୁଯୋଗ ଦିଆଯିବ *(ଧାରା ୨୦-୧ର ପରନ୍ତୁକ)*।

## ପ୍ରଶ୍ନ-୨୨: ଯଦି ଜଣେ ସୂଚନା କମିଶନର୍‌ଙ୍କ ବିରୁଦ୍ଧରେ ଆପଣ ଅଭିଯୋଗ କରିବାକୁ ଚାହିଁବେ, ତେବେ କ'ଣ କରିବାକୁ ପଡବ?

କୌଣସି କେନ୍ଦ୍ରୀୟ ବା ରାଜ୍ୟ ସୂଚନା କମିଶନରଙ୍କ ଅକ୍ଷମତା, ଦୁର୍ବ୍ୟବହାର, ନୈତିକ ଭ୍ରଷ୍ଟତା ବା ଦୁର୍ନୀତି ଭଳି କାରଣକୁ ଭିତ୍ତି କରି ଆପଣ ଯଦି ଅଭିଯୋଗ ଆଣିବାକୁ ଚାହୁଁଥାନ୍ତି, ତେବେ ତାହା ଯଥାସ୍ଥିତି ରାଷ୍ଟ୍ରପତି ବା ରାଜ୍ୟପାଳଙ୍କ ନିକଟରେ ଦାଖଲ ହୋଇପାରିବ । ଏପ୍ରକାର ଏକ ଅଭିଯୋଗକୁ ରାଷ୍ଟ୍ରପତି ବା ରାଜ୍ୟପାଳ ଜଣେ ସୁପ୍ରିମ୍ କୋର୍ଟର ବିଚାରପତିଙ୍କ ଦ୍ୱାରା ଅନୁସନ୍ଧାନ କରିପାରିବେ ଏବଂ ଅଭିଯୋଗଟି ଯଥାର୍ଥ ବୋଲି ପ୍ରମାଣିତ ହେଲେ ସେ ସଂପୃକ୍ତ ସୂଚନା କମିଶନର୍‌ଙ୍କୁ ବହିଷ୍କାର କରିପାରିବେ । ଅନ୍ୟଥା, ଯଦି ରାଜ୍ୟପାଳ ନିଜେ ଅଭିଯୋଗଟିକୁ ଆପାତ ସତ୍ୟ ବୋଲି ମନେ କରନ୍ତି, ତେବେ ସେ ସିଧାସଳଖ ସଂପୃକ୍ତ କମିଶନରଙ୍କ ବିରୁଦ୍ଧରେ ନିଲମ୍ବନ ବା ବହିଷ୍କାର ଆଦେଶ ଦେଇପାରିବେ ।*(ଆଇନ୍‌ର ଧାରା ୧୪ ଓ ୧୭)*।

## ପ୍ରଶ୍ନ-୨୩: ସୂଚନା ଅଧିକାର ଆଇନ୍ ପରିପ୍ରେକ୍ଷୀରେ ସମୁଚିତ ସରକାରଙ୍କର କି କି ଉତ୍ତରଦାୟିତ୍ୱ ରହିଛି?

ଏହି ଆଇନ୍‌ର ଯଥୋଚିତ କାର୍ଯ୍ୟାନ୍ୱୟନ ତଥା ବ୍ୟାପକ ପ୍ରସାରଣକୁ ସୁନିଶ୍ଚିତ କରିବା ପାଇଁ ଯଥାସ୍ଥିତି କେନ୍ଦ୍ର ବା ରାଜ୍ୟ ସରକାରଙ୍କ ଉପରେ ବିଭିନ୍ନ ଦାୟିତ୍ୱମାନ ନ୍ୟସ୍ତ କରାଯାଇଛି । ସର୍ବସାଧାରଣ, ବିଶେଷ କରି ଅନଗ୍ରସର ଜନଗୋଷ୍ଠୀସମୂହ ଏହି ଆଇନ୍ ଅଧୀନସ୍ଥ ଅଧିକାରଗୁଡିକୁ ଯେପରି ପ୍ରୟୋଗ କରିପାରିବେ, ସେଥିପାଇଁ ସେମାନଙ୍କ ଭିତରେ ସମର୍ଥତା ସୃଷ୍ଟି କରିବା ପାଇଁ ବିଭିନ୍ନ ଶୈକ୍ଷଣିକ କାର୍ଯ୍ୟକ୍ରମ ଗ୍ରହଣ କରାଯିବ । ପ୍ରଶିକ୍ଷଣ ଓ ମନୋଭାବର ସଂସ୍କାର ଜରିଆରେ ଜନ କର୍ତ୍ତୃପକ୍ଷମାନଙ୍କୁ କ୍ରିୟାଶୀଳ କରାଇବା ତଥା ସାଧାରଣ ନାଗରିକ ପାଇଁ ଉପଯୋଗୀ ହେଲାଭଳି ସରକାରୀ ଭାଷାରେ ଏକ ସାମଗ୍ରୀକ ଓ ବୋଧଗମ୍ୟ ମାର୍ଗଦର୍ଶୀକା ପ୍ରକାଶ କରିବା ତଥା ଏହାକୁ ମଝିରେ ମଝିରେ ଅଦ୍ୟତନ କରିବା ଜରୁରୀ ଅଟେ । ଉକ୍ତ ମାର୍ଗଦର୍ଶୀକାରେ ନାଗରିକମାନଙ୍କ ପାଇଁ କେତେକ ଜରୁରୀ ସୂଚନା ରହିବ, ଯଥା ପିଆଇଓ ମାନଙ୍କ ଠିକଣା, ସୂଚନା ହାସଲ କରିବାର ପଦ୍ଧତି, ପିଆଇଓ ଏବଂ ସହକାରୀ ପିଆଇଓ ମାନଙ୍କ ଠାରୁ ପ୍ରାପ୍ୟ ସହାୟତା, ଅପିଲ୍ ପଦ୍ଧତି, ଧାରା-୪ ଅଧୀନରେ ପ୍ରକାଶିତ ସ୍ୱୟଂପ୍ରକଟନୀୟ ସୂଚନାବଳୀ, ବିଭିନ୍ନ ଫିସ୍‌ର ପରିମାଣ ଓ ଦାଖଲ ପଦ୍ଧତି ତଥା ଆଇନ୍ ଅଧୀନରେ ସୂଚନାସମୂହର ହାସଲକୁ ସୁଗମ ଓ ସହଜ କରିବା ଉଦ୍ଦେଶ୍ୟରେ ସରକାରଙ୍କ ତରଫରୁ ପ୍ରସାରିତ ହୋଇଥିବା ନିର୍ଦ୍ଦେଶାବଳୀ । *(ଆଇନ୍‌ର ଧାରା-୨୬)*।

## ପ୍ରଶ୍ନ-୨୪: ସୂଚନା ଅଧିକାର ଆଇନ୍ ପରିପ୍ରେକ୍ଷୀରେ କେଉଁସବୁ ଦଲିଲ୍ ଗୁରୁତ୍ୱପୂର୍ଣ୍ଣ ?

ସୂଚନା ଅଧିକାର ଆଇନ୍ ୨୦୦୫ ହେଉଛି ସମ୍ବିଧାନର କେନ୍ଦ୍ରୀୟ ତାଲିକା ଅଧୀନସ୍ଥ ଏକ ଆଇନ୍, ଯାହାର *ଧାରା-୨୨* ଅନୁଯାୟୀ ଅନ୍ୟସବୁ କେନ୍ଦ୍ରୀୟ ବା ରାଜ୍ୟ ବିଧି-ବିଧାନ ଉପରେ ଅତିକ୍ରମଣ ପ୍ରଭାବ ରହିଛି । ଏହାର *ଧାରା-୨୭* ଅନୁଯାୟୀ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଯେଉଁସବୁ ବିଷୟରେ ନିୟମାବଳୀ ପ୍ରଣୟନ କରିବେ ସେଗୁଡିକ ମୂଳ ଆଇନ୍‌ର ଭାଷା ଓ ଭାବ ସହିତ ସଂଗତିଶୀଳ ହେବା କଥା ଏବଂ ସେଗୁଡିକର ଅନୁଧ୍ୟାନ ଜରୁରୀ । ଏହାଛଡା ଆଇନ୍‌ର *ଧାରା-୩୦(୧)* ଅନୁଯାୟୀ ଆଇନ୍‌ର କାର୍ଯ୍ୟାନ୍ୱୟନ କ୍ଷେତ୍ରରେ ଉପୁଜୁଥିବା ଅସୁବିଧା ଦୂରୀକରଣର କ୍ଷମତା କେନ୍ଦ୍ର ସରକାରଙ୍କର ରହିଛି ଏବଂ ତଦନୁଯାୟୀ ଆଇନ୍‌ର ସଂଯୋଜକ ସଂସ୍ଥା ଭାବେ କେନ୍ଦ୍ର ସରକାରଙ୍କ କର୍ମୀନିଯୋଜନ, ପେନସନ୍ ଓ ସର୍ବସାଧାରଣ ଅଭିଯୋଗ ମନ୍ତ୍ରଣାଳୟ ନିୟମାବଳୀ ଛଡା ଆହୁରି କେତେକ ନିର୍ଦ୍ଦେଶନାମା ଜାରି କରିଛନ୍ତି, ଯେଉଁଗୁଡିକ ଆର୍.ଟି.ଆଇ. ପୋର୍ଟାଲ୍ (http://rti.gov.in) ରେ ଉପଲବ୍ଧ । ଓଡିଶା ସରକାରଙ୍କ ସଂଯୋଜକ ସଂସ୍ଥା ସୂଚନା ଓ ଲୋକସଂପର୍କ ବିଭାଗ ତରଫରୁ ମଧ୍ୟ 'ଲୋକସୂଚନା' (http://www.rtiorissa.gov.in) ନାମରେ ଏକ ପୋର୍ଟାଲ୍ ପ୍ରତିଷ୍ଠା କରାଯାଇଛି, ଯେଉଁଥିରେ ଓଡିଶା ସରକାର ଜାରିକରିଥିବା ନିୟମାବଳୀ ସହିତ ବିଭିନ୍ନ ନିର୍ଦ୍ଦେଶାବଳୀ ସ୍ଥାନିତ ହୋଇଛି । ଏହାଛଡା, ଆଇନ୍‌ର ଧାରା ୨(ଇ) ଅନୁଯାୟୀ ଲୋକସଭାର ବାଚସ୍ପତି, ରାଜ୍ୟସଭାର ଅଧ୍ୟକ୍ଷ ଓ ରାଜ୍ୟ ବିଧାନ ସଭାର ବାଚସ୍ପତି, ଏବଂ ସୁପ୍ରିମ୍ କୋର୍ଟ ଓ ହାଇକୋର୍ଟ ସମୂହର ମୁଖ୍ୟ ବିଚାରପତିଗଣ, ତଥା ସମ୍ବିଧାନ ଦ୍ୱାରା ପ୍ରତିଷ୍ଠିତ ବିଭିନ୍ନ କର୍ତ୍ତୃପକ୍ଷଙ୍କ ପାଇଁ ଯଥାସ୍ଥିତି ରାଷ୍ଟ୍ରପତି ବା ରାଜ୍ୟପାଳ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ ଅଟନ୍ତି, ଯେଉଁମାନେ କି ଧାରା ୨୮ ଅନୁଯାୟୀ ନିଜ ନିଜ କ୍ଷେତ୍ରାଧିକାର ପାଇଁ ମୂଳ ଆଇନ୍ ସହ ସଂଗତିଶୀଳ ହେବା ଭଳି ନିୟମାବଳୀ ପ୍ରଣୟନ କରିବେ । ସୁତରାଂ ସୂଚନା ଅଧିକାର ଆଇନ୍‌ର ସଠିକ୍ ଓ ସଂ'ଳ ପ୍ରୟୋଗ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ତଥା କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷମାନଙ୍କ ତରଫରୁ ପ୍ରଚଳିତ ହୋଇଥିବା ସମସ୍ତ ନିୟମାବଳୀକୁ ଯତ୍ନର ସହିତ ଅନୁଧାବନ କରିବାକୁ ପଡିବ ।

## ପ୍ରଶ୍ନ-୨୫: ସୁପ୍ରିମ୍ କୋର୍ଟ ଏବଂ ହାଇକୋର୍ଟମାନେ କିପରି ଆଇନ୍‌ର ଅନୁପାଳନ କରିଛନ୍ତି ?

ଆଇନ୍‌ର ଧାରା ୨୮ ଅନୁଯାୟୀ ଲୋକସଭା ଓ ରାଜ୍ୟ ବିଧାନସଭାଗୁଡିକର ବାଚସ୍ପତି, ରାଜ୍ୟସଭାର ଅଧ୍ୟକ୍ଷ, ସୁପ୍ରମ୍ କୋର୍ଟ ଓ ହାଇକୋର୍ଟଗୁଡିକର ମୁଖ୍ୟ ବିଚାରପତି ତଥା ବିଶେଷ କ୍ଷେତ୍ରରେ ରାଜ୍ୟପାଳଗଣ 'କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ' (Competent Authority) ଭାବେ ନିୟମାବଳୀ ପ୍ରଣୟନ କରିବେ । ତଦନୁଯାୟୀ ସୁପ୍ରିମ୍ କୋର୍ଟର ମୁଖ୍ୟ ବିଚାରପତି ନିୟମାବଳୀ ପ୍ରଣୟନ କରିଛନ୍ତି (ଦ୍ରଷ୍ଟବ୍ୟ- http://supremecourtofindia.nic.in/rti.htm), ଯାହାକି ତାଙ୍କର ଘୋଷଣା ଅନୁଯାୟୀ କେନ୍ଦ୍ରୀୟ ନିୟମାବଳୀ ସହିତ ସମାନ । ଏହି ନିୟମାବଳୀ ମତେ ସମସ୍ତ ଦେୟ ସୁପ୍ରିମ୍ କୋର୍ଟଙ୍କ ରେଜିଷ୍ଟ୍ରାର୍/ ଆକାଉଣ୍ଟସ୍ ଅଫିସରଙ୍କୁ ନଗଦ ଅର୍ଥ, ଇଣ୍ଡିଆନ୍ ପୋଷ୍ଟାଲ୍ ଅର୍ଡର, ମନି ଅର୍ଡର୍ ବା ଡିମାଣ୍ଡ ଡ୍ରାଫ୍ଟ ଜରିଆରେ ପଇଠ କରାଯିବ, କିନ୍ତୁ ଚେକ୍ କିମ୍ୱା କୋର୍ଟ ଫିସ୍ ମାଧ୍ୟମରେ ନୁହେଁ । ଏହାଛଡା ବିଭିନ୍ନ ହାଇକୋର୍ଟ ବିଭିନ୍ନ ପ୍ରକାର ନିୟମାବଳୀ ପ୍ରଣୟନ କରିଛନ୍ତି । ଓଡିଶା ହାଇକୋର୍ଟର ମୁଖ୍ୟ ବିଚାରପତି ତା ୨୩ ଫେବୃଆରି ୨୦୦୬ରେ ଓଡିଶା ହାଇକୋର୍ଟ ସୂଚନା ଅଧିକାର ନିୟମାବଳୀ ୨୦୦୫ ବିଜ୍ଞପ୍ତି କରିଛନ୍ତି (ଦ୍ରଷ୍ଟବ୍ୟ-http://www.orissahighcourt.nic.in/pdf/rti/RTI.pdf) । ଏହି ନିୟମାବଳୀ କେବଳ ଥରକ ପାଇଁ ବିଜ୍ଞପ୍ତି ସଂଖ୍ୟା ୭୦୦/ଆର୍ ତା ୧୧.୧୦.୨୦୧୨ ବଳରେ ସଂଶୋଧନ ହୋଇଛି, ଯାହା ଫଳରେ ସୂଚନାର ମୂଲ୍ୟ ବାବଦକୁ ପୃଷ୍ଠା ପିଛା ୨୦ଟଙ୍କା ବଦଳରେ ୨ଟଙ୍କା ଏବଂ ଦରଖାସ୍ତ ଫିସ୍ ୫୦ଟଙ୍କା ବଦଳରେ ୧୦ଟଙ୍କା ଧାର୍ଯ୍ୟ ହୋଇଛି । ଏହି ନିୟମାବଳୀର ବ୍ୟବସ୍ଥା ଅନୁଯାୟୀ ହାଇକୋର୍ଟର ଅତିରିକ୍ତ ଡେପୁଟି ରେଜିଷ୍ଟ୍ରାର୍ (ଜେ ଏବଂ ଇ) ହେବେ ଜନସୂଚନା ଅଧିକାରୀ ଏବଂ ରେଜିଷ୍ଟ୍ରାର୍ ହେବେ ୧ମ ଅପିଲ୍ କର୍ତ୍ତୃପକ୍ଷ । ନିୟମାବଳୀର ସଂଲଗ୍ନ ନଥି ସଂଖ୍ୟା-୧ରେ ରାଜ୍ୟର ମୋଟ ୧୦୦ଟି ଅଧସ୍ତନ କୋର୍ଟ ପାଇଁ ପ୍ରତି କୋର୍ଟର ସହକାରୀ ଜନସୂଚନା ଅଧିକାରୀ ଏବଂ ଅପିଲ୍ କର୍ତ୍ତୃପକ୍ଷଙ୍କୁ ପଦନାମିତ କରାଯାଇଛି । ଜଣେ ବ୍ୟକ୍ତି ହାଇକୋର୍ଟ କିମ୍ୱା ଅନ୍ୟ କୌଣସି ତଳ କୋର୍ଟରୁ ସୂଚନା ଚାହିଁଲେ ସେ ପ୍ରଥମେ ୧୦ଟଙ୍କା ଦେଇ ଏକ ନିର୍ଦ୍ଦିଷ୍ଟ ଫର୍ମ କିଣିବେ ଏବଂ ସେଥିରେ ୧୦ଟଙ୍କାର କୋର୍ଟ ଫିସ୍ ଷ୍ଟାମ୍ପ ଲଗାଇ ସଂପୃକ୍ତ ଜନସୂଚନା ଅଧିକାରୀଙ୍କ ନିକଟରେ ଦାଖଲ କରିବେ । ସୂଚନାର ମୂଲ୍ୟ ବାବଦ ଦେୟ ନନ୍-ଜୁଡିସିଆଲ୍ ଷ୍ଟାମ୍ପ ମାଧ୍ୟମରେ ଦାଖଲ କରିବାକୁ ପଡିବ । ପ୍ରତି ଦରଖାସ୍ତରେ କେବଳ ଗୋଟିଏ ସୂଚନା ପାଇଁ ଆବେଦନ କରିହେବ । ନିୟମ ୪(ଏଚ) ଅନୁଯାୟୀ ଯଦି ଦରଖାସ୍ତକାରୀ କୌଣସି ସୂଚନା କିମ୍ୱା ଉତ୍ତର ନପାଆନ୍ତି, ତେବେ ଧରିନେବାକୁ ହେବ ସଂପୃକ୍ତ ଦରଖାସ୍ତଟି ବିଲୁପ୍ତ ହୋଇଯାଇଛି ଏବଂ ଦରଖାସ୍ତକାରୀଙ୍କୁ ଆଉଥରେ ଆବେଦନ କରିବାକୁ ପଡିବ । ଏହି ନିୟମାବଳୀରେ ୧ମ କିମ୍ୱା ୨ୟ ଅପିଲ୍‌ର ପଦ୍ଧତି ବିଷୟରେ କୌଣସି ବ୍ୟବସ୍ଥା ସୂଚୀତ ହୋଇନାହିଁ । ଏଠାରେ ପୁଣି ଉଲ୍ଲେଖନୀୟ ଯେ, ଆଇନ୍‌ର ଧାରା ୨୫ ଅନୁଯାୟୀ ସୁପ୍ରିମ୍ କୋର୍ଟ ଏହି ଆଇନ୍ ଅଧୀନରେ ପ୍ରାପ୍ତ ଦରଖାସ୍ତ ଏବଂ ତାହା ଉପରେ କାର୍ଯ୍ୟାନୁଷ୍ଠାନ ସଂବନ୍ଧୀୟ ନିୟମିତ ବିବରଣୀ ପ୍ରସ୍ତୁତ କରୁଥିଲେ ହେଁ ତଥା ନିଜର ୱେବ୍‌ସାଇଟ୍‌ରେ ସ୍ଥାନିତ କରୁଥିଲେ ହେଁ ଓଡିଶା ହାଇକୋର୍ଟ ଏପରି ବିବରଣୀ ପ୍ରସ୍ତୁତ କରୁଥିବାର କୌଣସି ସୂଚନା ଦେଖିବାକୁ ମିଳି ନାହିଁ ।

*ସଂଶ୍ଳିଷ୍ଟ ନଥି-: ଫିସ୍*

## ସୂଚନା ଅଧିକାର ଆଇନ୍ ୨୦୦୫ ଅଧୀନରେ କେନ୍ଦ୍ର ଓ ଓଡିଶା ସରକାରଙ୍କ ଦ୍ୱାରା ବିହିତ ଫିସ୍ ଓ ଦାଖଲ ପଦ୍ଧତି -ଏକ ତୁଳନାତ୍ମକ ସାରଣୀ

| ଫିସ୍ ନାମ | କେନ୍ଦ୍ର ସରକାର | ଓଡିଶା ସରକାର |
|---|---|---|
| ଦରଖାସ୍ତ ଫିସ୍ | ଟ ୧୦/- ନଗଦ ଅର୍ଥ ବା ଡିମାଣ୍ଡ ଡ୍ରାଫ୍ଟ ବା ଇଣ୍ଡିଆନ୍ ପୋଷ୍ଟାଲ୍ ଅର୍ଡର୍ ଜରିଆରେ | ଟ ୧୦/- ନଗଦ ଅର୍ଥ, ବା ଟ୍ରେଜେରି ଚାଲାଣ ଜରିଆରେ |
| ସୂଚନାର ମୂଲ୍ୟ (ଏ-୪ ବା ଏ-୩ କାଗଜ ଫର୍ଦ୍ଦ) | ଟ ୨/- ପ୍ରତି ଫର୍ଦ୍ଦ, ନଗଦ ଅର୍ଥ ବା ଡିମାଣ୍ଡ ଡ୍ରାଫ୍ଟ ବା ଇଣ୍ଡିଆନ୍ ପୋଷ୍ଟାଲ୍ ଅର୍ଡର୍ ଜରିଆରେ | ଟ ୨/- ପ୍ରତି ଫର୍ଦ୍ଦ, କେବଳ ନଗଦ ଅର୍ଥ ଜରିଆରେ |
| ସୂଚନାର ମୂଲ୍ୟ (ଉକ୍ତ ସାଇଜ୍ ଠାରୁ ଉର୍ଦ୍ଧ୍ୱ କାଗଜ ଫର୍ଦ୍ଦ) | ପ୍ରତି ଫର୍ଦ୍ଦର ପ୍ରକୃତ ପ୍ରସ୍ତୁତି ମୂଲ୍ୟ, ନଗଦ ଅର୍ଥ ବା ଡିମାଣ୍ଡ ଡ୍ରାଫ୍ଟ ବା ଇଣ୍ଡିଆନ୍ ପୋଷ୍ଟାଲ୍ ଅର୍ଡର୍ ଜରିଆରେ | ପ୍ରତି ଫର୍ଦ୍ଦର ପ୍ରକୃତ ପ୍ରସ୍ତୁତି ମୂଲ୍ୟ, କେବଳ ନଗଦ ଅର୍ଥ ଜରିଆରେ |
| ସୂଚନାର ମୂଲ୍ୟ (ମାଧ୍ୟମ ବା ମିଡିୟମ୍) | ଟ ୫୦/- ପ୍ରତି ସିଡି ପାଇଁ, ନଗଦ ଅର୍ଥ ବା ଡିମାଣ୍ଡ ଡ୍ରାଫ୍ଟ ବା ଇଣ୍ଡିଆନ୍ ପୋଷ୍ଟାଲ୍ ଅର୍ଡର୍ ଜରିଆରେ | ଟ ୫୦/- ପ୍ରତି ସିଡି ପାଇଁ, କେବଳ ନଗଦ ଅର୍ଥ ଜରିଆରେ |
| ସୂଚନା ନିରୀକ୍ଷଣ (ଇନ୍‌ସ୍ପେକ୍ସନ୍) ର ମୂଲ୍ୟ | ପ୍ରଥମ ଘଣ୍ଟା ମାଗଣା, ଏବଂ ପରବର୍ତ୍ତୀ ଘଣ୍ଟା ବା ତହିଁର ଏକାଂଶ ପାଇଁ ମାତ୍ର ଟ୫/-, ନଗଦ ଅର୍ଥ ବା ଡିମାଣ୍ଡ ଡ୍ରାଫ୍ଟ ବା ଇଣ୍ଡିଆନ୍ ପୋଷ୍ଟାଲ୍ ଅର୍ଡର୍ ଜରିଆରେ | ପ୍ରଥମ ଘଣ୍ଟା ମାଗଣା, ଏବଂ ପରବର୍ତ୍ତୀ ପ୍ରତି ୧୫ ମିନିଟ୍ ବା ତହିଁର ଏକାଂଶ ପାଇଁ ଟ୫/-, କେବଳ ନଗଦ ଅର୍ଥ ଜରିଆରେ |
| ନମୁନା ବା ମଡେଲ୍‌ର ମୂଲ୍ୟ | ଏହାର ପ୍ରକୃତ ପ୍ରସ୍ତୁତି ମୂଲ୍ୟ, ନଗଦ ଅର୍ଥ ବା ଡିମାଣ୍ଡ ଡ୍ରାଫ୍ଟ ବା ଇଣ୍ଡିଆନ୍ ପୋଷ୍ଟାଲ୍ ଅର୍ଡର୍ ଜରିଆରେ | ଏହାର ପ୍ରକୃତ ପ୍ରସ୍ତୁତି ମୂଲ୍ୟ, କେବଳ ନଗଦ ଅର୍ଥ ଜରିଆରେ |
| ମୁଦ୍ରିତ ପ୍ରକାଶନ | ପ୍ରକାଶିତ ମୂଲ୍ୟ, ଅଥବା ପ୍ରତି ପୃଷ୍ଠାର ଜେରକ୍ସ ପାଇଁ ଟ୨/-, ନଗଦ ଅର୍ଥ ବା ଡିମାଣ୍ଡ ଡ୍ରାଫ୍ଟ ବା ଇଣ୍ଡିଆନ୍ ପୋଷ୍ଟାଲ୍ ଅର୍ଡର୍ ଜରିଆରେ | ପ୍ରକାଶିତ ମୂଲ୍ୟ, କେବଳ ନଗଦ ଅର୍ଥ ଜରିଆରେ |
| ପ୍ରଥମ ଅପିଲ୍ | କିଛି ନାହିଁ | ଟ୨୦/-, କେବଳ କୋର୍ଟ ଫି ଷ୍ଟାମ୍ପ ଜରିଆରେ |
| ଦ୍ୱିତୀୟ ଅପିଲ୍ | କିଛି ନାହିଁ | ଟ୨୦/-, କେବଳ କୋର୍ଟ ଫି ଷ୍ଟାମ୍ପ ଜରିଆରେ |
| ଧାରା ୪(୪)ର ସୂଚନା | ଉପରୋକ୍ତ ହାରରେ | କିଛି ଘୋଷିତ ହୋଇନାହିଁ |

*ବି.ଦ୍ର. ଆଇନ୍‌ର ଧାରା ୭-୫ ଅନୁଯାୟୀ କେନ୍ଦ୍ର ସରକାରଙ୍କ ପ୍ରତି ଜନ କର୍ତ୍ତୃପକ୍ଷ କ୍ଷେତ୍ରରେ ବି.ପି.ଏଲ୍. ବ୍ୟକ୍ତିମାନଙ୍କ ପାଇଁ ଦରଖାସ୍ତ ଫିସ୍ ଓ ସମସ୍ତ ପ୍ରକାର ସୂଚନା ଫିସ୍ ଛାଡ କରାଯାଇଥିବା ବେଳେ ଓଡିଶା ସୂଚନା ଅଧିକାର ନିୟମାବଳୀ- ୨୦୦୫ ଅଧୀନରେ ସେମାନଙ୍କ ପାଇଁ କେବଳ ଦରଖାସ୍ତ ଓ ଉଭୟ ଅପିଲ୍ ଫିସ୍ ଛାଡ କରାଯାଇଛି ।*

ଅଧ୍ୟାୟ-୮

# ଓଡିଶା ଲୋକସେବା ଅଧିକାର ଆଇନ୍ ୨୦୧୨

ରାଜ୍ୟର ଯେ କୌଣସି ବ୍ୟକ୍ତିଙ୍କୁ ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ବିଭିନ୍ନ ସରକାରୀ ସଂସ୍ଥାରୁ କେତେକ ସର୍ବସାଧାରଣ ସେବା ଯୋଗାଇ ଦେବା ଉଦ୍ଦେଶ୍ୟରେ ଓଡଶା ବିଧାନସଭାରେ ଗୃହୀତ ହୋଇଥିବା ଓଡିଶା ଲୋକସେବା ଅଧିକାର ଆଇନ୍ ୨୦୧୨ ତା ୧୯.୧୦.୨୦୧୨ରେ ରାଜ୍ୟପାଳଙ୍କ ସମ୍ମତି ଲାଭ କରିଥିଲା ଏବଂ ୧ ନଭେମ୍ବର ୨୦୧୨ରେ ଓଡିଶା ଗେଜେଟ୍ ଅସାଧାରଣରେ ବିଜ୍ଞପ୍ତି ଲାଭ କରିଥିଲା । ଏହି ଆଇନ୍‌କୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ଦ୍ୱାରା ତା ୭ ଡିସେମ୍ବର ୨୦୧୨ରେ ନିୟମାବଳୀ ବିଜ୍ଞପ୍ତି ଲାଭ କରିଥିଲା । ଏହି ନିୟମାବଳୀ ସହିତ ୫ଟି ଫର୍ମ ସଂଲଗ୍ନ ହୋଇଥିଲା, ଯଥା (୧) ପ୍ରାପ୍ତି ସ୍ୱୀକାର ରସିଦ୍ ଫର୍ମ, (୨) ନୋଟିସ୍ ବୋର୍ଡର ଫର୍ମ. (୩) ନିଯୁକ୍ତି ପ୍ରାପ୍ତ ଅଧିକାରୀଙ୍କ କାର୍ଯ୍ୟାଳୟରେ ଅନୁରକ୍ଷଣ ହେବାକୁ ଥିବା ରେଜିଷ୍ଟର୍ ଫର୍ମ, (୪) ଅପିଲ୍ ପ୍ରାଧିକାରୀଙ୍କ କାର୍ଯ୍ୟାଳୟରେ ଅନୁରକ୍ଷଣ ହେବାକୁ ଥିବା ରେଜିଷ୍ଟର୍ ଫର୍ମ, (୫) ପୁନଃନିରୀକ୍ଷଣ ପ୍ରାଧିକାରୀଙ୍କ କାର୍ଯ୍ୟାଳୟରେ ଅନୁରକ୍ଷଣ ହେବାକୁ ଥିବା ରେଜିଷ୍ଟର୍ ଫର୍ମ । ଆଇନ୍ ଅନୁଯାୟୀ ଜଣେ ସେବା ଆବେଦକ ସଂପୃକ୍ତ କାର୍ଯ୍ୟାଳୟର ପଦନାମିତ ଅଫିସରଙ୍କ ନିକଟରେ ବିହିତ ହୋଇଥିବା ଫର୍ମରେ ସେବା ପାଇଁ ଆବେଦନ କରିବେ ଏବଂ ପ୍ରତି ସେବା ପାଇଁ ବିହିତ ହୋଇଥିବା ସମୟସୀମା ଭିତରେ ଆବେଦିତ ସେବା ନମିଳିଲେ ସେହି ଆବେଦକ ୩୦ ଦିନ ଭିତରେ ଅପିଲ୍ କର୍ତ୍ତୃପକ୍ଷଙ୍କ ନିକଟରେ ଅପିଲ୍ କରବେ । ଅପିଲ୍ କର୍ତ୍ତୃପକ୍ଷ ୩୦ ଦିନ ଭିତରେ ସଂପୃକ୍ତ ପଦନାମିତ ଅଫିସରଙ୍କୁ ସଂପୃକ୍ତ ସେବା ଯୋଗାଇ ଦେବା ପାଇଁ ଆଦେଶ ଦେଇପାରନ୍ତି । ଯଦି ଆବେଦକ ଅପିଲ୍ କର୍ତ୍ତୃପକ୍ଷଙ୍କ ଆଦେଶରେ ଅସନ୍ତୁଷ୍ଟ ହୁଅନ୍ତି, ତେବେ ସେ ୩୦ଦିନ ଭିତରେ ପୁନର୍ବିଚାର କର୍ତ୍ତୃପକ୍ଷ (ରିଭଜନାଲ୍ ଅଥରିଟି)ଙ୍କ ନିକଟରେ ଅପିଲ୍ କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତିର ପୁନର୍ବିଚାର ପାଇଁ ଆବେଦନ କରିପାରିବେ । ଅପିଲ୍ ଓ ପୁନର୍ବିଚାର ପାଇଁ ଆବେଦନ କରିବା ସକାଶେ କୌଣସି ଫିସ୍ ନାହିଁ ।

ପୁନର୍ବିଚାର କର୍ତ୍ତୃପକ୍ଷ ସେବା ଯୋଗାଣରେ ବିଫଳତା କାରଣରୁ ସଂପୃକ୍ତ ପଦନାମିତ ଅଫିସରଙ୍କ ବିରୁଦ୍ଧରେ ସର୍ବାଧିକ ପାଞ୍ଚ ହଜାର ଟଙ୍କାର ଜୋରିମାନା ଏବଂ ସେବା ଯୋଗାଣରେ ବିଳମ୍ବ ପାଇଁ ତାଙ୍କ ବିରୁଦ୍ଧରେ ଦିନ ପିଛା ୨୫୦ଟଙ୍କାର ଜୋରିମାନା ଲାଗୁ କରିପାରନ୍ତି । ଏହାଛଡା ସେ ଅପିଲ୍‌କର୍ତ୍ତୃପକ୍ଷଙ୍କ ଆଦେଶରେ ବିଳମ୍ବ କାରଣରୁ ତାଙ୍କ ବିରୁଦ୍ଧରେ ସର୍ବାଧିକ ପାଞ୍ଚ ହଜାର ଟଙ୍କାର ଜୋରିମାନା ଲାଗୁ କରିପାରନ୍ତି । ଆଦେଶିତ ଜୋରିମାନା ଅର୍ଥରାଶି ଭିତରୁ ସଂପୃକ୍ତ ଅଧସ୍ତନ କର୍ମଚାରୀ ଏକ ଅଂଶ ବହନ କରିବା ପାଇଁ ମଧ୍ୟ ପୁନର୍ବିଚାର କର୍ତ୍ତୃପକ୍ଷ ଆଦେଶ ଦେଇପାରନ୍ତି ।

ଜଣେ ବ୍ୟକ୍ତି ଆଇନ୍‌ର ଅନୁପାଳନ ହେଉ ନଥିବାର ଅଭିଯୋଗ ସିଧାସଳଖ ରାଜ୍ୟ ସରକାରଙ୍କ ନିକଟକୁ ପଠାଇପାରିବେ ଏବଂ ଏହାକୁ ରାଜ୍ୟ ସରକାର ସଂପୃକ୍ତ ଅପିଲ୍ କର୍ତ୍ତୃପକ୍ଷଙ୍କ ନିକଟକୁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ପଠାଇଦେବେ । ନିୟମାବଳୀର ନିୟମ-୭ (ବିଜ୍ଞାପନ ଫଳକରେ ସୂଚନା ପ୍ରଦର୍ଶନ)ରେ କୁହାଯାଇଛି ଯେ, "ସର୍ବସାଧାରଣଙ୍କର ସୁବିଧା ପାଇଁ ସହଜରେ ଦୃଷ୍ଟିରେ ପଡ଼ିଲା ଭଳି କାର୍ଯ୍ୟାଳୟରେ ଥିବା ନୋଟିସ୍‌ବୋର୍ଡରେ ସେବା ବିଷୟରେ ଆବଶ୍ୟକୀୟ ସୂଚନା ନିଯୁକ୍ତିପ୍ରାପ୍ତ ଅଧିକାରୀ ଓଡ଼ିଆ ଭାଷାରେ ଲେଖି ପ୍ରଦର୍ଶନ କରାଇବେ । ଅଧିସୂଚିତ ସେବାଗୁଡ଼ିକୁ ପାଇବା ପାଇଁ ଦରଖାସ୍ତ ସହ ଦେବାକୁ ପଡୁଥିବା ସମସ୍ତ ଆବଶ୍ୟକୀୟ କାଗଜପତ୍ର ନୋଟିସ୍ ବୋର୍ଡରେ ପ୍ରଦର୍ଶିତ ହେବ । ବିହିତ ଫର୍ମାଟ୍‌ରେ ସମସ୍ତ ସୂଚନା ସହିତ କୌଣସି ଅପିଲ୍ ବା ପୁନଃନିରୀକ୍ଷଣ କିପରି କରାଯିବ ଓ ଯଥାସ୍ଥିତି ଅପିଲ ବା ପୁନଃନିରୀକ୍ଷଣ ସହିତ କ'ଣ କ'ଣ କାଗଜପତ୍ର ବା ଦସ୍ତାବିଜ୍ ସଂଲଗ୍ନ କରାଯିବ, ସେସବୁର ସୂଚନା ମଧ୍ୟ ନୋଟିସ୍ ବୋର୍ଡରେ ପ୍ରଦର୍ଶିତ ହେବ ।"

ଏଠାରେ ଉଲ୍ଲେଖନୀୟ ଯେ, ରାଜ୍ୟ ସରକାର ୧ ଜାନୁଆରି ୨୦୧୩ରେ ତାଙ୍କର ପ୍ରଥମ ବିଜ୍ଞପ୍ତି ବଳରେ ସାତଟି ବିଭାଗ, ଯଥା ବାଣିଜ୍ୟ ଓ ପରିବହନ ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ପ୍ରବନ୍ଧନ ବିଭାଗ, ଅର୍ଥ ବିଭାଗ, ଗୃହ ବିଭାଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଗ୍ରାମ ଉନ୍ନୟନ ବିଭାଗ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗର ମୋଟ ୩୪ଟି ସେବାକୁ ଆଇନ୍‌ର ପରିସରଭୁକ୍ତ କରାଇଥିଲେ । ୩୦ ମାର୍ଚ୍ଚ ୨୦୧୩ ବିଜ୍ଞପ୍ତି ବଳରେ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରବନ୍ଧନ ବିଭାଗ ତଥା ମହିଳା ଓ ଶିଶୁ ବିକାଶ ବିଭାଗର ମୋଟ ୧୩ଟି ଅତିରିକ୍ତ ସେବାସମୂହ ଆଇନ୍‌ର ପରିସରଭୁକ୍ତ ହୋଇଥିଲା । ପୁଣି ୩୦ ମାର୍ଚ୍ଚ ୨୦୧୩ରେ ଆଉ ଏକ ବିଜ୍ଞପ୍ତି ବଳରେ ଏସ୍‌ଟିଏସ୍‌ସି ଉନ୍ନୟନ ବିଭାଗ, ଗୃହ ବିଭାଗ ଏବଂ ଗୃହନିର୍ମାଣ ଓ ସହରାଞ୍ଚଳ ବିକାଶ ବିଭାଗର ମୋଟ ୨୨ଟି ସେବା ଆଇନ୍‌ର ପରିସରଭୁକ୍ତ ହୋଇଥିଲା । ଏହାଛଡା ପୁଣି ୨୬.ଜୁନ୍ ୨୦୧୩ର ବିଜ୍ଞପ୍ତି ବଳରେ ସ୍କୁଲ୍ ଓ ଗଣଶିକ୍ଷା ବିଭାଗର ମୋଟ ୭ଟି

ସେବା ଆଇନ୍‌ର ପରିସରଭୁକ୍ତ ହୋଇଥିଲା । ଉଦାହରଣ ସ୍ୱରୂପ, ମୋଟରଯାନ ପଂଜିକରଣ, ଡ୍ରାଇଭିଂ ଲାଇସେନ୍ସ, ଜାତି ପ୍ରମାଣପତ୍ର, ଆଇନ୍‌ସ୍ୱୀକୃତ ଉତ୍ତରାଧିକାର, ବାସସ୍ଥାନ, ଆୟ, ଜମି ଭାଗବଣ୍ଟା ଓ ସୋସାଇଟି ପଂଜିକରଣର ପ୍ରମାଣପତ୍ର, ଭାଟ୍ ଓ କେନ୍ଦ୍ରୀୟ ବିକ୍ରୀକର ସଂକ୍ରାନ୍ତୀୟ ପଂଜିକରଣ, ପାସ୍‌ପୋର୍ଟ ପାଇଁ ଏନ୍‌ଓସି, ଜନ୍ମ ଓ ମୃତ୍ୟୁ ପଂଜିକରଣ, ବିବାହ ପଂଜିକରଣ, ଜମିପଟ୍ଟାର ପ୍ରମାଣୀକୃତ ନକଲ, ବିବାହ ପଂଜିକରଣ, ହାଇସ୍କୁଲ୍ ସାର୍ଟିଫିକେଟ୍, ଛାତ୍ରଛାତ୍ରୀମାନଙ୍କର ବଦଳି ଓ ଆଚରଣ ସାର୍ଟିଫିକେଟ୍, ପାଣି ପାଇପ୍ ସଂଯୋଗ, ବ୍ୟବସାୟ ପାଇଁ ଲାଇସେନ୍ସ, ଟିଉବ୍‌ୱେଲ୍ ମରାମତି ଇତ୍ୟାଦି ସେବାମାନ ଏହି ଆଇନ୍‌ର ପରିସରଭୁକ୍ତ ରହିଛି । ଏହି ବିଜ୍ଞପ୍ତିଗୁଡିକରେ ପ୍ରତି ଲୋକସେବା ପାଇଁ ସମୟ-ସୀମା, ପଦନାମିତ ଅଫିସର୍, ଅପିଲ୍ କର୍ତ୍ତୃପକ୍ଷ ଏବଂ ପୁନର୍ବିଚାର କର୍ତ୍ତୃପକ୍ଷଙ୍କ ପଦବୀ ସୂଚୀତ ହୋଇଛି ।

## NOTIFICATION - 1

| Sl. No. (1) | Name of Public Service (2) | Given Time limit (3) | Designated Officer (4) | Appellate Authority (5) | Revisional Authority (6) |
|---|---|---|---|---|---|
| 11 | **School & Mass Education Department** | | | | |
| | ***(i)* Board of Secondary Education, Odisha** | | | | |
| | 57. Issue of Original High School Certificate-*cum*-Mark Sheet | 7 days (from the date of publication of Results by the BSE, Odisha) | Deputy Secretary, BSE(O) | Secretary, BSE(O) | President, BSE(O) |
| | 58. Issue of duplicate copy of High School Mark Sheet | 15 days | Deputy Secretary, BSE(O) | Secretary, BSE(O) | President, BSE(O) |
| | 59. Issue of duplicate copy of High School Certificate | 15 days | Deputy Secretary, BSE(O) | Secretary, BSE(O) | President, BSE(O) |
| | ***(ii)* Elementary Schools** | | | | |
| | 60. Issue of Transfer Certificate | 3 days | Head Master/IC H.M. | SI of Schools | District Inspector of Schools |
| | 61. Issue of Conduct Certificate | 3 days | Head Master/IC H.M. | SI of Schools | District Inspector of Schools |
| | ***(iii)* Secondary Schools** | | | | |
| | 62. Issue of Transfer Certificate | 3 days | Head Master/IC H.M. | District Education Officer | Regional Joint Director (Schools) |
| | 63. Issue of Conduct Certificate | 3 days | Head Master/IC H.M. | District Education Officer | Regional Joint Director (Schools) |

# NOTIFICATION - 2

| Sl. No | Name of Public Service | Given Time limit | Designated Officer | Appellate Authority | Revisional Authority |
|---|---|---|---|---|---|
| | 1 | 2 | 3 | 4 | 5 |
| **1** | **COMMERCE & TRANSPORT (TRANSPORT) DEPARTMENT** | | | | |
| | 1. Temporary Registration | 3 days | MVI/ Addl. RTO/RTO | RTO/Sub-Collector | Collector-cum-Chairman, RTA |
| | 2. Registration of Vehicles | 7 days | MVI/ Addl. RTO/RTO | RTO/Sub-Collector | Collector-cum-Chairman, RTA |
| | 3. Tax Clearance Certificate(TCC) in Form-D | 4 days | MVI/ Addl. RTO/RTO | RTO/Sub-Collector | Collector-cum-Chairman, RTA |
| | 4. NOC in Form-28 | 4 days (after receipt of Police clearance report) | MVI/ Addl. RTO/RTO | RTO/Sub-Collector | Collector-cum-Chairman, RTA |
| | 5. Addition/Deletion of Hire Purchase/Mortgage entry | 4 days (after receipt of confirmation from Financier) | MVI/ Addl. RTO/RTO | RTO/Sub-Collector | Collector-cum-Chairman, RTA |
| | 6. Transfer of ownership of vehicle | 4 days (after appearance of both seller & purchaser) | MVI/ Addl. RTO/RTO | RTO/Sub-Collector | Collector-cum-Chairman, RTA |
| | 7. Issue of Lerner's License for Driving License | 3 days from the date of appearance for test | MVI/ Addl. RTO/RTO | RTO/Sub-Collector | Collector-cum-Chairman, RTA |
| | 8. Issue of Driving License | 5 days (after passing in the test) | MVI/ Addl. RTO/RTO | RTO/Sub-Collector | Collector-cum-Chairm.in, RTA |
| | 9. Renewal of Driving License | 5 days | MVI/ Addl. RTO/RTO | RTO/Sub-Collector | Collector-cum-Chairman, RTA |
| | 10. Issue of Duplicate Driving license | 5 days | MVI/ Addl. RTO/RTO | RTO/Sub-Collector | Collector-cum-Chairman, RTA |

2

| Sl. No | Name of Public Service | | Given Time limit | Designated Officer | Appellate Authority | Revisional Authority |
|---|---|---|---|---|---|---|
| | 1 | | 2 | 3 | 4 | 5 |
| | 11. | Issue of Trade Certificate | 30 days | MVI/ Addl. RTO/RTO | RTO/Sub-Collector | Collector-cum-Chairman, RTA |
| | 12. | Issue of Transporting Agents' License | 30 days after receipt of clearance from Mining Department wherever necessary | MVI/ Addl. RTO/RTO | RTO/Sub-Collector | Collector-cum-Chairman, RTA |
| | 13. | Issue of Fitness Certificate for Transport Vehicle | 3 days (after production of vehicle for inspection & compliance to rules) | Junior MVI/MVI | RTO/Sub-Collector | Collector-cum-Chairman, RTA |
| 2. | REVENUE & DISASTER MANAGEMENT DEPARTMENT | | | | | |
| | 14. | Disposal of misc. certificate cases for SC, ST, OBC, SEBC and Legal Heir Certificates | 30 days (excluding the period taken for disposal of objections, if any) N.B.: For these certificates citizens should apply in their native tahasils. | Tahasildar/ Addl. Tahasildar | Collector (SC & ST) | RDC |
| | | | | Tahasildar/ Addl. Tahasildar | Sub-Collector (OBC, SEBC and Legal Heir) | Collector |
| | 15. | Disposal of misc. certificate cases for Residence and Income certificates | 15 days (excluding the period taken for disposal of objections, if any) | Tahasildar/ Addl. Tahasildar | Sub-Collector | Collector |
| | 16. | Issue of certified copy of RoR | 3 days | Tahasildar/ Addl. Tahasildar | Sub-Collector | Collector |
| | 17. | Disposal of uncontested mutation cases | 3 months for disposal and 45 days for correction of RoR | Tahasildar/ Addl. Tahasildar | Sub-Collector | Collector |
| | 18. | Disposal of cases u/s 8 (A) of OLR Act | 2 months for disposal (excluding the time taken for payment of premium) | Tahasildar/ Addl. Tahasildar | Sub-Collector | Collector |
| | 19. | Partition of land on mutual agreement of all co-sharers u/s 19(1)(C) of OLR Act | 6 months | Tahasildar/ Addl. Tahasildar | Sub-Collector | Collector |
| | 20. | Registration of documents | 3 days | DSR/SR | DR-cum-ADM | IGR |
| | 21. | Issue of Encumbrance Certificate | 7 days | DSR/SR | DR-cum-ADM | IGR |
| | 22. | Issue of certified copy of previously registered documents | 7 days | DSR/SR | DR-cum-ADM | IGR |
| | 23. | Registration along with issue of marriage certificate under Special Marriage Act | 40 days (where no objection received) | DSR/SR | DR-cum-ADM | IGR |
| | | | 70 days (where objection received) | DR | Collector | IGR |

3

| Sl. No | Name of Public Service | Given Time limit | Designated Officer | Appellate Authority | Revisional Authority |
|---|---|---|---|---|---|
| | 1 | 2 | 3 | 4 | 5 |
| | 24. Registration of Societies | 3 months where more than one district is involved (State Level Society) | Registrar of Societies (IGR) | Governmen t | Government |
| | | One month (where one district is involved) | Addl. Registrar of Societies (ADM) | IGR | Government |
| | 25. Disbursement of ex-gratia by Tahasildars from the date of receipt of funds and approval | 3 months | Tahasildar | Sub-Collector | Collector |
| 3. | FINANCE DEPARTMENT | | | | |
| | 26. Disposal of application for registration under VAT/CST Act | 30 days | Commercial Tax Officers/ Asst. Commissioner of Commercial Taxes/ Deputy Commissioner of Commercial Taxes in charge of Circles & Assessment Units | Joint Commission er of Commercial Taxes in charge of Ranges | Additional Commissioner of Commercial Taxes (Zonal) |
| | 27. Disposal of application for amendment of registration certificates | 15 days | Commercial Tax Officers/ Asst. Commissioner of Commercial Taxes/ Deputy Commissioner of Commercial Taxes in charge of Circles & Assessment Units | Joint Commission er of Commercial Taxes in charge of Ranges | Additional Commissioner of Commercial Taxes (Zonal) |
| | 28. Disposal of application for 'C' forms, 'F' forms, 'H' forms & Waybills | 7 days | Commercial Tax Officers/ Asst. Commissioner of Commercial Taxes/ Deputy Commissioner of Commercial Taxes in charge of Circles & Assessment Units | Joint Commission er of Commercial Taxes in charge of Ranges | Additional Commissioner of Commercial Taxes (Zonal) |
| 4. | HOME DEPARTMENT | | | | |
| | 29. Character / Antecedent verification | 30 Days | SI/ASI in-charge of the Desk in DIB | DSP, DIB (for District)/ ACP, DIB (for Commissio nerate) | SP (for District)/ DCP (for Commissionera te) |

4

| Sl. No | Name of Public Service | Given Time limit | Designated Officer | Appellate Authority | Revisional Authority |
|---|---|---|---|---|---|
| | 1 | 2 | 3 | 4 | 5 |
| | 30. NOC for Passport Verification | 30 Days | SI/ASI in-charge of the Desk in DIB | DSP, DIB (for District)/ ACP, DIB (for Commissionerate) | SP (for District)/ DCP (for Commissionerate) |
| **5.** | **HEALTH & FAMILY WELFARE DEPARTMENT** | | | | |
| | 31. Registration of Birth/Death | 30 days in case of Urban Area | Health Officer/ Executive Officer of Urban Local Bodies | A.D.M.O.(P.H.) of DHH | C.D.M.O. of the District/ CMO in case of Rourkela & BBSR |
| | | 30 days in case of Rural Area | Medical Officer, CHC | S.D.M.O/ A.D.M.O of DHH | C.D.M.O. of the District |
| | 32. For getting Birth/Death Certificate | 7 days in case of Urban Area | Health Officer/ Executive Officer of Urban Local Bodies | A.D.M.O.(P.H.) of DHH | C.D.M.O. of the District/ CMO in case of Rourkela & BBSR |
| | | 7 days in case of Rural Area | Medical Officer, CHC | S.D.M.O/ A.D.M.O of DHH | C.D.M.O. of the District |
| **6.** | **RURAL DEVELOPMENT DEPARTMENT** | | | | |
| | 33. Repair of Hand pump / Tubewell | 7 days (minor repair) 14 days (major repair except replacement) 28 days for replacement | Junior Engineer, II RWSS | Assistant Engineer, RWSS | BDO |
| **7.** | **WOMEN & CHILD DEVELOPMENT DEPARTMENT** | | | | |
| | 34. Assistance under National Family Benefit Scheme (NFBS) | 30 days | BDO | Sub-Collector | Collector |

# NOTIFICATION - 3

| Sl. No | Name of Public Service | Given Time limit | Designated Officer | Appellate Authority | Revisional Authority |
|---|---|---|---|---|---|
| | (1) | (2) | (3) | (4) | (5) |
| 8. | **ST & SC Development Department** | | | | |
| | 35. Sanction and Disbursement of Post Matric scholarship to eligible ST & SC Students | 30 Days from receipt of allotment | Dist Welfare Officers Concerned | A.D.M. of the Concerned District | Director, ST & SC Dev. Deptt. Incharge of Post Matric Scholarship |
| | 36. Disposal of Grievance Petitions received from ST &SC students in relating to Post Matric Scholarship | 30 Days from receipt of allotment | Dist. Welfare Officers Concerned | A.D.M. of the Concerned District | Director, ST & SC Dev. Deptt. Incharge of Post Matric Scholarship |
| 9. | **Home Department** | | | | |
| | 37. Disposal of application for registration of foreigners | 7 days | SI/ASI in charge of the Desk in DIB | DSP/ Inspector, DIB | S.P. (for District)/ DCP (for Commissionrate) |

| Sl. No | Name of Public Service | Given Time limit | Designated Officer | Appellate Authority | Revisional Authority |
|---|---|---|---|---|---|
| | (1) | (2) | (3) | (4) | (5) |
| 38. | Disposal of application for extension of residential permit of foreigners | 15 days | SI / ASI in charge of the Desk in DIB | DSP/ Inspector, DIB | S.P. (for District)/ DCP (for Commissionrate) |
| 39. | Supply of copy of FIR to the complainant | 1 day | IIC/OIC of concerned Police Station | SDPO/ACP, Zone (for Commissionr ate) | S.P. (for District)/ DCP (for Commissionrate) |
| 40. | Disposal of application for use of loudspeakers (for Commissionrate Police area of Bhubaneswar and Cuttack) | 10 days | SI/ASI in charge of the Desk in Licensing Cell, DCP Office (for Commissionr ate) | ACP(HQ) office of DCP (for Commissionr ate) | DCP (for Commissionrate) |
| 41. | Disposal of application for NOC for fairs/ mela/ exhibition, etc. (for Commissionrate Police area of Bhubaneswar and Cuttack) | 10 days | SI/ASI in charge of the Desk in Licensing Cell, DCP Office (for Commissionr ate) | ACP(HQ) office of DCP (for Commissionr ate) | DCP (for Commissionrate) |
| 42. | Disposal of application for final form for road accident/ stolen vehicles/ theft cases | 5 days | IIC/OIC of the concerned Police Station | SDPO/ACP Zone (for Commissionr ate) | SP/DCP (for Commissionrate) |
| 43. | Supply of copy of fire report | 3 days | Station Officer/ Asst. Fire Officer of the concerned Fire Station | Deputy Fire Officer of the Circle | Range Fire Officer |
| 44. | Supply of copy of Fire certificate for Fire incident without Insurance | 7 days | Station Officer/ Asst. Fire Officer of the concerned Fire Station | Deputy Fire Officer of the Circle | Range Fire Officer |
| 45. | Supply of copy of Fire certificate for Fire incident in insured premises (below 10 lakhs) | 30 days | Station Officer/ Asst. Fire Officer of the concerned Fire Station | Deputy Fire Officer of the Circle | Range Fire Officer |
| 46. | Supply of copy of Fire certificate for Fire incident with damage of property worth more than 10 lakhs (irrespective of insurance) | 30 days | Station Officer/ Asst. Fire Officer of the district Fire Station | Range Fire Officer | Chief Fire Officer, Odisha, Cuttack |
| 47. | Disposal of application for fire safety NOC for factories/ industries/ storage godowns/ explosive premises | 45 days | Station Officer/ Asst. Fire Officer of the district Fire Station | Deputy Fire Officer of the Circle | Range Fire Officer |
| 48. | Disposal of application for fire safety NOC for non-high rise building (below 15 Mtrs of height) | 45 days | Deputy Fire Officer of concerned circle | Range Fire Officer | Chief Fire Officer |

| Sl. No | Name of Public Service | Given Time limit | Designated Officer | Appellate Authority | Revisional Authority |
|---|---|---|---|---|---|
| | (1) | (2) | (3) | (4) | (5) |
| | | | | | |
| | 49. Disposal of application for fire safety NOC for high rise building (above 15 Mtrs of height) | 60 days | 1. Deputy Fire Officer of concerned circle for building upto 21 Mtrs.<br>2. Deputy Fire Officer, Fire Prevention Wing, Odisha, Bhubaneswar for building above 21 Mtrs. | 1. Range Fire Officer for building upto 21 Mtrs.<br>2. Chief Fire Officer for building above 21 Mtrs. | 1. Chief Fire Officer for building upto 21 Mtrs.<br>2. I.G. of Police, Fire Service, Odisha, Cuttack for building above 21 Mts. |
| **10.** | **Housing & Urban Development Department** | | | | |
| | 50. Building Plan Approval | 60 days | Junior Town Planner/ Assistant Town Planner/ Town Planner concerned | Planning Member, DA concerned / Executive Officer concerned | Vice Chairman, DA concerned / ADM-cum-PD, DUDA |
| | 51. Issue of Occupancy Certificate | 30 days | Junior Town Planner/ Assistant Town Planner/ Town Planner concerned | Planning Member, DA concerned / Executive Officer concerned | Vice Chairman, DA concerned / ADM-cum-PD, DUDA |
| | 52. Marriage Certificate | 7 days | Dealing Assistant concerned | Deputy Commissioner/ Executive Officer concerned | Municipal Commissioner / ADM-cum-PD, DUDA |
| | 53. Trade Licence | 15 days | Misc. Sarkar/ Clerk concerned | Deputy Commissioner/ Executive Officer concerned | Municipal Commissioner/ ADM-cum-PD, DUDA |
| | 54. Pipe Water Connection | 45 days | Junior Engineer concerned | Assistant Engineer concerned | Executive Engineer concerned |
| | 55. Correction of Water Bill | 30 days | Junior Engineer concerned | Assistant Engineer concerned | Executive Engineer concerned |
| | 56. Repair of Tube-Wells | 7 days for minor repair; 14 days for major repair | Junior Engineer Tube-Wells | Assistant Engineer-in-Charge, Tube Wells | Executive Engineer concerned |